NITIDIN
ନିତିଦିନ

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20
8 PAGES ● ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

WEDNESDAY
17 JUNE 2026
ବୁଧବାର
୧୭ ଜୁନ୍ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 12 ● ISSUE 17 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୨ ● ସଂଖ୍ୟା ୧୭ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର




ଓଡ଼ିଶା ଆସିବେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ: ଉଚ୍ଚସ୍ତରୀୟ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ତ୍ରୁଟିଶୂନ୍ୟ ସୁରକ୍ଷା ଓ ପ୍ରସ୍ତୁତି ପାଇଁ ନିର୍ଦ୍ଦେଶ



**ଭୁବନେଶ୍ୱର,୧୬/୬, ଏନ୍ଏନ୍ଏସ୍ :**

ଓଡ଼ିଶା ସରକାରଙ୍କ ସଫଳ ୨ ବର୍ଷ ଏବଂ କେନ୍ଦ୍ର ସରକାରଙ୍କ ୧୨ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ଜୁନ୍ ୧୯ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ୨୦ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଆସୁଛନ୍ତି। ୨୦ରେ ପୁଣି ରାଷ୍ଟ୍ରପତିଙ୍କ ଜନ୍ମଦିନ। ଏହି ଶୁଭ ମୁହୂର୍ତ୍ତରେ ରାଇରଙ୍ଗପୁରରୁ ଅନେକ ମେଗା ପ୍ରକଳ୍ପର ହେବ ଶୁଭାରମ୍ଭ। ଏହି ହାଇପ୍ରୋଫାଇଲ୍ ଗସ୍ତକୁ ସୁଚାରୁରୂପେ ପରିଚାଳନା କରିବା ଏବଂ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି ସହ ତ୍ରୁଟିଶୂନ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ତଥା ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

ମଙ୍ଗଳବାର ଲୋକସେବା ଭବନରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ରାଇରଙ୍ଗପୁରରେ ଉକ୍ତ ମେଗା ସାଧାରଣ ସଭା ଏବଂ ଭିଭିଆଇପିମାନଙ୍କ ଗମନାଗମନ ହେବ। ସେଥିପାଇଁ ସମସ୍ତ ବିଭାଗକୁ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ

**ରାଷ୍ଟ୍ରପତିଙ୍କ ଜନ୍ମଦିନରେ ରାଇରଙ୍ଗପୁରରୁ ଅନେକ ମେଗା ପ୍ରକଳ୍ପର ହେବ ଶୁଭାରମ୍ଭ**

କରିବାକୁ ହେବ। ଚୂଡ଼ାନ୍ତ କାର୍ଯ୍ୟକ୍ରମ ଅନୁସାରେ ଆସନ୍ତା ଜୁନ୍ ୧୯ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇ ଦିନିଆ ଗସ୍ତରେ ନିଜ ଜିଲ୍ଲା ମୟୂରଭଞ୍ଜରେ ପହଞ୍ଚିବେ। ଏହି ଗସ୍ତର ସବୁଠାରୁ ▶▶ ୫

# ୧୯ରେ ପିଏମ୍-ଭିବିଆର୍‌ୱାଇ'ର ଦେଶବ୍ୟାପୀ ଶୁଭାରମ୍ଭ

**ନୂଆଦିଲ୍ଲୀ, ୧୬/୬/ଏଜେନ୍ସି:**

ଭାରତ ସରକାର 'ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା' (ପିଏମ୍-ଭିବିଆରୱାଇ) ଆରମ୍ଭ କରିଛନ୍ତି । ଏହା ଏକ ଐତିହାସିକ ରୋଜଗାର-ଭିତ୍ତିକ ପ୍ରୋତ୍ସାହନ ଯୋଜନା। ଏହି ଯୋଜନାର ଉଦ୍ଦେଶ୍ୟ ହେଉଛି ବିଭିନ୍ନ କ୍ଷେତ୍ରରେ ବ୍ୟାପକ ଆନୁଷ୍ଠାନିକ ନିଯୁକ୍ତି ସୃଷ୍ଟି କରିବା ଏବଂ ସାମାଜିକ ସୁରକ୍ଷାକୁ ସୁଦୃଢ଼ କରିବା । ଏହି ଯୋଜନା ମାଧ୍ୟମରେ ଆଗାମୀ ଦୁଇ ବର୍ଷ ମଧ୍ୟରେ ୩.୫ କୋଟିରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ପ୍ରୋତ୍ସାହନ ଯୋଗାଇଦିଆଯିବ ।

ପିଏମ-ଭିବିଆରୱାଇ ଯୋଜନାର ଦେଶବ୍ୟାପୀ ଶୁଭାରମ୍ଭ ସମାରୋହ ୧୯ ଜୁନ ୨୦୨୬ରେ ଅନୁଷ୍ଠିତ ହେବ। ନୂଆଦିଲ୍ଲୀର ବିଜ୍ଞାନଭବନ ଠାରେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଏକ ଭବ୍ୟ ଜାତୀୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିସହିତ, ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚିବା ଏବଂ ନିଯୁକ୍ତିଦାତା, କର୍ମଚାରୀ ଓ ହିତାଧିକାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ସାରାଦେଶରେ ରାଜ୍ୟ ଓ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବ ।

ଏହି କ୍ରମରେ ଓଡ଼ିଶାର ଛଅଟି ଭିନ୍ନଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏଥିରେ ରାଜ୍ୟସରକାରଙ୍କ ପ୍ରତିନିଧି, ନିଯୁକ୍ତିଦାତା, ଶ୍ରମିକ, ଇପିଏଫଓ (ଇପିଏଫଓ) ଅଧିକାରୀ ଏବଂ ଯୋଜନାର ହିତାଧିକାରୀମାନେ ଅଂଶଗ୍ରହଣ କରିବେ।




କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟଗୁଡ଼ିକ ହେଉଛି ସରକାରୀ ପ୍ରତିନିଧି, ନିଯୁକ୍ତିଦାତା ଏବଂ ପିଏମ-ଭିବିଆରୱାଇ ହିତାଧିକାରୀଙ୍କ ମଧ୍ୟରେ ଆଲୋଚନା ଓ ସମନ୍ୱୟକୁ ସହଜ କରିବା। ଏହାସହିତ ନିଯୁକ୍ତିଦାତାଙ୍କ ଦ୍ୱାରା ନବନିଯୁକ୍ତ କର୍ମଚାରୀମାନଙ୍କୁ ନିଯୁକ୍ତି ପତ୍ର ବଣ୍ଟନକରିବା। ସାମାଜିକ ସୁରକ୍ଷା ସୁବିଧା ଏବଂ ସାମ୍ପ୍ରତିକ ଶ୍ରମ ସଂସ୍କାର ବିଷୟରେ ନିଯୁକ୍ତିଦାତା ଓ କର୍ମଚାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟିକରିବା। ନିଯୁକ୍ତିର ଆନୁଷ୍ଠାନିକରଣ ଏବଂ ସାମାଜିକ ସୁରକ୍ଷା ବ୍ୟବସ୍ଥାର ବ୍ୟାପକ ପ୍ରସାର କରିବା ।

ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ନୂଆଦିଲ୍ଲୀରୁ ଜାତୀୟସ୍ତରୀୟ ଶୁଭାରମ୍ଭ ସମାରୋହର ସିଧାପ୍ରସାରଣ ମଧ୍ୟ ପ୍ରଦର୍ଶିତହେବ । ଏହାଦ୍ୱାରା ଅଂଶଗ୍ରହଣକାରୀମାନେ ଶୁଭାରମ୍ଭ ପ୍ରକ୍ରିୟା ଏବଂ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ଦେଖିପାରିବେ। କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫଓ), ରାଜ୍ୟସରକାର ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ସହ ସମନ୍ୱୟ ରକ୍ଷାକରି ଏହି କାର୍ଯ୍ୟକ୍ରମକୁ ସଫଳତାର ସହ ପରିଚାଳନା କରିବା ପାଇଁ ସମସ୍ତ ବ୍ୟବସ୍ଥା କରୁଛି। ପିଏମ୍-ଭିବିଆରୱାଇ ଯୋଜନା ସାରାଦେଶରେ ଶ୍ରମିକମାନଙ୍କ ପାଇଁ ନିଯୁକ୍ତି-ଭିତ୍ତିକବିକାଶ, ଚାକିରି ସୃଷ୍ଟି ଏବଂ ସାମାଜିକ ସୁରକ୍ଷାକୁ ସୁଦୃଢ଼ କରିବା ଦିଗରେ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

କେନ୍ଦୁଝରରେ ପୁଲିସ୍ ଏନ୍‌କାଉଣ୍ଟର୍

## କୁଖ୍ୟାତ ଅପରାଧୀ ପ୍ରଭାତ ମଲ୍ଲିକ ଗୁରୁତର

**କେନ୍ଦୁଝର,୧୬/୬/ଏନ୍ଏନ୍ଏସ୍:**



କେନ୍ଦୁଝର ଜିଲ୍ଲାରେ ପୁଲିସ ଏକ ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପ୍ରଭାତ ମଲ୍ଲିକ୍ ନାମକ ଜଣେ କୁଖ୍ୟାତ ଅପରାଧୀକୁ ଏନକାଉଣ୍ଟର୍ କରିଛି। ମଙ୍ଗଳବାର ସକାଳୁ ସକାଳୁ କେନ୍ଦୁଝର ପୁଲିସ ପକ୍ଷରୁ ଏହି ଏନ୍‌କାଉଣ୍ଟର କରାଯାଇଛି। ତେବେ ଏନ୍‌କାଉଣ୍ଟର୍‌ରେ ଗୁରୁତର ହୋଇପଡିଥିବା ପ୍ରଭାତ ମଲ୍ଲିକକୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ସ୍ଥାନୀୟ ଧରଣୀଧର ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ପୁଲିସ ସୂଚନା ▶▶ ୫

ହିତାଧିକାରୀଙ୍କ ପାଇଁ ଖୁସି ଖବର

## ଖୁବ୍ ଶୀଘ୍ର ହିତାଧିକାରୀଙ୍କୁ ମିଳିବ ଭତ୍ତା ଟଙ୍କା !

**ଭୁବନେଶ୍ୱର,୧୬/୬/ଏନ୍ଏନ୍ଏସ୍:**

ହିତାଧିକାରୀଙ୍କ ପାଇଁ ଆସିଲା ଖୁସିଖବର। ଖୁବ୍‌ଶୀଘ୍ର ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଯିବ ଭତ୍ତା ଟଙ୍କା। ଓଡ଼ିଶାର ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ରାଜ୍ୟର ସାମାଜିକ ସୁରକ୍ଷା ଭତ୍ତା (ବୃଦ୍ଧ-ବୃଦ୍ଧା, ବିଧବା ଓ ଭିନ୍ନକ୍ଷମ ପେନସନ୍) ପାଉଥିବା ହିତାଧିକାରୀଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ଆସନ୍ତା ଗୋଟିଏ ସପ୍ତାହ ମଧ୍ୟରେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ସେମାନଙ୍କର ବକେୟା ଭତ୍ତା ଟଙ୍କା

**ସୂଚନା ଦେଲେ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ**

ପ୍ରଦାନ କରାଯିବ। ତାଙ୍କ କହିବାନୁସାରେ ଟେକ୍ନିକାଲ ସମସ୍ୟା ସମେତ ବିଭିନ୍ନ କାରଣରୁ ଭତ୍ତା ▶▶ ୫

## ଚାମେଲି ଓଝାଙ୍କୁ ମିଳିଲା ଜାମିନ

**କେନ୍ଦ୍ରାପଡା, ୧୬/୬/ଏନ୍ଏନ୍ଏସ୍:**



କେନ୍ଦ୍ରାପଡ଼ା ତିଖିରୀ ସରପଞ୍ଚ ଚାମେଲି ଓଝାଙ୍କୁ ପୁଲିସ ଆକ୍ରମଣ ମାମଲାରେ ଜେଏମ୍ଏଫ୍‌ସି (ସବ୍-ଡିଭିଜନାଲ ଜୁଡିସିଆଲ ମାଜିଷ୍ଟ୍ରେଟ୍) କୋର୍ଟ ସର୍ତ୍ତମୂଳକ ଜାମିନ ଦେଇଛନ୍ତି। ୩୦ ହଜାର ଟଙ୍କା ୨ ଜାମିନ୍‌ଦାରଙ୍କ ବ୍ୟକ୍ତିଗତ ବଣ୍ଡ୍ ବଦଳରେ ଚାମେଲିଙ୍କୁ ଜାମିନ୍ ମିଳିଛି। ପୁଲିସ୍‌କୁ ଆକ୍ରମଣ ଅଭିଯୋଗ ମାମଲାରେ ସେ ଛନ୍ଦି ହୋଇପଡିଥିବା ବେଳେ ଏବେ ତାଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ସୂଚନାଯୋଗ୍ୟ, ଗତ ୧୦ ତାରିଖରୁ ଗଣମାଧ୍ୟମ ଚର୍ଚ୍ଚାରେ ଥିବା ▶▶ ୫

# ଜି-୭ ସମ୍ମିଳନୀରେ ମୋଦୀ-ଟ୍ରମ୍ପ୍ ଭେଟ

**୧୬ ମାସ ପରେ ପରସ୍ପରକୁ ଭେଟିଲେ ଦୁଇ ବିଶ୍ୱ ନେତା**



**ଏଭିଆନ୍ (ଫ୍ରାନ୍ସ), ୧୬/୬/ଏଜେନ୍ସି:**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଫ୍ରାନ୍ସର ଏଭିଆନ ସହରରେ ଆୟୋଜିତ ଜି-୭ ସମ୍ମିଳନୀ ଅବସରରେ ସାକ୍ଷାତକାର ହୋଇଛି। ଉଭୟ ନେତା ପରସ୍ପରକୁ ସାକ୍ଷାତ କରିଥିଲେ ଏବଂ ଦୁହିଁଙ୍କ ମଧ୍ୟରେ ପ୍ରାୟ ୫ ମିନିଟ୍ ଧରି ଆଲୋଚନା ହୋଇଥିଲା। ଜି-୭ ଆଉଟ୍‌ରିଚ୍ ସେସନରେ ମଧ୍ୟ ଦୁହେଁ ପାଖାପାଖି ବସିବାର ଦେଖିବାକୁ ମିଳିଛି। ତେବେ ମୋଦୀ ଓ ଟ୍ରମ୍ପଙ୍କ ଏହି ସାକ୍ଷାତକାର ଦୀର୍ଘ ୧୬ ମାସ ପରେ ହୋଇଛି। ଦୁହେଁ ଶେଷ ଥର ପାଇଁ ଫେବୃଆରୀ

**ଦୁହିଁଙ୍କ ମଧ୍ୟରେ ମାତ୍ର ୫ ମିନିଟ୍‌ର ଆଲୋଚନା, ଆସନ୍ତାକାଲି ବିଧିବଦ୍ଧ ବୈଠକ**

୨୦୨୫ରେ ୱାଶିଂଟନ୍‌ରେ ଭେଟିଥିଲେ। ତେବେ ଆସନ୍ତା କାଲି ଉଭୟ ନେତାଙ୍କ ମଧ୍ୟରେ ▶▶ ୫

ମହିଳା ସଶକ୍ତିକରଣ ଦିଗରେ ଓଡ଼ିଶାର ବଡ଼ ପଦକ୍ଷେପ

# ୨୧ରୁ ସମସ୍ତ ପଞ୍ଚାୟତରେ 'ସୁଭଦ୍ରା ଶକ୍ତି ସମାବେଶ'

**ଭୁବନେଶ୍ୱର, ୧୬/୬/ଏନ୍ଏନ୍ଏସ୍:**

ରାଜ୍ୟବ୍ୟାପୀ ମହିଳାମାନଙ୍କ ଆର୍ଥିକ ଉନ୍ନତି ଓ ସାମାଜିକ ସଶକ୍ତିକରଣକୁ ଆହୁରି ବ୍ୟାପକ କରିବା

**ତୃଣମୂଳ ସ୍ତରରେ ସୃଷ୍ଟି ହେବେ ଲକ୍ଷପତି ଦିଦି**

ପାଇଁ ଆସନ୍ତା ଜୁନ୍ ୨୧ରୁ ୩୦ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ସମସ୍ତ ଗ୍ରାମ ପଞ୍ଚାୟତରେ 'ସୁଭଦ୍ରା ଶକ୍ତି ସମାବେଶ' ଆୟୋଜିତ ହେବ। ଏହି ବୃହତ କାର୍ଯ୍ୟକ୍ରମ ମାଧ୍ୟମରେ ମହିଳା ସଶକ୍ତିକରଣ ଓ ଜୀବିକା ସୁଯୋଗ ସମ୍ପର୍କରେ ତୃଣମୂଳ ସ୍ତରରେ



ବ୍ୟାପକ ସଚେତନତା ସୃଷ୍ଟି କରାଯିବ। ଏହି ପରିପ୍ରେକ୍ଷୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନଠାରେ କାର୍ଯ୍ୟକ୍ରମର ପ୍ରସ୍ତୁତି ସମ୍ପର୍କରେ ରାଜ୍ୟର ସମସ୍ତ ଜିଲ୍ଲାର କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କ ସହ ଭର୍ଚୁଆଲ୍ ମାଧ୍ୟମରେ ଏକ ସମୀକ୍ଷା ବୈଠକ ▶▶ ୫

# ମହାନଦୀ ଜଳ ବିବାଦ: ଦିଲ୍ଲୀରେ ବୈଠକ ଆରମ୍ଭ

**ଜୁନ୍ ୨୬ ପର୍ଯ୍ୟନ୍ତ ଜାରି ରହିବ ଦ୍ୱିପାକ୍ଷିକ ଆଲୋଚନା**

**ନୂଆଦିଲ୍ଲୀ, ଭୁବନେଶ୍ୱର, ୧୬/୬/ଏଜେନ୍ସି:**

ମହାନଦୀ ଜଳ ବଣ୍ଟନକୁ ନେଇ ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ଦୀର୍ଘ ଦିନରୁ ଚାଲିଆସିଥିବା ବିବାଦର ସମାଧାନ ପାଇଁ ଦିଲ୍ଲୀ ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ପ୍ରକ୍ରିୟା ଆରମ୍ଭ ହୋଇଛି। ଦୁଇ ରାଜ୍ୟ ମଧ୍ୟରେ ଥିବା ବୈଷୟିକ ଏବଂ ଆଇନଗତ ମତଭେଦକୁ ଦୂର କରିବା ପାଇଁ ୧୧ ଦିନ ଧରି ଏହି ବ୍ୟାପକ ଆଲୋଚନା ଚାଲିବ। ପୂର୍ବ ଶୁଣାଣି ସମୟରେ ଜଳ ବଣ୍ଟନ ସମ୍ପର୍କିତ ବିଭିନ୍ନ ବୈଷୟିକ ଓ ଆଇନଗତ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ଆବଶ୍ୟକ ବୋଲି ଉଭୟ ରାଜ୍ୟ ଟ୍ରିବ୍ୟୁନାଲଙ୍କୁ ନିବେଦନ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଟ୍ରିବ୍ୟୁନାଲ ଏହି ଆଲୋଚନା ପ୍ରକ୍ରିୟାକୁ ସୁଯୋଗ ଦେଇଛନ୍ତି। ତେବେ ଟ୍ରିବ୍ୟୁନାଲ ଦୁଇ ରାଜ୍ୟକୁ ପରାମର୍ଶ ଦେଇଛନ୍ତି ଯେ, ଯେଉଁସବୁ ବିଷୟରେ ପୂର୍ବରୁ ସହମତି ପ୍ରକାଶ ପାଇସାରିଛି, ସେଗୁଡ଼ିକୁ ବାଦ୍ ଦେଇ କେବଳ ମୁଖ୍ୟ ବିବାଦୀୟ ପ୍ରସଙ୍ଗ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବା ଉଚିତ୍। ଏହାଦ୍ୱାରା ସମାଧାନ ବା ନିଷ୍କର୍ଷରେ ପହଞ୍ଚିବା ସହଜ ହେବ।

ଏହି ୧୧ ଦିନିଆ ଆଲୋଚନାରେ ଉଭୟ ରାଜ୍ୟର ଆଡଭୋକେଟ୍ ଜେନେରାଲ, ବରିଷ୍ଠ ଆଇନଜୀବୀ, ଜଳସମ୍ପଦ ବିଭାଗର ବୈଷୟିକ ବିଶେଷଜ୍ଞ ଏବଂ ଇଞ୍ଜିନିୟରମାନେ ସାମିଲ ହୋଇଛନ୍ତି। ଜୁନ ୨୬ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ବୈଠକରେ ମହାନଦୀ ଜଳ ବଣ୍ଟନ ସହ ଜଡିତ ମୁଖ୍ୟ ପ୍ରସଙ୍ଗ ଗୁଡ଼ିକ ଉପରେ ଉଭୟ ରାଜ୍ୟ ଓଡ଼ିଶା ଓ ଛତିଶଗଡ଼ର ପ୍ରତିନିଧିମାନେ ଚର୍ଚ୍ଚା କରୁଛନ୍ତି। ପ୍ରକାଶ, ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ପୂର୍ବରୁ ସୂଚନା ଦେଇଥିଲେ ଯେ ଉଭୟ ରାଜ୍ୟର ବୈଷୟିକ ଓ ଆଇନଗତ ଟିମ୍ ମୂଳ ପ୍ରସଙ୍ଗଗୁଡ଼ିକ ଉପରେ ସିଧାସଳଖ ଆଲୋଚନା କରିବେ। ଆବଶ୍ୟକ ହେଲେ ସେଣ୍ଟ୍ରାଲ ୱାଟର କମିଶନ ସିଡବ୍ଲ୍ୟୁସିର ସହାୟତା ମଧ୍ୟ ନିଆଯିବ। ମହାନଦୀ ଜଳରେ ଓଡ଼ିଶା ଓ ଛତିଶଗଡ଼ର ପ୍ରାପ୍ୟ ଅଂଶ କେତେ ରହିବ ଏବଂ ଜଳ ବଣ୍ଟନର ଉଚିତ ମାନଦଣ୍ଡ କଣ ହେବ ଏହି ପ୍ରସଙ୍ଗରେ ମୁଖ୍ୟତଃ ଆଲୋଚନା ହେବ। ଏହି ମାନସ ମନ୍ଥନର ଫଳାଫଳ ଟ୍ରିବ୍ୟୁନାଲଙ୍କ ନିକଟରେ ଦାଖଲ କରାଯିବ। ତେବେ ମହାନଦୀ ମାମଲାର ପରବର୍ତ୍ତୀ ଶୁଣାଣି ୨୭ ଜୁନରେ ହେବାକୁ ଥିବାବେଳେ ୧୧ ଦିନିଆ ଆଲୋଚନା ମହାନଦୀ ଜଳ ବିବାଦର ସମାଧାନ ଦିଗରେ ଗୁରୁତ୍ୱପୂର୍ଣ୍ଣ ମୋଡ଼ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି।

ସୂଚନାଯୋଗ୍ୟ, ଓଡ଼ିଶାର ଅଭିଯୋଗ ଅନୁଯାୟୀ, ଛତିଶଗଡ଼ ସରକାର ମହାନଦୀର ଉପର ମୁଣ୍ଡରେ ଅନେକ ବଡ଼ ଓ ଛୋଟ ବ୍ୟାରେଜ୍ ନିର୍ମାଣ କରିଛନ୍ତି। ଏହାଦ୍ୱାରା ଅଣ-ମୌସୁମୀ ସମୟରେ ଓଡ଼ିଶାକୁ ଆସୁଥିବା ଜଳର ପରିମାଣ ଯଥେଷ୍ଟ ▶▶ ୫

# ନିଟ୍-ୟୁଜି ପୁନଃ ପରୀକ୍ଷା: ୨୨ ଯାଏଁ ଟେଲିଗ୍ରାମ୍ ବନ୍ଦ

**ନୂଆଦିଲ୍ଲୀ, ୧୬/୬/ଏଜେନ୍ସି:**

ଆଗାମୀ ଜୁନ୍ ୨୧ରେ ହେବାକୁ ଥିବା ନିଟ୍ (ୟୁଜି) ପୁନଃ-ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ କିମ୍ବା କୌଣସି ପ୍ରକାରର ଅସାଧୁ ଉପାୟ ଅବଲମ୍ବନକୁ ରୋକିବା ପାଇଁ କେନ୍ଦ୍ର ସରକାର ଇନଷ୍ଟାଣ୍ଟ ମେସେଜିଂ ଆପ୍ 'ଟେଲିଗ୍ରାମ୍'କୁ ଜୁନ୍ ୨୨ ତାରିଖ ପର୍ଯ୍ୟନ୍ତ ସମଗ୍ର ଭାରତରେ ଅସ୍ଥାୟୀ ଭାବେ ବ୍ୟାନ୍ ବା ନିଷିଦ୍ଧ କରିଛନ୍ତି। ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ର ସୁପାରିଶ କ୍ରମେ ପରୀକ୍ଷାର ସ୍ୱଚ୍ଛତା ଓ ସୁରକ୍ଷାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏହି ଚରମ ନିଷ୍ପତ୍ତି ନେଇଛନ୍ତି। ଏହାସହିତ ପୁରୁଣା ମେସେଜ୍ ବଦଳାଇ ମିଥ୍ୟା ପ୍ରଶ୍ନପତ୍ର ଲିକ୍‌ର ଗୁଜବ ସୃଷ୍ଟି କରୁଥିବା ଜାଲିଆତି ଗ୍ୟାଙ୍ଗଙ୍କ ଉପରେ ରୋକ୍ ଲଗାଇବା ପାଇଁ, ଟେଲିଗ୍ରାମର 'ମେସେଜ୍-ଏଡିଟିଂ' ଫିଚରକୁ ମଧ୍ୟ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଭାରତରେ ନିଷିଦ୍ଧ ▶▶ ୫



# ବିଭିନ୍ନ ସ୍ଥାନରେ ରଜ ମହୋତ୍ସବ



**କଟକ,୧୬/୬/ଏନ୍‌ଏନ୍‌ଏସ୍:** ସାମାଜିକ ଅନୁଷ୍ଠାନ ଜୟଜଗନ୍ନାଥ କ୍ଲବ ଖପୁରିଆ କଟକର ରଜ ମହୋତ୍ସବ ଖପୁରିଆ ଶିଳ୍ପାଞ୍ଚଳ ସ୍ଥିତ ଓଇଆ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କର୍ପୋରେଟର ସନ୍ତୋଷ କୁମାର ଭୋଳ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ଓବିସିସିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନମ୍ରତା ରାୟ, ପଞ୍ଚମୁଖୀ ହନୁମାନ ମନ୍ଦିରର ମୁଖ୍ୟ ପୂଜକ ସୁନିଲ କୁମାର ମିଶ୍ର, ସାହି ମୁରବୀ ହରପ୍ରିୟା ମିଶ୍ରଙ୍କ ସହ ଜୟ ଜଗନ୍ନାଥ କ୍ଲବ ଉପସଭାପତି ସୁବାଷ କୁମାର ମହାରଣା, ସାଧାରଣ ସମ୍ପାଦକ ଚନ୍ଦ୍ରକାନ୍ତ ଲେଙ୍କା, କୋଷାଧକ୍ଷ ମୋହନ ସେଠୀ ଯୋଗଦେଇଥିଲେ। ନୃତ୍ୟ ପାଇଁ ବିଜୟଲକ୍ଷ୍ମୀ ସେଠୀ, ଶ୍ରଦ୍ଧାଞ୍ଜଳୀ ମହାରଣା, ପ୍ରିୟଂଶୀ ମଲ୍ଲିକ, ତନବୀ ତନିଷା ପଣ୍ଡା, ଶୁଭଲକ୍ଷ୍ମୀ ଲେଙ୍କା, ଶ୍ରେୟାସୀ ବେହେରା, ଭାଗ୍ୟଲକ୍ଷ୍ମୀ ଲେଙ୍କାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଂଚ ପରିଚାଳନା କରିଥିଲେ କଲ୍ୟାଣୀ ଦାଶ। ଉପଦେଷ୍ଟା ବାଦଲ ସାହୁ, ସଭାପତି ପ୍ରଶାନ୍ତ କୁମାର ମଲ୍ଲିକ, ସଂଗଠନ ସମ୍ପାଦକ ଲକ୍ଷ୍ମଣ କୁମାର ପଣ୍ଡା, ଯୁଗ୍ମ ସମ୍ପାଦକ କେଶବ ଚନ୍ଦ୍ର ବେହେରା, ସହ ସମ୍ପାଦକ ସନ୍ତୋଷ କୁମାର ନନ୍ଦ, ସଭ୍ୟ ପ୍ରଦୀପ ପରିଡ଼ା, ସନ୍ତୋଷ ବେହେରା, ଦୁର୍ଯ୍ୟୋଧନ ବିଷ୍ଣାଣୀ, ସତ୍ୟନାରାୟଣ ସାମନ୍ତରା, ସଞ୍ଜୟ ମହାରଣା, ଚନ୍ଦନ ସ୍ୱାଇଁ, କାହ୍ନୁ ସେଠୀ, ବିମଳ କୁମାର ସିଂହ, ରାକେଶ କୁମାର ସେଠୀ, ବିଶ୍ୱରଞ୍ଜନ ବାରିକ, ଶଙ୍କର ସେଠୀ, ବର୍ଷା ସାହୁ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

### ● କ୍ଲାପିଙ୍ଗ ଏବଂ ଲାଫିଙ୍ଗ୍ ଗ୍ରୁପ୍

ଉତ୍କଳୀୟ ପରମ୍ପରାରେ କୃଷିଭିତ୍ତିକ ଗଣପର୍ବ ରଜର ଅବସରରେ ମର୍କତନଗର ସେକ୍ଟର-୬ ସ୍ଥିତ 'କ୍ଲାପିଙ୍ଗ ଏବଂ ଲାଫିଙ୍ଗ୍ ଗ୍ରୁପ୍' ପକ୍ଷରୁ ସ୍ଥାନୀୟ ଜୟପ୍ରକାଶ ନାରାୟଣ ପାର୍କରେ ବନ୍ଧୁମିଳନ ସହ ପୋଡ଼ ପିଠା ଏବଂ ଛେନାପୋଡ଼ର ଆୟୋଜନ କରାଯାଇଥିଲା। ଏହି ଉତ୍ସବରେ ଡଃ ଗଗନ ବିହାରୀ ସାହୁ, ଜୟ ଦୁର୍ଗା ପ୍ରସନ୍ନ ଆଚାର୍ଯ୍ୟ, କୈଳାସ ଚନ୍ଦ୍ର ମିଶ୍ର, ବଂଶୀଧର ଦାଶ, ବିରଞ୍ଚି ନାରାୟଣ ଦାଶ, ରମେଶ ଚନ୍ଦ୍ର ବିଶ୍ୱାଳ, ରବୀନ୍ଦ୍ର ନାଥ ଲେଙ୍କା, ରବି ନାରାୟଣ ଦାସ, ବିଭୁଦତ୍ତ ପାତ୍ର, କାର୍ତ୍ତିକ କାନୁନଗୋ, ଶ୍ୟାମ ସୁନ୍ଦର ବେହେରା, ସୌମେନ୍ଦ୍ର ମହାପାତ୍ର ,ବଟକୃଷ୍ଣ ପଣ୍ଡା, ପ୍ରଦୀପ୍ତ କୁମାର ସାହୁ, ପ୍ରଶାନ୍ତ କୁମାର ମହାନ୍ତି, ମୁରଲୀଧର ଶତପଥୀ, କେଦାର ଖଟୁଆ, ସଞ୍ଜୟ ଯାଜୋଡ଼ିଆ , ଜୟକୃଷ୍ଣ କର, ଶ୍ୟାମ ପ୍ରସାଦ ପାଠକ, ସୁନାକର ମହାନ୍ତି, ଶରତ ଚନ୍ଦ୍ର ସାମଲ, ଅକ୍ଷୟ କୁମାର ଦାସ ଏବଂ ସଞ୍ଜୀବ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।



### ● ବରିଷ୍ଠ ନାଗରିକ ସଂଘ

କଟକ ବାରବାଟୀ ବରିଷ୍ଠ ନାଗରିକ ସଂଘର ରଜ ମହୋତ୍ସବ ପିଠାପୁର ସ୍କୁଲ ପ୍ରାଙ୍ଗଣରେ ମହା ଆଡ଼ମ୍ବରରେ ପାଳନ ହୋଇଯାଇଛି। ସଭାପତି ତୁଷାର ମହାପାତ୍ର ଓ ସମ୍ପାଦକ ମନୋଜ ମହାପାତ୍ରଙ୍କ ପରିଚାଳନାରେ ସମସ୍ତ ସଭ୍ୟସଭ୍ୟା ଭାଗନେଇ ଭାବର ଆଦାନପ୍ରଦାନ, କବିତାପାଠ, ସଂଗୀତ ପରିବେଷଣ ସହିତ ପୋଡ଼ପିଠା ଓ ସ୍ୱାଦିଷ୍ଟଖାଦ୍ୟ ସେବନ କରି ଏହି ଉତ୍ସବକୁ ଉପଭୋଗ କରିଥିଲେ। ସଭାରେ ବରିଷ୍ଠ ନାଗରିକଙ୍କ ସମସ୍ୟା ଓ ତାର ସମାଧାନ ସମ୍ପର୍କରେ ବିଶେଷ ଆଲୋଚନା ମଧ୍ୟ ହୋଇଥିଲା। ପଞ୍ଚମ ବାର୍ଷିକ ଏହି ଉତ୍ସବରେ ବିଜେପି ନେତା ଲଲାଟେନ୍ଦୁ ବଡୁ ଯୋଗଦେଇ ଏହି ମହତ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ବିଜୟ କୁମାର ମହାପାତ୍ର ରଜ ପାନ ଅର୍ପଣ କଲାପରେ ଧନ୍ୟବାଦ ଅର୍ପଣ କରିଥିଲେ।



### ● ଯୋଗ ସମିତି

ସାଇ ତ୍ରିନାଥ ନୀଳଚକ୍ର ଯୋଗ ସମିତି ପକ୍ଷରୁ ଓଡ଼ିଆ ବଜାର ନେତାଜୀ ଯୋଗ କେନ୍ଦ୍ରରେ ଯୋଗ ଗୁରୁ ସାଗରିକା ଜେନାଙ୍କ ସଭାପତିତ୍ୱରେ ରଜ ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରଘୁନାଥଜୀଉ କଲେଜର ଅଧ୍ୟକ୍ଷା ଡ଼.ସ୍ନେହ ମିଶ୍ର, ମୁଖ୍ୟବକ୍ତା ଭାବେ କଟକ ମହାନଗର ନାଗରିକ ମହାସଭାର ସଭାପତି ଡ଼ାକ୍ତର ରବି ରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ଡ଼. ସଂଗ୍ରାମ କେଶରୀ ସାମନ୍ତରାୟ, ପ୍ରଫେସର ଯୁଧିଷ୍ଠିର ଖଟୁଆ, ବ୍ରହ୍ମକୁମାରୀ ରଶ୍ମିତା ଭଉଣୀ, ତପନ ସାହୁ, ଜ୍ଞାନରଞ୍ଜନ ବେହେରା ଯୋଗ ଦେଇଥିଲେ। ପ୍ରତିଯୋଗିତାର ନିରୀକ୍ଷକ ଭାବେ ମୁଖ୍ୟ ନିରୀକ୍ଷକ ଶୁଭାନ୍ୱେଷ ରଥ, ପୁଲିସ୍ ଅଧିକାରୀ ପ୍ରସନ୍ନ କୁମାର ଜେନା, ବନ୍ଦିତା ମହାପାତ୍ର ମଞ୍ଚାସୀନ ଥିଲେ। ଉପସ୍ଥିତ ଭଉଣୀମାନଙ୍କ ମଧ୍ୟରେ ପିଠା, ଶଙ୍ଖ ଧ୍ୱନି, ହୁଳହୁଳି, ରଜ ଦୋଳି ଗୀତ ଏବଂ ରଜ କୁଇନ୍ ପ୍ରତିଯୋଗିତା ହୋଇଥିଲା। ପୋଡ଼ ପିଠାରେ ପ୍ରଭାତୀ, ସୋନାଲି ଏବଂ ମୀନତି ଯଥାକ୍ରମେ ୧ମ, ୨ୟ ଓ ୩ୟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦିପ୍ତିମୟ, ସୌଦାମିନି ମିଶ୍ର, ସଂନ୍ଧ୍ୟାରାଣୀ ପରିଡ଼ା, ମିନା ବାରିକ, ନିତ୍ୟାନନ୍ଦ ମହନ୍ତ, ସୁବଳ ସ୍ୱାଇଁ ଓ କାହ୍ନୁ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



### ● ମହାନଦୀ ବିହାର

କଟକ ଉନ୍ନୟନ କର୍ତ୍ତୃପକ୍ଷ, ମହାନଦୀ ବିହାର ଡେଭେଲପମେଣ୍ଟ ଆସୋସିଏସନ୍ ଏବଂ ମହାନଦୀ ବିହାର ମହିଳା ସମିତିର ମିଳିତ ଆନୁକୂଲ୍ୟରେ ମହାନଦୀବିହାର ଜଗନ୍ନାଥ ଉଦ୍ୟାନ ପରିସରରେ ରଜ ମହୋତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏମ୍‌ଡିଏ ସଭାପତି ସଞ୍ଜୟ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ କୃଷ୍ଣଚନ୍ଦ୍ର ଦାଶ ଉଦ୍‌ଘାଟନ କରିଥିବା ବେଳେ କଟକ ଉନ୍ନୟନ କର୍ତ୍ତୃପକ୍ଷର ସଦସ୍ୟ ତଥା ସିଏମ୍‌ସି ସିଟି ଇଞ୍ଜିନିୟର ଅତନୁ କୁମାର ସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ କସ୍ତୁରବା ଟ୍ରଷ୍ଟର ଜାତୀୟ ଉପାଧ୍ୟକ୍ଷା ଗାୟତ୍ରୀ ଦାସ, ସ୍ଥାନୀୟ କର୍ପୋରେଟର୍ ଇଂ.ସୁବ୍ରତ ଘଡେଇ ଉପସ୍ଥିତ ଥିଲେ। ଏହି ଅବସରରେ ବିଶିଷ୍ଟ ବ୍ୟକ୍ତିତ୍ୱମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



## ୧୮ରେ ବିଏମ୍‌ଏସ୍‌ର ଗଣଧାରଣା

**କଟକ,୧୬/୬/ଏନ୍‌ଏନ୍‌ଏସ୍:** ଭାରତୀୟ ମଜଦୁର ସଂଘ (ବିଏମଏସ) ଦ୍ୱାରା ପରିଚାଳିତ ଓଡ଼ିଶା ଘରୋଇ ଉଦ୍ୟୋଗ ମଜଦୁର ମହାସଂଘ ତରଫରୁ ଆସନ୍ତା ଗୁରୁବାର ୧୮ରେ ଶହଶହ କର୍ମଚାରୀ କଟକ ନୂଆପଡାସ୍ଥିତ ଯୁଗ୍ମ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯିବା ସହ ଅନସନରେ ବସିରହିବେ ବୋଲି ସଂଘର ଆବାହକ ବସନ୍ତ କୁମାର ସାହୁ ଜଣାଇଛନ୍ତି। ଏଠାରେ ସୂଚନାଯୋଗ୍ୟ, ଆଠଗଡସ୍ଥିତ ଟାଟା ଷ୍ଟିଲ ଠିକା ଶ୍ରମିକ ସଂଘ ନାମରେ ଏକ ପଞ୍ଜିକରଣ ନିମନ୍ତେ ଗତ ୨୦୨୫ ନଭେମ୍ବର ମାସରେ ଦରଖାସ୍ତ ଆବେଦନ କରାଯାଇଥିଲା, କିନ୍ତୁ ଦୁଃଖ ଓ ପରତାପର ବିଷୟ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାନୁଯାୟୀ କୌଣସି ଶ୍ରମିକ ସଂଘକୁ ଆବେଦନର ୪୫ଦିନ ମଧ୍ୟରେ ପଞ୍ଜିକୃତ କରିବାର ବ୍ୟବସ୍ଥା ଥିଲେ ମଧ୍ୟ ତାହା ନକରି କଟକ ଜିଲ୍ଲାର ଶ୍ରମ ଅଧିକାରୀ ଓ ଯୁଗ୍ମ ଶ୍ରମ ଆୟୁକ୍ତ ସରକାରଙ୍କ ନିର୍ଦ୍ଦେଶକୁ ଅବମାନନା କରି ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ହାତବାରିଶି ସାଜି କାର୍ଯ୍ୟ କରୁଛନ୍ତି ବୋଲି ବିଏମଏସର ବରିଷ୍ଠ ନେତା ତଥା ରାଜ୍ୟ ଉପସଭାପତି ଶାନ୍ତନୁ ମହାପାତ୍ର କହିଛନ୍ତି।

## ବାସ୍କେଟ୍ ବଲ୍ ପ୍ରତିଯୋଗିତା ଉଦ୍‌ଯାପିତ

**କଟକ,୧୬/୬/ଏନ୍‌ଏନ୍‌ଏସ୍:** ବାରବାଟୀ ଷ୍ଟାଡ଼ିୟମ ପରିସରରେ ତିନିଦିନ ଧରି ଚାଲୁଥିବା ପ୍ରଥମ ମନୋଜ କୁମାର ମେମୋରିଆଲ ବାସ୍କେଟ ବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶା ଝାଡ଼ଖଣ୍ଡ ଓ ସୁଦୂର କେନିଆରୁ ଅଣ୍ଡର ୨୩ ଗ୍ରୁପରୁ ପୁରୁଷ ଓ ମହିଳା ବିଭାଗରେ ଷୋହଳଟି ଦଳ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଜ୍ୟ ବିଜେପିର ବରିଷ୍ଠ ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲଲାଟେନ୍ଦୁ ବଡୁ ଓ ଓଡ଼ିଶା ବାସ୍କେଟ ବଲ ଆସୋସିଏସନ ସମ୍ପାଦକ ଅଶୋକ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆୟୋଜକ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ ଏବଂ ପୁରସ୍କାର ବଣ୍ଟନ କରିଥିଲେ। ପୁରୁଷ ବିଭାଗରେ ଏମ ଥ୍ରୀ ପାନ୍ଥର୍ସ ଚମ୍ପିୟନ ଓ ରୋଭର୍ସ ଟିମ ରନର୍ସଅପ ହୋଇଥିବାବେଳେ ମହିଳା ବିଭାଗରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଚାମ୍ପିଅନ୍ ହୋଇଥିଲା। ଓଡ଼ିଶା ବାସ୍କେଟ ବଲ ଆସୋସିଏସନ ସଭାପତି ଜ୍ଞାନ ରଞ୍ଜନ ପରିଡ଼ା, ଏକ୍‌ଜକ୍ୟୁଟିଭ୍ ମେମ୍ବର ସତୀଶ ସାହୁ, ରାଜେଶ ଜେନା, ବରିଷ୍ଠ ଖେଳାଳୀ କାର୍ତ୍ତିକ ବେହେରା, ଅର୍ଗାନାଇଜିଙ୍ଗ ସେକ୍ରେଟାରୀ ବ୍ରହ୍ମାନନ୍ଦ ବେହେରା, ବାରବାଟୀ ବାସ୍କେଟ ବଲ ଗ୍ରୁପ ସଭାପତି ପ୍ରଦୀପ ରାଓ ପ୍ରମୁଖ ଉପସ୍ଥିତ ରହି ଖେଳ ପରିଚାଳନା କରିଥିଲେ।



● ରୁଷିଆନ୍ ଗ୍ରାଣ୍ଡ୍ ସ୍ୟାଣ୍ଡ୍ ମାଷ୍ଟର୍ କପ୍ ବିଜେତା

## ସୁଦର୍ଶନ ପଟ୍ଟନାୟକଙ୍କୁ ରାଜ୍ୟପାଳଙ୍କ ଅଭିନନ୍ଦନ

**ଭୁବନେଶ୍ୱର,୧୬/୬/ଏନ୍‌ଏନ୍‌ଏସ୍:** ରୁଷିଆର କାଲିନିନଗ୍ରାଡ୍ ରିଜିଅନରେ ଆୟୋଜିତ ଆନ୍ତର୍ଜାତିକ ବାଲୁକା ଭସ୍କର୍ଯ୍ୟ ଉତ୍ସବରେ ସମ୍ମାନଜନକ ରୁଷିଆନ୍ ଗ୍ରାଣ୍ଡ ସ୍ୟାଣ୍ଡ ମାଷ୍ଟର କପ୍-୨୦୨୬ ହାସଲ କରିଥିବା ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ମଙ୍ଗଳବାର ଲୋକ ଭବନରେ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଉଲ୍ଲେଖନୀୟ ସଫଳତା ପାଇଁ ସୁଦର୍ଶନ ପଟ୍ଟନାୟକଙ୍କୁ ଅଭିନନ୍ଦନ ଜଣାଇ ରାଜ୍ୟପାଳ କହିଛନ୍ତି ଯେ, ଏହି ସମ୍ମାନ ହାସଲ କରିବାରେ ସେ ପ୍ରଥମ ଭାରତୀୟ ବାଲୁକା ଶିଳ୍ପୀ ହୋଇଛନ୍ତି। ଏହି ସଫଳତା ଓଡ଼ିଶା ଓ ସମଗ୍ର ଦେଶ ପାଇଁ ଗର୍ବର ବିଷୟ ବୋଲି ରାଜ୍ୟପାଳ କହିବା ସହିତ ଏହା ବିଶ୍ୱସ୍ତରରେ କଳା ଓ ସଂସ୍କୃତି କ୍ଷେତ୍ରରେ ଭାରତର ସମ୍ମାନକୁ ଆହୁରି ସୁଦୃଢ଼ କରିଛି ବୋଲି ମତ ପ୍ରକାଶ କରିଛନ୍ତି। ଜଳବାୟୁ ପରିବର୍ତ୍ତନର ବିଶ୍ୱବ୍ୟାପୀ ଚ୍ୟାଲେଞ୍ଜ ଏବଂ ମାନବଜାତି ଉପରେ ଏହାର ପ୍ରଭାବକୁ ଉପସ୍ଥାପନ କରିଥିବା ସୁଦର୍ଶନ ପଟ୍ଟନାୟକଙ୍କ ପୁରସ୍କାରପ୍ରାପ୍ତ ଏହି ବାଲୁକା ଭସ୍କର୍ଯ୍ୟକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଗୁରୁତ୍ୱପୂର୍ଣ୍ଣ ସାମାଜିକ ଓ ପରିବେଶଗତ ବାର୍ତ୍ତାର ପ୍ରଚାର ପ୍ରସାର ଏବଂ ବିଶ୍ୱ ସମସ୍ୟା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ କଳାକୁ ଏକ ପ୍ରଭାବଶାଳୀ ମାଧ୍ୟମ ଭାବେ ବ୍ୟବହାର କରିଆସୁଥିବାରୁ ରାଜ୍ୟପାଳ ଶିଳ୍ପୀଙ୍କୁ ପ୍ରଶଂସା କରିଥିଲେ। ସୁଦର୍ଶନ ପଟ୍ଟନାୟକଙ୍କ ଆଗାମୀ କଳାଯାତ୍ରାର ନିରନ୍ତର ସଫଳତା କାମନା କରି ରାଜ୍ୟପାଳ ବିଶ୍ୱାସ ବ୍ୟକ୍ତ କରିଥିଲେ ଯେ, ସେ ନିଜର ସୃଜନଶୀଳତା ମାଧ୍ୟମରେ ଆଗାମୀ ଦିନରେ ମଧ୍ୟ ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରେରଣା ଯୋଗାଇବା ସହିତ ବିଶ୍ୱ ଦରବାରରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ପ୍ରଚାର ଓ ପ୍ରସାରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବେ। ରାଜ୍ୟ ପାଳ ପ୍ରଖ୍ୟାତ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ଭବିଷ୍ୟତର ସମସ୍ତ ପ୍ରୟାସରେ ସଫଳତା ପାଇଁ ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି।



## ଜୋନାଲ୍‌ସ୍ତରୀୟ ଯୁବ ସଂସଦ ପ୍ରତିଯୋଗିତା

**ଭୁବନେଶ୍ୱର,୧୬/୬/ଏନ୍‌ଏନ୍‌ଏସ୍:** କନ୍ଧମାଳ ଜିଲ୍ଲାସ୍ଥିତ ମହାସିଙ୍ଗିର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଆନ୍ଧ୍ରପ୍ରଦେଶର ତିରୁପତିର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଓଜିଲିରେ ଅନୁଷ୍ଠିତ ହେବାକୁ ଥିବା ଜୋନାଲସ୍ତରୀୟ ଯୁବ ସଂସଦ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଓଡ଼ିଶାର ୪ ଟି ଇଏମ୍‌ଆର୍‌ଏସ୍ ମଧ୍ୟରୁ ଆଞ୍ଚଳିକ-ସ୍ତରୀୟ ଚାମ୍ପିଅନ୍ ହେବା ପରେ ମହାସିଙ୍ଗି ଇଏମ୍‌ଆର୍‌ଏସ୍‌ଏହି ସମ୍ମାନଜନକ ସଫଳତା ହାସଲ କରିଛି। ଦେଶର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପାଇଁ ପ୍ରଥମ ଥର ଜାତୀୟ ଯୁବ ସଂସଦ ପ୍ରତିଯୋଗିତାର ଆୟୋଜନ କରିଛି ନ୍ୟାସନାଲ ଏଜୁକେଶନ ସୋସାଇଟି ଫର୍ ଟ୍ରାଇବଲ୍ ଷ୍ଟୁଡେଣ୍ଟ। ଦେଶର ୩୬ ଟି ମନୋନୀତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଏଥିରେ ଅଂଶଗ୍ରହଣ କରୁଛନ୍ତି। ଇଏମ୍‌ଆର୍‌ଏସ୍, ମହାସିଙ୍ଗିର ୫୮ ଜଣ ଛାତ୍ରଛାତ୍ରୀ ଏବଂ ୬ ଜଣ ଶିକ୍ଷକଙ୍କ ଏକ ଦଳ ଜୋନାଲ-ସ୍ତରୀୟ କାର୍ଯ୍ୟକ୍ରମରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ।

## 'ପ୍ରତିଭା ସମ୍ମାନ ଓଡ଼ିଶା'ର ରଜପର୍ବ ଉଦ୍‌ଯାପିତ

**ଭୁବନେଶ୍ୱର,୧୬/୬/ଏନ୍‌ଏନ୍‌ଏସ୍:** ଭାଇଚାରା, ପରସ୍ପର ପ୍ରତି ସ୍ନେହ ଓ ସହଯୋଗ ହିଁ ଆଦର୍ଶ ଗ୍ରାମର ପ୍ରକୃତ ମାପକାଠି। କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ସାନ ଅଡ଼ଙ୍ଗା ଗ୍ରାମ ପଞ୍ଚାୟତର ଧନିରାମପୁର ଗ୍ରାମ ଓ ବିଜିପୁରଠାରେ ଅନୁଷ୍ଠିତ ଏକ ସମାରୋହରେ ଅତିଥିମାନେ ଯୋଗଦେଇ ଏଭଳି ମତବ୍ୟକ୍ତ କରିଛନ୍ତି। ଭୁବନେଶ୍ୱରର 'ପ୍ରତିଭା ସମ୍ମାନ ଓଡିଶା' ଆନୁକୂଲ୍ୟରେ ଆୟୋଜିତ ତିନିଦିନ ବ୍ୟାପୀ ରଜପର୍ବର ଉଦଯାପନୀ ଉତ୍ସବରେ ସମସ୍ତ ଅତିଥି ଏହି ଦୁଇଟି ଗ୍ରାମକୁ ପ୍ରଶଂସା ସମବେତ ଜନତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଶିକ୍ଷାବିଭାଗର ପୂର୍ବତନ ଆଞ୍ଚଳିକ ନିର୍ଦ୍ଦେଶକ ତଥା କବି ଶ୍ରୀ ସୁଶାନ୍ତ ଦାସ କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ସେହିପରି କାର୍ଯ୍ୟକ୍ରମ ଆରମ୍ଭରେ ଗ୍ରାମର ଛାତ୍ରୀ ପାୟଲ ପ୍ରତି ପୁଷ୍ପା ଅତିଥିମାନଙ୍କୁ ସାଦର ମଞ୍ଚକୁ ସ୍ୱାଗତ କରିଥିବା ବେଳେ ତ୍ରିଷ୍ଣା ତନିଷ୍ଣା ମାଆମାନଙ୍କ ନିମନ୍ତେ ବାବାସାହେବ ଆମ୍ବେଦକରଙ୍କ ଅବଦାନ ଓ ଆଦର୍ଶ ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ଏହି ବିଶେଷ ପରିପ୍ରେକ୍ଷୀରେ ଗ୍ରାମର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ଅର୍ଜନ



କରିଥିଲେ। ଏହି ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପାଟକୁରା ନିର୍ବାଚନ ମଣ୍ଡଳୀର ବିଧାୟକ ଅରବିନ୍ଦ ମହାପାତ୍ର ଯୋଗଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ପ୍ରମୋଦ କୁମାର ଦେବଙ୍କ ପୌରୋହିତ୍ୟରେ ଆୟୋଜିତ ଉକ୍ତ ସମାରୋହରେ ମୁଖ୍ୟବକ୍ତା ରୂପେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କୁମରବର ଦାସ ଯୋଗଦେଇ ନିଜର ଓଜସ୍ୱିନୀ ବକ୍ତବ୍ୟରେ କରିଥିବା ସୁନାମଧନ୍ୟ ଚିକିତ୍ସକ ଡାକ୍ତର ଆଦିକନ୍ଦ ବାରିକ, ଆଦର୍ଶ ଶିକ୍ଷକ କପିଳ ଚନ୍ଦ୍ର ମଲ୍ଲିକ, କୁଳମଣି ସାମଲ ଏବଂ ବିକାଶ କୁମାର ଗିରି ପ୍ରମୁଖଙ୍କୁ ସେମାନଙ୍କ ଗୌରବମୟ ଅବଦାନ ପାଇଁ 'ଗ୍ରାମ ଗୌରବ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଭାରତୀୟ ରେଳ ବିଭାଗର ପୂର୍ବତନ ପ୍ରଶାସକ ରାସ ବିହାରି ଜେନା ସମସ୍ତ ଅତିଥି ଓ ଗ୍ରାମବାସୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଧ୍ରୁବତାରା ପକ୍ଷରୁ ବନ୍ଧୁମିଳନ

**କଟକ,୧୬/୬/ଏନ୍‌ଏନ୍‌ଏସ୍:** ପ୍ରଖ୍ୟାତ ଶିଶୁ ସାହିତ୍ୟିକ, ଆକାଶବାଣୀର ବଡଭାଇ ନଦୀୟା ବିହାରୀ ମହାନ୍ତିଙ୍କ ପ୍ରତିଷ୍ଠିତ 'ଧ୍ରୁବତାରା' ଶିଶୁସାହିତ୍ୟ ଅନୁଷ୍ଠାନ ପକ୍ଷରୁ ଏକ ବନ୍ଧୁମିଳନ ଉତ୍ସବ ଡକ୍ଟର ସୁନାମଣି ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ପ୍ରାକ୍ତନ ସଭାପତି ଜୟନ୍ତୀ ମଞ୍ଜରୀ ରଥଙ୍କ ପରଲୋକ ପରେ ବିଶିଷ୍ଟ ସାହିତ୍ୟିକ ଡକ୍ଟର ସୁନାମଣି ରାଉତଙ୍କୁ ଅନୁଷ୍ଠାନର ସଭାପତି ଭାବେ ମନୋନୀତ କରାଯାଇଥିଲା। ଏହି ସଭାରେ ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ, ସାହିତ୍ୟିକ ବୀରେନ୍ଦ୍ର କୁମାର ସିଂହସାମନ୍ତ, ଲକ୍ଷ୍ମୀ ମିଶ୍ର, ସ୍ୱର୍ଣ୍ଣଲତା ସିଂହସାମନ୍ତ, ଶୁଭସୁଧା ପ୍ରିୟଦର୍ଶିନୀ,ବ୍ରହ୍ମାନନ୍ଦ ବେହେରା, ରଶ୍ମି ରେଖା ସିଂହସାମନ୍ତ, ଇଂ. ଅରବିନ୍ଦ ପଣ୍ଡା, ପ୍ରେମାନନ୍ଦ ପରିଡା ପ୍ରମୁଖ ସଭ୍ୟସଭ୍ୟା ମାନେ ଯୋଗଦେଇଥିଲେ। ସମ୍ପାଦିକା ବିଭାସିନୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ବଡ଼ଦାଣ୍ଡରୁ ଜବରଦଖଲ ଉଚ୍ଛେଦ ଓ ସୁରକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୧୬/୬/ଏନ୍‌ଏନ୍‌ଏସ୍:** ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଆଜି ପୁରୀ ରଥଯାତ୍ରା ସମ୍ପର୍କିତ ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତା କରି ବିଭିନ୍ନ କାର୍ଯ୍ୟ ଅଗ୍ରଗତି ସମୀକ୍ଷା କରିଛନ୍ତି। ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସକ ତଥା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ପୁଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ, ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ଡଃ. ସୁଧାଂଶୁ ଷଡଙ୍ଗୀଙ୍କ ସମେତ ସମ୍ପୃକ୍ତ ବିଭିନ୍ନ ବିଭାଗମାନଙ୍କର ସଚିବ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, ବରିଷ୍ଠ ପୁଲିସ୍ ଅଧିକାରୀ ସୌମେନ୍ଦ୍ର ପ୍ରିୟଦର୍ଶୀ, ପୁରୀ ଜିଲ୍ଲାପାଳ, ପୁରୀ ଏସ୍‌ପି, ପୁରୀ ମହାନଗର ନିଗମ କମିଶନର, ରାଜ୍ୟ ସରକାର ଓ ପୁଲିସ ପ୍ରଶାସନର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଆଇନ୍ ବିଭାଗ ତରଫରୁ ଆହୂତ ଏହି ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଗତ ଏପ୍ରିଲ ମାସରେ ହୋଇଥିବା ପୂର୍ବ ସମୀକ୍ଷାରେ ନିଆଯାଇଥିବା ନିଷ୍ପତ୍ତି ଓ ବିଭିନ୍ନ ବିଭାଗକୁ ଦିଆଯାଇଥିବା ଦାୟିତ୍ୱ ଓ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ରଥ ନିର୍ମାଣ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ଶ୍ରୀମନ୍ଦିର

**ରଥଯାତ୍ରା ସମୀକ୍ଷା ବୈଠକ**

ମୁଖ୍ୟ ପ୍ରଶାସକ ସୂଚନା ଦେଇ ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ ରଥ କାଠ ପହଞ୍ଚିଥିବା ପ୍ରକାଶ କରିଥିଲେ। ବୈଠକରେ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏବଂ ପୁରୀ ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ ଯୋଗଦେଇ ଅଦ୍ୟାବଧି ପ୍ରସ୍ତୁତି ଅଗ୍ରଗତି ସମ୍ପର୍କରେ ବିସ୍ତୃତ ଉପସ୍ଥାପନ କରିଥିଲେ। ଶ୍ରୀଗୁଣ୍ଡିଚା(ରଥଯାତ୍ରା) ଜୁଲାଇ ୧୬ ରେ ଅନୁଷ୍ଠିତ ହେଉଥିବା ବେଳେ ଏହାର ଯଥେଷ୍ଟ ପୂର୍ବରୁ ପ୍ରସ୍ତୁତି ସାରିବାକୁ ନିୟମିତ ସମୀକ୍ଷା କରାଯାଉଥିବାରୁ ସମସ୍ତ କାର୍ଯ୍ୟ ସୁଚାରୁରୂପେ ସମୟାନୁସାରେ ସାରିବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି। ବଡ଼ଦାଣ୍ଡ ଏବଂ ପୁରୀକୁ ସଂଯୋଗ କରୁଥିବା ସଡ଼କଗୁଡ଼ିକର ଉନ୍ନତିକରଣ, ପାର୍କିଂ ସ୍ଥଳ ପ୍ରସ୍ତୁତି, ଅସ୍ଥାୟୀ ଶୌଚାଳୟ ସ୍ଥାପନ, ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା, ବିଦ୍ୟୁତ୍ ଯୋଗାଣ, ରେଳ ଓ ସଡ଼କ ପରିବହନ ବ୍ୟବସ୍ଥା, ଭିଡ଼ ନିୟନ୍ତ୍ରଣ ଓ ଆଇନ-ଶୃଙ୍ଖଳା ବ୍ୟବସ୍ଥା ସମ୍ପର୍କିତ କାର୍ଯ୍ୟର ଅଗ୍ରଗତି ଉପରେ ମୁଖ୍ୟ ଶାସନ ସଚିବ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରି ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ଭକ୍ତମାନଙ୍କ ପାଇଁ ସୁବ୍ୟବସ୍ଥିତ ରଥଯାତ୍ରା ସୁନିଶ୍ଚିତ କରିବା ନିମନ୍ତେ ସମସ୍ତ ବିଭାଗକୁ ଅଧିକ ସମନ୍ୱୟ ସହ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି। ଆମ୍ବୁଲାନ୍ସ ଯେପରି ସୁବିଧାରେ ଯାତାୟତ କରିପାରିବ, ସେଥି ନିମନ୍ତେ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି। ବଡ଼ଦାଣ୍ଡରେ ହାଇମାଷ୍ଟ ଲାଇଟ୍ ସ୍ଥାପନ କାର୍ଯ୍ୟ ଆଗେଇ ଚାଲିଛି। ଶ୍ରୀଗୁଣ୍ଡିଚା ମନ୍ଦିର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ, ସମୁଦ୍ରକୂଳ ସଂଲଗ୍ନ ରାସ୍ତାର ଉନ୍ନତି କରଣ କାର୍ଯ୍ୟ ଅଗ୍ରଗତି କରିଛି। ବାୟୋ ଟୟଲେଟ୍ ସ୍ଥାପନ, ସମଙ୍ଗ ଠାରେ ପାର୍କିଂ ଅଞ୍ଚଳର ବିକାଶ କରାଯାଉଛି। ବିଭିନ୍ନ ବିଭାଗର ସଚିବମାନେ ପୁରୀ ଗସ୍ତ କରି ନିଜ ନିଜ ବିଭାଗୀୟ କାର୍ଯ୍ୟ ଅଗ୍ରଗତି ଅନୁଧାନ କରି ଆବଶ୍ୟକ ପଦକ୍ଷେପ ନେଇଛନ୍ତି। ଜୁନ୍ ୩୦ ତାରିଖ ସୁଦ୍ଧା ପ୍ରସ୍ତୁତି କାର୍ଯ୍ୟ ଶେଷ କରିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶଯ୍ୟା ସହିତ ଅତିରିକ୍ତ ଅସ୍ଥାୟୀ ୮ଟି ସ୍ୱାସ୍ଥ୍ୟ କେନ୍ଦ୍ର କେଉଁଠି କେଉଁଠି ରହିବ, ସେଥିପାଇଁ ସ୍ଥାନ ନିରୂପଣ କରାଯାଇଛି। ପୂର୍ତ୍ତ ବିଭାଗ ଏବଂ ପୁରୀ ମହାନଗର ନିଗମ ତରଫରୁ ଅସ୍ଥାୟୀ ପାର୍କିଂ ସ୍ଥାନ ଚିହ୍ନଟ କରାଯାଇ ଏହାକୁ ପ୍ରସ୍ତୁତି ପାଇଁ ଉନ୍ନତିକରଣ କାର୍ଯ୍ୟ ଜାରି ରହିଛି। ବଡ଼ଦାଣ୍ଡରୁ ବିଭିନ୍ନ ସ୍ଥାନରୁ ପର୍ଯ୍ୟାୟକ୍ରମେ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଜାରି ରହିଛି ଏବଂ ଏହା ନିର୍ଦ୍ଧାରିତ ସମୟ ଭିତରେ ଶେଷ ହେବା ନେଇ ପୁରୀ ଜିଲ୍ଲାପାଳ ସୂଚନା ଦେଇଥିଲେ। ରଥଯାତ୍ରା ପୂର୍ବରୁ ୧୬୦୦ ଅସ୍ଥାୟୀ ଶୌଚାଳୟ ସ୍ଥାପନ ପାଇଁ ଟେଣ୍ଡର ପ୍ରକ୍ରିୟା ସରିଛି ଓ ନିର୍ଦ୍ଧାରିତ ସମୟ ପୂର୍ବରୁ ସରିବ। ପ୍ରମୁଖ ଡ୍ରେନ୍ ଓ ସଂଲଗ୍ନ ଡ୍ରେନ୍‌ଗୁଡ଼ିକରୁ ପଙ୍କ ଉଦ୍ଧାର କାର୍ଯ୍ୟ ଚାଲିଛି ଓ ଶୀଘ୍ର ଶେଷ ହେବ ବୋଲି ବୈଠକରେ ସୂଚନା ଦିଆଯାଇଛି।

## ଥାନା ଅଧିକାରୀ ଓ ବିଡିଓଙ୍କୁ ବହିଷ୍କାର ପାଇଁ ମୁଖ୍ୟ ବିଚାରପତିଙ୍କୁ ପତ୍ର

**କଟକ,୧୬/୬/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡ଼ା ତିଖିରି ସରପଞ୍ଚ ଚାମେଲୀ ଓଝାଙ୍କୁ ନିର୍ଯାତନା ଘଟଣାରେ ସମ୍ପୃକ୍ତ ଥାନା ଅଧିକାରୀ ଓ ବିଡିଓଙ୍କୁ ବହିଷ୍କାର କରିବାକୁ ଭାରତୀୟ ବିକାଶ ପରିଷଦ ପକ୍ଷରୁ

**ଚାମେଲି ଓଝାଙ୍କୁ ନିର୍ଯାତନା ଘଟଣା**

ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ନିବେଦନ କରାଯାଇଛି। ସଂଗଠନ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ଏହି ପତ୍ରରେ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ମହାକାଳପଡା ଥାନା ଅଧିକାରୀ ମାନସ ରଞ୍ଜନ ମଲ୍ଲିକ ଓ ବିଡିଓ ରବି ନାରାୟଣ ଆଚାର୍ଯ୍ୟଙ୍କୁ ବହିଷ୍କାର କରିବାକୁ ମୁଖ୍ୟ ବିଚାରପତି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ପ୍ରାର୍ଥନା କରାଯାଇଛି। ପତ୍ରରେ ଦର୍ଶାଯାଇଛି ଯେ ଚାମେଲି ଓଝାଙ୍କ ଘଟଣା ଏବେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ତାଙ୍କ ଉପରେ ହୋଇଥିବା ଅତ୍ୟାଚାର ହେବା ସହ ପୁଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଥିବାବେଳେ ଏହାକୁ ନେଇ ରାଜନୈତିକ ମାହୋଲ ମଧ୍ୟ ସରଗରମ ହେବାରେ ଲାଗିଛି। ସେପଟେ ଏହି ଘଟଣାକୁ ବିଭିନ୍ନ ସ୍ତରରେ ନିନ୍ଦା କରାଯାଇଛି। ଲୋକଙ୍କ ସ୍ୱର ଉଠାଇଉଥିବା ମହିଳା ସରପଞ୍ଚଙ୍କ ଉପରେ ହେଉଥିବା ଦମନଲୀଳା ସବୁ ସୀମାକୁ ଟପିଯାଇଛି। ଚାମେଲି ଓଝାଙ୍କ ଉପରେ ସର୍ବ ସମ୍ମୁଖରେ ସରକାରୀ କାର୍ଯ୍ୟାଳୟ ଭିତରେ ହୋଇଥିବା ଅକଥନୀୟ ଅତ୍ୟାଚାର ଗଣତନ୍ତ୍ର ରାଷ୍ଟ୍ରରେ କଦାପି ଶୋଭନୀୟ ନୁହେଁ। ଏପରି କ୍ଷେତ୍ରରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ପାଣିଗ୍ରାହୀ ନିବେଦନ କରିଛନ୍ତି। ଏହି ପତ୍ରର ଏକକିତା ନକଲ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ୍ ସଚିବ, ଗୃହ ବିଭାଗ ସଚିବ, ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ପ୍ରମୁଖଙ୍କୁ ମଧ୍ୟ ପ୍ରଦାନ କରାଯାଇଛି।

# ବିଶ୍ୱର ଶ୍ରେଷ୍ଠ ୫% ବୈଜ୍ଞାନିକଙ୍କ ତାଲିକାରେ କିଟ୍‌ର ୪୫ ପ୍ରଫେସର୍



**ଭୁବନେଶ୍ୱର,୧୬/୬/ଏନ୍ଏନ୍ଏସ୍:** ଗବେଷଣା ଓ ବିଜ୍ଞାନ ପ୍ରତି ଅବଦାନ ଆଧାରରେ ୨୦୨୫ ପାଇଁ ସାଇ-ର୍ୟାଙ୍କ ଗ୍ଲୋବାଲ ରେଜିଷ୍ଟ୍ରି ଦ୍ୱାରା ପ୍ରକାଶିତ ସମ୍ମାନଜନକ 'ଗ୍ଲୋବାଲ୍ ସାଇଣ୍ଟିଷ୍ଟ ଇଣ୍ଡେକ୍ସ'ର ବିଶ୍ୱର ଶ୍ରେଷ୍ଠ ୫ ପ୍ରତିଶତ ବୈଜ୍ଞାନିକ ତାଲିକାରେ କିଟ୍ ବିଶ୍ୱବିଦ୍ୟାଳୟର ୪୫ ଜଣ ପ୍ରଫେସର ସ୍ଥାନ ପାଇଛନ୍ତି।

'ସାଇରାଙ୍କ ଗ୍ଲୋବାଲ୍ ରେଜିଷ୍ଟ୍ରି' ହେଉଛି ଏକ ସ୍ୱାଧୀନ ଏବଂ ସ୍ୱଚ୍ଛ ଗ୍ଲୋବାଲ୍ ବେଞ୍ଚମାର୍କିଂ ପ୍ଲାଟଫର୍ମ। ଏହା ବାଇବ୍ଲିଓମେଟ୍ରିକ୍ ବିଶ୍ଳେଷଣ ମାଧ୍ୟମରେ କେବଳ ଯୋଗ୍ୟତା ଆଧାରରେ ଗବେଷକମାନଙ୍କ ମୂଲ୍ୟାଙ୍କନ କରେ। ୨୦୨୫ ସୂଚକାଙ୍କ ବିଶ୍ୱବ୍ୟାପୀ ୧୦ ନିୟୁତରୁ ଅଧିକ ସକ୍ରିୟ ଗବେଷକ ଏବଂ ପ୍ରାୟ ୫୦ ନିୟୁତ ଗବେଷଣା କାର୍ଯ୍ୟର ପ୍ରୋଫାଇଲ୍ ମୂଲ୍ୟାଙ୍କନ କରାଯାଇଛି। ଶୀର୍ଷ ୫ ପ୍ରତିଶତରେ ସ୍ଥାନ ପାଇଥିବା ବୈଜ୍ଞାନିକମାନଙ୍କୁ ବିଶ୍ୱବ୍ୟାପୀ ସେମାନଙ୍କ ସମକକ୍ଷଙ୍କ ୯୫ ପ୍ରତିଶତ ଅପେକ୍ଷା ଅଧିକ ଉତ୍ପାଦନକ୍ଷମ ଏବଂ ପ୍ରଭାବଶାଳୀ କୁହାଯାଉଛି। ଏହି ମାନ୍ୟତା ବିଶ୍ୱବିଦ୍ୟାଳୟର ଏକ ଗବେଷଣା-ମୁଖୀ ପରିବେଶକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱକୁ ଉଜ୍ଜ୍ୱଳ କରିବା ସହ ଉଚ୍ଚମାନର ପ୍ରକାଶନ, ନବସର୍ଜନା ଏବଂ ଆନ୍ତଃବିଭାଗୀୟ ସହଯୋଗକୁ ପ୍ରୋତ୍ସାହିତ କରିଥାଏ। ସାଇର୍ୟାଙ୍କ ଗ୍ଲୋବାଲ୍ ଦ୍ୱାରା ଗ୍ରହଣ କରାଯାଇଥିବା ପଦ୍ଧତି ଅନୁଯାୟୀ ଗବେଷକମାନଙ୍କୁ ଚୟନ କରିବା ପାଇଁ 'ସାଧାରଣ କମ୍ପୋଜିଟ୍ ସ୍କୋର' ବ୍ୟବହାର କରାଯାଏ; ଏହି ସ୍କୋର ପ୍ରକାଶନ, ଉଦ୍ଧୃତି ଏବଂ ଅନ୍ୟାନ୍ୟ ବାଇବ୍ଲିଓମେଟ୍ରିକ୍ ସୂଚକ ଉପରେ ଆଧାରିତ ବୈଜ୍ଞାନିକ ପ୍ରଭାବର ମୂଲ୍ୟାଙ୍କନ କରେ। ଏହା ବ୍ୟତୀତ, ଏହି ସୂଚକାଙ୍କ ସମସ୍ତ ପ୍ରମୁଖ ଶିକ୍ଷାଗତ ବିଷୟଗୁଡ଼ିକୁ ଅନ୍ତର୍ଭୁକ୍ତ କରେ ଏବଂ ବିଶ୍ୱର ଅନ୍ୟତମ ସର୍ବବୃହତ ମୁକ୍ତ-ଉତ୍ସ ଗବେଷଣା ଡାଟାବେସ୍ 'ଓପନ୍ ଆଲେକ୍ସ'ର ତଥ୍ୟ ଆଧାରରେ ସ୍ୱଚ୍ଛତା ଏବଂ ଅନ୍ତର୍ଭୁକ୍ତି ସୁନିଶ୍ଚିତ କରିଥାଏ। ଏହି ସଫଳତାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ଏହି ସମ୍ମାନଜଣକ ବିଶ୍ୱ ତାଲିକାରେ କିଟ୍ ପ୍ରଫେସରମାନେ ସାମିଲ ହେବା ଦ୍ୱାରା କିଟ୍‌ର ଅନ୍ତର୍ଜାତୀୟ ଶୈକ୍ଷିକ ସ୍ଥିତି ଆହୁରି ମଜବୁତ ହେବ ବୋଲି କହିଛନ୍ତି। ଏହା ସହ ଗବେଷଣା ସହଯୋଗ, ନବସର୍ଜନା ଏବଂ ଛାତ୍ର ପରାମର୍ଶ ପାଇଁ ଉନ୍ନତ ସୁଯୋଗ ସୃଷ୍ଟି ହେବ। କିଟ୍‌ରେ ଗବେଷଣା ଆଧାରିତ ଶିକ୍ଷା, ସାମାଜିକ ପ୍ରଭାବ ଏବଂ ବିଶ୍ୱସ୍ତରୀୟ ଶୈକ୍ଷିକ ମାନଦଣ୍ଡ ଉପରେ ଗୁରୁତ୍ୱ ଦିଆଯିବା ଦ୍ୱାରା କିଟ୍ ବର୍ଷ ବର୍ଷ ଧରି ବହୁ ଅନ୍ତର୍ଜାତୀୟ ସମ୍ମାନ ଆଣିପାରିଛି ବୋଲି ଶ୍ରୀ ସାମନ୍ତ କହିଛନ୍ତି।

## ଜିଲ୍ଲାପାଳଙ୍କ ସହ ମୁଖ୍ୟ ସଚିବଙ୍କ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା

# ନିଟ୍ ପୁନଃ ପରୀକ୍ଷା ଶୃଙ୍ଖଳିତ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୧୬/୬/ଏନ୍ଏନ୍ଏସ୍:** ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳମାନଙ୍କ ସହିତ ଏକ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଂଜନ କୁମାର ସିଂ, ଗୃହ, ଶିଳ୍ପ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ ଅରବିନ୍ଦ କୁମାର ପାଢ଼ୀଙ୍କ ସମେତ ସମ୍ପୃକ୍ତ ବିଭିନ୍ନ ବିଭାଗର ସଚିବମାନେ ଯୋଗ ଦେଇଥିଲେ। ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିବା ବେଳେ ଜଗତସିଂହପୁର, କଟକ, ବାଲେଶ୍ୱର, ଭଦ୍ରକ, ଅନୁଗୋଳ, କେନ୍ଦ୍ରାପଡ଼ା ଆଦି ଜିଲ୍ଲାର ଜିଲ୍ଲାପାଳମାନେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଉପସ୍ଥିତ ଥିଲେ।



ବନୀକରଣ ପାଇଁ ସ୍ୱତନ୍ତ୍ର ଜମି ବ୍ୟାଙ୍କ ସୃଷ୍ଟି ଓ ତୁରନ୍ତ ଜମି ଚିହ୍ନଟ ପ୍ରକ୍ରିୟାକୁ ଅଗ୍ରାଧିକାର

ସମସ୍ତ ସରକାରୀ ଚିକିତ୍ସାଳୟରେ ଅଗ୍ନି ସୁରକ୍ଷା ବ୍ୟବସ୍ଥା ଓ ନିୟମିତ ମକ୍ ଡ୍ରିଲ୍‌କୁ ପ୍ରାଥମିକତା

ଶସ୍ୟ ସଂରକ୍ଷଣ ଗୋଦାମ ନିର୍ମାଣ ପାଇଁ ଜମି ଆବଣ୍ଟନ ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ

ବୈଠକରେ ଜୁନ୍ ୨୧ ରେ ନିଟ୍ -୨୦୨୬ ପୁନଃ ପରୀକ୍ଷା ପ୍ରସ୍ତୁତି ସମ୍ପର୍କରେ ଜିଲ୍ଲାପାଳମାନଙ୍କ ସହିତ ଆଲୋଚନା କରାଯାଇଥିଲା। ପରୀକ୍ଷା ପରିଚାଳନା ଶୃଙ୍ଖଳିତ ଭାବେ ଆୟୋଜନ କରିବାକୁ ସମସ୍ତ ପ୍ରସ୍ତୁତି ସୁନିଶ୍ଚିତ କରିବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଥିଲେ। ଏ ସମ୍ପର୍କରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିସ୍ତୃତ ଆଲୋଚନା କରିଥିଲେ। ପରୀକ୍ଷାର୍ଥୀମାନଙ୍କୁ ପରୀକ୍ଷା କେନ୍ଦ୍ର ନିକଟସ୍ଥ ରେଳ ଷ୍ଟେସନ ବା ବସ୍ ଷ୍ଟାଣ୍ଡରୁ ପରୀକ୍ଷା କେନ୍ଦ୍ରକୁ ଯିବା ଏବଂ ଫେରିବା ନିମନ୍ତେ ନିଃଶୁଳ୍କ ବସ୍ ସେବା ଯୋଗାଇ ଦେବାକୁ ପରିବହନ ବିଭାଗକୁ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ନିଟ୍ ପରୀକ୍ଷା ଏବଂ ଆନ୍ତର୍ଜାତିକ ଯୋଗ ଦିବସ ଏକା ଦିନରେ ଥିବାରୁ ଉଭୟ କାର୍ଯ୍ୟକ୍ରମର ସୁଚାରୁ ପରିଚାଳନା ପାଇଁ ସମନ୍ୱିତ ପ୍ରସ୍ତୁତି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, କ୍ଷତିପୂରଣମୂଳକ ବନୀକରଣ ପାଇଁ ଉପଯୁକ୍ତ ସରକାରୀ ଜମି ଚିହ୍ନଟ ଓ ସଂରକ୍ଷଣକୁ ରାଜ୍ୟ ସରକାର ଗୁରୁତ୍ୱ ପ୍ରଦାନ କରୁଥିବା ସମ୍ପର୍କରେ ଆଲୋକପାତ କରିଥିଲେ। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଭିତ୍ତିଭୂମି ଓ ବିକାଶମୂଳକ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଥିବାରୁ ଉଭୟ ବିକାଶ ଓ ପରିବେଶ ସୁରକ୍ଷା ମଧ୍ୟରେ ସନ୍ତୁଳନ ରକ୍ଷାକୁ ଦୃଷ୍ଟିରେ ରଖି ଏବଂ ସବୁଜ ଆବରଣ ବୃଦ୍ଧି କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଉଛି। ଏହି ଉଦ୍ଦେଶ୍ୟରେ କ୍ଷତିପୂରଣମୂଳକ ବନୀକରଣ ପାଇଁ ସ୍ୱତନ୍ତ୍ର ଭୂ-ବ୍ୟାଙ୍କ ସୃଷ୍ଟିକୁ ଅଗ୍ରାଧିକାର ଦିଆଯାଇଛି। ଉପଯୁକ୍ତ ଜମି ଚିହ୍ନଟ ଓ ତଥ୍ୟ ଅଦ୍ୟତନ ପ୍ରକ୍ରିୟାକୁ ଶୀଘ୍ର ସମ୍ପନ୍ନ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବୈଠକରେ ଆଲୋଚନା କରାଯାଇ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦିଆଯାଇଛି।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସମ୍ପର୍କିତ ସମୀକ୍ଷାରେ ସମସ୍ତ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ଅଗ୍ନି ଓ ବୈଦ୍ୟୁତିକ ସୁରକ୍ଷା ବ୍ୟବସ୍ଥାକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଅଗ୍ନି ସୁରକ୍ଷା ସମ୍ବନ୍ଧୀୟ ତ୍ରୁଟିଗୁଡ଼ିକର ଶୀଘ୍ର ସଂଶୋଧନ, ନିୟମିତ ଫାୟାର ସେଫ୍ଟି ଅଡିଟ୍, ମକ୍ ଡ୍ରିଲ୍, ଅଗ୍ନି ସୁରକ୍ଷା ପ୍ରମାଣପତ୍ରର ନବୀକରଣ ଉପରେ କାର୍ଯ୍ୟାନୁଷ୍ଠାନ ବିବରଣୀ ସମ୍ପର୍କରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ବିଭିନ୍ନ ସରକାରୀ ହସ୍ପିଟାଲରେ ଔଷଧ ସହ ଓ ରୋଗ ନିରୂପଣ ସେବାର ଉପଲବ୍ଧତା, ଟିକାକରଣ କାର୍ଯ୍ୟକ୍ରମର ଅଗ୍ରଗତି, ଟିବି ନିରାକରଣ ଅଭିଯାନ, ଜୁନ୍ ୧୬ରୁ ୩୧ ଜୁଲାଇ ପର୍ଯ୍ୟନ୍ତ 'ଷ୍ଟପ୍ ଡାଇରିଆ'ଅଭିଯାନର ସଫଳ ରୂପାୟନ, ହସ୍ପିଟାଲ ଜମିର ଭୂ-ଅଧିକାର ସ୍ୱତ୍ୱ ( ରେକର୍ଡ ଅଫ୍ ରାଇଟ୍ସ ) ସୁନିଶ୍ଚିତ କରିବା ଏବଂ ବିଭିନ୍ନ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଫଳପ୍ରଦ କାର୍ଯ୍ୟାନ୍ୱୟନ ପାଇଁ ଜିଲ୍ଲା ସ୍ତରରେ ନିୟମିତ ତଦାରଖ ଓ ସମନ୍ୱୟ ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସମବାୟ ବିଭାଗ ସମ୍ପର୍କିତ ସମୀକ୍ଷାରେ ପାକ୍ସ, ଲାମ୍ପ୍ସଗୁଡ଼ିକର ଭିତ୍ତିଭୂମି ସୁଦୃଢ଼ୀକରଣ, ଜମି ଆବଣ୍ଟନ ଏବଂ ଗୋଦାମ ନିର୍ମାଣକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ପାକ୍ସ, ଲାମ୍ପ୍ସଗୁଡ଼ିକ ପାଇଁ ଅଫିସ ଗୃହ ଓ ଗୋଦାମ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା, ଏଥିପାଇଁ ଜମି ଆବଣ୍ଟନ ପ୍ରକ୍ରିୟାକୁ ଶୀଘ୍ର ସମ୍ପନ୍ନ କରିବା ପାଇଁ ବିଭାଗୀୟ କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟରେ ଶସ୍ୟ ସଂରକ୍ଷଣ ପାଇଁ ସ୍ଥାନ ଅଭାବକୁ ଦୂର କରିବା ପାଇଁ 'ବିଶ୍ୱର ସର୍ବବୃହତ ଶସ୍ୟ ସଂରକ୍ଷଣ ଯୋଜନା' ଅନ୍ତର୍ଗତ ବୃହତ୍ କ୍ଷମତାସମ୍ପନ୍ନ ଗୋଦାମ ନିର୍ମାଣ ନିମନ୍ତେ ଉପଯୁକ୍ତ ଜମି ଚିହ୍ନଟ ଉପରେ ଜିଲ୍ଲାପାଳମାନଙ୍କ ଦ୍ୱାରା ଜମି ଚିହ୍ନଟ ସମ୍ପର୍କିତ ଆଲୋଚନା କରାଯାଇ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ପାକ୍ସ, ଲାମ୍ପ୍ସଗୁଡ଼ିକୁ ଆଗାମୀ ଦିନରେ କୃଷି ଉପଯୋଗୀ ବହୁମୁଖୀ ସେବା କେନ୍ଦ୍ର ଭାବେ ବ୍ୟବହାର କରାଯିବା ନେଇ ଉନ୍ନୟନ କମିଶନର ଗୁରୁତ୍ୱ ଦେଇଥିଲେ।

# ପାଠ୍ୟପୁସ୍ତକରେ ତ୍ରୁଟି ନେଇ ବର୍ଷିଲା ବିଜେଡି

**ଭୁବନେଶ୍ୱର,୧୬/୬/ଏନ୍ଏନ୍ଏସ୍:** ନୂତନ କରି ପ୍ରକାଶ ପାଇଥିବା ଓଡ଼ିଆ ପାଠ୍ୟପୁସ୍ତକରେ ବିରାଟ ତ୍ରୁଟି ହୋଇଛି। ନୂତନ ଏନ୍‌ଇପି-୨୦୨୦ ଅନୁସାରେ ପ୍ରକାଶ ହୋଇଥିବା ଓଡ଼ିଆ ମାଧ୍ୟମ ପାଠ୍ୟପୁସ୍ତକରେ ଅଭୂତପୂର୍ବ ଓ ଲଜ୍ଜାଜନକ ତ୍ରୁଟି ହୋଇଛି। ଏନେଇ ବିଜେଡି ପକ୍ଷରୁ ଆହୂତ ସାମ୍ବାଦିକ ସମ୍ମିଳନୀ ଜରିଆରେ ଓଡିଶାର ନେତୃତ୍ୱାଧୀନ ବିଜେପି ସରକାରଙ୍କୁ ତୀବ୍ର ନିନ୍ଦା କରାଯାଇଛି। ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ ଲେନିନ୍ ମହାନ୍ତି ଏହି ପାଠ୍ୟପୁସ୍ତକଗୁଡ଼ିକୁ 'ଜାତୀୟ ଲଜ୍ଜା' ବୋଲି କହିଛନ୍ତି। ଓଡିଆ ଅସ୍ମିତା ପ୍ରତି କୋଠର ଆଘାତ କରିବା ସହ ଓଡ଼ିଆ ଭାଷା, ସଂସ୍କୃତି ଏବଂ ଲକ୍ଷ ଲକ୍ଷ ପିଲାଙ୍କ ଭବିଷ୍ୟତ ଉପରେ ସିଧା ଆକ୍ରମଣ। ଡଃ ମହାନ୍ତି କହିଛନ୍ତି,ଏହି ପାଠ୍ୟପୁସ୍ତକ ମାଧ୍ୟମରେ ତାହାର ସମ୍ପୂର୍ଣ୍ଣ ତ୍ରୁଟି ପ୍ରକାଶ କରିଛି। ସେମାନେ ଓଡ଼ିଆ ଗର୍ବକୁ ପ୍ରୋତ୍ସାହିତ କରୁନାହାନ୍ତି, ବରଂ ଅଯୋଗ୍ୟତା, ଅଦକ୍ଷତା ଓ ମାତୃଭାଷା ପ୍ରତି ଅସମ୍ମାନ ପ୍ରଦର୍ଶନ କରୁଛନ୍ତି। ଏହା ଏକ ନକଲି ଅସ୍ମିତା ବାର୍ତ୍ତା ଯାହାକି ପ୍ରତିଟି ଓଡିଆଙ୍କ ଭାବାବେଗ ସହ ଖେଳିଛନ୍ତି। ଓଡ଼ିଶା ପାଠ୍ୟକ୍ରମ ୨୦୨୫ ଅନୁସାରେ ଏସ୍‌ସିଇଆରଟି ଓଡ଼ିଶା ଦ୍ୱାରା ପ୍ରସ୍ତୁତ ନୂତନ ପାଠ୍ୟପୁସ୍ତକରେ ଶ୍ରେଣୀ ୧ରୁ ୮ ପର୍ଯ୍ୟନ୍ତ ପ୍ରାୟ ୧୬୭୮ଟି ତ୍ରୁଟି ଚିହ୍ନଟ ହୋଇଛି। ସର୍ବାଧିକ ୭୦୫ଟି ତ୍ରୁଟି କେବଳ ଶ୍ରେଣୀ ୮ ପୁସ୍ତକରେ ରହିଛି।

# ୪ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ କୋଷାଗୁଡ଼ା ରାଜସ୍ୱ ନିରୀକ୍ଷକ

**ଭୁବନେଶ୍ୱର,୧୬/୬/ଏନ୍ଏନ୍ଏସ୍:** କୋରାପୁଟ ଜିଲ୍ଲା ଗୋରିଗୁମ୍ମା ତହସିଲ ଅଧୀନ କୋଷାଗୁଡ଼ା ରାଜସ୍ୱ ସର୍କଲ୍‌ର ରାଜସ୍ୱ ନିରୀକ୍ଷକ ଶୈଳବାଳା ନାୟକ ମତ୍ସ୍ୟ ପୋଖରୀ ଯୋଜନାରେ ଟ୍ରେସ୍ ମାନଚିତ୍ର ଯୋଗାଇଦେବା ପାଇଁ ଅଭିଯୋଗକାରୀଙ୍କଠାରୁ ହାତଗୁଞ୍ଜା (ଲାଞ୍ଚ) ନେଉଥିବା ବେଳେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ (ଭିଜିଲାନ୍‌ସ) ହାତରେ ରଙ୍ଗେହାତ ଧରାପଡ଼ିଛନ୍ତି। ମିଳିଥିବା ସୂଚନାନୁସାରେ, ଜଣେ ଅଭିଯୋଗକାରୀ ସରକାରଙ୍କ ମତ୍ସ୍ୟ ପୋଖରୀ ଯୋଜନାରେ ମାଛ ପୋଖରୀ ଖୋଳାଇବା କାର୍ଯ୍ୟରେ ରିହାତି ନିମନ୍ତେ ଆବେଦନ କରିଥିଲେ। ସରକାରୀ ନିୟମାନୁସାରେ ଏହି ଯୋଜନାର ସଫଳ ରୂପାୟନ ଓ ପୋଖରୀର ସ୍ଥିତି ସ୍ପଷ୍ଟ କରିବା ପାଇଁ ମତ୍ସ୍ୟବିଭାଗ ନିକଟରେ ମାଛ ପୋଖରୀର ଏକ ଟ୍ରେସ୍ ମାନଚିତ୍ର ଦାଖଲ କରିବା ଆବଶ୍ୟକ ହୋଇଥାଏ। ଏହି ଟ୍ରେସ୍ ମାନଚିତ୍ର ଯୋଗାଇଦେବା ବଦଳରେ କୋଷାଗୁଡ଼ା ରାଜସ୍ୱ ନିରୀକ୍ଷକ ଶୈଳବାଳା ନାୟକ ଅଭିଯୋଗକାରୀଙ୍କୁ ୪ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଅଭିଯୋଗକାରୀ ଏହାକୁ ବିରୋଧ କରିବା ସହ କୋରାପୁଟ ଦୁର୍ନୀତି ନିବାରଣ ବିଭାଗ ନିକଟରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଭିଜିଲାନ୍‌ସ ପକ୍ଷରୁ ଦୁର୍ନୀତି ନିବାରଣ ଆଇନର ଧାରା ୭ ଅନୁସାରେ ଏକ ମାମଲା ରୁଜୁ କରାଯାଇଥିଲା। ପୂର୍ବ ପ୍ରସ୍ତୁତ ଯୋଜନା ମୁତାବକ ଆଜି ମଙ୍ଗଳବାର ଦିନ ଅଭିଯୋଗକାରୀଙ୍କଠାରୁ ରାଜସ୍ୱ ନିରୀକ୍ଷକ ଶୈଳବାଳା ନାୟକ ୪ ହଜାର



ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ସମୟରେ ପୂର୍ବରୁ ଓତ ପେତି ରହିଥିବା ଭିଜିଲାନ୍‌ସ ଦଳ ତାଙ୍କୁ ରଙ୍ଗେହାତ କାବୁ କରିଥିଲେ। ତାଙ୍କ ନିକଟରୁ ଲାଞ୍ଚ ଅର୍ଥ ଜବତ କରାଯିବା ସହ ଘଟଣାସ୍ଥଳରେ ହିଁ ଗିରଫ କରାଯାଇଛି। ଏହି ସଫଳ ଚଢ଼ାଉ ପରେ ଦୁର୍ନୀତି ନିବାରଣ ବିଭାଗର ସ୍ୱତନ୍ତ୍ର ଦଳ ଅଭିଯୁକ୍ତ ରାଜସ୍ୱ ନିରୀକ୍ଷକଙ୍କ କୋଷାଗୁଡ଼ାସ୍ଥିତ କାର୍ଯ୍ୟାଳୟ ଏବଂ ତାଙ୍କ ବାସଭବନରେ ଏକକାଳୀନ ଚଢ଼ାଉ କରିଛନ୍ତି। ଶୈଳବାଳା ନାୟକଙ୍କ ଦ୍ୱାରା ଆୟବହିର୍ଭୂତ ସମ୍ପତ୍ତି ଠୁଳ କରାଯାଇଥିବା ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ବିଭିନ୍ନ କାଗଜପତ୍ର ଓ ସମ୍ପତ୍ତିର ଖୋଳତାଡ଼ ସହ କଡ଼ା ତଦନ୍ତ ଜାରି ରହିଛି। ଏହି ଖବର ପ୍ରସାରିତ ହେବା ପରେ ସ୍ଥାନୀୟ ଅଞ୍ଚଳର ସରକାରୀ ବାବୁମାନଙ୍କ ମଧ୍ୟରେ କାଳବୈଶାଖୀର ଆତଙ୍କ ଖେଳିଯାଇଛି। ସାମ୍ବାଦିକ ଲମ୍ବୋଦର ପ୍ରସାଦ ଦାଶଙ୍କ ରିପୋର୍ଟ ଅନୁସାରେ ଭିଜିଲାନ୍ସ ବିଭାଗ ଆଗାମୀ ଦିନରେ ଏଭଳି ଦୁର୍ନୀତିଖୋରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆହୁରି ଜୋରଦାର କରିବ ବୋଲି ସୂଚନା ମିଳିଛି।

# ବ୍ରାଉନ୍‌ସୁଗର୍ ଓ ଗଞ୍ଜେଇ ସିଣ୍ଡିକେଟ୍‌ର ପର୍ଦ୍ଦାଫାଶ୍: ୧୧ ଗିରଫ

## ଲକ୍ଷାଧିକ ଟଙ୍କାର ନିଶା ସାମଗ୍ରୀ ଜବତ

**ଫୁଲବାଣୀ,୧୬/୬/ଏନ୍ଏନ୍ଏସ୍:** କନ୍ଧମାଳ ଜିଲ୍ଲାରେ ବେଆଇନ ନିଶା କାରବାର ଓ ଚୋରା ଚାଲାଣ ବିରୋଧରେ ଫୁଲବାଣୀ ପୁଲିସକୁ ଏକ ବଡ଼ ସଫଳତା ମିଳିଛି। ସହରରେ ସକ୍ରିୟ ଥିବା ଏକ ପ୍ରଭାବଶାଳୀ ବ୍ରାଉନସୁଗର୍ ଏବଂ ଗଞ୍ଜେଇ ସିଣ୍ଡିକେଟ୍‌ର ପର୍ଦ୍ଦାଫାଶ କରି ପୁଲିସ ଏହି କାରବାରର ମୁଖ୍ୟ ସୂତ୍ରଧର ତଥା କିଙ୍ଗପିନ୍ ଶିବାପ୍ରପିତା ପଟ୍ଟନାୟକଙ୍କ ସମେତ ୧୧ ଜଣଙ୍କୁ ଗିରଫ କରିଛି। ଏ ନେଇ ଆୟୋଜିତ ଏକ ସମ୍ବାଦିକ ସମ୍ମିଳନୀରେ କନ୍ଧମାଳ ଆରକ୍ଷୀ ଅଧୀକ୍ଷକ ରମେନ୍ଦ୍ର ପ୍ରସାଦ ସୂଚନା ଦେଇଛନ୍ତି। ଏହି ଘଟଣାର ସବୁଠାରୁ ଚାଞ୍ଚଲ୍ୟକର ତଥ୍ୟ ହେଉଛି, ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ଅରବିନ୍ଦନଗରର ମନୋରଞ୍ଜନ ସାବତ ଅଛନ୍ତି, ଯିଏ କି ନିଜେ ପୁଲିସ ବିଭାଗର ଜଣେ କନେଷ୍ଟବଳ। ଆଇନର ରକ୍ଷକ ସାଜି ନିଶା ମାଫିଆଙ୍କ ସହ ହାତ ମିଳାଇଥିବା ଏହି କନେଷ୍ଟବଳଙ୍କୁ ପୁଲିସ କୌଣସି ଅନୁକମ୍ପା ନଦେଖାଇ ସିଧାସଳଖ ଗିରଫ କରିଛି।

ଫୁଲବାଣୀ ସଦର ମହକୁମା ଆରକ୍ଷୀ ଅଧିକାରୀ ଶୁଭ୍ରଜିତ ବିଶ୍ୱାଳ, ଆଦର୍ଶ ଥାନା ଅଧିକାରୀ ପ୍ରଜ୍ଞା ରୀତାମ୍ବର କର,



ଫୁଲବାଣୀ ଟାଉନ ଥାନାର ଉପ-ନିରୀକ୍ଷକ ରୀତାଞ୍ଜଳି ସାହୁ ଏବଂ ମନୋରଞ୍ଜନ ଭୋଇଙ୍କ ନେତୃତ୍ୱରେ ଗଠିତ ପୁଲିସ ଦଳ ପଟାବାଲିସାହି ଶ୍ମଶାନ ନିକଟରେ ଚଢ଼ାଉ କରି ପ୍ରଥମେ ୧୦ ଜଣଙ୍କୁ କାବୁ କରିଥିଲେ। ପରେ ସେମାନଙ୍କ ଜେରା ଆଧାରରେ ମୁଖ୍ୟ ଯୋଗାଣକାରୀ ଶିବାପ୍ରପିତାଙ୍କୁ ଗିରଫ କରାଯାଇଥିଲା। ଏହି ମାମଲା ମଡେଲ ଟାଉନ ଥାନାରେ ସ୍ୱତନ୍ତ୍ର ନିଶାଦ୍ରବ୍ୟ ଆଇନ ଅନୁସାରେ ରୁଜୁ ହୋଇଛି। ଚଢ଼ଉ ବେଳେ ପୁଲିସ ପ୍ରାୟ ୩ ଲକ୍ଷ ଟଙ୍କାର ନିଶା ସାମଗ୍ରୀ ଜବତ କରିଛି, ଯେଉଁଥିରେ ୨୨ କିଲୋ ୧୭୨୦ ଗ୍ରାମ ଗଞ୍ଜେଇ ଏବଂ ୭.୭୫ ଗ୍ରାମ ବ୍ରାଉନସୁଗର୍ ସାମିଲ ଅଛି। ଏହା ସହିତ ଅପରାଧରେ ବ୍ୟବହୃତ ଦୁଇଟି ମୋଟରସାଇକେଲ ଏବଂ ୭ଟି ମୋବାଇଲ ଫୋନ ମଧ୍ୟ ଜବତ କରାଯାଇଛି। ଗିରଫ ହୋଇଥିବା ଅନ୍ୟ ଅଭିଯୁକ୍ତମାନେ ହେଲେ ଫୁଲବାଣୀ ସାହିର ଆଦେଶ କୁମାର ମହାପାତ୍ର, ଦେବାଶିଷ ପାତ୍ର, ଶ୍ରୀଧର ମହାନ୍ତି, ସୀମାଞ୍ଚଳ ମହାନ୍ତି, ନୀଳାମଣି ବାରିକ ଏବଂ କିଙ୍ଗପିନ୍ ଶିବାପ୍ରପିତା ପଟ୍ଟନାୟକ। ସେହିପରି ଟିକାବାଲି ଅଞ୍ଚଳର ବାଳକୃଷ୍ଣ ମଲ୍ଲିକ ଓ ବାଲୁକେଶ୍ୱର ନାୟକ, ଗୋଚ୍ଛାପଡ଼ାର ଜଗତ କାନହାର ଓ ଅବିକ୍ଷିତ ଦିଗାଲ ଏବଂ ପୁଲିସ କନେଷ୍ଟବଳ ମନୋରଞ୍ଜନ ସାବତ ମଧ ଏହି ନିଶା କାରବାରରେ ସମ୍ପୃକ୍ତ ଥିବାରୁ ଗିରଫ ହୋଇଛନ୍ତି। କନ୍ଧମାଳ ପୁଲିସ ଏହି କାର୍ଯ୍ୟାନୁଷ୍ଠାନ ଜରିଆରେ ସ୍ପଷ୍ଟ ଚେତାବନୀ ଦେଇଛି ଯେ, ଅପରାଧୀ ଯେତେ ପ୍ରଭାବଶାଳୀ କିମ୍ବା ନିଜ ବିଭାଗର ହୋଇଥିଲେ ମଧ କାହାକୁ ଛଡ଼ାଯିବ ନାହିଁ ଏବଂ ଜିଲ୍ଲାକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବା ପାଇଁ ଆଗାମୀ ଦିନରେ ଏଭଳି ଚଢ଼ାଉ ଜାରି ରହିବ।



ପୂର୍ବତନ କେନ୍ଦ୍ର ମନ୍ତ୍ରୀ ସୁରେଶ ପ୍ରଭୁ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଆଲୋଚନା କରୁଛନ୍ତି

# ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି: ନିଟ୍ ପରୀକ୍ଷାର୍ଥୀଙ୍କୁ ମିଳିବ ସ୍ୱତନ୍ତ୍ର ମାଗଣା ବସ୍ ସେବା



**ଭୁବନେଶ୍ୱର,୧୬/୬/ଏନ୍ଏନ୍ଏସ୍:** ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି କ୍ରମେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ବିଭାଗ ତରଫରୁ ଜୁନ୍ ୨୧ ତାରିଖରେ 'ନିଟ୍' ପରୀକ୍ଷାର୍ଥୀଙ୍କ ପାଇଁ ନିଃଶୁଳ୍କ ବସ୍ ସେବାର ବ୍ୟବସ୍ଥା କରାଯାଇଛି, ଯାହାକୁ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ଏବଂ କମ୍ପ୍ରିହେନ୍‌ସିଭ୍ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ ମିଳିତ ଭାବେ ପରିଚାଳନା କରୁଛନ୍ତି। ଏହି ବ୍ୟବସ୍ଥା ଅଧୀନରେ ଓଏସ୍‌ଆରଟିସି, ମୁଖ୍ୟମନ୍ତ୍ରୀ ବସ୍ ସେବା ଓ 'ଆମ ବସ୍' ମାଧ୍ୟମରେ ପ୍ରମୁଖ ରେଳ ଷ୍ଟେସନ ଏବଂ ବସଷ୍ଟାଣ୍ଡ ଗୁଡ଼ିକରୁ ପରୀକ୍ଷା କେନ୍ଦ୍ର ପର୍ଯ୍ୟନ୍ତ ବସ୍ ସେବା ସିଧାସଳଖ ଉପଲବ୍ଧ ହେବ। ରାଜ୍ୟର ୧୩୪ଟି କେନ୍ଦ୍ରରେ ପରୀକ୍ଷା ଦେବାକୁ ଥିବା ସମସ୍ତ ପରୀକ୍ଷାର୍ଥୀ ସରକାରଙ୍କ ଦ୍ୱାରା ପରିଚାଳିତ ବସ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର ବସରେ ନିଜର ବୈଧ ପ୍ରବେଶ ପତ୍ର ଦେଖାଇ ଏହି ସୁବିଧାର ଲାଭ ଉଠାଇପାରିବେ। ପରୀକ୍ଷାର୍ଥୀଙ୍କ ଯାତାୟାତ ପାଇଁ ବସ୍ ଗୁଡ଼ିକ ଦୁଇଟି ପର୍ଯ୍ୟାୟରେ ଚାଲିବ। ପ୍ରଥମ ପର୍ଯ୍ୟାୟରେ ପରୀକ୍ଷା ପୂର୍ବରୁ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ପରୀକ୍ଷା ସରିବା ପରେ। ସମସ୍ତ ପରୀକ୍ଷାର୍ଥୀ ନିଜ ନିଜ ସ୍ଥାନକୁ ଫେରିବା ପର୍ଯ୍ୟନ୍ତ ଏହି ନିଃଶୁଳ୍କ ସେବା ଜାରି ରହିବ। ଓଏସ୍‌ଆର୍‌ଟିସି ଏବଂ କ୍ରୁଟ୍ ପକ୍ଷରୁ ନିଃଶୁଳ୍କ ବସ ସେବାର ସୁପରିଚାଳନା ତଥା ପ୍ରତି ଜିଲ୍ଲାରେ ସଠିକ୍ ସମନ୍ୱୟ ପାଇଁ ପରିବହନ ଆୟୁକ୍ତଙ୍କ ଦ୍ୱାରା ଆହୁତ ବୈଠକରେ ସମସ୍ତ ଆରଟିଓ ମାନଙ୍କ ସହ ଆଲୋଚନା କରାଯାଇଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବସ୍ ଗୁଡ଼ିକରେ ପର୍ଯ୍ୟାପ୍ତ ପାନୀୟ ଜଳ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧାର ବ୍ୟବସ୍ଥା କରାଯିବା ସହ, ପରୀକ୍ଷାର୍ଥୀଙ୍କ ସହଜ ଯାତାୟାତ ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳମାନଙ୍କୁ ଚିଠି ଲେଖାଯାଇଛି, ଯାହାଦ୍ୱାରା ଜିଲ୍ଲା ପ୍ରଶାସନ ମଧ୍ୟ ସକ୍ରିୟତାର ସହ ଏହି କାର୍ଯ୍ୟକ୍ରମକୁ ସଫଳତାର ସହ କାର୍ଯ୍ୟକାରୀ କରିପାରିବେ। ଏହାସହ ଏହି ସେବା ସମ୍ପର୍କରେ ପରୀକ୍ଷାର୍ଥୀଙ୍କ ନିକଟରେ ସୂଚନା ପହଞ୍ଚାଇବାକୁ ସୋଶିଆଲ ମିଡିଆରେ ତଥ୍ୟ ପ୍ରଦାନ କରିବା ଓ ହେଲ୍ପଲାଇନ ନମ୍ବର ଦେବାକୁ ଆର୍‌ଟିଓ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ନିଟ୍-ୟୁଜି ପରୀକ୍ଷା ପାଇଁ ରାଜ୍ୟରେ କଡ଼ା ସୁରକ୍ଷା ବ୍ୟବସ୍ଥା

# ସ୍ୱଚ୍ଛ ଓ ଅବାଧ ପରିଚାଳନା ପାଇଁ ତ୍ରିସ୍ତରୀୟ ସୁରକ୍ଷା ବଳୟ ପ୍ରସ୍ତୁତ

**ଭୁବନେଶ୍ୱର,୧୬/୬/ଏନ୍ଏନ୍ଏସ୍:** ଆସନ୍ତା ଜୁନ୍ ୨୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ନିଟ୍ ୟୁଜି - ୨୦୨୬ ପରୀକ୍ଷାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ, ଅବାଧ ଏବଂ ସୁରକ୍ଷିତ ଭାବରେ ସମାପ୍ତ କରିବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ରାଜଧାନୀ ଭୁବନେଶ୍ୱରସ୍ଥିତ ପୁଲିସ ମୁଖ୍ୟାଳୟ କ୍ୟାମ୍ପ କାର୍ଯ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ରାଜ୍ୟର ବିଭିନ୍ନ ଜିଲ୍ଲାରେ ରହିଥିବା ୧୩୨ଟି ପରୀକ୍ଷା କେନ୍ଦ୍ରରେ ଏହି ଜାତୀୟ ସ୍ତରୀୟ ପରୀକ୍ଷା କରାଯିବ। ପରୀକ୍ଷା ସମୟରେ ଆଇନଶୃଙ୍ଖଳା ପରିସ୍ଥିତିକୁ ସୁଦୃଢ଼ ରଖିବା ସହିତ ସମଗ୍ର ପ୍ରକ୍ରିୟାକୁ ତ୍ରୁଟିଶୂନ୍ୟ କରିବା ପାଇଁ ପ୍ରତ୍ୟେକ କେନ୍ଦ୍ରରେ କଡ଼ା ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ଆରକ୍ଷୀ ମହାନିର୍ଦ୍ଦେଶକ ସମସ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏବଂ ବରିଷ୍ଠ ପୁଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଉକ୍ତ ଉଚ୍ଚସ୍ତରୀୟ ବୈଠକରେ ପରୀକ୍ଷା କେନ୍ଦ୍ରଗୁଡ଼ିକର ଆଭ୍ୟନ୍ତରୀଣ ସୁରକ୍ଷା,

## ଗୁଜବକାରୀଙ୍କ ଉପରେ ରହିବ ସାଇବର ସେଲ୍‌ର ତୀକ୍ଷ୍ଣ ନଜର

ସିସିଟିଭି ନିରୀକ୍ଷଣ, ପ୍ରଶ୍ନପତ୍ର ସଂରକ୍ଷିତ ଥିବା ବ୍ୟାଙ୍କ ଲକରର ନିରାପତ୍ତା ସମେତ ପରୀକ୍ଷା କେନ୍ଦ୍ର ପରିସର ଭିତରେ ଓ ବାହାରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଉପରେ ବିସ୍ତୃତ ଆଲୋଚନା କରାଯାଇଛି। ଏହା ସହିତ ପରୀକ୍ଷାର୍ଥୀ ଓ ଅଭିଭାବକମାନଙ୍କ ସୁବିଧା ପାଇଁ ଟ୍ରାଫିକ ପରିଚାଳନା ଏବଂ ଆପାତକାଳୀନ



ପ୍ରତିକ୍ରିୟା ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ସମୀକ୍ଷା ହୋଇଛି। ପରୀକ୍ଷାକୁ ନେଇ ସାମାଜିକ ଗଣମାଧ୍ୟମରେ ଯେପରି କୌଣସି ଭ୍ରାନ୍ତ ତଥ୍ୟ, ପ୍ରଶ୍ନପତ୍ର ପ୍ରଘଟ ସମ୍ବନ୍ଧୀୟ ମିଥ୍ୟା ଖବର କିମ୍ବା ଗୁଜବ ପ୍ରଚାର ନହୁଏ, ସେଥିପାଇଁ ସାଇବର ସେଲ୍ ଏବଂ ସାମାଜିକ ଗଣମାଧ୍ୟମ ନିରୀକ୍ଷଣ ସଂସ୍ଥାକୁ ଅଧିକ ସକ୍ରିୟ ଓ ସତର୍କ ରହିବାକୁ କୁହାଯାଇଛି। ପରୀକ୍ଷା ଶେଷ ହେବା ମାତ୍ରେ ହିଁ ଓଏମଆର ଉତ୍ତର ଖାତାଗୁଡ଼ିକୁ କେନ୍ଦ୍ରରୁ ସଂଗ୍ରହ କରି ନିର୍ଦ୍ଦିଷ୍ଟ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ପ୍ରଚଳିତ ନିର୍ଦ୍ଦେଶାବଳୀର କଡ଼ାକଡ଼ି ପାଳନ କରିବାକୁ ଆରକ୍ଷୀ ମହାନିର୍ଦ୍ଦେଶକ ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କୁ ତାଗିଦ୍ କରିଛନ୍ତି। ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ସ୍ପଷ୍ଟ ଚେତାବନୀ ଦେଇଛନ୍ତି ଯେ, ପରୀକ୍ଷା ସମ୍ବନ୍ଧୀୟ କୌଣସି ପ୍ରକାରର ଅନିୟମିତତା, ଅସାଧୁ କାର୍ଯ୍ୟକଳାପ କିମ୍ବା ସୁରକ୍ଷା ତ୍ରୁଟିକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ ଏବଂ ଏଥିପାଇଁ ପୁଲିସ ପ୍ରଶାସନ ସଦା ସର୍ବଦା ସତର୍କ ଓ ସଜାଗ ରହିବ। ଏହି ସମୀକ୍ଷା ବୈଠକରେ ଆରକ୍ଷୀ ମହାନିର୍ଦ୍ଦେଶକ (ଅପରାଧ ଶାଖା) ଶ୍ରୀ ବିନୟତୋଷ ମିଶ୍ର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ଶ୍ରୀ ସଞ୍ଜୟ କୁମାର ଏବଂ ଆଇଜି (କେନ୍ଦ୍ରାଞ୍ଚଳ) ଡ଼. ସତ୍ୟଜିତ ନାଏକ ପ୍ରମୁଖ ସ୍ୱଶରୀର ଉପସ୍ଥିତ ଥିଲେ। ଏହା ସହିତ ରାଜ୍ୟର ସମସ୍ତ ରେଞ୍ଜ ଆଇଜିପି, ଡିଆଇଜିପି ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକମାନେ ଆଭାସୀ ମାଧ୍ୟମରେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗଦେଇ ନିଜ ନିଜ ଅଞ୍ଚଳର ସୁରକ୍ଷା ପ୍ରସ୍ତୁତି ସମ୍ପର୍କରେ ଅବଗତ କରାଇଥିଲେ।

# ବଜ୍ରପାତରେ ଚାଷୀ ମୃତ

**ଶେରଗଡ,୧୬|୬/ଏନ୍‌ଏନ୍‌ଏସ୍:** ଶେରଗଡ଼ ଥାନା ଅନ୍ତର୍ଗତ ଲାଞ୍ଜିଆପଲ୍ଲୀ ଗ୍ରାମରେ ବଜ୍ରପାତ ଘଟି ମୁରଲୀ ସ୍ୱାଇଁ ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୁରଲୀ ବିଲରେ କାମ କରୁଥିବା ବେଳେ ବଜ୍ରପାତ ହୋଇଥିଲା । ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିବା ବେଳେ ଡାକ୍ତର ସେଠାରେ ତାକୁ ମୃତ ଘୋଷଣା କରିଥିଲେ । ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି ।

## ଇଟା ଭାଟି ଗୁମାସ୍ତାଙ୍କୁ ଦାଦାବଟି ମାଗି ହତ୍ୟା ଧମକ, ୨ ଗିରଫ

**ରଙ୍ଗେଇଲୁଣ୍ଡା,୧୬|୬/ଏନ୍‌ଏନ୍‌ଏସ୍:** ଗୋଳନ୍ଥରା ଥାନା ଅଧିନସ୍ଥ ନୂଆଁ ଜୁଗୁଡ଼ି ସ୍ଥିତ ଏକ ଇଟାଭାଟି ଗୁମାସ୍ତାଙ୍କୁ ଦାଦା ବଟି ମାଗିବା ଏବଂ ନ ଦେବାରୁ ହତ୍ୟା ଧମକ ଦେବା ଅଭିଯୋଗରେ ଆଜି ଗୋଳନ୍ଥରା ପୋଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ନୂଆ ଜୁଗୁଡ଼ି ଗ୍ରାମର ବଚନ ଦାସ (୪୨) ଓ କୃଷ୍ଣ ଦାସ (୩୮) ବୋଲି ତଦନ୍ତ ଅଧିକାରୀ ଏଏସଆଇ ରମେଶ ଚନ୍ଦ୍ର ଚୌଧୁରୀ ସୂଚନା ଦେଇଛନ୍ତି । ସେମାନଙ୍କ ଠାରୁ ଗୋଟିଏ ଖଣ୍ଡା ଓ ବାଇକ ପୁଲିସ ଜବତ କରିଛି । ସୂଚନା ଅନୁସାରେ ନୂଆ ଜୁଗୁଡି ଗ୍ରାମ ନିକଟରେ ରାମା ରାଓ ନାମକ ଜଣେ ବ୍ୟକ୍ତି ଗତ କିଛି ବର୍ଷ ହେଲା ଇଟା ଭାଟି କରିଛନ୍ତି । ସେଠାରେ ସୁଦାମ ଗୌଡ଼ ଗୁମସ୍ତା ରୂପେ କାର୍ଯ୍ୟ କରୁଥିଲେ । ଗତକାଲି ସନ୍ଧ୍ୟା ପ୍ରାୟ ୭ ଟା ସମୟରେ ବଚନ ଓ କୃଷ୍ଣ ଇଟା ଭାଟିରେ ପହଞ୍ଚି ୧୦ ହଜାର ଟଙ୍କା ଦାଦା ବଟି ମାଗିଥିଲେ । ଟଙ୍କା ନ ଦେଲେ ଜୀବନରେ ମାରିଦେବାବକୁ ହତ୍ୟା ଧମକ ଦେଇଥିଲେ । ଏଥିରେ ସୁଦାମ ଭୟଭୀତ ହୋଇ ତିନି ହଜାର ଟଙ୍କା ଦେଇଥିଲେ । ଆଉ ୭ ହଜାର ଟଙ୍କା ମଙ୍ଗଳବାର ଦେବା ପାଇଁ କହିଥିଲେ । ଆଜି ସକାଳେ ପୁଣି ବଚନ ଓ କୃଷ୍ଣ ବାଇକ ଯୋଗେ ଇଟା ଭାଟିକୁ ଯାଇ ସୁଦାମଙ୍କୁ ୭ ହଜାର ଟଙ୍କା ମାଗିବା ସହ ଖଣ୍ଡା ଦେଖାଇ ଧମକ ଚମକ ଦେଇଥିଲେ । ଖବର ପାଇ ଗୋଳନ୍ଥରା ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟଙ୍କୁ ଘଟଣା ସ୍ଥଳରୁ କାବୁ କରିଥିଲେ । ପୁଲିସ ସେଠାରୁ ଖଣ୍ଡା ଓ ବାଇକ ଜବତ କରିଥିଲା । ଏନେଇ ସୁଦାମ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନା କେଶ ନ ୨୨୨/୨୬ରେ ମାମଲା ରୁଜୁ ହୋଇଛି । ବଚନ ଓ କୃଷ୍ଣକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ତଦନ୍ତ ଅଧିକାରୀ ଏଏସଆଇ ଶ୍ରୀ ଚୌଧୁରୀ ସୂଚନା ଦେଇଛନ୍ତି ।

## ବିଏମ୍‌ସିର ସାଧାରଣର ପରିଷଦ ବୈଠକ

# ବିଭିନ୍ନ ସମସ୍ୟା ନେଇ କର୍ପୋରେଟର୍‌ଙ୍କ ହଟ୍ଟଗୋଳ

**ବ୍ରହ୍ମପୁର,୧୬|୬/ଏନ୍‌ଏନ୍‌ଏସ୍:** ବ୍ରହ୍ମପୁର ମହାନଗର ନିଗମର ସାଧାରଣ ପରିଷଦ ବୈଠକ ମେୟର ସଂଘମିତ୍ରା ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ନିଗମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ କମିଶନର ଏ. ଶସ୍ୟା ରେଡ଼ି, ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା, ଡେପୁଟି ମେୟର ବିବେକ ରେଡିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ । ବୈଠକରେ ବିଭିନ୍ନ ବିଭାଗର କାର୍ଯ୍ୟ ଅଗ୍ରଗତି ନେଇ ଆଲୋଚନା ହୋଇଥିଲା । ତେବେ ନିଜ ନିଜ ୱାର୍ଡରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ଓ ତାର ସମାଧାନ ନେଇ କର୍ପୋରେଟରମାନେ ଦାବି ଉପସ୍ଥାପନ କରିଥିଲେ । ଦୀର୍ଘ ୨ ବର୍ଷ ହେଲା ନିଜ ୱାର୍ଡରେ କୌଣସି କାମ ହେଉନଥିବା ସହ ବାରମ୍ବାର ଟେଣ୍ଡର ବାତିଲ୍ ଅଭିଯୋଗ ଆଣି ମହିଳା କର୍ପୋରେଟର ଶ୍ୱେତାରେଖା ତ୍ରିପାଠୀ ଏବଂ କର୍ପୋରେଟର ବନିତା ସାହୁ ଧାରଣାରେ ବସିଥିଲେ । ନିଜ ୱାର୍ଡରେ କୌଣସି ଉନ୍ନୟନମୂଳକ କାମ କରାଇ ଦିଆଯାଉନାହିଁ, ଯାହା ବି କାମ ହେଉଛି, ତାଙ୍କ ବିନା ସୂଚନାରେ ହେଉଥିବା ନେଇ କର୍ପୋରେଟର ଶ୍ରୀମତୀ ଶ୍ୱେତାରେଖା ତ୍ରିପାଠୀ ଅଭିଯୋଗ କରିବା ସହ କାନ୍ଦି ପକାଇଥିଲେ । ଦୀର୍ଘ ସମୟ ଧରି ହୋହାଲ୍ଲା ଓ ଧାରଣା ପରେ ମେୟର ଉଭୟ କର୍ପୋରେଟରଙ୍କ ସହ ଆଲୋଚନା କରିଥିଲେ । ଟେଣ୍ଡର ଯେଉଁ ଅଧିକାରୀ ବାତିଲ କରିଛନ୍ତି, ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କମିଶନରଙ୍କୁ ସୁପାରିଶ କରିବା ପରେ ଉଭୟ କର୍ପୋରେଟର ଧାରଣାରୁ ଓହରିଥିଲେ । ଘଟଣା ନେଇ ରାଜ୍ୟ ସରକାରଙ୍କୁ ଚିଠି କରାଯିବ । ପରବର୍ତ୍ତୀ ସମୟରେ କେହିବି ଅଧିକାରୀ ନିଜ ଇଚ୍ଛା ଅନୁସାରେ ଟେଣ୍ଡରକୁ ବାତିଲ କରିପାରିବେ ନାହିଁ । ଯଦି ଟେଣ୍ଡରରେ କିଛି ବି ସମସ୍ୟା ହେଉଛି ସେମାନେ କର୍ପୋରେଟର, ମେୟର ଓ କମିଶନରଙ୍କୁ ଜଣାଇବେ ବୋଲି କମିଶନର ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟପକ୍ଷରେ କେତେକ କର୍ପୋରେଟର ନିଜ ୱାର୍ଡର ରାସ୍ତା ଅନ୍ଧାରରେ ରହୁଥିବା ନେଇ ଅଭିଯୋଗ କରିଥିଲେ । ବାରମ୍ବାର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କେତେକ ସ୍ଥାନରେ ଷ୍ଟ୍ରିଟ୍ ଲାଇଟ୍ ଜଳୁନଥିବା ମଧ୍ୟ ଅଭିଯୋଗ ହୋଇଥିଲା । ସେହିପରି ଡ୍ରେନ୍ ସମସ୍ୟାର ସୁଧାର ନେଇ ମଧ୍ୟ ଦାବି ହୋଇଥିଲା । ଆଗକୁ ବର୍ଷା ଋତୁ ଥିବା ବେଳେ ସହରର ନାଳ ନର୍ଦ୍ଦମା ପାଣି ନିଷ୍କାସନ ହୋଇନପାରି ଘରେ ପଶିବା ସମ୍ଭାବନା ରହୁଥିବାରୁ ଆଗୁଆ ପ୍ରତିକାର ବ୍ୟବସ୍ଥା କରିବାକୁ କେତେକ କର୍ପୋରଟର ଦାବି କରିଥିଲେ । ସେହିପରି ସହରର ମଧ୍ୟ ଭାଗରେ ବିଏମ୍‌ସିର ଥିବା କୋଠାକୁ ଲିଜ୍ ସୂତ୍ରରେ ନେଇ ଗାୟତ୍ରୀ ଗେଷ୍ଟ ହାଉସ୍ ନାମରେ ଚାଲିଥିବା ମଦ ବାର୍‌କୁ ବନ୍ଦ କରିବା ସହ ପୁନଃ ଅନୁମତି ନ ଦେବା ପାଇଁ କର୍ପୋରେଟର ପ୍ରଦୀପ ଶତପଥୀ ଦାବି କରିଥିଲେ । ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଗେଷ୍ଟ ହାଉସ୍ ନାମରେ ମଦ ବାର୍ କରିବା କେତେଦୁର ଯୁକ୍ତିଯୁକ୍ତ ବୋଲି ସେ ପ୍ରଶ୍ନ ଉଠାଇଥିଲେ । ତୁରନ୍ତ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି କର୍ପୋରେଟର ଶ୍ରୀ ଶତପଥୀ ଦାବି କରିଥିଲେ । ସେହିପରି ଭଡ଼ା ସମସ୍ୟାର ସମାଧାନ ନେଇ ମଧ୍ୟ କେତେକ କର୍ପୋରେଟର କମିଶନରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ । ବୈଠକରେ ସାଂସଦଙ୍କ ପ୍ରତିନିଧି, ବିଧାୟକଙ୍କ ପ୍ରତିନିଧି, ସମସ୍ତ ୱାର୍ଡର କର୍ପୋରେଟର, ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

**ଧାରଣାରେ ବସିଲେ ମହିଳା କର୍ପୋରେଟର୍**
**ବାରମ୍ବାର ଟେଣ୍ଡର୍ ବାତିଲ୍**
**ୱାର୍ଡରେ କାମ ହେଉନଥିବା ଅଭିଯୋଗ**



# କଳିଙ୍ଗ ବୈଶ୍ୟ ମହିଳା ସଂଘ ପକ୍ଷରୁ ରଜମଉଜ

**ଆସିକା,୧୬|୬/ଏନ୍‌ଏନ୍‌ଏସ୍:** କଳିଙ୍ଗ ବୈଶ୍ୟ (ଋଷିକୁଲ୍ୟା ଅଞ୍ଚଳ) ଆସିକା ପଞ୍ଚମହିଳା ସଂଘର କଳା, ସାହିତ୍ୟ,ସଂସ୍କୃତି, ଐତିହ୍ୟ ଓ ଭାଇଚାରର ସଂପର୍କକୁ ସଦାସର୍ବଦା ଉଜ୍ଜିବୀତ ରଖିବା ପାଇଁ ମଙ୍ଗଳବାର ସନ୍ଧ୍ୟାରେ ପ୍ରଥମ ଥର ପାଇଁ ରଜ ମଉଜ ୨୦୨୬ ସ୍ଥାନୀୟ ଓମ୍ ଶ୍ରୀ ଶ୍ରୀ ବାସବୀ ମା କନ୍ୟକା ପରମେଶ୍ୱରୀ ମନ୍ଦିର ପରିସରରେ ହର୍ଷ ଉଲ୍ଲାସର ସହ ପାଳିତ ହୋଇଯାଇଛି । କଳିଙ୍ଗ ବୈଶ୍ୟ ମହିଳା ସଂଘ (ଋଷିକୁଲ୍ୟା ଅଞ୍ଚଳ) ଆସିକା ପଞ୍ଚମହିଳା ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ପି.ରାଧାରାଣୀ ପାତ୍ର, ରଶ୍ମିତା ପୃଷ୍ଟି, ରଶ୍ମିତା ପାତ୍ର, ସାଇଶ୍ୱରୀ ପାତ୍ର, ଟି.ଝିଲି ପାତ୍ର, ଇ.ସନ୍ତୋଷିନୀ ପାତ୍ର, ଲଳିତା ଗୁପ୍ତା ପ୍ରମୁଖ ଏହି ରଜ ମଉଜ ପାଳନ କାର୍ଯ୍ୟକ୍ରମରେ ଯୋଗଦେଇ ପଞ୍ଚମହିଳା ସଂଘର କଳା ଓ ସଂସ୍କୃତି ଓ ପରସ୍ପର ମଧ୍ୟରେ ନିବିଡତାକୁ ଆହୁରି ଘନିଷ୍ଠ କରିବା ଦିଗରେ ଏହି ରଜ ମଉଜ ବିଶେଷ ସହାୟକ ହୋଇପାରିବ ବୋଲି ମତବ୍ୟକ୍ତ କରି ଉତ୍କଳୀୟ ସଂସ୍କୃତିରେ ରଜ ଉତ୍ସବ ପାଳନର ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ ବହୁ ଶିକ୍ଷଣୀୟ ତଥା ଉପାଦେୟ ସୂଚନା ଓ ପରାମର୍ଶ ପ୍ରଦାନ କରିଥିଲେ । ଗଣପର୍ବ ରଜ ମଉଜ ଅବସରରେ ଆସିକା ଲକ୍ଷ୍ମୀ ବଜାର ସ୍ଥିତ ବାସବୀ ମା କନ୍ୟକା ପରମେଶ୍ୱରୀ କଲ୍ୟାଣ ମଣ୍ଡପ ପରିସରରେ ଦୋଳିଖେଳ ଜମିଥିବା ବେଳେ କଳିଙ୍ଗ ବୈଶ୍ୟ ଋଷିକୁଲ୍ୟା ଅଞ୍ଚଳ ଆସିକା ପଞ୍ଚମହିଳା ସଂଘ ଉତ୍ସାହୀ ମହିଳାମାନେ ନିଜ ଘରେ ପ୍ରସ୍ତୁତ କରିଆଣିଥିବା ଓଡିଶାର ପାରମ୍ପରିକ ସ୍ୱାଦିଷ୍ଟ ଓ ସୁସ୍ୱାଦୁ ପିଠାର ସମାହାର ଓ ମହକରେ ପରିବେଶ ମହକିଥିବା ଦେଖିବାକୁ ମିଳିଥିଲା । କାହିଁ କେଉଁ ଆବାହମାନ କାଳରୁ ଘରେ ଘରେ ପାଳିତ ହୋଇଆସୁଛି ସଂସ୍କୃତି ଓ ପରମ୍ପରାର ମୂକସାକ୍ଷୀ ଗଣପର୍ବ ରଜ । ଏହି ଅବସରରେ କଳିଙ୍ଗ ବୈଶ୍ୟ ଆସିକା ପଞ୍ଚମହିଳା ସଂଘର ମହିଳାମାନେ ସୁସଜ୍ଜିତ ଦୋଳିରେ ଖେଳି ପରସ୍ପରକୁ ଗଣପର୍ବ ରଜର ଶୁଭେଚ୍ଛା ଜଣାଇଥିଲେ । ବନସ୍ତେ ଡାକିଆ ଗଜ, ବରଷକୁ ଥରେ ଆସିଛି ରଜ, ଆସିଛି ରଜଲୋ ଘେନି ନୂଆଁ ସଜବାଜ ଏହି ଗୀତ ଗାଇ ମହିଳାମାନେ ଦୋଳି ଖେଳୁଥିବା ଦେଖିବାକୁ ମିଳିଥିଲା । ହାତରେ ମେହେନ୍ଦୀ ପାଦରେ ଅଳତା ଓ ନୂଆଁ ଲୁଗା ପରିଧାନ କରି ସୁସ୍ୱାଦୁ ପିଠା ଖାଇ ବେଶ୍ ଉତ୍ସାହର ସହ ବାସବୀ ମା କନ୍ୟକା ପରମେଶ୍ୱରୀ କଲ୍ୟାଣ ମଣ୍ଡପ ପରିସରରେ ଗଣପର୍ବ ରଜ ପାଳିତ ହୋଇଥିଲା ବେଳେ ଏହି କାର୍ଯ୍ୟକ୍ରମକୁ ସୁପରିଚାଳନା କରିବା ଦିଗରେ ସଂଗଠନର ବହୁ ସଦସ୍ୟା ସକ୍ରିୟ ସହଯୋଗ କରିଥିବା ଦେଖିବାକୁ ମିଳିଥିଲା । ପରମ୍ପରା, ସଂସ୍କୃତି ଓ ଭାଇଚାରାର ଅନନ୍ୟ ବାର୍ତ୍ତା ବହନ କରୁଥିବା ୩ ଦିନିଆ ରଜ ମହୋତ୍ସବ ୨୦୨୬ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଥିଲା ବେଳେ ସ୍ଥାନୀୟ ଓମ୍ ଶ୍ରୀ ଶ୍ରୀ ବାସବୀ ମା କନ୍ୟକା ପରମେଶ୍ୱରୀ ମନ୍ଦିର ପରିସରରେ କଳିଙ୍ଗ ବୈଶ୍ୟ ଋଷିକୁଲ୍ୟା ଅଞ୍ଚଳ ଅଧୀନସ୍ଥ ଆସିକା ପଞ୍ଚ ମହିଳା ସଂଘର ମିଳିତ ସହଯୋଗରେ ଆନନ୍ଦ ଉଲ୍ଲାସର ସହ ସେଲିବ୍ରେସନ୍ ହୋଇଥିବା ରଜ ମଉଜ ସଂଗଠନର ମହିଳା ସଦସ୍ୟାଙ୍କ ମଧ୍ୟରେ ଭାଇଚାରା ଓ ଏକତାକୁ ଆହୁରି ସୁଦୃଢ କରିପାରିବ ବୋଲି ସଂଗଠନର ଋଷିକୁଲ୍ୟା ଅଞ୍ଚଳ ସଭାପତି ବି.ଭେଙ୍କେଟରମଣ ମୂର୍ତ୍ତି ସୂଚନା ଦେଇଛନ୍ତି ।



## କନ୍ଧମାଳ ପୁଲିସ୍ ପକ୍ଷରୁ ମୋବାଇଲ୍ ରିକଭରି ମେଳା

# ୬୨ ଜଣ ପାଇଲେ ହଜିଥିବା ମୋବାଇଲ୍




**ଫୁଲବାଣୀ,୧୬|୬/ଏନ୍‌ଏନ୍‌ଏସ୍:** ଚୋର ଓ ଲୁଟେରାଙ୍କ ସାମ୍ରାଜ୍ୟ ଉପରେ କନ୍ଧମାଳ ପୁଲିସର ଶକ୍ତ ପ୍ରହାର । ଜିଲ୍ଲାରେ ହଜିଥିବା ଓ ଚୋରି ହୋଇଥିବା ପ୍ରାୟ ୧୮୦ଟି ମୋବାଇଲ୍ ଅଭିଯୋଗକୁ ଚ୍ୟାଲେଞ୍ଜ ଭାବେ ନେଇ ଜୁନ୍ ୧ ରୁ ୧୫ ମଧ୍ୟରେ ଚାଲିଥିବା ସ୍ୱତନ୍ତ୍ର ଅଭିଯାନରେ ପୁଲିସ ବିଭିନ୍ନ ସ୍ଥାନରୁ ୬୨ଟି ନାମୀଦାମୀ କମ୍ପାନୀର ମୋବାଇଲ୍ ଫୋନ୍ ଜବତ କରିବାରେ ବଡ଼ ସଫଳତା ହାସଲ କରିଛି । ମଙ୍ଗଳବାର ଏକ ସ୍ୱତନ୍ତ୍ର 'ମୋବାଇଲ୍ ହ୍ୟାଣ୍ଡ ଓଭୋର ମେଳା' ରେ କନ୍ଧମାଳ ଏସପି ରମେନ୍ଦ୍ର ପ୍ରସାଦ, ଅତିରିକ୍ତ ଏସପି ବିଭୂତି ଭୂଷଣ ମହାପାତ୍ର, ଏସଡିପିଓ ଶୁଭ୍ରଜିତ ବିଶ୍ୱାଳ ଏବଂ ସାଇବର କ୍ରାଇମ ଇନ୍ସପେକ୍ଟର ଗେଲି ସାହୁ ପ୍ରମୁଖ ଯୋଗଦେଇ ପ୍ରକୃତ ମାଲିକମାନଙ୍କୁ ସେମାନଙ୍କ ଫୋନ୍ ଫେରସ୍ତ କରିଛନ୍ତି । ଆଶା ଛାଡ଼ିଦେଇଥିବା ଲୋକେ ନିଜ ଫୋନ୍ ଫେରିପାଇ ପୁଲିସକୁ ଭୂୟସୀ ପ୍ରଶଂସା କରିଛନ୍ତି । ଆଜି ପ୍ରଥମ ପର୍ଯ୍ୟାୟରେ ବଣ୍ଟନ କରାଯାଇଥିବା ମୋବାଇଲ୍ ଗୁଡ଼ିକର ଆନୁମାନିକ ମୂଲ୍ୟ ପ୍ରାୟ ୧୨ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଏସ୍.ପି ପ୍ରକାଶ କରିଛନ୍ତି । ଏସପି ରମେନ୍ଦ୍ର ପ୍ରସାଦ ଅପରାଧୀଙ୍କୁ କଡ଼ା ଚେତାବନୀ ଦେଇ କହିଛନ୍ତି ଯେ, ଆଇନ ଶୃଙ୍ଖଳା ଓ ଜନସାଧାରଣଙ୍କ ସୁରକ୍ଷା କ୍ଷେତ୍ରରେ କୌଣସି ଶିଥିଳତା ବରଦାସ୍ତ କରାଯିବ ନାହିଁ । ଫୋନ୍ ଚୋରି ହେଲେ ଲୁଚାନ୍ତୁ ନାହିଁ, ତୁରନ୍ତ ବିଲ୍ ଓ ପରିଚୟ ପତ୍ର ସହ ସିଇଆଇଆର୍ ପୋର୍ଟାଲରେ ଅଭିଯୋଗ କରନ୍ତୁ, ଯାହାଦ୍ୱାରା ପୁଲିସ ଶୀଘ୍ର ଟ୍ରାକ୍ କରି ଅପରାଧୀଙ୍କ ତୁରନ୍ତ ଧରିବାରେ ସଫଳ ହୋଇ ପାରିବ । ପୁଲିସକୁ ବନ୍ଧୁ ଭାବି ସହଯୋଗ କଲେ ଉପଯୁକ୍ତ ନ୍ୟାୟ ପ୍ରଦାନ କରାଯିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଆଜି ଜିଲାର ବିଭିନ୍ନ ଥାନାର ମୋବାଇଲ୍ ମାଲିକ ମାନେ ଯୋଗଦେଇ ସେମାନଙ୍କର ମୋବାଇଲ୍ ଗ୍ରହଣ କରିଥିଲେ ।

# ମଶା ଦାଉରେ ବୁଗୁଡ଼ାବାସୀ କଲବଲ, କାମରେ ଲାଗୁନି ଟିଫା ମେସିନ୍

**ବୁଗୁଡ଼ା,୧୬|୬/ଏନ୍‌ଏନ୍‌ଏସ୍:** ସହରବାସୀଙ୍କୁ କଲବଲ କଲେଣି ମଶା । ମଶା ଏବେ ସହରବାସୀଙ୍କ ନିଦ ହଜେଇ ଦେଇଛି । ସଞ୍ଜ ନଇଁଲେ ସହରର ମୁଖ୍ୟ ସଡକ ଠାରୁ ଆରମ୍ଭ କରି ବିଭିନ୍ନ ସାହି ଗଳିର ବାସିନ୍ଦାମାନେ କଲବଲ ହେଉଛନ୍ତି । ମଶାଙ୍କ ଦୌରାତ୍ମ୍ୟ ହ୍ରାସ କରିବାରେ ବୁଗୁଡ଼ା ଏନଏସି ସମ୍ପୂର୍ଣ୍ଣ ଫେଲ ମାରିଛି । ଫଳରେ ସହରବାସୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି । ବୁଗୁଡ଼ା ସହରକୁ ସ୍ୱଚ୍ଛ ରଖି ଲୋକଙ୍କୁ ସୁସ୍ଥ ପରିବେଶ ସୃଷ୍ଟି କରିବାକୁ ପ୍ରଶାସନ କାମଚଳା ଉଦ୍ୟମ କରୁଥିବା ବେଳେ ମଶାଙ୍କ ଦାଉରେ ସହରବାସୀ ତ୍ରାହି ତ୍ରାହି ଡାକୁଥିଲେ ହେଁ ପ୍ରଶାସନର ଦୃଷ୍ଟି ନ ପଡ଼ିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ହୋଇଛି । ଏବେ ସହରରେ ସଞ୍ଜ ନଇଁଲା ମାତ୍ରେ ଘରେ ଓ ଦାଣ୍ଡରେ ମଶା ବେଢି ଦେଉଛନ୍ତି । ମୁହଁ ପାଖରେ ଭଁ ଭଁ ହୋଇ ଉଡୁଛନ୍ତି । କେଉଁଠି ବି ଛିଡ଼ା କରାଇ ଦେଉନାହାନ୍ତି । ଏପରିକି ରାତିରେ ମଶାରି ଭିତରେ ମଧ୍ୟ ଶାନ୍ତିରେ ଶୁଆଇ ଦେଉନାହାନ୍ତି । ମଶାରି ବାହାରେ ଭଣଭଣ ହେଉଛନ୍ତି । ଟିକିଏ ସୁବିଧା ପାଇଲେ ମଶାରି ଭିତରକୁ ପଶି ରକ୍ତ ଶୋଷିବାରେ ଲାଗି ଯାଉଛନ୍ତି । ଫଳରେ କାମୁଡ଼ିବା ସ୍ଥାନଟି ପ୍ରବଳ ମାତ୍ରାରେ କୁଣ୍ଡେଇ ହେଉଛି । ଘର ଭିତରେ ମଶା ଦାଉରୁ ରକ୍ଷା ପାଇବା ପାଇଁ ନାମୀଦାମୀ କମ୍ପାନୀର ମଶାମରା ଲିକ୍ୟୁଇଡ୍ କି କଏଲ ଧୂଆଁ ମଧ୍ୟ କାମ କରୁନି । ତାହାକୁ ଖାତିର କରୁନାହାନ୍ତି ମଶା । ମଶାଙ୍କ ଦାଉରେ ଅସ୍ତବ୍ୟସ୍ତ ସହରବାସୀ ସହରବାସୀ ହୋଇପଡିଲେଣି । ତେଣୁ ମଶାଙ୍କୁ ଭୟ କରି ଅପରାହ୍ନ ୪ଟାରୁ ସହରବାସୀ ନିଜ ନିଜ ଘରର କବାଟ ଓ ଝରକା ବନ୍ଦ କରି ରହୁଛନ୍ତି । ଏନେଇ ବାରମ୍ବାର ଏନ୍‌ଏସି କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରାଯାଉଥିଲେ ହେଁ କେହି ଶୁଣୁ ନାହାଁନ୍ତି । ବିଶେଷ କରି ସଞ୍ଜ ନଇଁଲେ ମଶାଙ୍କ ଦାଉ ବୃଦ୍ଧି ପାଉଛି । ଏଭଳି ଭାବେ ମଶାଙ୍କ ସଂଖ୍ୟା ବଢ଼ିଯାଇଛି ଯେ କେଉଁ ସ୍ଥାନରେ ଠିଆ କରାଇ ଦେଉନାହାନ୍ତି । ଏନ୍‌ଏସି ପକ୍ଷରୁ ମଶାମରା ଧୂଆଁ ସ୍ପ୍ରେ ହେବାର ବ୍ୟବସ୍ଥା ରହିଥିଲେ ହେଁ ତାହା କରାଯାଉନାହିଁ । ପ୍ରଶାସନର ଉଦାସୀନତା ଯୋଗୁଁ ସହରବାସୀ ଦୁର୍ଦ୍ଦଶା ଭୋଗୁଥିବା ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ସହରରେ ମଶାଙ୍କ ଦାଉରେ ଲୋକେ ହନ୍ତସନ୍ତ ହେଉଥିବା ବେଳେ ନିଦାବିଷ୍ଟୁ ସାଜିଛି ସ୍ଥାନୀୟ ଏନ୍‌ଏସି ପ୍ରଶାସନ । ବିଶେଷ ଭାବେ ସହର ଭିତରେ ପ୍ରବାହିତ ହୋଇଥିବା ନାଳ, ନର୍ଦ୍ଦମା, ଖାଲରେ ପାଣି ଜମି ରହିବା ଦ୍ୱାରା ମଶାଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ିବାରେ ଲାଗିଛି । ଯାହାଫଳରେ ସହରବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେବେ ଏନ୍‌ଏସି ପକ୍ଷରୁ ତୁରନ୍ତ ସହରର ସମସ୍ତ ଅଞ୍ଚଳରେ ନାଳ ନର୍ଦ୍ଦମା ସଫା କରିବା ସହ ମଶାମରା ଧୂଆଁ ସ୍ପ୍ରେ କରିବାକୁ ସହରବାସୀ ଦାବି କରୁଛନ୍ତି ।



## ଡୁରାରେ 'ଆମ ଗଞ୍ଜାମ ସ୍ୱଚ୍ଛ ଗଞ୍ଜାମ' କାର୍ଯ୍ୟକ୍ରମ

**ଛତ୍ରପୁର,୧୬|୬/ଏନ୍‌ଏନ୍‌ଏସ୍:** 'ବିକାଶର ଧାରା, ଓଡ଼ିଶା ସାରା' ପରିପ୍ରେକ୍ଷୀରେ ଆଜି ରଙ୍ଗେଇଲୁଣ୍ଡା ବ୍ଲକର ଡୁରା ପଞ୍ଚାୟତରେ ଆୟୋଜିତ 'ଆମ ଗଞ୍ଜାମ ସ୍ୱଚ୍ଛ ଗଞ୍ଜାମ' କାର୍ଯ୍ୟକ୍ରମ ମାଧ୍ୟମରେ ଗଞ୍ଜାମ ଜିଲ୍ଲାକୁ ସ୍ୱଚ୍ଛ ଓ ପ୍ଲାଷ୍ଟିକମୁକ୍ତ କରିବାର ସଙ୍କଳ୍ପକୁ ଆହୁରି ସୁଦୃଢ କରାଯାଇଛି । ଜିଲ୍ଲାର ସ୍ୱଚ୍ଛତା ମାସ୍କଟ୍ "କୃଷ୍ଣ" ସହିତ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ନେତୃତ୍ୱରେ ବରିଷ୍ଠ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ-କର୍ମଚାରୀ ଏବଂ ସ୍ଥାନୀୟ ଅଞ୍ଚଳବାସୀ ସମ୍ମିଳିତ ଭାବେ ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଥିଲେ । ସପ୍ତାହର ପ୍ରତି ମଙ୍ଗଳବାର ଦିନ ଏହି ମହତ୍ କାର୍ଯ୍ୟରେ ସକ୍ରିୟ ଯୋଗଦାନ କରି ଗଞ୍ଜାମ ଜିଲ୍ଲାକୁ ସାରା ଦେଶରେ ସ୍ୱଚ୍ଛତାର ଶୀର୍ଷସ୍ଥାନରେ ପହଞ୍ଚାଇବା ପାଇଁ ଜିଲ୍ଲାବାସୀଙ୍କୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି ।

## ବର୍ତ୍ତମାନ ସୁଦ୍ଧା ଗଞ୍ଜାମ ଜିଲ୍ଲାର ଡିଜିଟାଇଜେସନ୍ ୫୨.୭୨%

**ଛତ୍ରପୁର,୧୬|୬/ଏନ୍‌ଏନ୍‌ଏସ୍:** ଗଞ୍ଜାମ ଜିଲ୍ଲାର ପ୍ରାୟ ଭୋଟରଙ୍କ ପାଖରେ ପରିଗଣନା ଫର୍ମ ପହଞ୍ଚି ସାରିଥିବାରୁ ଏବେ ଜିଲ୍ଲା ପ୍ରଶାସନର ସମ୍ପୂର୍ଣ୍ଣ ଫୋକସ୍ ଡିଜିଟାଇଜେସନ ଉପରେ ରହିଛି । ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ୧୫,୮୧,୫୬୩ଟି ଫର୍ମ ଡିଜିଟାଲାଇଜ କରାଯାଇଥିବା ବେଳେ ଏହା ମୋଟ ଫର୍ମର ୫୨.୭୨ ପ୍ରତିଶତ ଅଟେ । ସେଥିମଧ୍ୟରୁ ୧୫,୮୦,୯୫୩ଟି ଫର୍ମ ବୁଥ୍ ସ୍ତରୀୟ ଅଧିକାରୀମାନଙ୍କ ଦ୍ୱାରା ଯାଞ୍ଚ କରାଯାଇସାରିଛି । ଜିଲ୍ଲାର ଡିଜିଟାଇଜେସନ ପ୍ରତିଶତ ରାଜ୍ୟ ତୁଳନାରେ ପ୍ରାୟ ୧୦ ପ୍ରତିଶତ ଅଧିକ ଅଟେ । ଏହା ସତ୍ତ୍ୱେ ଡିଜିଟାଇଜେସନ ପ୍ରକ୍ରିୟାକୁ ଆହୁରି ଅଧିକ କ୍ରିୟାଶୀଳ କରିବା ପାଇଁ ସମ୍ପୃକ୍ତ ସମସ୍ତଙ୍କୁ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ପରାମର୍ଶ ଦେଇଛନ୍ତି । ବିଧାନସଭା କ୍ଷେତ୍ର ଭିତ୍ତିକ ଡିଜିଟାଲାଇଜେସନରେ ସୋରଡା ୭୩.୯୨ ପ୍ରତିଶତ ସହ ଶୀର୍ଷରେ ରହିଛି । ଏହା ପଛକୁ କବିସୂର୍ଯ୍ୟନଗର (୬୧ ପ୍ରତିଶତ) ଓ ଭଞ୍ଜନଗର (୬୦.୨୩ ପ୍ରତିଶତ) ରହିଛନ୍ତି । ଏହି ଡିଜିଟାଇଜେସନ ପ୍ରକ୍ରିୟା ଶେଷ ହେବା ପରେ, ଭୋଟର ତାଲିକାରୁ ମୃତ ଓ ସ୍ଥାନାନ୍ତରିତ ହୋଇଥିବା ଭୋଟରଙ୍କ ନାମ ବାଦ୍ ଦିଆଯିବ ଏହାପରେ ଏକ ତ୍ରୁଟିଶୂନ୍ୟ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ । ଆସନ୍ତା ୨୮ ଜୁନ ୨୦୨୬ ତାରିଖ ପୂର୍ବରୁ ପରିଗଣନା ଫର୍ମ ବଣ୍ଟନ, ସଂଗ୍ରହ ଏବଂ ଡିଜିଟାଇଜେସନ୍ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି । ସ୍ଥାନୀୟ ଅଞ୍ଚଳରେ ଘରକୁ ଘର ବୁଲି କାର୍ଯ୍ୟ କରୁଥିବା ବିଏଲଓମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବା ସହ ସମୟସୀମା ପୂର୍ବରୁ ଫର୍ମ ଦାଖଲ କରିବା ପାଇଁ ଜିଲ୍ଲାର ଭୋଟରମାନଙ୍କୁ ଜିଲ୍ଲପାଳ ଅନୁରୋଧ କରିଛନ୍ତି ।



## ଜାରି ରହିଛି ଅସହ୍ୟ ଗୁଳୁଗୁଳି ଓ ଗ୍ରୀଷ୍ମ ପ୍ରବାହ

# ଆଜି ଶେଷ ହେବ ଖରା ଛୁଟି, ୧୮ରୁ ଖୋଲିବ ସ୍କୁଲ୍

**ଆସିକା,୧୬|୬/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ପରିଚାଳିତ ହୋଇଆସୁଥିବା ସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଏବଂ ହାଇସ୍କୁଲ ସମେତ ବେସରକାରୀ ଘରୋଇ ଶିକ୍ଷାନୁଷ୍ଠାନ ଗୁଡିକରେ ଖରାଛୁଟି ଆସନ୍ତାକାଲି ଅର୍ଥାତ୍ ୧୭ ତାରିଖରେ ସରିବ । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ଘୋଷଣା ମୁତାବକ ଗତ ଏପ୍ରିଲ ମାସ ୨୭ ତାରିଖରୁ ବିଦ୍ୟାଳୟ ଗୁଡିକରେ ଖରାଛୁଟି ଆରମ୍ଭ ହୋଇଥିଲା । ଦୀର୍ଘ ପ୍ରାୟ ୫୨ ଦିନର ଖରାଛୁଟି ପରେ ଆସନ୍ତା ୧୮ ତାରିଖରେ ସ୍କୁଲ ଖୋଲିବା ପାଇଁ ସରକାରୀ ସ୍ତରରେ ଘୋଷଣା କରାଯାଇଛି । ସ୍କୁଲ ଖୋଲିବା ସହ ପିଲାଙ୍କ ପାଠପଢା ଯେପରି ସ୍ୱାଭାବିକ ହେବ ଏବଂ ୨୦୨୬-୨୭ ଶିକ୍ଷାବର୍ଷକୁ ସଠିକ୍ ଭାବେ ପରିଚାଳନା କରାଯିବ ତାହାକୁ ଦୃଷ୍ଟିରେ ରଖି ଶିକ୍ଷାବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବା ଲକ୍ଷ୍ୟ କରାଯାଇଛି । ଚଳିତବର୍ଷ ବିଦ୍ୟାଳୟ ଗୁଡିକୁ ଆଗୁଆ ଛୁଟି ଘୋଷଣା କରାଯାଇଥିଲା । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ପାଇଁ ମେ ମାସ ୭ ତାରିଖ ପରିବର୍ତ୍ତେ ଗତ ଏପ୍ରିଲ ମାସ ୨୭ ତାରିଖ ଠାରୁ ଶିଶୁବାଟିକାରୁ ଆରମ୍ଭ କରି ଦଶମ ଶ୍ରେଣୀ ବିଦ୍ୟାର୍ଥୀଙ୍କ ପାଇଁ ବିଦ୍ୟାଳୟ ଗୁଡିକ ବନ୍ଦ ଘୋଷଣା କରାଯାଇଥିଲା । ଆସିକା ସହର ତଥା ଏହାର ଆଖପାଖ କେତେକ ଅଞ୍ଚଳରେ ଏବେ ବି ତାପମାତ୍ରା ଅଧିକ ରହିବା ସହ ଅସ୍ୱାଭାବିକ ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଥିବାରୁ ଖରାଛୁଟି ଅବଧି ଆଉ କିଛି ଦିନ ବୃଦ୍ଧି କରିବା ପାଇଁ ବିଭିନ୍ନ ମହଲରେ ଦୃଢ ମତ ପ୍ରକାଶ ପାଉଥିବା ଦେଖିବାକୁ ମିଳୁଛି । ଖରାର ତାତି ସାମାନ୍ୟ ହ୍ରାସ ପାଇଥିଲେ ମଧ୍ୟ ପୂର୍ବାହ୍ନରୁ ଅପରାହ୍ନ ପର୍ଯ୍ୟନ୍ତ ଅସହ୍ୟ ଗୁଳୁଗୁଳି ସାଧାରଣ ଜନତାଙ୍କୁ ନୟାନ୍ତ କରୁଥିବା ଦେଖିବାକୁ ମିଳୁଛି । ତାତିର ପ୍ରଭାବ ଆହୁରି ପୂର୍ଣ୍ଣମାତ୍ରାରେ କମିନାହିଁ । ଆସିକା ଅଞ୍ଚଳରେ ତାପମାତ୍ରା ବିଭିନ୍ନ ସମୟରେ ଉଚ୍ଚସ୍ତରରେ ରହୁଥିବା ବେଳେ ଦିନବେଳା ଘରୁ ବାହାରିବା କଷ୍ଟକର ହୋଇପଡୁଛି । ଏଭଳି ପରିସ୍ଥିତିରେ ସ୍କୁଲ ଖୋଲିଲେ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ଉପରେ ପ୍ରଭାବ ପଡିବା ସମ୍ଭାବନାକୁ ମଧ୍ୟ ଏଡାଇ ହେଉନାହିଁ । ଜିଲ୍ଲା ପ୍ରଶାସନ ତଥା ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ବାସ୍ତବ ସମସ୍ୟାକୁ ହୃଦୟଙ୍ଗମ କରି ଛାତ୍ରଛାତ୍ରୀଙ୍କ ସକାଶେ ଖରାଛୁଟି ସମୟ ଅବଧି ଆଉ କିଛି ଦିନ ବୃଦ୍ଧି କରିବା ଦିଗରେ ପଦକ୍ଷେପ ନେବାକୁ ଆସିକା ଓକିଲ ସଂଘର କୋଷାଧ୍ୟକ୍ଷ ତଥା ଯୁବ ଆଇନଜୀବୀ ରାଘବ କୁମାର ନାହାକ ଅନୁରୋଧ କରିଛନ୍ତି ।



## ଚତୁର୍ଥ ପର୍ଯ୍ୟାୟରେ ପହଞ୍ଚିଲା ୧୧,୩୫୦ ମାଗଣା ପାଠ୍ୟପୁସ୍ତକ

**ବୁଗୁଡ଼ା,୧୬|୬/ଏନ୍‌ଏନ୍‌ଏସ୍:** ଚଳିତ ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷାବିଭାଗ ପକ୍ଷରୁ ତୃତୀୟ ପର୍ଯ୍ୟାୟରେ ସମଗ୍ର ଶିକ୍ଷା ଅଭିଯାନ ଯୋଜନା ମାଧ୍ୟମରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଯୋଗାଇ ଦିଆଯାଉଥିବା ପାଠ୍ୟପୁସ୍ତକ ମଧ୍ୟରୁ ଅନେକ ପୁସ୍ତକ ଚାରୋଟି ପର୍ଯାୟରେ ବୁଗୁଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିବା ଜଣାପଡ଼ିଛି । ଚଳିତ ଶିକ୍ଷାବର୍ଷରେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ସମସ୍ତ ବହି ବଦଳି ଯାଇ ନୂତନ ସଂସ୍କରଣରେ ପ୍ରକାଶିତ ବହିକୁ ନେଇ ପାଠ ପଢ଼ାଯିବ ବୋଲି ଜଣାଯାଇଛି । ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ ୭୪୦୦ ଖଣ୍ଡ, ଦ୍ୱିତୀୟ ପର୍ଯ୍ୟାୟରେ ୧୧୯୦୦ ଖଣ୍ଡ ଓ ତୃତୀୟ ପର୍ଯ୍ୟାୟରେ ୩୮,୮୫୦ ଖଣ୍ଡ ପାଠ୍ୟପୁସ୍ତକ ପହଞ୍ଚିଥିଲା ବେଳେ ଏବେ ଚତୁର୍ଥ ପର୍ଯ୍ୟାୟରେ ୧୧,୩୫୦ ଖଣ୍ଡ ବହି ପହଞ୍ଚିଛି । ଯେଉଁଥିରେ ସରକାରୀ ଓ ବେସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ଯଥାକ୍ରମେ ୯୮୦୦ ଓ ୧୫୫୦ ଖଣ୍ଡ ବହି ରହିଛି । ତେବେ ସରକାରୀ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଯୋଗାଯାଇଥିବା ପାଠ୍ୟପୁସ୍ତକ ମଧ୍ୟରୁ ଦ୍ୱିତୀୟ ଶ୍ରେଣୀର ଭାଷା ପୁସ୍ତକ ୧୪୫୦ଟି ,ଚତୁର୍ଥ ଶ୍ରେଣୀର ଇଂରାଜୀ ବହି ୧୭୦୦ଟି , ପଞ୍ଚମ ଶ୍ରେଣୀର ଭାଷା, ଗଣିତ ଓ ଇଂରାଜୀ ବିଷୟର ପ୍ରତ୍ୟେକରୁ ୧୭୦୦ ଲେଖାଏଁ ବହି, ଷଷ୍ଠ ଶ୍ରେଣୀର ସଂସ୍କୃତ ବହି ୮୦୦ଟି ଏବଂ ସପ୍ତମ ଶ୍ରେଣୀର ବିଜ୍ଞାନ ବହି ୧୭୫୦ ଖଣ୍ଡ ରହିଥିବା ବେଳେ ବେସରକାରୀ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଯୋଗାଯାଇଥିବା ପାଠ୍ୟପୁସ୍ତକ ମଧ୍ୟରୁ ଦ୍ୱିତୀୟ ଶ୍ରେଣୀର ଗଣିତ ବହି ୨୫୦ଟି, ତୃତୀୟ ଶ୍ରେଣୀର ଭାଷା ୩୦୦ ଓ ପରିବେଶ ବିଷୟର ୩୦୦ଟି , ସପ୍ତମ ଶ୍ରେଣୀର ଗଣିତ, ବିଜ୍ଞାନ ଓ କୌଶଳ ବୋଧ ପ୍ରତ୍ୟକରୁ ୨୦୦ଟି ଲେଖାଏଁ ପୁସ୍ତକ ରହିଛି । ପରବର୍ତ୍ତୀ ପର୍ଯ୍ୟାୟରେ ଅବଶିଷ୍ଟ ପାଠ୍ୟପୁସ୍ତକ ପହଞ୍ଚିବ ବୋଲି ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶ ପାଇଛି ।

# ରାଜନଗରରେ ମିଳୁନି ଇଣ୍ଡେନ୍ ଗ୍ୟାସ୍, ଲୋକେ ହନ୍ତସନ୍ତ

**ରାଜନଗର, ୧୬।୬/ଏନ୍ଏନ୍ଏସ୍:** ରାଜନଗର ବ୍ଲକ୍‌ରେ ଇଣ୍ଡେନ୍ ଗ୍ୟାସ୍ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଗ୍ୟାସ୍ କଳାବଜାରୀ ଚରମସୀମାରେ ପହଞ୍ଚିଛି। ଗ୍ରାହକ ଗ୍ୟାସ ପାଉନଥିବା ବେଳେ ଖୁଲମଖୁଲା ୨୫୦୦ରୁ ୩୦୦୦ ଟଙ୍କାରେ କଳାବଜାରରେ ବିକ୍ରି ହେଉଥିବାନେଇ ଅଭିଯୋଗ ହୋଇଛି। ରାଜନଗର ଅଞ୍ଚଳର ଗ୍ୟାସ ଉପଭୋକ୍ତା ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମାସ ମାସ ଧରି ଅପେକ୍ଷା କରି ମଧ ଲୋକେ ଗ୍ୟାସ ପାଉନାହାନ୍ତି। ରାଜନଗରରେ ଗ୍ୟାସ ବିତରକ ନିଲମ୍ବିତ ହେବା ପରେ ନୂତନ ବିତରକ ନିଯୁକ୍ତି ଦିଆଯାଇନଥିବାରୁ ଏପରି ସ୍ଥିତି ସୃଷ୍ଟି ହୋଇଛି। ସେପଟେ ଗ୍ୟାସ ବିତରଣ ପାଇଁ ଅତିରିକ୍ତ ଦାୟିତ୍ୱ ନେଇଥିବା ଆଳିର ଗୋବିନ୍ଦ ଗୋସ୍ୱାମୀ ଗ୍ରାମୀଣ ବିତରକ ଜାଣିଶୁଣି ରାଜନଗର ଅଞ୍ଚଳର ଗ୍ରହକଙ୍କୁ ଗ୍ୟାସ ଯୋଗାଇ ନଦେଇ କଳାବଜାରୀ କରୁଥିବା ଲୋକେ ଅଭିଯୋଗ କରିଛନ୍ତି। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ସାରା ଦେଶରେ ଏଲ୍‌ପିଜି ଗ୍ୟାସ ସମସ୍ୟା ଦେଖାଦେଇଛି। ରାଜନଗର ଅଞ୍ଚଳର ଲୋକେ ଦୀର୍ଘ ୪ ମାସ ହେବ ଗ୍ୟାସ ନପାଇ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କିଏ ଗ୍ୟାସ ପାଇଁ ବୁକିଂ କରି ମାସମାସ ଧରି ଅପେକ୍ଷା କରି ଗ୍ୟାସ ପାଉନାହାନ୍ତି ତ ଆଉକିଏ ବାରମ୍ବାର ଗ୍ୟାସ ପାଇଁ ଦୌଡିଦୌଡି ନୟାନ୍ତ ହେଲେବି ଗ୍ୟାସ ପାଇ ପାରୁନାହାନ୍ତି। ଡ଼ହଡ଼ହ ଖରା ଗରମରେ ଚୁଲି ରେ ରୋଷେଇ କରୁଛନ୍ତି ଏହି ଅଞ୍ଚଳର ମହିଳାମାନେ। ପ୍ରକୃତ ଉପଭୋକ୍ତାମାନେ ଗ୍ୟାସ ପାଇ ପାରୁନଥିବା ବେଳେ ୨୫୦୦ରୁ ୩୦୦୦ ଟଙ୍କାରେ ଗ୍ୟାସ କାଳବଜାରୀ ହେଉଥିବା ସାଂଘାତିକ ଅଭିଯୋଗ ଆସିଛି। ଉପଭୋକ୍ତା ପଞ୍ଚାଳି ଦାସ, ଶାନ୍ତିଲତା ରାଉତଙ୍କ ମୋବାଇଲକୁ ମେସେଜ୍ ଆସିଲେ ମଧ ସପ୍ତାହ ହେବ ସେମାନଙ୍କୁ ଗ୍ୟାସ ମିଳୁନାହିଁ। ଖରା ଗରମରେ ଏଠାକୁ ଆସିଲାବେଳକୁ ଇଣ୍ଡେନ ଅଫିସରେ ତାଲା ଝୁଲୁଛି। କାହାକୁ କହିବୁ କିଏ ଶୁଣିବ ଆମ ଦୁଃଖ। ଗ୍ୟାସରେ ରୋଷେଇ ଅଭ୍ୟାସ କରିବା ପରେ ଏବେ କାଠ, ଘସି ଜାଳିବାକୁ ଇଛା ହେଉନି। ସରକାର ଆମ ଦୁଃଖ ବୁଝନ୍ତୁ ବୋଲି କହିଛନ୍ତି। ପ୍ରକାଶ, ପୂର୍ବରୁ ରାଜନଗର ପାଇଁ ନିଯୁକ୍ତି ପାଇଥିବା ଗ୍ୟାସ ଏଜେନ୍ସି ୨୦୧୯ ମସିହାରେ ନିଲମ୍ବନ ହୋଇଛନ୍ତି। ସେବେଠାରୁ ନୂଆ ଏଜେନ୍ସି ନିଯୁକ୍ତି ଦିଆଯାଇ ନାହିଁ। ଆଳିର ଗୋବିନ୍ଦ ଗୋସ୍ୱାମୀ ବିତରକ ସଂସ୍ଥାକୁ ରାଜନଗର ପାଇଁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଫଳରେ ଏଭଳି ସମସ୍ୟା ଦେଖାଦେଉଛି। ରାଜନଗରରେ ଥିବା ଗ୍ୟାସ କାର୍ଯ୍ୟାଳୟରେ ୨ମାସ ହେବ ତାଲା ମାରି ଛୁ ମାରିଛି ବିତରକ ସଂସ୍ଥା। କାର୍ଯ୍ୟାଳୟ ବନ୍ଦ ରହୁଥିବାରୁ ଉପଭୋକ୍ତାମାନେ ପ୍ରତିଦିନ ଆସି ଅପେକ୍ଷା କରି କରି ଫେରୁଛନ୍ତି। ଅଫିସ ବନ୍ଦ ଥିବାବେଳେ ବିତରକ ଆଳି ବ୍ଲକ୍‌ର ହୋଇଥିବାରୁ ଆମ ଅଭିଯୋଗ କେହି ଶୁଣୁନଥିବା ନେଇ ଉପଭୋକ୍ତାମାନେ ଅଭିଯୋଗ କରିଛନ୍ତି। ସେପଟେ ତୁରନ୍ତ ଏହି ସମସ୍ୟାର ସମାଧାନ କରିଯିବାନେଇ କହିଛନ୍ତି ରାଜନଗର ଯୋଗାଣ ଅଧିକାରୀ ସ୍ୱରୂପ ଦାସ। ରାଜନଗର ବ୍ଲକ୍‌ରେ ଗ୍ୟାସ୍ ସମସ୍ୟା ପ୍ରସାଶନ ପାଇଁ ଚ୍ୟାଲେଞ୍ଜ ହୋଇପଡ଼ିଥିବା ବେଳେ କେବେ ଏହାର ସମାଧାନ ହେଉଛି ତାହା ଦେଖିବାକୁ ବାକି ରହିଲା।

## ଝାଡୁ ବିକାଳି ଯୁବତୀଙ୍କୁ ଗଣଦୁଷ୍କର୍ମ ଅଭିଯୋଗ

**କେନ୍ଦ୍ରାପଡ଼ା, ୧୬।୬/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟ ରାସ୍ତାକଡ଼ରେ ତମ୍ବୁରେ ରହି ଝାଡୁ ବିକୁଥିବା ଛତିଶଗଡ଼ର ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ କରାଯାଇଛି। ଏନେଇ କେନ୍ଦ୍ରପଡ଼ା ସଦର ଥାନାରେ ଅଭିଯୋଗ ମଧ ହୋଇଛି। ଅଭିଯୋଗ ହେବା ପରେ ସଦର ଥାନାଧିକାରୀ ପଦ୍ମାଳୟା ପ୍ରଧାନ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଛତିଶଗଡ଼ର କେତେକ ଲୋକ ଏସ୍‌ପିଙ୍କ କାର୍ଯ୍ୟାଳୟ ଠାରୁ ମାତ୍ର ଏକଶହ ମିଟର ଦୂରରେ ଥିବା ରାସ୍ତାକଡ଼ର ଏକ ସରକାରୀ ଜମିରେ ତମ୍ବୁ ପକାଇ ରହୁଛନ୍ତି। କଟକ-ଚାନ୍ଦବାଲି ରାଜ୍ୟ ରାଜପଥରେ ଝାଡୁ ବିକ୍ରି କରି ସେମାନେ ପରିବାର ପ୍ରତିପୋଷଣ କରୁଥିଲେ। ବିଳମ୍ବିତ ରାତିରେ ତମ୍ବୁ ମଧ୍ୟରେ ଶୋଇଥିବା ଜଣେ ଯୁବତୀଙ୍କୁ ୨ ଜଣ ଯୁବକ ଉଠାଇ ନେଇ ନିକଟସ୍ଥ ଜଙ୍ଗଲରେ ଦୁଷ୍କର୍ମ କରିଥିଲେ। ଦୁଷ୍କର୍ମ କରିବା ପରେ ଯୁବତୀଙ୍କୁ ମୁମୂର୍ଷୁ ଅବସ୍ଥାରେ ଛାଡି ଫେରାର ହୋଇଯାଇଥିଲେ। ସକାଳେ ଯୁବତୀଙ୍କ ପରିବାର ଲୋକେ ଖୋଜା ଖୋଜି କରିଥିଲେ ମଧ ତମ୍ବୁରେ ଯୁବତୀ ନ ଥିଲେ। ନିକଟସ୍ଥ ଜଙ୍ଗଲରେ ଯୁବତୀ ଜଣକ ଅଚେତ ଅବସ୍ଥାରେ ପଡିଥିଲେ। ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏ ନେଇ ଯୁବତୀଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟରେ ଘଟଣାଟି ଘଟିଥିବାରୁ ଏସ୍‌ପି ସିଦ୍ଧାର୍ଥ କଟାରିଆ ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏ ଦିଗରେ ସଠିକ୍ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଏସ୍‌ପି। ସଦର ଥାନାଧିକାରୀ ପଦ୍ମାଳୟା ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ ଅଭିଯୋଗ ପାଇବା ପରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

## ବଜ୍ରାଘାତରେ ଚାଷୀଙ୍କ ମୃତ୍ୟୁ

**କାମାକ୍ଷାନଗର, ୧୬।୬/ଏନ୍ଏନ୍ଏସ୍:** ବିଲକୁ ଯାଇଥିବା ବେଳେ ବଜ୍ରାଘାତରେ ଚାଷୀ ମୃତ। ମୃତ ଚାଷୀ ହେଲେ କାମାକ୍ଷାନଗର ଥାନା ଗୋରଡିଆ ଗ୍ରାମର ସୁଶାନ୍ତ କୁମାର ସେଠୀ। କାମାକ୍ଷାନଗର ମେଡିକାଲ୍‌ରେ ମୃତ ଘୋଷଣା କଲେ ଡାକ୍ତର। ସୂଚନା ଅନୁସାରେ, ସୁଶାନ୍ତ ଆଜି ଅପରାହ୍ନ ସମୟରେ ଗାଁ ନିକଟରେ ଥିବା ବିଲକୁ କାମ ପାଇଁ ଯାଇଥିବା ବେଳେ ବଜ୍ରାଘାତର ଶିକାର ହୋଇଥିଲେ। ବିଲରେ ନିସ୍ତେଜ ଅବସ୍ଥାରେ ପଡିଥିବାର ଦେଖି ପରିବାର ଲୋକ ତୁରନ୍ତ ତାଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜଣେ ଚାଷୀ ଭାବରେ ସେ ଗାଁ ରେ ବେଶ ପରିଚିତ ଥିବାବେଳେ ତାଙ୍କର ଏହି ଅକସ୍ମାତ ମୃତ୍ୟୁକୁ ନେଇ ଗାଁ ରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସରକାରଙ୍କ ତରଫରୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବା ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି।

## ନବମ ବାର୍ଷିକ ରଜ ମହୋତ୍ସବ



**ଚାନ୍ଦୋଳ, ୧୬।୬/ଏନ୍ଏନ୍ଏସ୍:** ଡେରାବିଶ ବ୍ଲକ୍ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ତାମୂଳ ସ୍ଥିତ ଜେନମଣି ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ନବମ ବାର୍ଷିକ ରଜ ମହୋତ୍ସବର ସୋମବାର ଥିଲା ଦ୍ୱିତୀୟ ଦିବସ। ଏହି ଉପଲକ୍ଷେ ସନ୍ଧ୍ୟାରେ ଅନୁଷ୍ଠିତ ସାରସ୍ୱତ ସଭାରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ତଥା କଳିଙ୍ଗ ଆବାସିକ ବିଦ୍ୟାଳୟର ଚେୟାରମ୍ୟାନ ମନୋଜ କୁମାର ପ୍ରଧାନ, ମୁଖ୍ୟବକ୍ତା ଭାବେ ସମାଜସେବୀ ସୁଖଦାନନ୍ଦ ପ୍ରଧାନ, ସମ୍ମାନିତ ଅତିଥିଭାବେ ଯଅଁରାବାରିମୂଳ ସରପଞ୍ଚ ଶଙ୍କର୍ଷଣ ପରିଡ଼ା, ସମାଜସେବୀ ରଜତ ବଳ, ଯୁବ ଶିଳ୍ପୋଦ୍ୟୋଗୀ ଦିପକ ରଞ୍ଜନ ବେହେରା, ସମାଜସେବୀ ଚିତରଞ୍ଜନ ଦାସ, ରଶ୍ମିରଞ୍ଜନ ରାଉତ ଓ ଭିକାରୀ ବେହେରା ଯୋଗଦେଇ ରଜ ପର୍ବର ବିଶେଷତ୍ୱ ସମ୍ପର୍କରେ ସେମାନଙ୍କ ବକ୍ତବ୍ୟରେ କହିଥିଲେ। ଏଥିସହିତ ଏହି ପାରମ୍ପରିକ ପର୍ବକୁ ଲୋକଲୋଚନରେ ଉଜ୍ଜିବିତ କରି ରଖିବା ପାଇଁ ମଧ ପରାମର୍ଶ ଦେଇଥିଲେ। ଏହି ଅବସରରେ କୁନି କୁନି କଳାକାରମାନେ ସ୍ୱାଗତ ନୃତ୍ୟ ପରିବେଶଣ ପୂର୍ବକ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଆଜି ପୂର୍ବାହ୍ନରେ ଉପସ୍ଥିତ କିଶୋରୀମାନଙ୍କ ମଧ୍ୟ ଅନୁଷ୍ଠିତ ହୋଇଥିବା ଦଉଡଡ଼ିଆଁ, ପୁଚି ଓ ରଜ ପିଠା ପ୍ରତିଯୋଗୀତାରେ କୃତି କିଶୋରୀମାନଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ସ୍ଥାନୀୟ ଅଞ୍ଚଳର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା। ପ୍ରାରମ୍ଭରେ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୋଦ କୁମାର ପ୍ରଧାନ ସ୍ୱଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ରଜତ ବଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।

## ରାମ ରାଜା ପୂଜା ପାଳିତ



**କୁଆଖିଆ, ୧୬।୬/ଏନ୍ଏନ୍ଏସ୍:** ରସୁଲପୁର ବ୍ଲକ ଅନ୍ତର୍ଗତ ଶ୍ରୀବନ୍ତପୁର ପଞ୍ଚାୟତର ବିଭିନ୍ନ ସ୍ଥାନ ଓ ୱାର୍ଡ ନଂ ୩ରେ ରାମରାଜା ପୂଜା ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଭୁ ଶ୍ରୀରାମ ଓ ମାତା ସୀତାଙ୍କ ମୂର୍ତ୍ତି ସୁସଜିତ ହୋଇ ପୂଜା ପାଉଛନ୍ତି। ଶ୍ରୀରାମ ପୂଜା କମିଟି ଓ ଜୋକଡ଼ିଆ ମତ୍ସ୍ୟଜୀବୀ ସମବାୟ ସମିତି ସହଯୋଗରେ ପୂଜା ଅନାଦି କାଳରୁ ପାଳିତ ହେଉଛି। ଆଜି ପୂଜା ମଣ୍ଡପକୁ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ସାଂସଦ ଡଃ ରବୀନ୍ଦ୍ର ନାରାୟଣ ବେହେରା ବୁଲିବା ସହ ଉତ୍ସବ ରେ ସାମିଲ ଜନଗଣଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନ ସଭାପତି ବି ମୂର୍ତ୍ତି ଓ ସମସ୍ତ ସଭ୍ୟ ମିଶିକି ପୂଜା ପାଳନ କରୁଛନ୍ତି। ସେହିପରି ଅନ୍ୟ ମଣ୍ଡପ ରାଉତ ସାହି, କଚେରୀ ସାହି, ଗୋପାଳ ପାଟଣା, ଶ୍ରୀବନ୍ତପୁର, ଭଗତ ଭଗବାନ ଆଦି ସ୍ଥାନରେ ରାମରାଜା ପୂଜା ପାଳିତ ହେଉଛି।

## ମୂର୍ଚ୍ଛନା ପକ୍ଷରୁ ଗ୍ରାମୀଣ ରଜ ମହୋତ୍ସବ



**କେନ୍ଦ୍ରାପଡ଼ା, ୧୬।୬/ଏନ୍ଏନ୍ଏସ୍:** ମୂର୍ଚ୍ଛନା, ଓକା ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମିଳିତ ସହଭାଗିତାରେ ଠାକୁରହାଟସ୍ଥିତ ସୁଦର୍ଶନ ହାଇସ୍କୁଲ ଖେଳପଡିଆରେ ରଜ ମହୋତ୍ସବ ତଥା ଗ୍ରାମୀଣ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଠାକୁରହାଟ ବଜାର କମିଟି ସଭାପତି ତଥା ମହୋତ୍ସବ ସଭାପତି ରମେଶ ଚନ୍ଦ୍ର ସେଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ବିଜେପିର ସାମାଜିକ ଗଣମାଧ୍ୟମ ମୁଖ୍ୟ ପ୍ରବକ୍ତା ଉମନାକାନ୍ତ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ପ୍ରଗତିବାଦୀ ଜିଲ୍ଲା ପ୍ରତିନିଧି ପରେଶ ଚନ୍ଦ୍ର ଦାସ ଯୋଗ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ଦାସ, ସମ୍ମାନିତ ଅତିଥି ଭାବେ ୧୩ନମ୍ବର ଜୋନ୍ ବିଜେପି ସଭାପତି ନାରାୟଣ ନାୟକ, ବିଜେପି ଜୋନ୍ ସମ୍ପାଦକ ମଞ୍ଜୁଲତା ମଲ୍ଲିକ, ବିଜେପି ଉପସଭାପତି ମାନୀନି ଷଡଙ୍ଗୀ, ମୂର୍ଚ୍ଛନା, ଓକାର ପ୍ରତିଷ୍ଠାତା ନିର୍ଦ୍ଦେଶକ ବସନ୍ତ କୁମାର ଦାସ ଯୋଗ ଦେଇଥିଲେ। ସମ୍ପାଦକ ନିରାକାର ମହାରଣା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ ଓଡିଶାର କଳା,ସାହିତ୍ୟ, ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ଉଦ୍‌ଜୀବୀତ କରି ରଖିବା ପାଇଁ ଅନୁଷ୍ଠାନର ଏହି ସାଧୁ ଉଦ୍ୟମକୁ ପ୍ରଶଂସା କରିବା ସହ କୁନି କୁନି କଳାକାରଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାର ବିକାଶ ଏଭଳି କାର୍ଯ୍ୟକ୍ରମ ଦ୍ୱାରା ସମ୍ଭବ ହୋଇପାରୁଛି ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ପ୍ରଦୀପ କୁମାର ବିହାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମେଘପୁର ପ୍ରାଥମିକ ବିଦ୍ୟାଳୟର ୧୦୫ ବର୍ଷ ପୂର୍ତ୍ତି



**ରାଜକନିକା, ୧୬।୬/ଏନ୍ଏନ୍ଏସ୍:** ରାଜକନିକାର ଏକ ପ୍ରାଚୀନ ବିଦ୍ୟାଳୟ ଭାବରେ ନିଜର ୧୦୫ ବର୍ଷ ପାଳନ କରିବାରେ ମେଘପୁର ପ୍ରାଥମିକ ବିଦ୍ୟାଳୟ ଏକ ସ୍ୱତନ୍ତ୍ରତା ଅର୍ଜନ କରିଛି। ଦେଶର ସ୍ୱାଧୀନତା ଆନ୍ଦୋଳନ ଓ କନିକା ପ୍ରଜା ବିଦ୍ରୋହର କର୍ଣ୍ଣଧାର ସାଜି ଏହି ବିଦ୍ୟାଳୟ(ଚାଟଶାଳୀ) ସେତେବେଳର ଅବଧାନଙ୍କ ପାଇଁ ଏହି ବିଦ୍ୟାଳୟ ବେଶ ଚର୍ଚ୍ଚିତ ଥିବା ବେଳେ ଏବେ ଏହି ବିଦ୍ୟାଳୟ ତାର ଗାରିମାରେ ବେଶ ପ୍ରଭାବୀ ସାବ୍ୟସ୍ତ ହୋଇଆସିଛି। ବିପ୍ଳବୀ ଚେତନାରେ ଉଦବୁଦ୍ଧ ହୋଇ ଆସୁଥିବା ଏହି ଅନୁଷ୍ଠାନରୁ ଶିକ୍ଷାଲାଭ କରି ପ୍ରତିଷ୍ଠିତ ହୋଇଥିବା ବହୁ ପୁରାତନ ଛାତ୍ରଛାତ୍ରୀଙ୍କ ଗହଣରେ ଚଳିତ ରଜ ଉତ୍ସବରେ ଏହାର ୧୦୫+ ବର୍ଷ ପୂର୍ତ୍ତି ପାଳନ କରାଯାଇଛି। ପହିଲି ରଜରେ ବିପିନ ବିହାରୀ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପୁରାତନ ଛାତ୍ର ହରେକୃଷ୍ଣ ନାୟକ ଦୀନବନ୍ଧୁ ସେଠୀ, ନିରଞ୍ଜନ ବେହେରା, ଅମିତା ସାହୁ, ସନ୍ତୋଷ କୁମାର ସାହୁ ପ୍ରମୁଖ ଏହି ଗ୍ରାମର ଐତିହ୍ୟ, ସଂସ୍କୃତି, ସ୍ୱାଭିମାନ ଉଚ୍ଚ ପ୍ରଶଂସା କରି ବକ୍ତବ୍ୟ ରଖିଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ପୁରାତନ ଛାତ୍ର ଡାକ୍ତର ହେମନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ବାଞ୍ଛାନିଧି ନାୟକ, ମୁଖ୍ୟବକ୍ତା ଭାବରେ ପୂର୍ବତନ କୁଳପତି କୁମରବର ଦାସ, ସମ୍ମାନିତ ବକ୍ତା ଭାବରେ ପ୍ରଫେସର ବୈକୁଣ୍ଠ ନାଥ ପରିଡା, ଡାକ୍ତର ଆଶିଷ କୁମାର ବାରିକ, ସମ୍ପାଦକ ଅରୁଣ କୁମାର ସାହୁଙ୍କ ମଞ୍ଚ ପରିଚାଳନାରେ ସୁରେଶ କୁମାର ରାଉତ, ରାଜ ନାରାୟଣ ନାୟକଙ୍କ ଦ୍ୱାରା ଗୁରୁପୂଜନ,ରଜ ପ୍ରତିଯୋଗିତା, କଳସ ଶୋଭାଯାତ୍ରା, ଧ୍ୱଜା ଉତ୍ତୋଳନ ପରେ ସଂକୀର୍ତ୍ତନ କରାଯାଇଥିଲା। ଏହି ଉତ୍ସବରେ ମେଘପୁର ଗାଁ ର ଐତିହ୍ୟ ସମ୍ବଳିତ ପୁସ୍ତକ ସହିଦ ସ୍ତମ୍ଭର ଗାଁ ମେଘପୁର ଯା ର ନାଁ ଉନ୍ମୋଚନ କରାଯାଇଥିଲା। କିଶୋରୀମାନଙ୍କ ଦ୍ୱାରା ପୁଚି, ମହିଳା ମାନଙ୍କ ଦ୍ୱାରା ହୁଳହୁଳି, ଶଙ୍ଖନାଦ ଓ ସଙ୍ଗୀତ ପ୍ରତିଯୋଗିତା କରାଯାଇଥିଲା। ଗାଁ ର କୁନି କୁନି କଳାକାରଙ୍କ ଦ୍ୱାରା ଅସହାୟ ପିତା ମାତା ନାଟକ ପରିବେଷଣ କରାଯାଇଥିଲା। ସାମ୍ବାଦିକ ଶୁଭ୍ରାଂଶୁ ସୁତାର, ପ୍ରବୀଣ ବଳ, ଅଜୟ ରାଉତ, ସଞ୍ଜୟ ଦାଶ, ଅଜିତ ବେହୁରିଆ,ବିଷ୍ଣୁ ପ୍ରସାଦ ମହାନ୍ତି ଆଦିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିବା ବେଳେ ସୁଧା ପତ୍ରିକାର ସମ୍ପାଦକ ହରେକୃଷ୍ଣ ବାରିକଙ୍କ ସମେତ କାର୍ଯ୍ୟକ୍ରମରେ ଗାଁ ର ଆବାଳ ବୃଦ୍ଧ ବନିତା ସହଯୋଗ କରିଥିଲେ।

## ଜମିବାଡ଼ି ବିବାଦକୁ ନେଇ ଆକ୍ରମଣ, ଯୁବକ ଗିରଫ



**ନାଉଗାଁ, ୧୬।୬/ଏନ୍ଏନ୍ଏସ୍:** ନାଉଗାଁ ଥାନା ଅନ୍ତର୍ଗତ ଅରଖକୁଦସ୍ଥିତ କୋରଣିଆ ଗ୍ରାମରେ ଜମିବାଡ଼ି ବିବାଦକୁ ନେଇ ଜଣେ ମହିଳାଙ୍କୁ ଆହତ ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ ଉକ୍ତ ଗ୍ରାମର ଦେବପ୍ରସାଦ ମହାନ୍ତି ଓ ରାନୁବାଳା ପ୍ରଧାନଙ୍କ ମଧ୍ୟରେ ଜମିବାଡ଼ି ବିବାଦକୁ ନେଇ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ଏହି ଗଣ୍ଡଗୋଳରେ ଦେବପ୍ରସାଦ ଏକ କଟୁରୀ ଯୋଗେ ରାନୁବାଳା ଓ ତାଙ୍କ ଝିଅ ହାତକୁ ହାଣି ଦେଇଥିଲେ। ଫଳରେ ଉଭୟ ରାନୁବାଳା ତାଙ୍କ ଝିଅ ହାତରେ ଗଭୀର କ୍ଷତ ସୃଷ୍ଟି ହେବାସହ ପ୍ରବଳ ମାତ୍ରାରେ ରକ୍ତସ୍ରାବ ହେବାରୁ ତାଙ୍କୁ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତେବେ ଏହି ଘଟଣାରେ ରାନୁବାଳା ନାଉଗାଁ ଥାନାରେ ଏତଲା ଦେବା ପରେ ନାଉଗାଁ ପୁଲିସ ଦେବ ପ୍ରସାଦକୁ ଗିରଫ କରିଥିବା ବେଳେ ତାଙ୍କ ନାମରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଥିବା ଥାନା ଅଧିକାରୀ ଦେବାଶିଷ ପଣ୍ଡା ସୂଚନା ଦେଇଛନ୍ତି।

## ବିନା ଡ଼ାକରାରେ ପହଞ୍ଚିଯାଆନ୍ତି ଡ଼ୋରା ବାବୁ

### ଆଜି ବି ବଞ୍ଚିଛି ମଣିଷପଣିଆ



**ତାଳଚେର, ୧୬।୬/ଏନ୍ଏନ୍ଏସ୍:** ଯାହାର କେହି ସାହା ଭରଷା ନଥାନ୍ତି ପ୍ରତ୍ୟେକ ବିପଦ ସମୟରେ ବିନା ଡ଼କରାରେ ଉପସ୍ଥିତ ହୋଇଯାଆନ୍ତି। ତାଳଚେର ପୌରାଞ୍ଚଳର ୱାର୍ଡ ନଂ-୩ର ଡ଼ୋରା ବାବୁ। ସେ ଏପରି ଏକ ନିଆରା ବ୍ୟକ୍ତି ପ୍ରତ୍ୟେକ କ୍ଷେତ୍ରରେ, ପ୍ରତ୍ୟେକ ସ୍ଥାନରେ ତାଙ୍କର ଉପସ୍ଥିତି ଯାହିର କରି ସେ ଜଣେ ପ୍ରକୃତରେ ବନ୍ଧୁ ଦେଖିବାକୁ ସାଧାସିଧା ସରଳ ଆମାୟିକ ବ୍ୟକ୍ତିର ବ୍ୟକ୍ତିତ୍ୱ। ତାଳଚେର ପୌରପରିଷଦ ୱାର୍ଡ ନଂ-୩ ପାଇକସାହି ଅଞ୍ଚଳର ବାସୀନ୍ଦା ବିଶ୍ୱନାଥ ବର୍ମା ଓରଫ ଡ଼ୋରା ନାମରେ ପରିଚିତ। ମାଙ୍ଗଳିକ କାର୍ଯ୍ୟ ହେଉକି, ଶ୍ମଶାନରେ ଶବ ପୋଡ଼ିବା ଭଳି ସମ୍ବେଦନଶୀଳ ଘଟଣା ହେଉ, ଅଞ୍ଚଳର ଯେକୌଣସି ପରିବାର ହୁଅନ୍ତୁ ନା କହିଁକି ସେ ବିନା ଡ଼କରା ଓ ଦ୍ୱିଧାରେ ଘର ସମ୍ମୁଖରେ ଉପସ୍ଥିତ ହୋଇଯାଆନ୍ତି। ଏପରିକି, ଅନେକ କିଛି ଦୃଷ୍ଟାନ୍ତ ମଧ ରହିଛି, ଜାତି, ଅଜାତି ତାଙ୍କ ପକ୍ଷେ ସଭିଁଏ ସମାନ ବୋଲି ସେ ପ୍ରାୟ ସମୟରେ ବାର୍ତ୍ତାଳାପ କରନ୍ତି। ଅନେକ ସମୟରେ କୌଣସି ପରିବାରର ଯଦି କେହି ସାହା ଭରଷା ନଥାନ୍ତି ତେବେ ତାଙ୍କ ପରିବାରକୁ ସାହାଯ୍ୟ ସହଯୋଗ କରିବାରେ କେବେ ପଛଘୁଞ୍ଚା ଦେଇନଥାନ୍ତି। ସେ ତାଙ୍କ ଜୀବନ କାଳ ମଧ୍ୟରେ ଦିବା ହେଉ କିମ୍ବା ରାତ୍ରୀ ସମୟରେ ହେଉ ଅଞ୍ଚଳରେ କିଏ ଯଦି ଶେଷ ନିଶ୍ୱାସ ତ୍ୟାଗ କରେ ତେବେ ସେଠାରେ ପହଞ୍ଚି ଶବସତ୍କାର ଓ ଶବଦାହ କରିବା କାର୍ଯ୍ୟ ଆୟୋଜନ କରି ନିଜକୁ ଏକ ଚର୍ଚ୍ଚିତ ଚେହେରା ପରିଣତ କରିପାରିଛନ୍ତି ବିଶ୍ୱନାଥ ବର୍ମା ଓରଫ ଡ଼ୋରା ବାବୁ। ଏପରିକି କରୋନା ସମୟରେ କଟକଣା ରହିଥିଲେ ମଧ ଏହାକୁ ଖାତିର ନକରି ଶବଦାହ କାର୍ଯ୍ୟ ତୁଲାଇଥାନ୍ତି। ତାଙ୍କ ଜୀବନକାଳ ମଧ୍ୟରେ ପାଖାପାଖି ଆଜି ପର୍ଯ୍ୟନ୍ତ ପ୍ରାୟ ୧୫ଶହ ଶବ ସତ୍କାର କରିଥିବା ସେ ଏହା ପ୍ରକାଶ କରିଛନ୍ତି। ଆକ୍ଟିଭ ମିଡ଼ିଆ ସାମ୍ବାଦିକ ସଂଘ ପକ୍ଷରୁ ଏସମ୍ପର୍କରେ ତାଙ୍କର ମତାମତ ନିଆଯିବା ପରେ ସେ କୁହନ୍ତି କି, ଏହା ମୁଁ କରୁନି, ଯାହା ହେଉଛି ଭଗବାନଙ୍କ ନିର୍ଦ୍ଦେଶରେ ଚାଲିଛି। ମୁଁ ବାଛବିଚାର ନକରି ଶବ ପାଖରେ ପହଞ୍ଚି ଯାଇଥାଏ। ସେହି ସମୟରେ ଭଗବାନଙ୍କ କରୁଣାରୁ ସତେ ଯେପରି କୌଣସି ଆଲୌକିକ ଶକ୍ତି ସେହି ସ୍ଥାନରେ ପହଞ୍ଚାଇଲା ଭଳି ମନେ ହୋଇଥାଏ। ମୁଁ ଏପରି କାର୍ଯ୍ୟ କରି ବହୁତ ଶାନ୍ତି ଅନୁଭବ କରେ। ତେଣୁ ସେ ଏହି କାର୍ଯ୍ୟକରି ପ୍ରତ୍ୟେକ ସ୍ଥାନରେ ଲୋକଙ୍କର ପ୍ରିୟପାତ୍ର ହୋଇପାରିଥିବା ବେଳେ ଆହୁରି ମଧ ତାଳଚେର ପ୍ରସିଦ୍ଧ ରଥଯାତ୍ରାରେ ରଥନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇ ବେଶ ଆନନ୍ଦିତ ଲାଭ କରିଥାନ୍ତି।

## ଈଶ୍ୱରପୁରରେ ରଜ ମଉଜ ଉଦ୍‌ଯାପିତ

**ରାଜନଗର, ୧୬।୬/ଏନ୍ଏନ୍ଏସ୍:** ଓଡ଼ିଶାର ଗଣପର୍ବ ରଜ ଅବସରରେ ରାଜନଗର ବ୍ଲକ ଅନ୍ତର୍ଗତ ଈଶ୍ୱରପୁର ଗ୍ରାମରେ ଖୁବ୍ ଧୁମଧାମରେ ରଜ ଉତ୍ସବ ପାଳିତ ହୋଇଯାଇଛି। ତିନିଦିନ ଧରି ଚାଲିଥିବା ଏହି ରଜମଉଜ କାର୍ଯ୍ୟକ୍ରମରେ ନିଆରା ବାଡିଖେଳ, ଷଣ୍ଢ ଲଢେଇ, ଘୋଡା ନାଚ, କବାଡି ଖେଳ ଆୟୋଜନ କରାଯାଇଥିଲା। ଏହି ରଜପର୍ବରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଈଶ୍ୱରପୁର ଗ୍ରାମ ପଞ୍ଚାୟତର ସମାଜସେବୀ ହୃଷିକେଶ ପ୍ରଧାନ, ସମିତି ସଭ୍ୟା ଶଶିକଳା ବେହେରା, ସମାଜସେବୀ ଗୋବିନ୍ଦ ବଲ୍ଲଭ ଦଳାଇ, ବିଧାନ ଚନ୍ଦ୍ର କବି, ବସନ୍ତ ବେହେରା, ଶୁଭ୍ରକାନ୍ତ ଭ୍ରମରରାୟ, ଦୀପ୍ତି ଦାସ ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଶାର ପରମ୍ପରାକୁ ବଞ୍ଚାଇ ରଖିବା ତଥା ଭାଇଚାରା ଅତୁଟ ରଖିବାର ପ୍ରୟାସରେ ଅନୁଷ୍ଠିତ ଏହି ରଜ ମହୋତ୍ସବକୁ ଆୟୋଜକ ଈଶ୍ୱରପୁର ଗ୍ରାମବାସୀଙ୍କୁ ଅତିଥିମାନେ ଭୂୟସୀ ପ୍ରଶଂସୀ କରିଥିଲେ। ଗ୍ରାମର ପ୍ରତିଭାବାନ୍ କଳାକାରମାନଙ୍କୁ ନେଇ ତିନି ଦିନରେ ତିନୋଟି ନାଟକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ 'ସନିଆ ଖୋଜୁଛି ସୁନା କନିଆ' ପରିବେଷଣ ହେବା ସହ ଦ୍ୱିତୀୟ ଦିନ 'ବୃଦ୍ଧାଶ୍ରମ' ଏବଂ ତୃତୀୟ ଦିନ 'ଖରାପ ଝିଅର ଗପ' ପରିବେଷଣ କରାଯାଇଥିଲା।

## ବଜ୍ରଘାତରେ ମହିଳାଙ୍କ ମୃତ୍ୟୁ

**କଣିହାଁ, ୧୬।୬/ଏନ୍ଏନ୍ଏସ୍:** ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ୍ ଅନ୍ତର୍ଗତ ସମଲ ଥାନା ଅଞ୍ଚଳର ଗହମ ଗ୍ରାମରେ ବଜ୍ରପାତ ଘଟି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ ଗହମ ଗ୍ରାମର ତାରା ସାହୁ(୪୮) ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ତାରା ସାହୁ କୌଣସି କାମରେ ଘର ବାହାରକୁ ଯାଇଥିଲେ। ଏହି ସମୟରେ ହଠାତ୍ ପ୍ରବଳ ବର୍ଷା ଆରମ୍ଭ ହେବାରୁ ସେ ଏକ ଆମ୍ବ ଗଛ ତଳେ ଆଶ୍ରୟ ନେଇଥିଲେ। ତେବେ ହଠାତ୍ ବଜ୍ରପାତ ହେବାରୁ ସେ ଗୁରୁତର ଭାବେ ଆହତ ହୋଇଥିଲେ ଏବଂ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ସ୍ଥାନୀୟ ଲୋକେ ଓ ପରିବାର ସଦସ୍ୟମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ମୃତଦେହକୁ ଆମ୍ବୁଲାନ୍ସ ଯୋଗେ ବ୍ୟବଚ୍ଛେଦ ପାଇଁ ତାଳଚେର ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଥିବା ଜଣାପଡ଼ିଛି।

## ଅସରାଏ ବର୍ଷାରେ ବେହାଲ୍ ବାଇପାସ୍ ରୋଡ୍



**ତାଳଚେର, ୧୬।୬/ଏନ୍ଏନ୍ଏସ୍:** ତାଳଚେର ସହରରେ ଅସରାଏ ବର୍ଷା ହେବା ଫଳରେ ଛକ, ବଜାର, ମାର୍କେଟ, ରାସ୍ତାଘାଟଗୁଡ଼ିକ ଜନଶୂନ୍ୟ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା। ଆଜି ୩ଘଟିକା ସମୟରେ କଳାବାଦଲ ଢ଼ାଙ୍କି ଦେଇ ଅସାରାଏ ବର୍ଷାରେ ତାଳଚେର ବାଇପାସ୍ ରାସ୍ତାର ଉଭୟ ପାର୍ଶ୍ୱରେ ବର୍ଷାଜଳ ଲହଡ଼ି ମାରୁଥିବା ଦେଖିବାକୁ ମିଳିଥିଲା। ଗଣେଶପୂଜା ବେଳକୁ ଲଗାଣ ବର୍ଷାଜନିତ ସହରର ମୁଖ୍ୟ ରାସ୍ତା ଉପରେ ପାଣିର ସୁଅ ଛୁଟିଥିବା ମଧ ଦେଖାଯାଇଥିଲା। ବାଇପାସ୍ ରାସ୍ତାର ଉଭୟପାର୍ଶ୍ୱରେ ବର୍ଷାପାଣି ସହିତ ଡ୍ରେନ୍ ଜାମ ହେବାଫଳରେ ପଚାଷଢ଼ା ଅସନାପାଣି ରାସ୍ତା ଉପରେ ଟହଲ ମାରୁଥିବାରୁ ପଥଚାରୀ, ବାଟୋଇ ଦାଣ୍ଡୋଇ, ସ୍କୁଟର, ମଟରସାଇକେଲ, ସାଇକେଲ ପାଣି ଭିତରେ ଗଲାବେଳେ ଅସନା ପାଣି ସୁଅ ଦେହକୁ ଛିଟିକାମାରି ଅପ୍ରିତୀକର ପରିସ୍ଥିତ ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ପାଣି କାଦୁଅରୁ ପୋଷାକକୁ ସୁରକ୍ଷା ଦେବାନେଇ ପଥଚାରୀମାନେ ଗୋଡ଼ ଟେକି ଟେକି ଯାଉଥିବା ଦୃଶ୍ୟ ମଧ ପରିଲକ୍ଷିତ ହୋଇଛି। ବାଇପାସ୍ ଟ୍ରାଫିକ ଛକ ରାସ୍ତା ଓ ନିକଟରେ ରହିଥିବା ୟୁକୋବ୍ୟାଙ୍କ୍ ସମ୍ମୁଖ ରାସ୍ତା ହାଲୁକା ବର୍ଷା ହେଲେ କୃତ୍ରିମହ୍ରଦ ସୃଷ୍ଟି ହେଉଛି। ସେଠାରେ ରହିଥିବା ଅଞ୍ଚଳବାସୀ, ପଥଚାରୀ ଓ ନିକଟସ୍ଥ ମାର୍କେଟ ବ୍ୟବସାୟୀମାନେ ବର୍ଷାଜଳ ନିଷ୍କାସନ ପାଇଁ ପ୍ରାୟ ସମୟରେ ଅଭିଯୋଗ କରୁଛନ୍ତି। ତେବେ ପୌରପରିଷଦ ପକ୍ଷରୁ ମୋଟା ଅଙ୍କର ଟାକ୍ସ ନେଇ ଚାଲିଥିଲେ ମଧ ଏବାବଦରେ ସାମାନ୍ୟତମ ଦୃଷ୍ଟି ଦେଉନଥିବା ଦୁର୍ଭାଗ୍ୟର ବିଷୟ ହୋଇଛି। ତେବେ ପରିମଳ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ ଏହି ଟଙ୍କା କିଛି ଅସାଧୁ କର୍ମଚାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ବାଟବଣା ହେଉଥିବା ଅଭିଯୋଗ ହେଉଛି। ଏଠି ଲୋକପ୍ରତିନଧି ନା ପ୍ରଶାସନ କେହି ହେଲେ ଏଥିପ୍ରତି ସାମାନ୍ୟତମ ଦୃଷ୍ଟି ଦେଉନଥିବା ତାଳଚେର ପାଇଁ ଏକ ଅଭିଶପ୍ତ ପାଲଟିଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ତେଣୁ ତୁରନ୍ତ ପ୍ରଶାସନ ଏଥିପ୍ରତି ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି। ଅସାରାଏ ବର୍ଷାରେ ବେହାଲ ବାଇପାସ୍‌ର ଦୁର୍ଦ୍ଦଶା କହିଲେ ନସରେ, ବାରମ୍ବାର ଖବରପ୍ରସାରଣ ପରେ ପ୍ରଶାସନର ଭାଙ୍ଗୁନି କୁମ୍ଭକର୍ଣ୍ଣ ନିଦ୍ରା। ଏହାକୁ ନେଇ ଅଞ୍ଚଳରେ ତୀବ୍ର ଅସନ୍ତୋଷ।

## ରଜ ଅବସରରେ ରାମଲୀଳା



**ଚାନ୍ଦୋଳ, ୧୬।୬/ଏନ୍ଏନ୍ଏସ୍:** ଡେରାବିଶ ବ୍ଲକ୍ ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ବାଲିସାହି ଗ୍ରାମରେ ରଜପର୍ବ ଅବସରରେ ରାମଲୀଳା ପ୍ରଦର୍ଶିତ ହେଉଅଛି। ବାଲିସାହି ସ୍ଥିତ ଶ୍ରୀ ରଘୁନାଥଜୀଉ ଶ୍ରୀରାମନବମୀ କମିଟି ଆନୁକୂଲ୍ୟରେ ଆୟୋଜିତ ୪୩ତମ ରାମଲୀଳା ଉତ୍ସବରେ ଗ୍ରାମର କଳାକାରମାନଙ୍କ ଦ୍ୱାରା ଶ୍ରୀରାମଙ୍କ ଲୀଳା ଅଭିନିତ କରାଯାଇଥାଏ। ସୁନ୍ଦର ସାଜସଜ୍ଜାରେ ଅନୁଷ୍ଠିତ ଏହି ନିର୍ବାକ ଅଭିନୟର ସଂଳାପ (ବଚନିକା) ପ୍ରଦୀପ କୁମାର ପଣ୍ଡା ପାଠ କରିଥାନ୍ତି। ଗ୍ରାମର ଦୁର୍ଗା ପ୍ରସାଦ କାଣ୍ଡି, କେଶବ କାଣ୍ଡି, ଗଣେଶ୍ୱର କାଣ୍ଡି, କାର୍ତ୍ତିକ କାଣ୍ଡି, ବ୍ରଜକିଶୋର କାଣ୍ଡ, ଗୁରୁଚରଣ ଯେନା, ଦୋଳଗୋବିନ୍ଦ ଜେନା, ନରୋଶ ଜେନା, ମଙ୍ଗୁଳି ଚରଣ କାଣ୍ଡି, ମାନସ କୁଚମାର ଜେନା, ରାକେଶ ସେଠୀ ପ୍ରମୁଖ ରାମାୟଣର ବିଭିନ୍ନ ଚରିତ୍ରରେ ଅଭିନୟ କରିଥାନ୍ତି। ପ୍ରତିବର୍ଷ ଏହି ଉତ୍ସବ ରଜ ଅବସରରେ ପାଞ୍ଚଦିନ ବ୍ୟାପୀ ଅନୁଷ୍ଠିତ ହୋଇଥାଏ। ଏହି ଅଭିନୟ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ବହୁ ରାମପ୍ରେମୀମାନେ ଯୋଗ ଦେଇଥାନ୍ତି।

**ନିତି ଭାରତୀ** | ତୁମର କର୍ମ ତୁମର ପ୍ରାଥମିକତାଗୁଡ଼ିକ ସମ୍ପର୍କରେ ବର୍ଣ୍ଣନା କରିଥାଏ । - **ମହାତ୍ମା ଗାନ୍ଧୀ**

ନିତିଦିନ NITIDIN
ବୁଧବାର, ୧୭ ଜୁନ ୨୦୨୬

# ମହାତ୍ମା ଗାନ୍ଧୀଙ୍କ ମନ ଆଇନାରେ ଉତ୍କଳମଣି ଗୋପବନ୍ଧୁ



ପ୍ରହଲାଦ କୁମାର ସିଂହ

ଜାତିର ଜନକ ମହାତ୍ମା ଗାନ୍ଧୀ ଓ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ଶରୀର ଦୁଇଟି ଥିଲେ ମଧ୍ୟ ଚିନ୍ତା ଓ ଚେତନାରେ ସେମାନଙ୍କ ଆତ୍ମା ଥିଲା ସତେ ଯେମିତି ଗୋଟିଏ । ଗାନ୍ଧୀ ଓ ଗୋପବନ୍ଧୁଙ୍କ ସଂପର୍କରେ ଅନେକ ଲେଖା ପ୍ରକାଶିତ ହୋଇଛି । ଗୋପବନ୍ଧୁଙ୍କ କାବ୍ୟ-କବିତା ଓ ସ୍ମୃତରେ ଗାନ୍ଧୀଙ୍କ ସଂପର୍କରେ ଅନେକ କଥା ଦେଖିବାକୁ ମିଳେ । ଠିକ୍ ସେହିଭଳି ଗୋପବନ୍ଧୁଙ୍କ ସଂପର୍କରେ ଗାନ୍ଧୀ ମଧ୍ୟ ଅନେକ କଥା କହିଛନ୍ତି ଓ ଲେଖିଛନ୍ତି । ଉତ୍କଳମଣିଙ୍କ ଜନ୍ମ ପୁରୀ ଜିଲ୍ଲାରେ ପ୍ରବାହିତ ପୁଣ୍ୟତୋୟା ଭାର୍ଗବୀ ନଦୀ ତଟବର୍ତ୍ତୀ ସୁଆଣ୍ଡୋ ଗ୍ରାମରେ ୧୮୭୭ ଅକ୍ଟୋବର ୯ରେ । ତାଙ୍କ ମହାପ୍ରୟାଣ ଘଟିଲା ୧୯୨୮ ଜୁନ୍ ୧୭ ତାରିଖ ନେତ୍ରୋତ୍ସବ ସନ୍ଧ୍ୟାରେ । ଗୋପବନ୍ଧୁଙ୍କ ଜୀବନକାଳ ଥିଲା ମାତ୍ର ୫୦ ବର୍ଷ ୮ ମାସ ୯ ଦିନ । ଗୋପବନ୍ଧୁଙ୍କ ଇହଲୀଳା ସମ୍ବରଣର ପ୍ରାୟ ୨୦ ବର୍ଷ ପରେ ଆତତାୟୀର ଗୁଳି ଚୋଟରେ ନିହତ ହେଲେ ଅହିଂସାର ପୂଜାରୀ ଗାନ୍ଧିଜୀ । ଗୋପବନ୍ଧୁଙ୍କ ଜୀବିତାବସ୍ଥାରେ ଓ ତାଙ୍କ ମହାପ୍ରୟାଣ ପରେ ଗାନ୍ଧିଜୀ ଯେତେସବୁ ବକ୍ତବ୍ୟ ରଖିଥିଲେ, ସେଥିରୁ ଅଳ୍ପ କେତୋଟିର ସଂଯୋଜନାରେ ପ୍ରସ୍ତୁତ ହୋଇଛି ଏହି ଆଲେଖ୍ୟ- ଉତ୍କଳମଣିଙ୍କୁ ତାଙ୍କ ପୁଣ୍ୟ ତିଥିରେ ଶ୍ରଦ୍ଧାଞ୍ଜଳି ନିବେଦନ କରିବାକୁ ।

'ଗୋପବନ୍ଧୁ ଆମ୍ଭମାନଙ୍କୁ ଅପୂର୍ବ ଆଦର୍ଶ ଦେଖାଇ ଯାଇଛନ୍ତି । ସେ ଜଣେ ତ୍ୟାଗୀ ଦେଶ ସେବକ ଥିଲେ । ଆପଣମାନେ ତାଙ୍କ ଆଦର୍ଶ ଯେତେ ଦେଖିଛନ୍ତି ଓ ଜାଣିଛନ୍ତି, ମୁଁ ହୁଏତ ସେତେ ଜାଣିନାହିଁ । ତେବେ ତାଙ୍କର ଧର୍ମନିଷ୍ଠା, ସତ୍ୟନିଷ୍ଠା, ସାଧୁତା, ସରଳତା ଓ ବୀରତ୍ୱର ପ୍ରଭାବ ମୋ ଜୀବନ ଉପରେ ମଧ୍ୟ ପଡ଼ିଛି । ଆଜି ଏ ପୁଣ୍ୟ ଭୂମିରେ ମୁଁ ତାଙ୍କର ଅଭାବ ବେଶୀ ଅନୁଭବ କରୁଛି । ଯେଉଁ ମହତ୍ ମାର୍ଗରେ ସେ ଚାଲି ଯାଇଛନ୍ତି, ପ୍ରତ୍ୟେକ ପ୍ରାଣୀଙ୍କୁ ସେହି ମାର୍ଗରେ ଯିବାକୁ ହିଁ ପଡ଼ିବ । ଏହି ଶରୀର ମରଣଶୀଳ ଓ ଆତ୍ମା ଅମର ବୋଲି ଆମେ ସମସ୍ତେ ଜାଣୁଥାଇଁ । ମୁଁ ବିଶ୍ୱାସ କରୁଛି ଓ ଆପଣମାନେ ବିଶ୍ୱାସ କରନ୍ତୁ ଯେ ତାଙ୍କ ମହତ୍ ଆତ୍ମା ଅମର ହୋଇ ରହିଛି ଓ ଚିରକାଳ ରହିବ । ମୋର ବରାବର ଆଶା ଯେ କେବଳ ଉତ୍କଳ କାହିଁକି, ସମଗ୍ର ଭାରତ ସେହି ସ୍ୱର୍ଗୀୟ ପଣ୍ଡିତ ଗୋପବନ୍ଧୁଙ୍କର ତ୍ୟାଗ ମାର୍ଗ ଅନୁସରଣ କରିବ ଏବଂ ତାଙ୍କ ସ୍ମୃତିର ପ୍ରଭାବରେ ନିଜକୁ ଧନ୍ୟ କରିବ'- ୧୯୩୪ ମେ' ୮ ତାରିଖରେ ପୁରୀ ଶ୍ରୀମନ୍ଦିରର ସିଂହଦ୍ୱାର ନିକଟରେ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଅନାବରଣ କରିବା ଅବସରରେ ଏହା ଥିଲା ମହାତ୍ମା ଗାନ୍ଧୀଙ୍କ ମାର୍ମିକ ବକ୍ତବ୍ୟ ।

ପର ଦିନ ପୁରୀରୁ ହରିଜନ ପଦଯାତ୍ରା ଆରମ୍ଭ କରିଥିଲେ ଗାନ୍ଧୀ । ଏହି ପଦଯାତ୍ରା ସମୟରେ ଗାନ୍ଧିଜୀ ଅବସ୍ଥାନ କରିଥିଲେ ଗୋପବନ୍ଧୁଙ୍କ ପ୍ରତିଷ୍ଠିତ ସାକ୍ଷୀଗୋପାଳର କାଦୁଆ ଆଶ୍ରମରେ । ସେଠାରେ ଏକ ସଭାରେ ଗାନ୍ଧିଜୀ କହିଥିଲେ, 'ପ୍ରଥମେ ମୁଁ ଉତ୍କଳକୁ ଆସିଲା ବେଳେ ଆଉ କାହାକୁ ଜାଣି ନଥିଲି । ଗୋପବନ୍ଧୁଙ୍କ ଦେଶଭକ୍ତି ଓ ସ୍ୱର୍ଗୀୟ ପ୍ରୀତି ମୋତେ ଏଠିକି ଟାଣି ଆଣିଥିଲା । ମୋର ବଡ଼ ଦୁଃଖ ଯେ ଆଜି ଆଉ ତାଙ୍କୁ ଏଠି ଦେଖୁନାହିଁ ... । ଆମେ ଯଦି ତାଙ୍କ ସ୍ମୃତି ରଖିବାକୁ ଚାହୁଁ, ତେବେ ତାଙ୍କ ପ୍ରିୟ କାମଗୁଡ଼ିକ ଆମକୁ କରିବାକୁ ହିଁ ହେବ ।'

ଗୋପବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ଗାନ୍ଧିଜୀ ପ୍ରଥମ ଓଡ଼ିଶା ଗସ୍ତରେ ଆସିଥିଲେ ୧୯୨୧ ମାର୍ଚ୍ଚ ମାସରେ । ଏଠାରୁ ଫେରିବା ପରେ ସେ ୟଙ୍ଗ୍ ଇଣ୍ଡିଆ ଓ ନବଜୀବନରେ ଗୋପବନ୍ଧୁଙ୍କ ସମ୍ପର୍କରେ ଲେଖିଥିଲେ, 'ପ୍ରକୃତିର କ୍ରୋଧ ହେତୁ ଓଡ଼ିଶାର ଲୋକେ ଦୁଃଖ ପାଉଛନ୍ତି । କେତେବେଳେ ବର୍ଷା ଅଭାବରୁ ଫସଲ ହୁଏ ନାହିଁ ତ ଆଉ କେତେବେଳେ ଅତ୍ୟଧିକ ବୃଷ୍ଟିଜନିତ ବନ୍ୟା ଯୋଗୁଁ ଫସଲ ଓ ଘରଦ୍ୱାର ଧୋଇଯାଏ । ଏଠାରେ ଦୁର୍ଭିକ୍ଷ ଭଳି ଅବସ୍ଥା ତେଣୁ ଲାଗି ରହିଥାଏ । ଏପରି ଏକ ଭଗବାନଙ୍କ ପରିତ୍ୟକ୍ତ ଅଞ୍ଚଳରେ ଜଣେ ପ୍ରକୃତ ନେତା ଅଛନ୍ତି । ସେ ହେଉଛନ୍ତି ଗୋପବନ୍ଧୁ ଦାସ... । ପୂର୍ବେ ଏମାନେ ଖାଦ୍ୟରେ କେତେ ଟୋପା ଘିଅ ପକାଇ ଖାଉଥିଲେ । ଅସହଯୋଗ ଆନ୍ଦୋଳନ ଆରମ୍ଭ ହେବା ପରଠାରୁ ତାହା ଛାଡ଼ି ଦେଇଛନ୍ତି । ଏ ଦେଶରେ ଆଜି ଏପରି କ୍ୱଚିତ୍ ଲୋକ ଥିବେ, ଯିଏ ସ୍ୱେଚ୍ଛାକୃତ ଭାବେ ଏତେ ଦୁଃଖ ଭୋଗି ବଞ୍ଚିଥିବେ ! ମୁଁ ପଚାରି ଥିଲି ଏଭଳି ଖାଦ୍ୟ ଖାଇ ରହିଲେ ସ୍ୱାସ୍ଥ୍ୟହାନି ଘଟିବ ନାହିଁ କି ? ଗୋପବନ୍ଧୁବାବୁ ଉତ୍ତର ଦେଲେ- ଏ ପ୍ରକାର ଦୈନ୍ୟ ଓ ଅଭାବ ସ୍ୱରାଜ ପାଇଁ ମାନିନେବା କ'ଣ ଉଚିତ୍ ନୁହେଁ ? ମୁଁ ଚୁପ୍ ହୋଇଗଲି । ଯେତେବେଳେ ଜଣେ କୌଣସି ଦୁଃଖ ଯନ୍ତ୍ରଣାର ସମ୍ମୁଖୀନ ହୁଏ, ସେ ଜାଣିପାରେ ନାହିଁ ଭଗବାନ ତାଙ୍କୁ କିପରି ତାହା ସହିବାର ଶକ୍ତି ଦେଇଛନ୍ତି... । ଏପରି ସାଧୁ କର୍ମୀମାନଙ୍କ ଚେଷ୍ଟାରେ ବର୍ଷକ ଭିତରେ ସ୍ୱରାଜ ମିଳିଯିବ ବୋଲି ମୁଁ ବିଶ୍ୱାସ କରୁଛି । ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।'

ଗୋପବନ୍ଧୁଙ୍କ ଉତ୍ସର୍ଗୀକୃତ ସେବା, ନେତୃତ୍ୱ, ବ୍ୟକ୍ତିତ୍ୱ, ତ୍ୟାଗ, ସାଧନା, ଯୋଜନା ଆଦି ଗାନ୍ଧିଜୀଙ୍କୁ ବେଶ୍ ପ୍ରଭାବିତ କରିଥିଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୧୫ ବର୍ଷ ପୂର୍ବରୁ ଜାତୀୟ ସ୍ତରରେ ଓଡ଼ିଶାକୁ ସ୍ୱତନ୍ତ୍ର ପରିଚିତି ଦେଇ ଗାନ୍ଧିଜୀ ଗୋପବନ୍ଧୁଙ୍କ ସଭାପତିତ୍ୱରେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ଗଢ଼ିବା ସହିତ ଭାଷାଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନ ଦାବିକୁ ଖୋଲା ସମର୍ଥନ ଦେଇଥିଲେ ।

୧୯୧୯-୨୦ରେ ପୁରୀ ଜିଲ୍ଲାରେ ଉପୁଜି ଥିବା ଦୁର୍ଭିକ୍ଷ ପ୍ରସଙ୍ଗରେ ଉତ୍କଳମଣି ବିହାର-ଓଡ଼ିଶା ବିଧାନ ପରିଷଦ ଭିତରେ ଓ ବାହାରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ବିପନ୍ନ ଲୋକଙ୍କୁ ବଞ୍ଚାଇବାକୁ ମର୍ମସ୍ପର୍ଶୀ ନିବେଦନ କରିଥିଲେ । ଗାନ୍ଧିଜୀଙ୍କୁ ଏହା ପ୍ରଭାବିତ କଲା । ଠକ୍କର୍ ବାପାଙ୍କୁ ଗୋପବନ୍ଧୁଙ୍କ ନିକଟକୁ ପଠାଇବା ସହ ବିଭିନ୍ନ ଅଞ୍ଚଳରୁ ଅର୍ଥ ସଂଗ୍ରହ କରି ଗାନ୍ଧିଜୀ ଓଡ଼ିଶାରେ ଚଳାଇ ଥିଲେ ବ୍ୟାପକ ତ୍ରାଣ କାର୍ଯ୍ୟ । ୧୯୨୫ ଓ ୧୯୨୭ରେ ତାଙ୍କର ଓଡ଼ିଶା ଗସ୍ତ ହୋଇଥିଲା ଗୋପବନ୍ଧୁଙ୍କ ସଂଯୋଜନାରେ । ଗୁଜରାଟର କେତେକ ଅଞ୍ଚଳରେ ପଡ଼ିଥିବା ଦୁର୍ବିପାକ ବେଳେ ଗୋପବନ୍ଧୁ ବି ଓଡ଼ିଆଙ୍କଠାରୁ ସାହାଯ୍ୟ ସଂଗ୍ରହ କରି ପଠାଇ ଥିଲେ ଗାନ୍ଧିଜୀଙ୍କ ନିକଟକୁ ।

ଗୋପବନ୍ଧୁଙ୍କ ମୃତ୍ୟୁର କିଛି ମାସ ପୂର୍ବରୁ ଏକ ପତ୍ରରେ ଗାନ୍ଧିଜୀ ଓଡ଼ିଶା ଓ ଉତ୍କଳମଣିଙ୍କ ସମ୍ପର୍କରେ ଏକ ପତ୍ରରେ ଲେଖିଥିଲେ, 'ଭୂତର ଆବେଶ ପରି ଓଡ଼ିଶା ମୋ ମନକୁ ଆଚ୍ଛନ୍ନ କରି ରଖିଛି । ଏପରି ଏକ ଗୌରବୋଜ୍ଜ୍ୱଳ ତଥା ବୀରତ୍ୱପୂର୍ଣ୍ଣ ଦେଶ ଦାରିଦ୍ର୍ୟ ପ୍ରପୀଡ଼ିତ । ଏହାର କର୍ମୀମାନେ ସତ୍ ଅଥଚ ଅସହାୟ ! ଆପଣ ଏଣେତେଣେ ବୁଲି ନିଜ ଶରୀରର ସ୍ୱାଭାବିକ ଅବସ୍ଥାକୁ ନଷ୍ଟ କରନ୍ତୁ ନାହିଁ । ସରଳ ସ୍ୱାସ୍ଥ୍ୟ ବିଧିଗୁଡ଼ିକ ପାଳନ କରି ନିଜ ସ୍ୱାସ୍ଥ୍ୟର ରକ୍ଷା କରନ୍ତୁ । କ'ଣ ହେଉଛି, ଦୟାକରି ମୋତେ ଜଣାଉ ଥିବେ ।'

ଉତ୍କଳମଣିଙ୍କ ତିରୋଧାନ ପରେ ୟଙ୍ଗ୍ ଇଣ୍ଡିଆର ତା ୨୧.୦୬.୧୯୨୮ ରିଖ ସଂସ୍କରଣରେ ଗାନ୍ଧିଜୀ ଲେଖିଥିଲେ, 'ଓଡ଼ିଶାର ଶ୍ରେଷ୍ଠ ସୁପୁତ୍ରମାନଙ୍କ ମଧ୍ୟରେ ଗୋପବନ୍ଧୁ ଦାସ ଅନ୍ୟତମ । ସେ ଓଡ଼ିଶା ପାଇଁ ନିଜର ସର୍ବସ୍ୱ ସମର୍ପଣ କରି ଦେଇଥିଲେ । ଅସହଯୋଗ ଆନ୍ଦୋଳନରେ ଝାସ ଦେଇ ସତ୍ୟାଗ୍ରହୀ ଗୋପବନ୍ଧୁ ବିହାର-ଓଡ଼ିଶା ବିଧାନ ପରିଷଦ ସଦସ୍ୟ ପଦରୁ ଇସ୍ତଫା ଦେବା ସହିତ ଓକିଲାତି ମଧ୍ୟ ଛାଡ଼ି ଦେଇଥିଲେ । ଏଥି ସହ ତାଙ୍କ ହାତଗଢ଼ା ସତ୍ୟବାଦୀ ବନ ବିଦ୍ୟାଳୟକୁ ବି ବିପଦ ମୁହଁକୁ ଠେଲି ଦେଇଥିଲେ ।' ଗୋପବନ୍ଧୁଙ୍କ ନିଃସ୍ୱାର୍ଥଙ୍କ ଚରିତ୍ର ଓ ଦୃଢ଼ ନେତୃତ୍ୱ ସମ୍ପର୍କରେ ଗାନ୍ଧିଜୀ ଉଲ୍ଲେଖ କରିବା ସହିତ ତାଙ୍କ ଅବିଚଳିତ କୀର୍ତ୍ତି ଯୋଗୁଁ ସେ ଅମର ହୋଇ ରହିବେ ବୋଲି ଦର୍ଶାଇ ଥିଲେ । ଖଣ୍ଡ ବିଖଣ୍ଡିତ ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକୁ ନେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ, ସ୍ୱାଧୀନତା ଆନ୍ଦୋଳନ ଏବଂ ସର୍ବୋପରି ଦରିଦ୍ର ଓ ବିପନ୍ନ ଲୋକଙ୍କ ଆର୍ଥିକ ପ୍ରଗତି ଏବଂ ଓଡ଼ିଶା ତଥା ଭାରତର ସାମଗ୍ରିକ ବିକାଶ ଲାଗି ଗୋପବନ୍ଧୁ ଯେଉଁ ଉଦ୍ୟମ ଆରମ୍ଭ କରିଥିଲେ, ତାହା ପୂରଣ କରିବା ଲାଗି ସଙ୍କଳ୍ପବଦ୍ଧ କାର୍ଯ୍ୟକ୍ରମର ଆବଶ୍ୟକତା ଉପରେ ଗାନ୍ଧିଜୀ ଗୁରୁତ୍ୱାରୋପ କରିଥିଲେ । ଏଥିରେ ସେ ଲେଖିଥିଲେ, 'ତାଙ୍କର ମୃତ୍ୟୁରେ ଦେଶ ଆହୁରି ଗରିବ ହୋଇଗଲା । ସେ ସଶରୀରେ ଆମ ପାଖରେ ନଥିଲେ ବି ତାଙ୍କ ଆତ୍ମା ରହିଛି । ସେହି ପୁଣ୍ୟାତ୍ମା ଓଡ଼ିଶାର କର୍ମୀମାନଙ୍କୁ ପଥ ପ୍ରଦର୍ଶନ କରନ୍ତୁ... । ଏହି କର୍ମୀମାନେ ନିଜ ନିଜର ସେବା କାର୍ଯ୍ୟରେ ମିଳିତ ଭାବରେ ପୂର୍ବାପେକ୍ଷା ଅଧିକ ଆତ୍ମତ୍ୟାଗ କରନ୍ତୁ ଏବଂ ତାଙ୍କ ମୃତ୍ୟୁ ଏମାନଙ୍କ ମଧ୍ୟରେ ବେଶୀ ଏକତା ଆଣୁ ।'

ନବଜୀବନ ପତ୍ରିକାର ତା ୦୧.୦୭.୧୯୨୮ ରିଖ ସଂସ୍କରଣରେ 'ଜଣେ ସଚ୍ଚା ଦେଶ ସେବକ' ଶିରୋନାମାରେ ଗାନ୍ଧିଜୀ ଲେଖିଥିଲେ, 'ପଣ୍ଡିତ ଗୋପବନ୍ଧୁ ଦାସଙ୍କ ମୃତ୍ୟୁରେ ଭାରତ, ବିଶେଷକରି ଉତ୍କଳ ଜଣେ ସଚ୍ଚା ଓ ଶୁଦ୍ଧମନା ସେବକଙ୍କୁ ହରେଇଲା । ସେ ଓଡ଼ିଶାର ରତ୍ନ ଥିଲେ... । ଆମେ ଏହା ହିଁ ଆଶା କରୁଛୁ ଯେ ଓଡ଼ିଶାର ସ୍ୱେଚ୍ଛାସେବକମାନେ ତାଙ୍କର କାର୍ଯ୍ୟକୁ ମୁଣ୍ଡେଇବେ । ସାଧୁ ପୁରୁଷମାନେ ମରିକରି ସୁଦ୍ଧା ବଞ୍ଚିଥାନ୍ତି ଓ ଅସାଧୁ ଲୋକେ ବଞ୍ଚିଥିଲେ ବି ମରିବା ସଙ୍ଗେ ସମାନ । ଗୋପବନ୍ଧୁବାବୁଙ୍କ ଭଳି ସାଧୁ ପୁରୁଷଙ୍କ ଦୈହିକ ମୃତ୍ୟୁରେ ଆମେ ସ୍ୱାର୍ଥ ପରବଶ ହୋଇ ଦୁଃଖ କରୁଥାଇଁ, ମାତ୍ର ଶୁଦ୍ଧ ଦୃଷ୍ଟିରେ ଦେଖିଲେ ଜାଣିବା ଯେ ଈଶ୍ୱର ନିର୍ଦ୍ଦୟ ନୁହନ୍ତି, ନ୍ୟାୟବନ୍ତ । ଏହା ବିଶ୍ୱାସ କରୁଥିବା ଲୋକ ପାଇଁ ଏ ବିୟୋଗ ଦୁଃଖଦାୟକ ହେବା ଉଚିତ୍ ନୁହେଁ । ସେ ଜୀବିତ ଥିବା ବେଳେ ଆମେ ତାଙ୍କ ପବିତ୍ର ଜୀବନକୁ ଅନୁକରଣ କରିପାରି ନାହୁଁ, ଏବେ ତାଙ୍କର ଗୁଣଗୁଡ଼ିକ ସ୍ମରଣ କରି ଆମେ ନିଜ ଭିତରେ ସେହିପରି କରିବାର ଶକ୍ତି ଜନ୍ମାଇବା ଉଚିତ୍ । ଏଭଳି ଘଟିଥିବା ଅନେକ ଦୃଷ୍ଟାନ୍ତ ରହିଛି । ତେଣୁ ମୋହ ରହିତ ହୋଇ ଆମେ ମୃତ୍ୟୁଜନିତ ଶୋକ ଓ ଭୟ ଛାଡ଼ିଦେଇ ଆତ୍ମାର ଅମରତାକୁ ହିଁ ସିଦ୍ଧ କରିବା ।'

ବୟସରେ ଉତ୍କଳମଣି ଥିଲେ ମହାତ୍ମା ଗାନ୍ଧୀଙ୍କଠାରୁ ୮ ବର୍ଷ ସାନ, କିନ୍ତୁ ଭାରତର ସ୍ୱାଧୀନତା ସଂଗ୍ରାମକୁ ଗାନ୍ଧିଜୀ ନୂଆ ନେତୃତ୍ୱ ଦେବା ପୂର୍ବରୁ ଗୋପବନ୍ଧୁ ଏହି ଜାତୀୟ ଅଭିଯାନରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । ଖଦି, କୁଟୀର ଶିଳ୍ପଠାରୁ ଆରମ୍ଭ କରି ଲବଣ ଶିଳ୍ପ, ନିଶା ନିବାରଣ, ଅସ୍ପୃଶ୍ୟତା ନିବାରଣ ପର୍ଯ୍ୟନ୍ତ ଯେଉଁସବୁ କଥା ଗାନ୍ଧିଜୀ ଉଠାଇଲେ, ତାହା ଗୋପବନ୍ଧୁ ଢେର୍ ପୂର୍ବରୁ ବିଧାନ ପରିଷଦରେ ଓ ବାହାରେ ଏବଂ ଗଣମାଧ୍ୟମରେ ଉଠାଇବା ସହିତ ଏ କ୍ଷେତ୍ରରେ କାମ ବି କରିଥିଲେ । ସେ ଏମିତି ଏକ ବିରଳ ଦରଦୀ ବ୍ୟକ୍ତିତ୍ୱ, ଯାହାଙ୍କ ହୃଦୟ ତୁଳାଠାରୁ ନରମ, ଆଉ ଏମିତି ଜଣେ ନିର୍ଭୀକ ସଂଗ୍ରାମୀ, ଯାହାଙ୍କ ମନ ଇସ୍ପାତଠାରୁ ବି କଠିନ । ଗୋପବନ୍ଧୁଙ୍କ ଭାଷାରେ- 'ଓଡ଼ିଆ ଜାତି କହିଲେ କେବଳ କେତେ ଜଣ ଶିକ୍ଷିତ ବା ଧନୀ ବ୍ୟକ୍ତି ନୁହନ୍ତି, କେତେକ ରାଜା ବା ଜମିଦାର ନୁହନ୍ତି; ହାକିମ, ଅମଲା, ଓକିଲ ମୁକ୍ତାର ନୁହନ୍ତି । ସମଗ୍ର ଜାତି ମଧ୍ୟରେ ଏମାନଙ୍କ ସଂଖ୍ୟା କେତେ ? ଶତକଡ଼ା ଜଣେ ଦୁଇ ଜଣ ହେବେ କି ନାହିଁ, ସନ୍ଦେହ । ଧନୀ, ଗରିବ, ଶିକ୍ଷିତ, ଅଶିକ୍ଷିତ, ରାଜା, ପ୍ରଜା- ସମସ୍ତଙ୍କୁ ଘେନି ଓଡ଼ିଆ ଜାତି ।' ଗୋପବନ୍ଧୁଙ୍କୁ ସ୍ମରଣ କରିବା ପାଇଁ କୌଣସି ମନ୍ତ୍ର ଉଚ୍ଚାରଣ ଅପେକ୍ଷା 'କାରା କବିତା'ରେ ପୂର୍ବସୂରୀଙ୍କ ପାଇଁ ସେ ଦେଇ ଯାଇଥିବା ମହାମନ୍ତ୍ରର ଅନୁପାଳନ ଏକାନ୍ତ ଅପରିହାର୍ଯ୍ୟ । ଏଥିରେ ଠାଏ ସେ ଲେଖିଛନ୍ତି, 'ପିତୃ ରାଜ୍ୟେ ନାହିଁ ଯା'ର ପୂର୍ଣ୍ଣ ଅଧିକାର/ ସେ ଅଧମ ସୁତ ଶିରେ ସହସ୍ର ଧିକ୍କାର/ ସର୍ବସ୍ୱାନ୍ତ ପରାଧୀନ ହୋଇ ପିତୃଗଣ/ ଅକିଞ୍ଚନ ଭାବେ ଯେବେ ତେଜନ୍ତି ଜୀବନ/ ସେହି ଏକା ସୁସନ୍ତାନ କୁଳର ଗୌରବ/ ଆଣେ ଯେ ଫେରାଇ ପୁଣି ଅତୀତ ବିଭବ/ ସେ ଏକା ଦାୟାଦ ନାମ କରଇ ସାର୍ଥକ/ ଯା'ଯୋଗେ ତରନ୍ତି ପିତୃ ଦାସତ୍ୱ ନରକ/ ଜନନୀ ଓ ଜନ୍ମଭୂମି ସ୍ୱର୍ଗୁ ଗରିୟସୀ/ ଗାଇଲେ ଯେ ପୁଣ୍ୟଶ୍ଳୋକ ସୁକବି ମହର୍ଷି ।'



୧୯୨୧ ମସିହା ମାର୍ଚ୍ଚ ୨୩ ତାରିଖରେ ଓଡ଼ିଶା ଆଗମନ କରିବା ଅବସରରେ କଟକ କାଠଯୋଡ଼ି ନଦୀ ପଠାରେ ଅନୁଷ୍ଠିତ ସାଧାରଣ ସଭାରେ ମହାତ୍ମା ଗାନ୍ଧୀଙ୍କ ଉଦ୍‌ବୋଧନ । ନିକଟରେ ଉପସ୍ଥିତ ଅଛନ୍ତି କସ୍ତୁରବା ବାଇ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଏବଂ ଅନ୍ୟ ବିଶିଷ୍ଟ ବ୍ୟକ୍ତିଗଣ ।

ମୋ: ୯୪୩୭୦୧୭୩୯୫
prahalladsinha@gmail.com

# ଆମେରିକା- ଇରାନ୍ ଶାନ୍ତି ଚୁକ୍ତି

ପଶ୍ଚିମ ଏସିଆ ଯୁଦ୍ଧ ବନ୍ଦ କରିବାକୁ ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଇରାନ୍- ଦୁଇ ପକ୍ଷଙ୍କର ଯଦି ସତରେ ଚୈତନ୍ୟ ଉଦୟ ହୋଇଛି ଏକ ପ୍ରାଥମିକ ରାଜିନାମାରେ ସ୍ୱାକ୍ଷର କରିବାକୁ, ତା'ହେଲେ ଏହାକୁ ବାସ୍ତବରେ ଏକ ଈଶ୍ୱର ପ୍ରଦତ୍ତ ସଦ୍‌ବୁଦ୍ଧି ବୋଲି ବିବେଚନା କରିବାକୁ ହେବ । ତେବେ ଇସ୍ରାଏଲ, ଯାହାକି ଏ ପର୍ଯ୍ୟନ୍ତ ଏହି ରାଜିନାମାର ଏକ ଅଂଶ ହୋଇନାହିଁ, ଯଦି ଲେବାନନ୍‌ରେ ଯୁଦ୍ଧକୁ ବନ୍ଦ କରିବା ସହିତ କେତେ ଦଶନ୍ଧି ପାଇଁ ମଣିଷ ବିରୁଦ୍ଧରେ ମଣିଷର ଆକ୍ରୋଶ ଦ୍ୱାରା ଧ୍ୱସ୍ତବିଧ୍ୱସ୍ତ ହୋଇ ଚାଲିଥିବା ସେହି ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନେଇ ଏହି ରାଜିନାମାରେ ଏକ ପକ୍ଷ ଭାବରେ ସ୍ୱାକ୍ଷର କରିବାକୁ ରାଜି ହୋଇଥାନ୍ତା, ତା'ହେଲେ ଏହା ଆହୁରି ଚମକପ୍ରଦ ହୋଇଥାନ୍ତା । ଆମେରିକା ଏବଂ ଇରାନ୍‌ର ସଦ୍‌ବୁଦ୍ଧି ଯଦି ସତରେ ଦୀର୍ଘସ୍ଥାୟୀ ହୁଏ ଏବଂ ଏସିଆ ମହାଦେଶକୁ ଅବାଧରେ ତୈଳ ଓ ଗ୍ୟାସ୍ ବହନ କରି ଆଣିବା ନିମନ୍ତେ ଜାହାଜଗୁଡ଼ିକଙ୍କଠାରୁ ବିନା ଟିକସ ଆଦାୟ ବ୍ୟବସ୍ଥାରେ ହର୍ମୁଜ୍ ପ୍ରଣାଳୀ ଖୋଲା ହୁଏ, ତା'ହେଲେ ଅବଶିଷ୍ଟ ବିଶ୍ୱ ଶାନ୍ତିର ଏକ ଦୀର୍ଘଶ୍ୱାସଟିଏ ଛାଡ଼ିବ । ଅବଶ୍ୟ ଅନେକଗୁଡ଼ିଏ ପ୍ରସଙ୍ଗ ଅସମାଧିତ ହୋଇ ରହିଛି, ମୁଖ୍ୟତଃ ଇରାନ୍‌ର ଆଣବିକ ମହତ୍ତ୍ୱାକାଂକ୍ଷା, ଯେଉଁଗୁଡ଼ିକ ଆମେରିକା ଏବଂ ଇସ୍ରାଏଲର ଏପରି ନିର୍ବୋଧ କାର୍ଯ୍ୟର ମୂଳଭିତ୍ତି ଥିଲା ଏହି ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରି ଯୁଦ୍ଧ ଆରମ୍ଭ କରିବା ପାଇଁ । ସଂଶୟବାଦକୁ ବାଦ୍ ଦେଲେ ପାଶ୍ଚାତ୍ୟ ଅନୁଦାନଗୁଡ଼ିକ ସୁଗମ କରାଯିବା ଏବଂ ଧୀରେ ଧୀରେ ଇରାନ୍‌ର ଅଟକି ରହିଥିବା ପାଣ୍ଠିଗୁଡ଼ିକ ପ୍ରଦାନ କରାଯିବା ପାଇଁ ବୁଝାମଣାର ଚୁକ୍ତିପତ୍ରକୁ ଆଗେଇ ନେବାର ଅର୍ଥ ହେବ ଯେ ସ୍ଥାୟୀ ଶାନ୍ତି ଫେରିପାରେ, ଯାହା ମଧ୍ୟରେ ହେଜବୋଲ୍ଲା ଏବଂ ହମାସ୍ ଭଳି ଇରାନ୍‌ର ଆତଙ୍କୀ ପ୍ରକ୍ସିମାନେ ମଧ୍ୟ ସାମିଲ ହେବେ, ଯେଉଁମାନେ ଧାର୍ମିକ ଘୃଣା ଦ୍ୱାରା ଫାଟ ସୃଷ୍ଟି ହୋଇଥିବା ଏକ ସଂଘର୍ଷପୂର୍ଣ୍ଣ ଅଞ୍ଚଳରେ ଅର୍ଥପୂର୍ଣ୍ଣ ଭାବରେ ଅବଦାନ ରଖିବାକୁ ଅନ୍ୟାନ୍ୟ ପଥମାନ ବାହାର କରିବା ଉଚିତ ।

ଏଥିରେ କିଛି ବିସ୍ମିତ ହେବାର ନାହିଁ ଯଦି ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଯିଏକି ଏହି ଅଞ୍ଚଳକୁ ତାଙ୍କର 'ପ୍ରଚଣ୍ଡ କ୍ରୋଧ' ସହିତ ଜାଣିଶୁଣି ଧ୍ୱଂସ କରିବାକୁ ଆଗେଇ ଆସିଥିଲେ, ସେ ଶୁକ୍ରବାର ଦିନ ନିଜର ଲାଙ୍ଗୁଡ଼କୁ ଜାକି ଜେନେଭାରେ ଏହି ଚୁକ୍ତି ସ୍ୱାକ୍ଷର କରିବା ପାଇଁ ପହଞ୍ଚନ୍ତି, ଯେମିତିକି ବର୍ତ୍ତମାନ ରହିଛି, କାରଣ ଶେଷରେ ତାଙ୍କୁ ମାନି ନେବାକୁ ହୋଇଛି ଯେ ଏହା ଥିଲା ଏକ ଅବିଜିତ ଯୁଦ୍ଧ, ଯେଉଁଥିରେ ଯେଉଁମାନେ କିଛିଟା ଲାଭ ଉଠାଇବାର ସମ୍ଭାବନା ରହିଛି, ସେମାନେ ହେଲେ ଇରାନ୍ ଏବଂ ଇସ୍ରାଏଲ, ଯେଉଁମାନଙ୍କ ନିକଟରେ ହୁଏତ କିଛିଟା ସୁବିଧା ରହିଛି ଭାବିବାକୁ ଯେ ସେମାନେ ସେମାନଙ୍କର ଉଦ୍ଦେଶ୍ୟକୁ ଚରିତାର୍ଥ କରି ପାରିଛନ୍ତି । ସମାନ ଧରଣର ଚୈତନ୍ୟ ଯଦି ରୁଷୀୟ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍‌ଙ୍କର ଉଦୟ ହୁଅନ୍ତା, ତା'ହେଲେ ଏଇ ବିଶ୍ୱ ପୁଣିଥରେ ବାସ କରିବା ପାଇଁ ଏକ ଶାନ୍ତିପୂର୍ଣ୍ଣ ସ୍ଥାନ ହୋଇ ପାରନ୍ତା, ଯେଉଁ ବିଶ୍ୱରେ ଦୂରଗାମୀ ସଶସ୍ତ୍ର ଡ୍ରୋନ୍‌ଗୁଡ଼ିକରେ ସଜ୍ଜିତ ହୋଇ ସମକକ୍ଷ ଯୋଦ୍ଧା ଭଳି ଯୁଦ୍ଧ କରିବା ହେଉଛି ଏକ ନୂଆ ଭବିଷ୍ୟତ, ଯେଉଁଠି କୌଣସି ଯୁଦ୍ଧକୁ କେହି ହେଲେ ଜିତି ପାରିବେ ନାହିଁ । ପଶ୍ଚିମ ଏସିଆରେ ବର୍ତ୍ତମାନ ସର୍ବାଧିକ ଭୟ ବା ଆଶଙ୍କା ଭାବରେ ଯାହା ବର୍ତ୍ତମାନ ସମୟ ଏବଂ ଶୁକ୍ରବାର ପରେ ଶେଷ ହେବାକୁ ଯାଉଥିବା ୬୦ ଦିନିଆ ଅବଧି ଭିତରେ ରହିଛି, ତାହା ହେଉଛି, ଏହା ପରେ ଯେତେବେଳେ ଅନେକ ସଂଖ୍ୟକ ସର୍ତ୍ତର ସାମ୍ନା କରାଯିବ- ଇସ୍ରାଏଲ ଏବଂ ଏହାର ଯୁଦ୍ଧଖୋର ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କ ଦ୍ୱାରା ବ୍ୟାଘାତ ସୃଷ୍ଟିକାରୀ କାର୍ଯ୍ୟଗୁଡ଼ିକ ଦ୍ୱାରା, ଯିଏକି ସବୁ ଖୁସିର ସ୍ୱପ୍ନ ଉପରେ ପାଣି ପକାଇ ଦେଇ ପାରନ୍ତି ।

ଇରାନ୍ ଯଦି ଉନ୍ନତ ବାଲିଷ୍ଟିକ୍ ମିସାଇଲ କାର୍ଯ୍ୟକ୍ରମ, ଯାହା ଏହାକୁ ପ୍ରତିଆକ୍ରମଣ କରିବାର ସାମର୍ଥ୍ୟ ପ୍ରଦାନ କରିଥିଲା- ଅଧିକତଃ ଉପସାଗରୀୟ ରାଷ୍ଟ୍ରମାନଙ୍କରେ, ଯେଉଁମାନେ ଏକ ସମଧର୍ମା ମୁସଲମାନ-ବହୁଳ ପଡ଼ୋଶୀର ଆକ୍ରମଣାତ୍ମକ କାର୍ଯ୍ୟ ଦ୍ୱାରା ଉତ୍ତେଜିତ ହୋଇ ପଡ଼ିଥିଲେ- ସହିତ ନିଜର ଆଣବିକ ଜାଳେଣି ସମୃଦ୍ଧିକରଣ ବିକଳ୍ପକୁ ଖୋଲା ରଖି ତା' ଉପରେ ଅଟଳ ରୁହେ, ତା'ହେଲେ କେତେ ପରିମାଣର ଆର୍ଥିକ ରିଲିଫ୍ ଏହାକୁ ପ୍ରଦାନ କରାଯିବ, ସେ ବାବଦରେ ଯେ କୌଣସି ପ୍ରକାରର ବିରୋଧାତ୍ମକ କାର୍ଯ୍ୟ ଶାନ୍ତି ଆଲୋଚନାରେ ବ୍ୟାଘାତ ସୃଷ୍ଟି କରିବ । ଏଥର କିନ୍ତୁ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହେବାର ଆଶା କରାଯିବା ପଛରେ ଗୋଟିଏ କାରଣ ଗଭୀର ଭାବରେ ସ୍ପଷ୍ଟ ଯେ ଶ୍ରୀଯୁକ୍ତ ଟ୍ରମ୍ପ, ଯିଏକି ଗତ ବର୍ଷ ତଥା ଚଳିତ ବର୍ଷ ଇରାନ୍‌ର ଆଣବିକ ଜାଳେଣି ଭଣ୍ଡାର ଉପରେ ଆକ୍ରମଣ କରି ଏହାକୁ ଧ୍ୱଂସ କରି ଦେଇଥିବା ସମ୍ପର୍କରେ ଅସ୍ପଷ୍ଟ ବିବରଣୀମାନ ପ୍ରଦାନ କରିଥିଲେ, ସେ ଶ୍ରୀଯୁକ୍ତ ନେତାନ୍ୟାହୁଙ୍କୁ ଅସଲ ପରିସ୍ଥିତି ଚେତାଇ ଦେବାକୁ ଦୃଢ଼ ପ୍ରତିଜ୍ଞ ଥିବା ମନେହୁଏ । ଏକ ସିଦ୍ଧାନ୍ତମୂଳକ ଚୁକ୍ତିକୁ ସମ୍ଭବପର କରାଇବା ନିମନ୍ତେ ସେ ହୁଏତ ନିହାତି କମ୍‌ରେ ୧୨ ବିଲିଅନ୍ ଡଲାର ମୂଲ୍ୟର ଜବତ କରାଯାଇଥିବା ଇରାନୀୟ ସମ୍ପତ୍ତିକୁ ପ୍ରଦାନ କରିବାକୁ ପ୍ରସ୍ତୁତ ହୋଇ ପାରନ୍ତି ହେଉଛି ଏକ ସଙ୍କେତ ଯେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବା ତାଙ୍କ ପାଇଁ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇ ପଡ଼ିଛି । ସତ୍ୟ ହେଉଛି- ଶ୍ରୀଯୁକ୍ତ ଟ୍ରମ୍ପ ଏବଂ ନେତାନ୍ୟାହୁ ଏହି ଯୁଦ୍ଧ ଆରମ୍ଭ କରିଥିଲେ ଏବଂ ଆଇଆରଜିସି ଇରାନ୍‌ର ସର୍ବୋଚ୍ଚ କର୍ତ୍ତା ଆୟାତୋଲ୍ଲାଙ୍କ ନିଧନ ପରେ ଅନ୍ତରୀଣ ସରକାର ଭାବରେ ତାଙ୍କ ପୁଅଙ୍କୁ ଗାଦିନସୀନ କରି ଇସ୍ରାଏଲ ଉପରେ ତଥା ଆମେରିକା ବିରୁଦ୍ଧରେ ଏହାର ସାମରିକ ଘାଟିଗୁଡ଼ିକ ଉପରେ ଆକ୍ରମଣ କରି ଯୁଦ୍ଧରେ ବ୍ୟାପୃତ ରହିବାକୁ ସାହସ କରିଥିଲେ । ଭାରତ, ଯାହା ବର୍ତ୍ତମାନ ଏହି ଯୁଦ୍ଧର ଆନୁଷଙ୍ଗିକ କ୍ଷତି ଭାବରେ ତିନି ଜଣ ନିରୀହ ନାବିକଙ୍କୁ ଆମେରିକାର କାର୍ଯ୍ୟାନୁଷ୍ଠାନରେ ହରାଇଛି, ତାହା ସମ୍ପ୍ରତି ଆମେରିକାର ଏପରି କାର୍ଯ୍ୟରେ ଅବଶ୍ୟ ଖୁସି ହେବ, ଯେହେତୁ ପ୍ରମୁଖ ବୋମା ବର୍ଷାକାରୀ ଇରାନ୍ ଯୁଦ୍ଧରେ ସମ୍ପୃକ୍ତ ହୋଇଥିବା ଲେବାନନ୍ ସମେତ ଅନ୍ୟାନ୍ୟ ରାଷ୍ଟ୍ରମାନେ ସମସ୍ତେ ସବୁ ପ୍ରକାରର ସାମରିକ କାର୍ଯ୍ୟାନୁଷ୍ଠାନକୁ ବନ୍ଦ କରି ଏକ 'ତୁରନ୍ତ ଏବଂ ସ୍ଥାୟୀ' ସମାଧାନ ହେବା ନିମନ୍ତେ ରାଜି ହୋଇଛନ୍ତି । ତେବେ ଇରାନ୍ ସହିତ ବୁଝାମଣା କରିବା ଯେତିକି ଶ୍ରୀଯୁକ୍ତ ଟ୍ରମ୍ପଙ୍କ ପାଇଁ ଆହ୍ୱାନପୂର୍ଣ୍ଣ କାର୍ଯ୍ୟ, ଇସ୍ରାଏଲକୁ ସେଥିପାଇଁ ଆଣ୍ଟେଇବା ମଧ୍ୟ ତାଙ୍କ ପାଇଁ ସେତିକି ଆହ୍ୱାନପୂର୍ଣ୍ଣ ହେବାକୁ ଯାଉଛି ।

# ଖାଦ୍ୟାଭ୍ୟାସର ବିବର୍ତ୍ତନ



ଅଲେଖ ଚନ୍ଦ୍ର ମିଶ୍ର

ଖାଦ୍ୟ ଏପରି ଏକ ପଦାର୍ଥ, ଯାହାକୁ ଖାଇବାର ସନ୍ତୁଷ୍ଟିରେ ନିର୍ଦ୍ଦିଷ୍ଟତା ନଥାଏ ଏବଂ ଖାଦକର ପସନ୍ଦ ଅନୁଯାୟୀ ତାହା ବଦଳୁ ଥାଏ । ଯେତେ ଭଲ ଖାଦ୍ୟ ହେଲେ ବି ଏକାଧିକ ଥର ଖାଇଲେ ଅରୁଚି ହୋଇ ତାକୁ ବଦଳେଇବାକୁ ମନ ଚାହେଁ । ଆଦିମ କାଳରେ କଞ୍ଚା ଖାଦ୍ୟ ଖାଇବାଠାରୁ ଆରମ୍ଭ କରି ପରବର୍ତ୍ତୀ ସମୟରେ ପୋଡ଼ି ଖାଇବା, ସିଝେଇ ଖାଇବା, ରାନ୍ଧି ଖାଇବା ଓ ଅଧୁନା ତେଲ ମସଲା ଦେଇ ଖାଦ୍ୟକୁ ରୁଚି ଅନୁଯାୟୀ ସ୍ୱାଦିଷ୍ଟ କରିବା ଯାଏଁ ସୁଦୀର୍ଘ ଯାତ୍ରା ପଥରେ ଖାଦ୍ୟ ଓ ତା'ର ପ୍ରସ୍ତୁତି ପ୍ରଣାଳୀ ପରିବର୍ତ୍ତିତ ହୋଇ ଚାଲିଛି । ଏହାର ଏକ ଉଦାହରଣ ହେଉଛି ରୁଟି । ଆଗେ ଓଡ଼ିଶାର ଗାଆଁଗଣ୍ଡାରେ ରୁଟିର ପ୍ରଚଳନ ପ୍ରାୟ ନଥିଲା । ବରଂ ଏକ ସାଧାରଣ ଧାରଣା ଥିଲା ଯେ ଭାତ ପାଉ ନଥିବା ଲୋକେ ରୁଟି ଖାଇ ଚଳେଇ ନିଅନ୍ତି । ଅବଶ୍ୟ ଜଳଖିଆ ଭାବରେ ଅଟା ଓ ମଇଦା ତିଆରି ପୁରି, ଲୁଚି, କରଞ୍ଜି, ମାଣ୍ଡୁଆ, କାକରା, ନିମିକି, ଗୁଲୁଗୁଲା ଆଦିର ବ୍ୟବହାର ଥିଲା । କିନ୍ତୁ ଭାତ ହିଁ ଦିନ, ଦୋଓଡ଼ା ଓ ରାତିର ପ୍ରଧାନ ଖାଦ୍ୟ ଥିଲା । ସକାଳେ ପଖାଳ, ମଧ୍ୟାହ୍ନରେ ଓ ରାତିରେ ଗରମ ଭାତ ଖିଆ ଯାଉଥିଲା । ଖାଦ୍ୟର ପରିମାଣ ଓ ଗୁଣବତ୍ତା ବି ସେହିପରି ଥିଲା । ଜଣେ ସାଧାରଣ ଲୋକର ଥରକର ଖାଦ୍ୟ ଥିଲା ପ୍ରାୟ ଅଧସେର ଚାଉଳର (ଢିଙ୍କିକୁଟା ଅକାଣ୍ଡିଆ ମୋଟା ଉଷୁନା) ଭାତ, କଂସାଏ ମୁଗ, କୋଳଥ, ବାଡ଼ି ହରଡ଼ କିମ୍ବା ବିରି ଡାଲି ଓ ବାଡ଼ି ବଗିଚାରୁ ନିତି ତୋଳା ହେଉଥିବା ନାନା ପ୍ରକାରର ପନିପରିବାରେ ତିଆରି ଥାଳିଏ ତରକାରି । କିନ୍ତୁ ଅଧିକାଂଶ ସମୟରେ ଗାଆଁ ଗହୀର, ପାଟନାଳି, ଚୁଆ, ଗଡ଼ିଆ, ପୋଖରୀ, ଯୋର, ନୟନଜୋରି, ଘାଇ, ନଈ, ନାଳ ଆଦିରେ ପ୍ରଚୁର ପରିମାଣରେ ମିଳୁଥିବା ନାନା ଜାତିର ମାଛର ଝୋଳ, ଭଜା, ବେସର, ମହୁର, ଛେଞ୍ଚଡ଼ା, ରାଇ, ପତ୍ରପୋଡ଼ା ଇତ୍ୟାଦି ଥିଲା ପ୍ରାୟ ନିତିଦିନିଆ ବ୍ୟଞ୍ଜନ । ବେଳେ ବେଳେ ମାଣ୍ଡିଆ, କୋଳଥ, ବିରି ଆଦି ଶସ୍ୟରୁ ପ୍ରସ୍ତୁତ ଜାଉ ବି ଖିଆ ଯାଉଥିଲା । ଜଳଖିଆ କହିଲେ- ଚୁଡ଼ା, ମୁଢ଼ି, ହୁଡୁମ, ଖଇ, ଉଖୁଡା ଇତ୍ୟାଦିକୁ ବୁଝାଉ ଥିଲା । ଏହା ଛଡ଼ା ବିଭିନ୍ନ ପର୍ବପର୍ବାଣିରେ ତିଆରି ହେଉଥିବା ନାନା ପ୍ରକାରର ପିଠା, ଯଥା ଚକୁଳି, ଚିତଉ, ମଣ୍ଡା, ନାନମାନ, ଆରିସା, କାକରା, ପୋଡ଼ପିଠା, ଛୁଞ୍ଚିପତ୍ର, ମୁଆଁପିଠା, ସାତପୁରୀ, ଗଇଁଠା, ଧାନ ଉସୁଆଁ ପିଠା, ବିରିଗୋଜ, ଏଣ୍ଡୁରି, ନକ୍ଷତ୍ର ଏଣ୍ଡୁରି ଇତ୍ୟାଦି ଥିଲା ଭାତର ସାମୟିକ ବିକଳ୍ପ ।

ହେଲେ ସମୟ ବଦଳୁଛି ଏବଂ ତା' ସହିତ ତାଳ ଦେଇ ଖାଦ୍ୟ ପଦାର୍ଥରେ ବି ପରିବର୍ତ୍ତନ ଘଟି ଚାଲିଛି । ଏବେ ରାସ୍ତାଘାଟ, ଦୋକାନ ବଜାର, ଛକ ଜାଗା, ଯାତ୍ରା, ମେଳା, ଶିକ୍ଷାଳୟ, କୋର୍ଟ କଚେରି, ଅଫିସ୍ ପାଖ- ସବୁଠି ତଥା ଗାଆଁଗଣ୍ଡାରେ ଥିବା ଛୋଟରୁ ବଡ଼ ଯାଏଁ ସବୁ ଦୋକାନରେ ସୁନ୍ଦର ଓ ଦୃଷ୍ଟି ଆକର୍ଷଣକାରୀ ଢଙ୍ଗରେ ଟଙ୍ଗା ହୋଇଥିବା ରଙ୍ଗ ବେରଙ୍ଗର ଫାଷ୍ଟ ଫୁଡ୍ ପ୍ୟାକେଟ୍ ଏବଂ ମୃଦୁ ପାନୀୟର ସମ୍ଭାର ଲୋକଙ୍କ ମନକୁ ସ୍ୱତଃ ଆକର୍ଷଣ କରୁଛି । ତାକୁ ଆଣି ଦୁଇ ତିନି ମିନିଟ୍‌ରେ ସୁଆଦିଆ ଖାଦ୍ୟ ପ୍ରସ୍ତୁତ କରା ଯାଇ ପାରୁଛି କିମ୍ବା ତୃଷା ମେଣ୍ଟା ଯାଉଛି । ଚାଉଳର ରୂପ ବଦଳି ଗଲାଣି । ଢିଙ୍କି ତ ଲୋପ ପାଇ ଗଲାଣି, ତା' ସହିତ ଉଭେଇ ଗଲାଣି ମୋଟା ନାଲି ଉଷୁନା ଚାଉଳ ଏବଂ ତା'ର ସ୍ଥାନ ନେଲାଣି ସୁପର୍ ଫାଇନ୍ ପ୍ରିମିୟମ୍ ଲଚ୍ଛକାରୀ ଅରୁଆ ଚାଉଳ, ପଲିସ୍ ସର୍ଟେକ୍ସ ହରଡ଼, ମୁଗ, ମସୁର ଓ ବୁଟ ଡାଲି ସାଙ୍ଗକୁ ମାସ ମାସ ଧରି ଶୀତଳ ଭଣ୍ଡାରରେ ସାଇତା ହୋଇଥିବା ପନିପରିବା ଓ ଆମିଷ ଦ୍ରବ୍ୟ, କୃତ୍ରିମ ଉପାୟରେ ପଚା ଯାଇଥିବା ଇଞ୍ଜେକସନ୍ ଦିଆ ଫଳମୂଳ ଓ ଅପମିଶ୍ରିତ ତେଲ ମସଲାରେ ପ୍ରସ୍ତୁତ ମିଲ୍ ଓ ଟିଫିନ୍ । ଘରେ ବି ଫ୍ରିଜ୍‌ରେ ଥିବା ଖାଦ୍ୟ ଓ ପାନୀୟ ଜଳ । ଡେରୀ ହ୍ୱାଇଟ୍‌ନର୍ ମିଶ୍ରିତ କ୍ଷୀର ଓ ନାଇଲନ୍ ଏକ୍ସଟ୍ରାକ୍ଟ ମିଶା ଛେନା । ସକାଳୁ ଉଠିଲେ ଆଉ ଚୁଡ଼ା କି ପଖାଳ ଦରକାର ହେଉନି, ଖୋଜା ପଡୁଛି ଚାଟ୍, ଚାଉମିନ୍, ଗୁପ୍‌ଚୁପ୍, ନୁଡୁଲ୍ । ଆଗେ ଜଳଚର ପ୍ରାଣୀଙ୍କ ମଧ୍ୟରୁ କେତେକ ଖାଦ୍ୟ ପାଇଁ ଅନୁପଯୁକ୍ତ ବିବେଚିତ ହେଉଥିଲା, ଯଥା ଗେଣ୍ଡା, କୋଚିଆ, କଙ୍କଡ଼ା, କଇଁଛ, ସାଙ୍କୁଚ, ଏଣ୍ଡୁଳା, ମୁସିଆରି ଇତ୍ୟାଦି । ଏବେ ସେସବୁ ତ ଖାଦ୍ୟରେ ସାମିଲ୍ ହୋଇ ଗଲାଣି । ଆଉ ଯାହା ବାକି ରହିଗଲା, ତାକୁ ବି ଖୋଜା ପଡୁଛି । ସେହିପରି ମାଂସାହାର ଆଗେ ମୁଖ୍ୟତଃ ଗୃହପାଳିତ ତୃଣଭୋଜି ପ୍ରାଣୀରେ ସୀମିତ ଥିବା ବେଳେ ଏବେ ବଣ ଜଙ୍ଗଲ ଓ ଗାଆଁଗଣ୍ଡାର ସବୁ ପଶୁପକ୍ଷୀ ଖାଦ୍ୟ ତାଲିକାରେ ଅନ୍ତର୍ଭୁକ୍ତ ହୋଇ ଗଲେଣି । ସଂକ୍ଷିପ୍ତ ଭାଷାରେ କହିଲେ, ଏବେ ଅଖାଦ୍ୟ ବୋଲି କିଛି ନାହିଁ ।

ଆଗେ ମଣିଷ ଶରୀରର ଗଠନ ପ୍ରଣାଳୀ ଅନୁସାରେ




ମୁଖ୍ୟତଃ ଶାକାହାର ଖାଦ୍ୟ ନିର୍ଦ୍ଧାରିତ ଥିଲା । ତିଥି, ବାର, ପର୍ବପର୍ବାଣି ଅନୁଯାୟୀ ଖାଦ୍ୟ ଉପରେ ଅନେକ କଟକଣା ଥିଲା ଏବଂ ନିର୍ଦ୍ଦିଷ୍ଟ ଦିନରେ ଆମିଷ ଭୋଜନ ନିଷିଦ୍ଧ ଥିଲା । ଏବେ କିଛି ବାଛ ବିଚାର ନାହିଁ । ଧୁଆ ମୂଳା, ଅଧୁଆ ମୂଳା ସବୁ ସମାନ । ସେତେବେଳର ଖାଦ୍ୟ ଥିଲା ପୋଷକ; ଏବେ ରୋଚକ । ଆଗେ ଖାଦ୍ୟ ଥିଲା ପୁଷ୍ଟି ଓ ପୋଷକ ତତ୍ତ୍ୱରେ ଭରପୂର, ଯାହା ପେଟ ଓ ଦେହ ପାଇଁ ପରିପୂରକ ଥିଲା । ଏବର ଖାଦ୍ୟ ପାଟି ଓ ସ୍ୱାଦ ପାଇଁ ଉଦ୍ଦିଷ୍ଟ ଏକ ସୌଖୀନ ସାମଗ୍ରୀ । ଆଗେ ଯାହା ମୌଳିକ ଆବଶ୍ୟକତା ଥିଲା, ଏବେ ତାହା ସୌଖୀନ ଆବଶ୍ୟକତା; କାରଣ ଏବକାର ଜୀବନଶୈଳୀ ସୌଖୀନର ପରିଚାୟକ । ଏହାର ପରିଣାମ ସ୍ୱରୂପ, ଦିନକୁ ଦିନ ମନୁଷ୍ୟର ଶାରୀରିକ ଗଠନ ଓ ସାମର୍ଥ୍ୟ ନିମ୍ନଗାମୀ ହେଉଛି ଏବଂ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇ ନୂତନ ଓ ଅଜଣା ରୋଗ ବ୍ୟାପୁଛି । ଏଥିରୁ ମୁକ୍ତି ପାଇଁ ବୈଧାନିକ ସତର୍କତା, ସ୍ୱାସ୍ଥ୍ୟ ବିଶାରଦଙ୍କ ପରାମର୍ଶ, ଧାର୍ମିକ ଉପଦେଶ, ଆଧ୍ୟାତ୍ମିକ ଜାଗରଣ, ଆଖି ଆଗରେ ଘଟୁଥିବା ଅଘଟଣ- ଏସବୁର କିଛି ମୂଲ୍ୟ ରହୁନାହିଁ; କାରଣ ମଣିଷ ନିଜେ ନ ବୁଝିଲେ, ତାକୁ କେହି ବୁଝେଇ ପାରିବେ ନାହିଁ । ତେବେ ଆଶ୍ୱାସନାର କଥା ଯେ ଖାଦ୍ୟ ବିଷୟରେ ଏବେ ପଶ୍ଚାତ୍‌ଗତି ଆରମ୍ଭ ହୋଇଛି । ରୁଟି ଏବେ ଖାନଦାନିର ଲକ୍ଷଣ । ବାବୁମାନେ ରାତିରେ ଦି'ଖଣ୍ଡ ରୁଟି ଖାଆନ୍ତି କିମ୍ବା ବହୁମୂତ୍ର ରୋଗୀ ଭାତ ବଦଳରେ ରୁଟି ଖାଆନ୍ତି । ଦିନେ ଗରିବ ଲୋକଙ୍କ ପାଇଁ ଭାତର ବିକଳ୍ପ ଭାବରେ ନିମ୍ନ ଦୃଷ୍ଟିରେ ବିଚାର କରା ଯାଉଥିବା ମାଣ୍ଡିଆ ଏକ ପୁଷ୍ଟିକର ଖାଦ୍ୟ ଭାବରେ ଏବେ ଜାତୀୟ ତଥା ଆନ୍ତର୍ଜାତିକ ସ୍ତରରେ ଆଦୃତ । ପଖାଳକୁ କେହି କେହି ବେଖାତିର କରୁଥିଲେ; କିନ୍ତୁ ଏବେ ସାଧାରଣ ଭୋଜନାଳୟଠାରୁ ତାରକା ହୋଟେଲ୍ ଯାଏଁ ସବୁଠି ପଖାଳ ଏକ ବିଜ୍ଞାପନଯୋଗ୍ୟ ଖାଦ୍ୟ ଭାବରେ ପରିବେଷିତ ହେଉଛି । ସେହିପରି ମାଟି ହାଣ୍ଡିରେ ରୋଷେଇକୁ ହେୟଜ୍ଞାନ କରି ପରିତ୍ୟାଗ କରାଗଲା; ଅଥଚ ଏବେ ହୋଟେଲଗୁଡ଼ିକ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ସେଇ ମାଟି ହାଣ୍ଡି ରୋଷେଇର ସାହାରା ନେଉଛନ୍ତି । କୋଳଥର ଔଷଧୀୟ ଗୁଣବତ୍ତା ଅବଗତ ହେଲା ପରେ ଏବେ ତା'ର ଚାହିଦା ବଢ଼ି ଚାଲିଛି । ବାଇଗଣ, ବଡ଼ି, ଆଳୁ, ଟମାଟୋ, ଶୁଖୁଆ ପୋଡ଼ା ତ ଖିଆ ହେଉଛି; ତା' ଛଡ଼ା ତନ୍ଦୁର ଚିକେନ୍ ନାମରେ କୁକୁଡା ମାଂସକୁ ପୋଡ଼ି ଖାଇବା ବି ଆଜିର ଏକ ଫେସନ୍ । ରୋଗୀଙ୍କ ପାଇଁ ସିଝା ଖାଦ୍ୟ ବ୍ୟବସ୍ଥା କରାଯାଉଛି । କେତେକ ପରିବା, ଯଥା ମୂଳା, କାକୁଡ଼ି, ଝୁଡ଼ଙ୍ଗ, ଅମୃତଭଣ୍ଡା, ମଟର ଛୁଇଁ, ଗ୍ରୀନ୍ ସାଲାଡ୍ ଭାବରେ କଞ୍ଚା ଖିଆ ଯାଉଛି । ଅତଏବ, ଇତିହାସର ପୁନରାବୃତ୍ତି ଘଟେ ବୋଲି ଥିବା ଉକ୍ତିଟି ଖାଦ୍ୟ କ୍ଷେତ୍ରରେ ବି ସତ୍ୟ ପ୍ରମାଣିତ ହେଉଛି ।

ସାରଦାଶ୍ରୀ, ୯୦୪- ଶାସ୍ତ୍ରୀ ନଗର
ୟୁନିଟ୍-୪, ଭୁବନେଶ୍ୱର ,ମୋ: ୯୪୩୮୬୭୩୮୯୮

# ନାମ ସଂକୀର୍ତ୍ତନ

ଏବେ ଅନେକ ଧର୍ମାନୁଷ୍ଠାନ ଗଢ଼ା ହେଲାଣି । ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ, ଗୁରୁଦ୍ୱାର ଇତ୍ୟାଦିଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି । ବିଭିନ୍ନ ମାସରେ ବହୁ ପୂଜାପାର୍ବଣ ଯୋଡ଼ି ହେଲାଣି । ହେଲେ ଲୋକଙ୍କର ମାନସିକତାରେ ପରିବର୍ତ୍ତନ ଯେତିକି ଆଶା କରାଯାଏ, ସେତିକି ହେଲା ଭଳି ମନେ ହେଉନି । ମଣିଷ ଧାର୍ମିକ ହେବାକୁ ଯାଇ ନିଜର ମଣିଷପଣିଆ ହରେଇ ଦେଲାଣି । ଧାର୍ମିକ ଆଉ ମଣିଷପଣିଆ ପରସ୍ପରର ପରିପୂରକ । ଏବେ ଧାର୍ମିକପଣିଆ ଓ ମଣିଷପଣିଆ ବିପରୀତ ଭଳି ବୋଧ ହେଉଛି । କେବଳ ଆଡ଼ମ୍ବରରେ ଉତ୍ସବ ପାଳନ କରିବା, ପ୍ରାର୍ଥନା, କୀର୍ତ୍ତନ କରିବାକୁ ଆଧ୍ୟାତ୍ମିକତା କୁହାଯାଇ ନପାରେ । ଆଧ୍ୟାତ୍ମିକତା ହେଉଛି ମଣିଷ ଭିତରର ଉତ୍ତରଣ ଅବସ୍ଥା । ବାହାରେ ଲୋକଙ୍କ ଦେଖିବା ପାଇଁ ଯେଉଁ ପ୍ରାର୍ଥନା, କୀର୍ତ୍ତନ କରାଯାଉଛି, ତାହା ଅନ୍ତରରେ ବି ହେବା ଉଚିତ୍ । ବାହାରେ ଭଜନ ସହିତ ଯେଉଁମାନଙ୍କର ଅନ୍ତରରେ ଭଜନ ହୁଏ, ସେହିମାନେ ହିଁ ପ୍ରକୃତ ଭକ୍ତ ଓ ସାଧକ । ଏ କଥାର ଏକ ପ୍ରତ୍ୟକ୍ଷ ଦୃଷ୍ଟାନ୍ତ ଦେଖିବାକୁ ମିଳେ ପ୍ରେମାଚାର୍ଯ୍ୟ ବାବା ମଧୁସୂଦନଙ୍କ ଜୀବନରୁ । ସେ ମଧୁବାବା ନାମରେ ଖୁବ୍ ଜଣାଶୁଣା । ତାଙ୍କର ଅନେକ ଲୋକପ୍ରିୟ ଭଜନ ଏବେ ବି ଜନ ସମାଜରେ ପ୍ରଚଳିତ ।

ଓଡ଼ିଶାର ଅବିଭକ୍ତ କଟକ ଜିଲ୍ଲା ରଘୁନାଥପୁର ନିକଟସ୍ଥ ଗ୍ରାମ ସ୍ୱର୍ଗବ୍ରହ୍ମପୁର । ୧୯୧୯ ମସିହା ଜ୍ୟେଷ୍ଠ ମାସ ଚମ୍ପକ ଦ୍ୱାଦଶୀ ତିଥିରେ ଭୂମିଷ୍ଠ ହୋଇଥିଲେ ପ୍ରେମାଚାର୍ଯ୍ୟ ବାବା ମଧୁସୂଦନ । ପିତା ଥିଲେ ରାଜୀବ ଲୋଚନ ପଟ୍ଟନାୟକ ଓ ମାତା- ରାଧାମଣି । ବାବା ମଧୁସୂଦନ ଶୂଦ୍ରମୁନି ସାରଳା ଦାସଙ୍କ ବଂଶୋଦ୍ଭବ ବୋଲି କୁହାଯାଏ । ମଧୁସୂଦନ ପିଲାବେଳୁ ନାମ ସଂକୀର୍ତ୍ତନରେ ମାତି ଯାଆନ୍ତି । 'କୃଷ୍ଣ' ଉଚ୍ଚାରଣ କଲେ ତାଙ୍କ ନୟନ ଯୁଗଳରୁ ଛାଏଁ ଛାଏଁ ଲୁହ ଗଡ଼ିଆସେ । ବାବା ମଧୁସୂଦନଙ୍କ ବାଳକ ଅବସ୍ଥା । ତାଙ୍କ ତଣ୍ଟି ଧୀରେ ଧୀରେ ଦରଜ ହେଲା । ଖାଦ୍ୟ ଢୋକିବା ଓ ନାମ କୀର୍ତ୍ତନ କଲାବେଳେ କଷ୍ଟ ଅନୁଭବ କଲେ । ଡାକ୍ତର ଦେଖିଲେ ତଣ୍ଟି ଭିତରେ ଛୋଟ ଜିଭ ପାଖରେ ବ୍ରଣଟିଏ ଉଠିଛି । ସେ ବ୍ରଣକୁ ଭଲ କରିବା ପାଇଁ ନାନାଦି ଚୁଟୁକା ପ୍ରୟୋଗ କରାଗଲା । ତଥାପି ଭଲ ହେଲାନି । ଶେଷରେ ଏକ ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ରୋପଚାର କରିବାର ଯୋଜନା କରାଗଲା । ଅସ୍ତ୍ରୋପଚାର ପୂର୍ବରୁ ନିଶା ଔଷଧ ଦେଇ ତାଙ୍କୁ ଚେତାଶୂନ୍ୟ କରାଗଲା । ମଧୁବାବା ମଧ୍ୟ ଯୋଗନିଦ୍ରାରେ ରହିଗଲେ । ଅପରେସନ୍ ସମୟରେ ଅଚେତ ଥିବା କୌଣସି ବ୍ୟକ୍ତି ଶବ୍ଦଟିଏ ବି ସୃଷ୍ଟି କରି ପାରନ୍ତି ନାହିଁ । କିନ୍ତୁ ଅସ୍ତ୍ରୋପଚାର କରୁଥିବା ଡାକ୍ତର ଆଶ୍ଚର୍ଯ୍ୟ ହେଉଥିଲେ । କାରଣ ମଧୁସୂଦନ ଚେତାଶୂନ୍ୟ ଥିଲେ । ତଥାପି ମଧୁର କଣ୍ଠରେ 'କୃଷ୍ଣ କୃଷ୍ଣ' ଉଚ୍ଚାରଣ କରୁଥିଲେ । କୃଷ୍ଣ ନାମକୁ ସେ ଜୀବନର ଗଣ୍ଠିଧନ କରିଥିଲେ । ପରବର୍ତ୍ତୀ ସମୟରେ ଚେତା ଫେରିଲା ବେଳକୁ କିଛି କଥା ଉଚ୍ଚାରଣ କରିପାରୁ ନଥିଲେ । କାରଣ ଅପରେସନ୍ କରାଯାଇଥିଲା । ଅନେକ ଦିନ ପର୍ଯ୍ୟନ୍ତ କେବଳ ଉଁ ଉଁ ହୋଇ କହୁ ଥାଆନ୍ତି । ସମସ୍ତେ ଭାବିଲେ ବୋଧହୁଏ ପିଲାଟା ଆଉ କଥାକହିପାରିବନି । କିନ୍ତୁ ପ୍ରଭୁଙ୍କ ଅପାର କୃପାରୁ ପୁଣି ମଧୁବାବାଙ୍କ କଣ୍ଠରୁ ମଧୁର ନାମ ଶୁଣିବାକୁ ମିଳିଲା ।

ଏହା ହିଁ ହେଉଛି ପ୍ରକୃତ ସାଧନା । ଆମର ପ୍ରାର୍ଥନା ଶବ୍ଦରେ ହେବା ସହିତ ଅନ୍ତର ଭିତରେ ବି ହେବା ଉଚିତ୍ ।

# ସୁନ୍ୟବ୍ରହ୍ମ କଳା ସାହିତ୍ୟ ସଂସ୍କୃତି ପରିଷଦର ବାର୍ଷିକୋତ୍ସବ

**ସୋର,୧୬।୬/ଏନ୍‌ଏନ୍‌ଏସ୍:** କୁରୁଡ଼ାରେ ସୁନ୍ୟବ୍ରହ୍ମ କଳା ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ରଜ ଉତ୍ସବ ପାଳନ ସହ ଏକାଦଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମ ବୋଧୁତ ନାୟନ ବାବା ଏବଂ ଅଚ୍ୟୁତ ବାବା ଉତ୍ସବର ଉଦ୍‌ଘାଟନ କରିଥିବାବେଳେ ସଭାପତି ଶ୍ୟାମସୁନ୍ଦର ବେହେରା ଅନୁଷ୍ଠାନର ଉନ୍ନତି କାମନା କରିଥିଲେ । ପରେ କୃତିବାସ ଚନ୍ଦ୍ର ବେଜ୍ ଅତିଥି ପରିଚୟ ସହ ମଞ୍ଚ ପରିଚାଳନା କରିଥିଲେ । ଅନୁଷ୍ଠାନର ଉପସଭାପତି ଜୟକୃଷ୍ଣ ବାରିକ, ନରେନ୍ଦ୍ର ନାୟକ, ସହସମ୍ପାଦକ ସୋମନାଥ ଖିଲାର ଓ ଯୁଗ୍ମ ସମ୍ପାଦକ ରବିନାରାୟଣ ବାରିକ ବାର୍ଷିକ ଉତ୍ସବ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ସୁଭାଷ ଚନ୍ଦ୍ର ମଲ୍ଲିକ, ମୁଖ୍ୟବକ୍ତା ଭାବେ ପ୍ରଭାକର ସାହୁ, ସମ୍ମାନିତ



ଅତିଥିଭାବେ ବାବାଜୀ ଚରଣ ଦାସ ଓ କଳ୍ପତରୁ ସେଠୀ ଯୋଗ ଦେଇଥିଲେ । ପରେ ଅନୁଷ୍ଠାନର କୋଷାଧ୍ୟକ୍ଷ ମୁକ୍ତିକାନ୍ତ ରାଉତ ଭଜନ ପରିବେଷଣ କରିଥିଲେ । କରୁଣାକର ରାଉତ, ବିଜୟ କୁମାର ପାଣିଗ୍ରାହୀ, ହେମନ୍ତ କୃଷ୍ଣ ଦାସ, ମହେଶ୍ୱର ପଟ୍ଟନାୟକ, ପୀତବାସ ସନ୍ଧିବିଗ୍ରହ, ନରହରି ନାୟକ, ସସ୍ମିତ ପଲେଇ ଓ ଅନ୍ୟାନ୍ୟ କବିମାନେ କବିତାପାଠ କରି ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ଯୁଗ୍ମ ସମ୍ପାଦକ ରମେଶ ଚନ୍ଦ୍ର ଦାସ ଅନୁଷ୍ଠାନର ଉନ୍ନତି ନିମନ୍ତେ ନିଜସ୍ୱ ମତ ରଖିଥିବାବେଳେ ସତ୍ୟବ୍ରତ ମହାପାତ୍ର ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ଅବସରରେ ବିଶ୍ୱନାଥ ନାୟକଙ୍କୁ 'ସଙ୍ଗୀତ କଳା ରତ୍ନ' ସମ୍ମାନ ଏବଂ ଦୈତାରୀ ନାୟକଙ୍କୁ 'ସାହିତ୍ୟ ବନ୍ଧୁ' ସମ୍ମାନରେ ସମ୍ମାନିତ କରାଯାଇଥିଲା । ସମ୍ପାଦକ ଅରୁଣକାନ୍ତ ନାୟକ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ରବିନାରାୟଣ ବାରିକ ଧନ୍ୟବାଦ ଦେଇଥିଲେ ।

# ଭୂମିଜ ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବାକୁ ଦାବି

## ଦାବିପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନ ଚେତାବନୀ

**ବୈଶିଙ୍ଗା,୧୬।୬/ଏନ୍‌ଏନ୍‌ଏସ୍:** ଭାରତୀୟ ଆଦିବାସୀ ଭୂମିଜ ସମାଜର ପୂର୍ବତନ କେନ୍ଦ୍ରୀୟ ସଭାପତି ପାଇକ ସିଂଙ୍କ ନେତୃତ୍ୱ ଓ ରାଜ୍ୟ କମିଟି କର୍ମକର୍ତ୍ତାଙ୍କ ସହଯୋଗରେ ଭୂମିଜ ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ୍ କରିବା ପାଇଁ ଏକ ସ୍ମାରକପତ୍ର ରାଜ୍ୟ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ପ୍ରତିଷ୍ଠାନ ଭୁବନେଶ୍ୱରର ଡେପୁଟି ଡାଇରେକ୍ଟର୍ ସନ୍ତୋଷ ରଥଙ୍କୁ ପ୍ରଦାନ କରାଯାଇଛି । ଉକ୍ତ ଦାବିପତ୍ରରେ ଭୂମିଜ ଜାତିର ଭାଷା, ଲିପି, ବର୍ଣ୍ଣବୋଧ, ସଂଖ୍ୟା, ବାର, ମାସ, ତିଥିର ପରିଭାଷା ଓ ବ୍ୟାକରଣ ଆଦିର ସ୍ୱତନ୍ତ୍ରତା ଥାଇ ମଧ୍ୟ ଏହାକୁ ମାନ୍ୟତା ନଦେବା ଅତ୍ୟନ୍ତ ପରିତାପର ବିଷୟ ବୋଲି ଉଲ୍ଲେଖ କରାଯାଇଛି । ମାନ୍ୟତା ମିଳିଲେ ଭୂମିଜ



ଭାଷାର ସଂସ୍କୃତି, ବିଧି ଓ ରୀତିନୀତି ସୁରକ୍ଷିତ ରହିପାରିବ । ଏହି ଦଳରେ ଭାରତୀୟ ଆଦିବାସୀ ଭୂମିଜ ସମାଜର ସମ୍ପାଦକ ହେମେନ୍ଦ୍ର ସିଂ, ସଭାପତି ଗହ୍ନା ସିଂ, ଉପସଭାପତି ନୀଳକଣ୍ଠ ସିଂ, ସାଂସ୍କୃତିକ ଉପଦେଷ୍ଟା ତାଲାଲାଙ୍ଗ ମାହାଲ, ରାଜ୍ୟ ସମ୍ପାଦକ ମଙ୍ଗୁ ସିଂ ଓ କେନ୍ଦ୍ରୀୟ ସାଂସ୍କୃତିକ ସମ୍ପାଦକ ସୁଜାତା ସିଂ ପ୍ରମୁଖ ଉପସ୍ଥିତ ଥିଲେ । ଏନେଇ ବାରମ୍ବାର ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଅତ୍ୟନ୍ତ ପରିତାପର ବିଷୟ । ତେବେ ଏହି ଆବେଦନକୁ ଯଦି ସରକାର ଗ୍ରହଣ ନକରନ୍ତି ଆଗାମୀ ଦିନରେ ଏକ ବଡ଼ ଧରଣର ଆନ୍ଦୋଳନ କରାଯାଇପାରେ ବୋଲି ମଧ୍ୟ ଚେତାବନୀ ଦିଆଯାଇଛି ।

# ରଜରେ ସିଲିକୋସିସ୍ ପୀଡ଼ିତଙ୍କ ସାଥୀ ହେଲେ 'ୟୁଟ୍ୟୁବର୍ ସେବା ପରିବାର'

**ସୋର,୧୬।୬/ଏନ୍‌ଏନ୍‌ଏସ୍:** ରଜ ପର୍ବକୁ 'ୟୁଟ୍ୟୁବର୍ ସେବା ପରିବାର ସୋର'ର ସଦସ୍ୟ ନିଆରା ଢଙ୍ଗରେ ପାଳନ କରିଛନ୍ତି । ପହିଲି ରଜ ନିଜ ପରିବାର ସହ ନପାଳି ସୋର ବ୍ଲକ୍ କେଶରୀପୁର ପଞ୍ଚାୟତ ଅନ୍ତର୍ଗତ ଗବଦା ଗ୍ରାମର ସିଲିକୋସିସ୍ ରୋଗୀ ଅରୁଣ ମଲ୍ଲିକଙ୍କ ପରିବାର ସହ ସମୟ ବିତାଇ ମାନବିକତାର ପରିଚୟ ଦେଇଛନ୍ତି । ଏହି ଅବସରରେ ଗ୍ରୁପ୍‌ର ସଦସ୍ୟମାନେ ଅରୁଣଙ୍କ ପୁଅଝିଅଙ୍କୁ ନୂତନ ବସ୍ତ୍ର ପ୍ରଦାନ କରିବା ସହ ଏକ ମାସର ରାସନ୍ ସାମଗ୍ରୀ ଏବଂ ଦୁଇ ମାସର ଔଷଧ ଯୋଗାଇ ଦେଇଥିଲେ । ଅରୁଣଙ୍କ ପତ୍ନୀଙ୍କୁ ମଧ୍ୟ ନୂତନ ଶାଢ଼ୀ ପ୍ରଦାନ କରିଥିଲେ ।



ଏହାସହ ଛୋଟ ପିଲାଙ୍କୁ ଦୋଳିରେ ଝୁଲାଇ ରଜର ଆନନ୍ଦ ଦେଇଥିଲେ । ପରିବାରର ଆର୍ଥିକ ସ୍ଥିତିକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ପିଲାଙ୍କ ପାଠପଢ଼ା ପାଇଁ ସହଯୋଗ ଓ ପାଠ୍ୟ ସାମଗ୍ରୀ ପ୍ରଦାନ କରିବାକୁ ଗ୍ରୁପ୍ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା । ସେହିପରି ଅରୁଣଙ୍କ ଚିକିତ୍ସା ପାଇଁ ସରକାର ସହାୟତା ପ୍ରଦାନ କରିବାକୁ ମଧ୍ୟ ନିବେଦନ କରାଯାଇଥିଲା । ସାମାଜିକ ଦାୟିତ୍ୱବୋଧ ଓ ମାନବିକତାର ଏଭଳି ପଦକ୍ଷେପକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ୟୁଟ୍ୟୁବର୍ ଗ୍ରୁପ୍ ସୋର ମୁଖ୍ୟ ସଞ୍ଜୟ ନାୟକ ଏବଂ ଗୌରୀଶଙ୍କରଙ୍କ ସହ ସଦସ୍ୟ ଯୁଗେଶ ମହାନ୍ତି, ଚନ୍ଦ୍ରଶେଖର ହୋତା, ସସ୍ମିତା ପାଢ଼ୀ, ସତ୍ୟରଞ୍ଜନ ଜେନା, ମନୋରଞ୍ଜନ ବେହେରା, ଜୟନ୍ତୀ ସାହୁ, ସରସ୍ୱତୀ ଧଳ, ସୁପ୍ରିୟା ନାୟକ, ଇତିସ୍ମିତା ମହାନ୍ତି, ସରସ୍ୱତୀ ଖୁଣ୍ଟିଆ ଓ ସସ୍ମିତା ଗୋଚ୍ଛାୟତଙ୍କ ସହ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ ।

# ପିଲାଙ୍କ ସହ ରଜ ପାଳିଲା ବସୁନ୍ଧରା ଫାଉଣ୍ଡେସନ୍

**ବାରିପଦା,୧୬।୬/ଏନ୍‌ଏନ୍‌ଏସ୍:** ଶିଶୁଙ୍କ ଲାଗି ଆମ ସମସ୍ତଙ୍କ ମଧ୍ୟରେ ଏକ ସାମାଜିକ ଓ ନୈତିକ ଦାୟିତ୍ୱ ରହିବା ନିହାତି ଭାବେ ଆବଶ୍ୟକ । ଏହି ମନୋଭାବକୁ ଏକ ବାର୍ତ୍ତା ଭାବେ ସମାଜକୁ ଦେବା ଉଦ୍ଦେଶ୍ୟରେ ବାରିପଦାର ବସୁନ୍ଧରା ଫାଉଣ୍ଡେସନ୍ ଚାରିଟେବୁଲ୍ କେୟାର୍ ଟ୍ରଷ୍ଟ କୁନି କୁନି ଛୁଆଙ୍କ ସହିତ ରଜ ପର୍ବ ପାଳନ କରିଛି । ବସୁନ୍ଧରାର ସଦସ୍ୟାମାନେ ବାରିପଦା ଦେବେନ୍ଦ୍ରପୁରସ୍ଥିତ ଆର୍‌ଡି ଅନାଥ ଆଶ୍ରମର ଛୋଟ ଛୋଟ ଝିଅଙ୍କୁ ପାଇଁ ଅଳତା, କୁଙ୍କୁମ, ଚୁଡ଼ି, ଟିକିଲି ଓ ନେଲପୋଲିଶ୍ ଭଳି ପ୍ରସାଧନ ସାମଗ୍ରୀ ନେବା ସହ ସେମାନଙ୍କୁ ଦୋଳି ଝୁଲାଇଥିଲେ । ରଜର ପିଠା ମିଠା ଓ ମିଠାପାନ ଦିଆନିଆ ଭିତରେ ସେହି କୁନି କୁନି ପିଲାଙ୍କ ଖୁସି ଦେଖିବା ଭଳିଆ ଦୃଶ୍ୟ ସୃଷ୍ଟି କରିଥିଲା । ପିତାମାତାଙ୍କ ସ୍ନେହରୁ ବଞ୍ଚିତ ଏହି ଶିଶୁଙ୍କୁ ଅନାବିଳ ସ୍ନେହରେ ହିଁ ପ୍ରକୃତ ଖୁସି ଓ ଆମ



ପର୍ବପର୍ବାଣିର ମହତ୍ତ୍ୱ ବୋଲି ବିଏଫ୍‌ସିସିଟିର ଅଧ୍ୟକ୍ଷା ଶ୍ରୁତି ରାଉତରାୟ କହିଛନ୍ତି । ଏହି ଟ୍ରଷ୍ଟର ସଦସ୍ୟା ଆଇନଜୀବୀ ମଧୁସ୍ମିତା ନାୟକ, ଦିପ୍ତିମୟୀ ଦାସ, ମଧୁସ୍ମିତା ଭୂୟାଁଙ୍କ ଓ ଆର୍‌ଡିର ସମ୍ପାଦକ ସାଇପ୍ରକାଶ ମହାନ୍ତି ସହଯୋଗ କରିଥିଲେ । ଟ୍ରଷ୍ଟର ପରମ୍ପରା ଅନୁଯାୟୀ ଶେଷରେ କୁନି ପିଲାଙ୍କୁ ବୃକ୍ଷଦାନ କରାଯାଇଥିଲା । ପରିବେଶ ରକ୍ଷା ଲାଗି ବୃକ୍ଷରୋପଣ କରି ଏହି ଦିବସକୁ ସ୍ମରଣୀୟ କରିବାକୁ ଟ୍ରଷ୍ଟ ବାର୍ତ୍ତା ଦେଇଥିଲା ।

# ୫ ଦିନ ହେଲା ରାଜୁ ନିଖୋଜ

**ବୈଶିଙ୍ଗା,୧୬।୬/ଏନ୍‌ଏନ୍‌ଏସ୍:** ବୈଶିଙ୍ଗା ଥାନା ଅନ୍ତର୍ଗତ ସଇତପୁର ଗ୍ରାମର ବୁଧୁଆ ବିନ୍ଧାଣୀଙ୍କ ୨୧ ବର୍ଷୀୟ ପୁଅ ଡମ୍ବରୁଧର (ରାଜୁ) ଗତ ୧୩ ତାରିଖରୁ କୁଆଡ଼େ ନିଖୋଜ ହୋଇଯାଇଥିବା ନେଇ ବୈଶିଙ୍ଗା



ଥାନାରେ ଅଭିଯୋଗ ହୋଇଛି । ରାଜୁର ବର୍ଣ୍ଣ ଶ୍ୟାମଳ, ସାଢ଼େ ପାଞ୍ଚ ଫୁଟ ଉଚ୍ଚତା ଓ ଘରୁ ଯିବାବେଳେ କଳା ରଙ୍ଗର ପ୍ୟାଣ୍ଟ ଓ ଧଳା ରଙ୍ଗର ବେନିୟନ୍ ପିନ୍ଧିଥିଲେ । ସେହିଦିନଠାରୁ ସାଙ୍ଗ ଏବଂ ବନ୍ଧୁବାନ୍ଧବଙ୍କ ଘରେ ଖୋଜାଖୋଜି କରାଯାଇଥିଲେ ମଧ୍ୟ କୌଣସି ସନ୍ଧାନ ମିଳିପାରି ନାହିଁ । ଯିବାବେଳେ ରାଜୁ ପାଖରେ ଏକ ସ୍ମାର୍ଟ ଫୋନ୍ ଥିଲା ଯାହାର ନଂ. ୭୭୩୫୩ ୭୫୦୫୩ ବୋଲି ତାଙ୍କ ବାପା ବୁଧୁଆ ବିନ୍ଧାଣୀ ଏତଲାରେ ଜଣାଇଛନ୍ତି ।

## ବରିଷ୍ଠ ନାଗରିକ ପରିଷଦର ରଜ, ସମ୍ବର୍ଦ୍ଧନା ସମାବେଶ

# 'ଈଶ୍ୱରୀୟ ସତ୍ତାକୁ ଅନୁଭବ କଲେ ଜୀବନ ସାର୍ଥକ ହୁଏ'

**ଧାମନଗର,୧୬।୬/ଏନ୍‌ଏନ୍‌ଏସ୍:** ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ରଜ ମହୋତ୍ସବ ଓ ସମ୍ବର୍ଦ୍ଧନା ସମାବେଶ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ଅନିଲ କୁମାର ବାରିକ୍‌ଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ଗଣଶିକ୍ଷା ବିଭାଗର ପ୍ରାକ୍ତନ ନିର୍ଦ୍ଦେଶକ ବୃନ୍ଦାବନ ଶତପଥୀ ଯୋଗଦେଇ ଆଧ୍ୟାତ୍ମିକ ଚେତନା ଓ ଈଶ୍ୱରୀୟ ସତ୍ତାକୁ ଅନୁଭବ କଲେ ଜୀବନ ସାର୍ଥକ ହୁଏ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଭଦ୍ରକ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଏବଂ ଧାମନଗର ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ସାହୁ ମୁଖ୍ୟବକ୍ତା ଏବଂ ସହଶିକ୍ଷା ଅଧିକାରୀ ସତ୍ୟସୁନ୍ଦର ପରିଡ଼ା ସମ୍ମାନିତ ଅତିଥି, ପରିଷଦର ଉପସଭାପତି ଡ. ସେକ୍ ଅବଦୁଲ ହାକିମ୍, ଦଶରଥ ଦାସ, ପ୍ରାକ୍ତନ ପ୍ରଧାନଶିକ୍ଷକ



ରସାନନ୍ଦ ମହାପାତ୍ର, ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ, ପରିଷଦର ଉପସଭାପତି ସୁରଥ ଚନ୍ଦ୍ର ସେଠୀ, କୋଷାଧ୍ୟକ୍ଷ ଙ୍ଗ ନୃସିଂହ ଚରଣ ନାୟକ, ସଭ୍ୟ ଅଭିମନ୍ୟୁ ମଲ୍ଲିକ, ହୃଦାନନ୍ଦ କର, ସନ୍ତୋଷ ପାଢ଼ୀ, ଭାସ୍କର ଚନ୍ଦ୍ର ସାମଲ, ନରେନ୍ଦ୍ର କୁମାର ମଲ୍ଲିକ, ବିଶ୍ୱନାଥ ବେହେରା, ଶ୍ରୀଧର ନାଥ, ରାମଚନ୍ଦ୍ର ସାହୁ, ମହେଶ୍ୱର ସ୍ୱାଇଁ, ସୁବାସ ଚନ୍ଦ୍ର ନାୟକ ଓ ଲମ୍ବୋଦର ମହାନ୍ତି ବକ୍ତବ୍ୟ ରଖିଥିଲେ । ପରିଷଦର ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ପଣ୍ଡା ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିବା ସହ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଦଶମ ବୋର୍ଡ ପରୀକ୍ଷାରେ ବ୍ଲକ୍‌ର ୪ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ମେଧା ପ୍ରଶଂସା ମାନପତ୍ର ପ୍ରଦାନ କରାଯାଇଥିଲା । ବରିଷ୍ଠ ସାମ୍ବାଦିକ ତଥା ସଭ୍ୟ କୃଷ୍ଣ ଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ ।

# ଜାତୀୟସ୍ତରରେ ଫୁଲକଅଁଳେଇ ନୋଡାଲ୍ ହାଇସ୍କୁଲ୍‌ର ବାଜିମାତ୍

**କେନ୍ଦୁଝର,୧୬।୬/ଏନ୍‌ଏନ୍‌ଏସ୍:** କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ୍‌ର ଫୁଲକଅଁଳେଇ ନୋଡାଲ୍ ହାଇସ୍କୁଲ୍‌କୁ ଏକ ଗୌରବମୟ ସଫଳତା ମିଳିଛି । ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ (ସ୍କୁଲ୍ ଶିକ୍ଷା ଓ ସାକ୍ଷରତା ବିଭାଗ) ଦ୍ୱାରା ପ୍ରଦାନ କରାଯାଉଥିବା ସମ୍ମାନଜନକ 'ସ୍ୱଚ୍ଛ ଏବଂ ହରିତ ବିଦ୍ୟାଳୟ ପୁରସ୍କାର'(ଏସ୍‌ଏଚ୍‌ଭିଆର୍)ପାଇଁ ଦେଶବ୍ୟାପୀ ମନୋନୀତ ୧୯୧ଟି ବିଦ୍ୟାଳୟ ମଧ୍ୟରୁ ଫୁଲକଅଁଳେଇ ନୋଡାଲ୍ ହାଇସ୍କୁଲ୍ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଏହି ପ୍ରତିଯୋଗିତାରେ ବିଦ୍ୟାଳୟ ୯୫.୨ ପ୍ରତିଶତ ସ୍କୋର୍ କରି ଓଡ଼ିଶାରେ ୫ମ ଏବଂ ସର୍ବଭାରତୀୟସ୍ତରରେ ୧୦ମ ସ୍ଥାନ ଅଧିକାର କରିଛି । ଓଡ଼ିଶାର ୧୦ଟି ଜିଲ୍ଲା ଏହି ଜାତୀୟସ୍ତରର ମନୋନୟନ ପ୍ରକ୍ରିୟାରେ ସାମିଲ୍ ଥିବାବେଳେ ଚମ୍ପୁଆର ଏହି ବିଦ୍ୟାଳୟ




ନିଜର ଦକ୍ଷତା ପ୍ରଦର୍ଶନ କରିଛି । ଏନେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୀବନ କିଶୋର ମହାନ୍ତ କହିଛନ୍ତି ଯେ ଏହି ସଫଳତା କେବଳ ବିଦ୍ୟାଳୟର ନୁହେଁ, ବରଂ ଆମ ବିଦ୍ୟାଳୟ ପରିବାରର ପ୍ରତ୍ୟେକ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ, ଛାତ୍ରଛାତ୍ରୀ ଓ ପରିଚାଳନା କମିଟିର ସାମୂହିକ ପ୍ରୟାସ ଏବଂ ନିରନ୍ତର ଉଦ୍ୟମର ଫଳ । ସମସ୍ତଙ୍କର ନିଷ୍ଠାପର ପ୍ରୟାସ ବିନା ଏହା ସମ୍ଭବ ହୋଇନଥାନ୍ତା । ଏହି ସଫଳତା ପାଇଁ ମୁଁ ବିଦ୍ୟାଳୟର ପ୍ରତ୍ୟେକ ସଦସ୍ୟଙ୍କୁ ଅନ୍ତରର ସହିତ ଧନ୍ୟବାଦ ଜଣାଉଛି ବୋଲି ଶ୍ରୀ ମହନ୍ତ କହିଥିଲେ ।

# ଆନ୍ତଃ-ଧର୍ମ ବିବାହକୁ ନେଇ ଉତ୍ତେଜନା

**ବାରିପଦା,୧୬।୬/ଏନ୍‌ଏନ୍‌ଏସ୍:** ମୟୂରଭଞ୍ଜ ଜିଲ୍ଲା ବାରିପଦାରେ ଆନ୍ତଃ-ଧର୍ମ ବିବାହକୁ ନେଇ କୋର୍ଟ ପରିସରରେ ଉତ୍ତେଜନା ପ୍ରକାଶ ପାଇଛି । ରାଇରଙ୍ଗପୁରର ଜଣେ ହିନ୍ଦୁ ମହାନ୍ତ ସମ୍ପ୍ରଦାୟର ଯୁବତୀ ଜଣେ ମୁସଲମାନ୍ ଯୁବକଙ୍କୁ କୋର୍ଟ ବିବାହ କରିବା ପାଇଁ କାଗଜପତ୍ର ପ୍ରସ୍ତୁତ



କରୁଥିବା ସମୟରେ ବିଶ୍ୱ ହିନ୍ଦୁ ପରିଷଦ ଏହାକୁ ରୋକିଛନ୍ତି । ବିଶେଷ ସୂତ୍ରରୁ ଖବରପାଇ ସଂଗଠନର ସଦସ୍ୟମାନେ କୋର୍ଟରେ ପହଞ୍ଚି ଉଭୟଙ୍କୁ ଅଟକ ରଖିବା ସହ ପୁଲିସ୍ ଜିମା ଦେଇଛନ୍ତି । ଉଦ୍ଧାର ହୋଇଥିବା ଯୁବତୀଙ୍କୁ ବୁଝାସୁଝା କରାଯାଇଥିବାବେଳେ ସମ୍ପୃକ୍ତ ଯୁବକ ଓ ତାଙ୍କ ସହଯୋଗୀଙ୍କୁ ମଧ୍ୟ ପୁଲିସ୍ ଥାନାରେ ଅଟକ ରଖି ପଚରାଉଚୁରା କରୁଛି । ମୟୂରଭଞ୍ଜରେ 'ଲଭ୍ ଜିହାଦ୍' ର ଏକ ବଡ଼ ସ୍କାମ୍ ଚାଲିଥିବା ବିଶ୍ୱ ହିନ୍ଦୁ ପରିଷଦ ସାଧାରଣ ସମ୍ପାଦକ ପ୍ରଶାନ୍ତ ଆଚାର୍ଯ୍ୟ ପ୍ରକାଶ କରିଛନ୍ତି । ଘଟଣା ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ସଂଗଠନର ମୁଖ୍ୟ କହିଛନ୍ତି ଯେ ଏହା କୌଣସି ସାଧାରଣ ପ୍ରେମ ବ୍ୟାପାର ନୁହେଁ, ବରଂ ମୟୂରଭଞ୍ଜ ଜିଲ୍ଲାରେ ଏକ ସୁଚିନ୍ତିତ ସ୍କାମ୍ ଚାଲିଛି । ହିନ୍ଦୁ ଝିଅଙ୍କୁ ପ୍ରେମ ଜାଲରେ ଫସାଇ ବିବାହ କରିବା ପାଇଁ ଏକ ପୁରା ଟିମ୍ କାମ କରୁଛି । ଯେଉଁ ଝିଅମାନେ ଏହି ଜାଲରେ ପଡ଼ି ବାହାରକୁ ଯାଉଛନ୍ତି, ପରବର୍ତ୍ତୀ ସମୟରେ ସେମାନଙ୍କର କୌଣସି ପତ୍ତା ମିଳୁନାହିଁ । ତେଣୁ ସଂଗଠନ ପକ୍ଷରୁ ବିଭିନ୍ନ ସ୍କୁଲ୍, କଲେଜ ଓ ହଷ୍ଟେଲ୍‌କୁ ଯାଇ ଝିଅଙ୍କୁ ବୁଝାଯାଉଛି । ଏହାସହ ଅଭିଭାବକ ନିଜ ପିଲାଙ୍କ ଉପରେ ନଜର ରଖିବା ସହ ଅଧିକ ଜାଗ୍ରତ ହେବା ଆବଶ୍ୟକ ବୋଲି ସେ ଅନୁରୋଧ କରିଛନ୍ତି । ଆଗକୁ ଏଭଳି କୌଣସି ଖବର ମିଳିଲେ ତୁରନ୍ତ ବିଶ୍ୱ ହିନ୍ଦୁ ପରିଷଦରେ ସୂଚନା ଦେବାକୁ ଜନସାଧାରଣଙ୍କୁ ଆହ୍ୱାନ ଦିଆଯାଇଛି ।

# ରଜ ମହୋତ୍ସବରେ ଜାଗୃତି ମିଶ୍ରଙ୍କ ସଙ୍ଗୀତରେ ଦର୍ଶକ ବିମୋହିତ

**ଖଇରା,୧୬।୬/ଏନ୍‌ଏନ୍‌ଏସ୍:** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍ ଅନ୍ତର୍ଗତ ସୁନ୍ଦରପୁର ହାଇସ୍କୁଲ୍ ପଡ଼ିଆରେ ଚାଲିଥିବା ରଜ ମହୋତ୍ସବର ୩ୟ ସନ୍ଧ୍ୟା ପାଳିତ ହୋଇଯାଇଛି । ରାଜରାଣୀ ପ୍ରତିଯୋଗୀଙ୍କ ନୃତ୍ୟଗୀତ ସାଙ୍ଗକୁ ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ଜାଗୃତି ମିଶ୍ରଙ୍କ ମନଛୁଆଁ ସଙ୍ଗୀତ ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ପ୍ରଦାନ କରିଥିଲା । ଅପରାହ୍ନରେ ରଜରାଣୀ ପ୍ରତିଯୋଗୀତାର ଅଡିଶନ୍ ରାଉଣ୍ଡରେ ସଫଳ ହୋଇଥିବା ପ୍ରତିଯୋଗୀମାନେ ଗାଲା ରାଉଣ୍ଡରେ ଅଂଶଗ୍ରହଣ କରିଥିଲେ । ଶଶିକାନ୍ତ ଦାସ ମଞ୍ଚ



ପରିଚାଳନା କରିଥିଲେ । ପରେ ବରିଷ୍ଠ ଉପଦେଷ୍ଟା ଡା ହରେକୃଷ୍ଣ ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଭାରତୀୟ ନୌସେନାରେ କାର୍ଯ୍ୟରତ ଯନ୍ତ୍ରୀ ମଳୟ କୁମାର ଆଇଚ, ଜିଲ୍ଲାପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ, ନୟାଖଣ୍ଡି ସରପଞ୍ଚ ମମତାରାଣି ବେହେରା, କଇଥଗଡ଼ିଆ ସରପଞ୍ଚ ଗୋବର୍ଦ୍ଧନ ପାଇକରାୟ, ସମିତିସଭ୍ୟ ନରୋତ୍ତମ ମହିମା ଜେନା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବୁଦ୍ଧିରାମ ପାଣିଗ୍ରାହୀ ଓ ହରିହର ଜେନା, କମିଟିର ବରିଷ୍ଠ ସଭ୍ୟ ଗଦାଧର ଜେନା, କୋଷାଧ୍ୟକ୍ଷ ସିଦ୍ଧାର୍ଥ ରଞ୍ଜନ ମହାପାତ୍ର ଓ ଉପସଭାପତି ଜୀବନ କୁମାର ପାଣି ପ୍ରମୁଖ ବରେଣ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ରାଜେଶ କୁମାର ପଣ୍ଡା ବେଦପାଠ, ପ୍ରହଲ୍ଲାଦ ରାୟ ମଞ୍ଚ ଆହ୍ୱାନ ଓ ସଞ୍ଜୟ କୁମାର ନାୟକ ଧନ୍ୟବାଦ ଦେଇଥିଲେ ।

## ନାଗରିକ ସମ୍ବର୍ଦ୍ଧନା ଉତ୍ସବ

# 'ପୂଜ୍ୟପୂଜାର ମାନସିକତା ଉତ୍ତରପିଢ଼ିକୁ ସଂସ୍କୃତିସମ୍ପନ୍ନ ଓ ଦାୟବଦ୍ଧ କରାଏ'

**ତିହିଡ଼ି,୧୬।୬/ଏନ୍‌ଏନ୍‌ଏସ୍:** ଭଦ୍ରକ ଜିଲା ତିହିଡ଼ି ବ୍ଲକ୍ ପୀରହାଟ ଥାନା ଅଧୀନ ସିଦୋଳ ପୂଜ୍ୟପୂଜା ସଂସଦ ପକ୍ଷରୁ ନାଗରିକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ଶିକ୍ଷକ ଜୟନ୍ତ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବିଶିଷ୍ଟ ଆଲୋଚକ ତଥା ଭଦ୍ରକ ମହିଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ. ଅଭୟ କୁମାର ଦାସ ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ୟାମସୁନ୍ଦର ପଳିତା ଯୋଗଦେଇ ପୂଜ୍ୟପୂଜାର ମାନସିକତା ଉତ୍ତରପିଢ଼ିକୁ ସଂସ୍କୃତିସମ୍ପନ୍ନ ଓ ଦାୟବଦ୍ଧ କରାଏ ବୋଲି କହିଥିଲେ । ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରଞ୍ଜନ ନାୟକ



ଏବଂ ବରିଷ୍ଠ ଶିକ୍ଷାବିତ୍ ତଥା ସୁସାହିତ୍ୟିକ ଉମାକାନ୍ତ ମିଶ୍ରଙ୍କୁ ସଂସଦ ପକ୍ଷରୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସାହିତ୍ୟିକ ବିଭୂତି ଭୂଷଣ ସେନାପତି, ମଥୁରାମୋହନ ବେହେରା, ଦାମୋଦର ସେନାପତି, ଶୀତଳ କୁମାର ବେହେରା, ବିପ୍ଳବ ନାୟକ, ମୁକୁନ୍ଦଦେବ ନାୟକ, ଦେବେନ୍ଦ୍ରନାଥ ବାରିକ, ବିଜୟ ବେହେରା ପ୍ରମୁଖ ସମ୍ବର୍ଦ୍ଧିତ ପ୍ରତିଭାଙ୍କ କୃତି ଓ କୃତିତ୍ୱ ଉପରେ ବକ୍ତବ୍ୟ ଦେଇଥିଲେ । ସାହିତ୍ୟିକ ସୁବାସ ଦାସ ଅତିଥିଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିଥିଲେ । କବି ରବି କୁମାର ମହାନ୍ତି ଅତିଥି ପରିଚୟ, ସଂସଦର ସଭାପତି ରବୀନ୍ଦ୍ର କୁମାର ସେନାପତି ସ୍ୱାଗତ ଭାଷଣ ଓ ସମ୍ପାଦକ ବଳରାମ ମଲ୍ଲିକ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ । ଛାତ୍ର ହରିନାରାୟଣ ବାରିକ୍ ମାନପତ୍ର ପାଠ କରିଥିଲେ । ସାହିତ୍ୟିକ ଆଶୁତୋଷ କରଣ, ଶ୍ରୀଧର ବେହେରା ଓ ପ୍ରାଣକୃଷ୍ଣ ରାଉଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସାମ୍ବାଦିକ ରାଜେଶ କୁମାର ସେଠୀ ଧନ୍ୟବାଦ ଦେଇଥିଲେ ।

# ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ



**ବାଲେଶ୍ୱର,୧୬।୬/ଏନ୍‌ଏନ୍‌ଏସ୍:** ବାଲେଶ୍ୱର ଜିଲ୍ଲାର ବସ୍ତା ପଞ୍ଚାୟତ ସମିତି ସମ୍ମିଳନୀରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ବସ୍ତା ପଞ୍ଚାୟତ ସମିତି ଅଧୀନସ୍ଥ ବିଭିନ୍ନ ପଞ୍ଚାୟତରୁ ୯୫ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ । ସେଥିମଧ୍ୟରୁ ୮୦ଟି ବ୍ୟକ୍ତିଗତ ଓ ୧୫ଟି ସାମୁହିକ ଅଭିଯୋଗ ସମ୍ପର୍କିତ ଥିଲା । ଏଥିରେ ୫ଟି ଅଭିଯୋଗର ତତ୍‌କାଳ ସମାଧାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ଉପଜିଲ୍ଲାପାଳ ଶିବ ମାଲବ୍ୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡ. ଦିଲ୍ଲୀପ କୁମାର ଜେନା, ବସ୍ତା ବିଡିଓ ମିହିର ରଞ୍ଜନ ବେହେରା ଓ ବସ୍ତା ତହସିଲଦାର୍ ସୁଶାନ୍ତ କୁମାର ପାତ୍ରଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାରୁ...

### ତ୍ରୁଟିଶୂନ୍ୟ ସୁରକ୍ଷା ...

ଗୁରୁତ୍ୱପୂର୍ଣ୍ଣ ଏବଂ ଭାବପୂର୍ଣ୍ଣ ଦିଗ ହେଉଛି ଆସନ୍ତା ଜୁନ୍ ୨୦ରେ ରାଷ୍ଟ୍ରପତିଙ୍କ ଶୁଭ ଜନ୍ମଦିନ। ନିଜ ଜନ୍ମଦିନ ଅବସରରେ ରାଷ୍ଟ୍ରପତି ନିଜ ଜନ୍ମଭୂମି ଏବଂ ପ୍ରଥମ କର୍ମଭୂମି ରାଇରଙ୍ଗପୁରରେ ଉପସ୍ଥିତ ରହିବେ, ଯାହା ସମଗ୍ର ଓଡ଼ିଶାବାସୀଙ୍କ ପାଇଁ ଅତ୍ୟନ୍ତ ଗର୍ବ ଓ ଆନନ୍ଦର ବିଷୟ। ଜନ୍ମମାଟିରେ ରାଷ୍ଟ୍ରପତିଙ୍କ ସ୍ୱାଗତ ପାଇଁ ରାଜ୍ୟ ସରକାର ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏହି କ୍ରମରେ ଜୁନ୍ ୨୦ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଇରଙ୍ଗପୁରରେ ପହଞ୍ଚି ରାଷ୍ଟ୍ରପତିଙ୍କ ସହ ଏହି ଐତିହାସିକ ରାଜ୍ୟସ୍ତରୀୟ ମେଗା ଉତ୍ସବରେ ସାମିଲ ହେବେ। ଓଡ଼ିଶା ମାଟିରେ ଦୁଇ ଶୀର୍ଷ ନେତା ଏକାଠି ମଞ୍ଚ ଆଲୋକିତ କରିବା ସହ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଠାରେ ଆୟୋଜିତ ଏକ ବିଶାଳ ସାଧାରଣ ସଭାକୁ ସମ୍ବୋଧିତ କରିବେ। ଏହି ମିଳିତ ଗସ୍ତ ରାଜ୍ୟର ବିକାଶର ଗତିକୁ ଆହୁରି ତ୍ୱରାନ୍ୱିତ କରିବ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ରାଜ୍ୟବାସୀଙ୍କ ପାଇଁ ସବୁଠାରୁ ବଡ଼ ଖୁସିର ଖବର ହେଉଛି, ଏହି ଗସ୍ତ କେବଳ ଏକ ଉତ୍ସବରେ ସୀମିତ ନରହି ଓଡ଼ିଶାର ପ୍ରଗତି ପାଇଁ ଏକ ବଡ଼ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଏହି ମଞ୍ଚରୁ ଉଭୟ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ମିଳିତ ଭାବେ ଓଡ଼ିଶା ଓ ମୟୂରଭଞ୍ଜ ଜିଲ୍ଲା ପାଇଁ ହଜାର ହଜାର କୋଟି ଟଙ୍କାର ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ। ଏଥିମଧ୍ୟରେ ବହୁ ପ୍ରତୀକ୍ଷିତ ରେଳବାଇ ପ୍ରକଳ୍ପ, ମେଗା କୋଲ୍ ଗ୍ୟାସିଫିକେସନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ହେବା ନେଇ ବୈଠକର ଆଲୋଚନାରୁ ଜଣାପଡିଛି। ଉକ୍ତ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଶ୍ରୀ ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ପୋଲିସ୍ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ, ଉନ୍ନୟନ କମିଶନର ଡିକେ ସିଂ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଗୃହ ବିଭାଗ ତଥା ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଗୁଇନ୍ଦା ଡିଜି ବିନୟତୋଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### କୁଖ୍ୟାତ ଅପରାଧୀ ପ୍ରଭାତ ...

ଅନୁଯାୟୀ, ଅପରାଧୀ ପ୍ରଭାତ ନାମରେ ବିଭିନ୍ନ ଥାନାରେ ୪୦ରୁ ଊର୍ଦ୍ଧ୍ୱ ମାମଲା ରହିଛି। କିଛି ଦିନ ପୂର୍ବେ ସଦର ବ୍ଲକର ସଦର ଥାନା ଅନ୍ତର୍ଗତ ହର୍ଷପୁର-ବାଉରୀପଦା ମୁକୁନା ନିକଟରୁ ବାଉରୀପଦା ପଞ୍ଚାୟତରେ ଭତ୍ତା ଟଙ୍କା ବାଣ୍ଟିବାକୁ ଯାଉଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ବନ୍ଧୁକ ମୁନରେ ପିସ୍ତଲ ଦେଖାଇ ୮ ଲକ୍ଷ ଟଙ୍କା ଲୁଟ୍ କରିବା ଘଟଣାରେ ଏହି ଅପରାଧୀ ସମ୍ପୃକ୍ତ ଥିଲା। ଏହି ମାମଲାରେ ତଦନ୍ତ କରି ପୁଲିସ ତାକୁ ଟାଙ୍ଗରାଣୀରୁ ଗିରଫ କରିଥିଲା। ଗିରଫ ପରେ ତା'ଠାରୁ ୧୨ ହଜାର ଟଙ୍କା ଜବତ କରାଯାଇଥିବା ବେଳେ ବାକି ଲୁଟ୍ ଟଙ୍କା ସଦର ଥାନା ମହୁଲଡିହା ଜଙ୍ଗଲରେ ରଖିଥିବା କଥା ସେ ସ୍ୱୀକାର କରିଥିଲା। ଯେତେବେଳେ ପୁଲିସ ତାକୁ ସେହି ଜଙ୍ଗଲକୁ ଟଙ୍କା ଉଦ୍ଧାର କରିବା ପାଇଁ ନେଇଥିଲା, ସେ ଗାତରୁ ପଇସା ବାହାର କରିବା ବାହାନାରେ ପୂର୍ବରୁ ଲୁଚାଇ ରଖିଥିବା ଏକ ଦେଶୀ ବନ୍ଧୁକ କାଢ଼ି ପୁଲିସ ଉପରକୁ ଗୁଳିମାଡ଼ କରିଥିଲା। ଫଳରେ ପୁଲିସ ନିଜ ସୁରକ୍ଷା ପାଇଁ ପାଲଟା ଗୁଳି ଚାଳନା କରିଥିଲା, ଯାହାଫଳରେ ପ୍ରଭାତର ଡାହାଣ ଗୋଡ଼ରେ ଗୁଳି ବାଜିଥିଲା। ଏହାପରେ ପୁଲିସ ତୁରନ୍ତ ତାକୁ ଗୁରୁତର ଅବସ୍ଥାରେ ଜଙ୍ଗଲରୁ ଆଣି ଧରଣୀଧର ମେଡିକାଲ କଲେଜରେ ଭର୍ତ୍ତି କରି ଚିକିତ୍ସା କରାଉଛି। ପୁଲିସର ଏଭଳି ଦୃଢ଼ କାର୍ଯ୍ୟାନୁଷ୍ଠାନକୁ କେନ୍ଦୁଝରର ସର୍ବସାଧାରଣ ଜନତା ବେଶ୍ ସ୍ୱାଗତ କରିଛନ୍ତି।

### ଖୁବ୍ ଶୀଘ୍ର ହିତାଧିକାରୀଙ୍କୁ ...

ପାଇବାରେ ବିଳମ୍ବ ହେଉଥିବା ଅଭିଯୋଗକୁ ଗମ୍ଭୀରତାର ସହ ନେଇ ସରକାର ପ୍ରକ୍ରିୟାକୁ ଦ୍ରୁତ କରିଛନ୍ତି ଏବଂ ଖୁବ୍‌ଶୀଘ୍ର ସମସ୍ତଙ୍କ ଆକାଉଣ୍ଟ କିମ୍ବା ନିର୍ଦ୍ଧାରିତ ମାଧ୍ୟମରେ ଏହି ଅର୍ଥ ରାଶି ପହଞ୍ଚିବ। ମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ ଭତ୍ତା ବଣ୍ଟନ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ବଜାୟ ରଖିବାକୁ ବିଭାଗୀୟ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି, ଯଦ୍ୱାରା ପ୍ରକୃତ ହିତାଧିକାରୀମାନେ ବିନା କୌଣସି ହଇରାଣରେ ନିଜ ପ୍ରାପ୍ୟ ପାଇପାରିବେ। ଏହାସହିତ ମନ୍ତ୍ରୀ ସୂଚନା ଦେଇଛନ୍ତି ଯେ ବିଜେପି ସରକାର ନିଜ ନିର୍ବାଚନୀ ପ୍ରତିଶ୍ରୁତି ଅନୁଯାୟୀ ବିଭିନ୍ନ ସାମାଜିକ ସୁରକ୍ଷା ଭତ୍ତା ରାଶିକୁ ୩,୦୦୦ ଟଙ୍କାକୁ ବୃଦ୍ଧି କରିବା ପାଇଁ ଯୋଜନା ଓ ଆନୁଷଙ୍ଗିକ ପ୍ରସ୍ତୁତି ଜାରି ରଖିଛନ୍ତି। ଏହାପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ସୂଚନା ଦେଇ କହିଥିଲେ, ବୈଷୟିକ ତ୍ରୁଟି ଯୋଗୁ ଭତ୍ତା ପ୍ରଦାନରେ ବିଳମ୍ବ ହୋଇଛି। ତଥାପି ୧୦ ଲକ୍ଷ ହିତାଧିକାରୀଙ୍କ ମଧ୍ୟରୁ ୨ ଲକ୍ଷ ଲୋକଙ୍କ ତ୍ରୁଟି ସୁଧୁରିଛି। ୨ ଲକ୍ଷ ହିତାଧିକାରୀଙ୍କୁ ଭତ୍ତା ଦେବା ଆରମ୍ଭ ହୋଇଯାଇଛି। ଯେଉଁମାନଙ୍କୁ ମିଳିନି ସେମାନଙ୍କୁ ଦେବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଗୋଟିଏ ମାସରେ ନ ହେଲେ ବି ୩ ମାସର ଭତ୍ତା ଏକାସଙ୍ଗେ ମିଳିବ। ପ୍ରକାଶ, ରାଜ୍ୟରେ ଲକ୍ଷ ଲକ୍ଷ ବୃଦ୍ଧ, ବିଧବା ଓ ଭିନ୍ନକ୍ଷମ ବ୍ୟକ୍ତି ସେମାନଙ୍କର ନିତିଦିନିଆ ଗୁଜରାଣ ମେଣ୍ଟାଇବା ଏବଂ ମେଡିକାଲ ଖର୍ଚ୍ଚ ପାଇଁ ଏହି ସରକାରୀ ପେନସନ୍ ଉପରେ ନିର୍ଭର କରିଥାନ୍ତି। ମନ୍ତ୍ରୀଙ୍କ ଏହି ତୁରନ୍ତ ପଦକ୍ଷେପ ଏବଂ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଅର୍ଥ ପ୍ରଦାନର ପ୍ରତିଶ୍ରୁତି ଗରିବ ଏବଂ ଅସହାୟ ଲୋକଙ୍କୁ ବଡ଼ ଆଶ୍ୱସ୍ତି ଦେଇଛି।

### ଚାମେଲି ଓଝାଙ୍କୁ ...

ଚାମେଲିଙ୍କୁ ମହାକାଳପଡ଼ା ପୁଲିସ୍ ଶନିବାର ଗିରଫ କରିଥିଲା। ଅସୁସ୍ଥତା ସତ୍ତ୍ୱେ ତାଙ୍କୁ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଆଜି ହାଜର କରାଯାଇଥିଲା। ତାଙ୍କ ନାମରେ ମହାକାଳପଡ଼ା ବିଡିଓ ରବି ନାରାୟଣ ଆଚାର୍ଯ୍ୟଙ୍କ ଅଭିଯୋଗ (ନଂ- ୧୭୦/୨୬) ଓ ପୁଲିସ୍ ସବ୍‌ଇନ୍ସପେକ୍ଟର ତପସ୍ୱିନୀ ବିଶ୍ୱାଳଙ୍କ ଅଭିଯୋଗ (ନଂ- ୧୭୧/୨୬) ଆଧାରରେ ରୁଜୁ ହୋଇଥିବା ମାମଲାରେ ଜାମିନ ନାମଞ୍ଜୁର ହେବାରୁ କେନ୍ଦ୍ରାପଡ଼ା ଉପକାରାଗାରକୁ ପଠାଇ ଦିଆଯାଇଥିଲା। ସେ ଅସୁସ୍ଥ ଥିବାରୁ ବାରିମୂଳ ଜେଲ କର୍ତ୍ତୃପକ୍ଷ ତାଙ୍କୁ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲା। ସରପଞ୍ଚ ଓଝାଙ୍କ ଅଭିଯୋଗ ଅନୁଯାୟୀ, ଗତ ଗୁରୁବାର ମଧ୍ୟାହ୍ନରେ ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ବିଡିଓଙ୍କ ସହ ଆଲୋଚନା ପାଇଁ ବ୍ଲକ୍‌କୁ ଯାଇଥିଲେ। ସେଠାରେ କେତେକ ବ୍ୟକ୍ତି ତାଙ୍କୁ ଅଯଥା ଚାପ ସୃଷ୍ଟି କରାଯାଉଛି କହି ଆଲୋଚନାରେ ବାଧା ଦେଇଥିଲେ। ଏଥିପାଇଁ ସେ ନିଜ ମୋବାଇଲରୁ ଭିଡିଓ ରେକର୍ଡିଂ କରିଥିଲେ। ପରେ ବିଡିଓ ଆଚାର୍ଯ୍ୟଙ୍କ ନିର୍ଦ୍ଦେଶରେ ସମ୍ପୃକ୍ତ ବ୍ୟକ୍ତିମାନେ ଚାମେଲିଙ୍କ ମୋବାଇଲ ଛଡ଼ାଇବା, ମାରିଦେବା ପରି ଧମକ ଦେଇଥିଲେ। ଏପରିକି ପୁଲିସ୍ ଗାଡିରେ ୩ ଜଣ କର୍ମଚାରୀ ତାଙ୍କୁ ମାଡ଼ ମାରିଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି। ଏଥିସହ ବିଧାୟକଙ୍କ ଆଶା ପୂରଣ ପାଇଁ ବିଡିଓ ଏବଂ ପୋଲିସ ସମ୍ପର୍କରେ ସେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ଅପରପକ୍ଷରେ ବିଡିଓ ଆଚାର୍ଯ୍ୟ, ଚାମେଲିଙ୍କ ବିରୋଧରେ ସରକାରୀ କାର୍ଯ୍ୟରେ ବାଧା ଓ ଭିଡିଓ ଉତ୍ତୋଳନ ମାଧ୍ୟମରେ ବିରକ୍ତିକର ପରିସ୍ଥିତି ସୃଷ୍ଟି ପାଇଁ ଅଭିଯୋଗ କରିଛନ୍ତି। ସେହିପରି ଗାଡିରେ ଆଣିବା ସମୟରେ ଏସ୍‌ଆଇ ତପସ୍ୱିନୀ ବିଶ୍ୱାଳଙ୍କୁ ସରପଞ୍ଚ ଓଝା ଆକ୍ରମଣ କରିଥିବା ଥାନା ପୋଲିସ ଅଭିଯୋଗ କରିଛି। ଏହି ଘଟଣାରେ ବିଭିନ୍ନ ରାଜନୈତିକ ଦଳ ରାଜ୍ୟ ସରକାରଙ୍କ ମହିଳା ବନ୍ଦନ ଯୋଜନାକୁ କଟୁ ସମାଲୋଚନା କରିବା ସହ ଜିଲା କଂଗ୍ରେସ ପକ୍ଷରୁ ଥାନା ସମ୍ମୁଖରେ ଗଣବିକ୍ଷୋଭ ହୋଇଛି। ଏସ୍‌ପିଙ୍କୁ ବିଭିନ୍ନ ସଂଗଠନ ଓ ରାଜନୈତିକ ଦଳ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି।

### ୨୧ରୁ ସମସ୍ତ ପଞ୍ଚାୟତରେ ...

କରିଥିଲେ। ସେ ଏହି ଅବସରରେ ସମସ୍ତ ସ୍ଥାନରେ କାର୍ଯ୍ୟକ୍ରମକୁ ସୁଚାରୁ ଓ ସଫଳ ରୂପେ ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମାବେଶ ଜରିଆରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ବିଭିନ୍ନ ସରକାରୀ ଯୋଜନା, ଆର୍ଥିକ ଅନ୍ତର୍ଭୁକ୍ତିକରଣ, ଦକ୍ଷତା ବିକାଶ ଓ ବଜାର ସଂଯୋଗୀକରଣ ବିଷୟରେ ଅବଗତ କରାଯିବା ସହ ଅଧିକରୁ ଅଧିକ 'ଲକ୍ଷପତି ଦିଦି' ଓ 'ମହାଲକ୍ଷପତି ଦିଦି' ସୃଷ୍ଟି କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ ବୋଲି ସୂଚନା ରହିଛି। ଏହି ପ୍ରସ୍ତୁତି ବୈଠକ ପରେ ମିଶନ ଶକ୍ତି ଭବନର ସମ୍ମିଳନୀ ଗୃହରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ମିଶନ ଶକ୍ତିର ଗୋଷ୍ଠୀ ସହାୟକ କର୍ମଚାରୀମାନଙ୍କ ସହ ଏକ ସ୍ୱତନ୍ତ୍ର ବାର୍ତ୍ତାଳାପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟର ୩୦ଟି ଜିଲ୍ଲାରୁ ୩୦୦ରୁ ଊର୍ଦ୍ଧ୍ୱ ଗୋଷ୍ଠୀ ସହାୟକ କର୍ମଚାରୀ (କମ୍ୟୁନିଟି ସପୋର୍ଟ ଷ୍ଟାଫ୍) ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମିଶନ ଶକ୍ତିର ସଫଳତା ପଛରେ ଗୋଷ୍ଠୀ ସହାୟକ କର୍ମଚାରୀଙ୍କ ନିଷ୍ଠା, ପରିଶ୍ରମ ଓ କର୍ମଦକ୍ଷତା ହିଁ ପ୍ରମୁଖ ଶକ୍ତି ଏବଂ ସେମାନଙ୍କ ଯୋଗୁଁ ହିଁ ସରକାରୀ ଯୋଜନାଗୁଡ଼ିକ ଗ୍ରାମାଞ୍ଚଳରେ ସଫଳ ହେଉଛି। ଏହି ଅବସରରେ ଉପସ୍ଥିତ କର୍ମଚାରୀମାନେ କ୍ଷେତ୍ରସ୍ତରରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା, କାର୍ଯ୍ୟ ଅନୁଭୂତି ଓ ସଫଳତା ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ରାଜ୍ୟର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଆଜୀବିକା ବୃଦ୍ଧି ଓ ପ୍ରଗତି ସମ୍ପର୍କରେ ମଧ୍ୟ ବୈଠକରେ ସମୀକ୍ଷା କରାଯାଇଥିଲା। ଗୋଷ୍ଠୀ ସହାୟକ କର୍ମଚାରୀଙ୍କ ଅବଦାନକୁ ଉଚ୍ଚ ପ୍ରଶଂସା କରି ଉପମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ ଯେ, ସେମାନଙ୍କର ଉତ୍କୃଷ୍ଟ କାର୍ଯ୍ୟ ଦକ୍ଷତା ଯୋଗୁଁ ଓଡ଼ିଶା ଆଜି ସମଗ୍ର ଦେଶରେ ପ୍ରଥମ ସ୍ଥାନ ହାସଲ କରିପାରିଛି, ତେଣୁ ସରକାର ସହୃଦୟତାର ସହିତ ସେମାନଙ୍କର ସମସ୍ତ ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। କ୍ଷେତ୍ରସ୍ତରରୁ ମିଳିଥିବା ଏହି ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଆଧାରରେ ଆଗାମୀ ଦିନରେ ମିଶନ ଶକ୍ତିର କାର୍ଯ୍ୟକ୍ରମଗୁଡ଼ିକୁ ଆହୁରି ଅଧିକ ଫଳପ୍ରଦ ଓ ବ୍ୟବସ୍ଥିତ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ବାର୍ତ୍ତାଳାପ ମାଧ୍ୟମରେ ତୃଣମୂଳ ସ୍ତରର କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରାଯିବା ସହ ଭବିଷ୍ୟତରେ ମିଶନ ଶକ୍ତିର କାର୍ଯ୍ୟକ୍ରମଗୁଡ଼ିକୁ ଅଧିକ ଫଳପ୍ରଦ ଭାବେ ଆଗେଇ ନେବା ପାଇଁ ଗୁରୁତ୍ୱପୂର୍ଣ୍ଣ ଦିଗନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା।

## ପୁରୀରେ ବରିଷ୍ଠ ଡେପୁଟି ନିର୍ବାଚନ କମିଶନର

# କ୍ଷେତ୍ର ପରିଦର୍ଶନ ସହ ଏସ୍‌ଆଇଆର୍ କାର୍ଯ୍ୟର ସମୀକ୍ଷା



**ପୁରୀ,୧୬।୬/ଏନ୍‌ଏନ୍‌ଏସ୍:** ଭାରତର ନିର୍ବାଚନ କମିଶନରଙ୍କ ବରିଷ୍ଠ ଡେପୁଟି କମିଶନର ଜ୍ଞାନେଶ ଭାରତୀପୁରୀ ଜିଲ୍ଲାର ସ୍ୱତନ୍ତ୍ର ସଘନ କାର୍ଯ୍ୟକ୍ରମ ବା ଏସ୍‌ଆଇଆର କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଆଜି ପୂର୍ବାହ୍ନରେ ସର୍କିଟ ହାଉସଠାରେ ଡେପୁଟି କମିଶନର ଭାରତୀ ଓ ସଦସ୍ୟମାନେ ପହଞ୍ଚିବା ପରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ସେମାନଙ୍କୁ ସ୍ୱାଗତ କରିଥିଲେ। ପରେ ସମୀକ୍ଷା ବୈଠକରେ ଜିଲ୍ଲାପାଳ ଜିଲ୍ଲାରେ ଏସଆଇଆର ସ୍ଥିତି ସମ୍ପର୍କରେ ବିଷଦ ସୂଚନା ଦେଇଥିଲେ। ପୁରୀ ଜିଲ୍ଲା ୬ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀ ନେଇ ଗଠିତ। ୬ଜଣ ଇଲେକ୍ଟୋରାଲ୍ ରେଜିଷ୍ଟ୍ରେସନ ଅଧିକାରୀ ଭାବେ ବରିଷ୍ଠ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଜିଲ୍ଲାର ମୋଟ ୧୬୦୯ଗୋଟି ବୁଥ ରହିଛି ଓ ସେଥିରେ ୧୬୦୯ଜଣ ବୁଥ ସ୍ତରୀୟ ପ୍ରଶିକ୍ଷିତ ବିଏଲଓ ବା ବୁଥସ୍ତରୀୟ ଅଧିକାରୀଙ୍କୁ ନିଯୁକ୍ତି କରାଯାଇଛି। ସେମାନଙ୍କୁ ସହଯୋଗ ଓ ମାର୍ଗଦର୍ଶନ ପାଇଁ ୧୬୧ ଜଣ ବିଏଲଓ ସୁପରଭାଇଜରଙ୍କୁ ଦାୟିତ୍ୱ ଦିଆଯାଇଛି। ଜିଲ୍ଲାର ଭୋଟରଙ୍କ ସଂଖ୍ୟା ୧୩୮୭୯୩୦ ଥିବାବେଳେ ବିଏଲଓମାନେ ବର୍ତ୍ତମାନ ସୁଦ୍ଧା ଶତକଡ଼ା ୯୯.୪୩ ଭାଗ ଫର୍ମ ଭୋଟରମାନଙ୍କୁ ପ୍ରଦାନ କରିଛନ୍ତି। ଏହି ଫର୍ମର ଗୋଟିଏ କପି ଭୋଟର ରଖୁଥିବା ବେଳେ ଭୋଟରଙ୍କ ଦ୍ୱାରା ପୂରଣ ଓ ସ୍ୱାକ୍ଷର ହୋଇଥିବା ଅନ୍ୟ କପି ଟି ବିଏଲଓ ସଂଗ୍ରହ କରୁଛନ୍ତି। ବିଏଲଓମାନେ ଭୋଟର ମାନଙ୍କୁ ମଧ୍ୟ ଫର୍ମ ପୂରଣ ରେ ସହାୟତା କରୁଛନ୍ତି। ସେହିପରି ଭୋଟର ଫର୍ମଗୁଡିକର ଡିଜିଟାଇଜେସନ ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ଶତକଡ଼ା ୪୦.୬୭ ଭାଗ ଡିଜିଟାଇଜେସନ ସରିଛି ବୋଲି ଜିଲ୍ଲାପାଳ ପାୱାର ପଏଣ୍ଟ ମାଧ୍ୟମରେ ସୂଚନା ଦେଇଥିଲେ। ଡେପୁଟି କମିଶନର ଭାରତୀ ଏସଆଇଆର ସମ୍ପର୍କରେ ଜିଲ୍ଲାର ବିଭିନ୍ନ ଜିଜ୍ଞାସା କରିଥିଲେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍‌ଏସ୍‌ଏସ୍ ଗୋପାଳନ ଓ ଜିଲ୍ଲାପାଳ ଶ୍ରୀ ପରିଡା ଏହାର ଉତ୍ତର ପ୍ରଦାନ କରିଥିଲେ। ଏହି ସମୀକ୍ଷାରେ ଭାରତର ନିର୍ବାଚନ କମିଶନରଙ୍କ ପ୍ରମୁଖ ସଚିବ ଏସ ବି ଯୋଶୀ, ଡେପୁଟି ସେକ୍ରେଟାରୀ ଅଭିନବ ଅଗ୍ରୱାଲ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସ୍ନେହା ଅରୁଗୁଲା, ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଡେପୁଟି ସିଇଓ ଡ. ଲକ୍ଷ୍ମୀପ୍ରସାଦ ସାହୁ, ଯୁଗ୍ମ ସିଇଓ ଗୋପିନାଥ କୁଅଁର, ଶାଶ୍ୱତ ପ୍ରଧାନ, ଉପ ଜିଲ୍ଲାପାଳ ରାଜକିଶୋର ଜେନା, ଅତିରିକ୍ତ ଉପ ଜିଲ୍ଲାପାଳ ନୀଳମାଧବ ମାଝୀ, ଡେପୁଟି କଲେକ୍ଟର ରୁନୀତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଶ୍ରୀ ଭାରତୀ ଓ ଅନ୍ୟ ସଦସ୍ୟ ମାନେ ଶ୍ରୀମନ୍ଦିର ପରିଦର୍ଶନ କରି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଅତିଥି ମାନଙ୍କୁ ମହାପ୍ରଭୁଙ୍କ ପଟ୍ଟଚିତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ପୂର୍ବରୁ କମିଶନର ସଦସ୍ୟମାନେ କ୍ଷେତ୍ର ପରିଦର୍ଶନ କରିବା ସହ ପିପିଲି ଓ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀର କିଛି ବୁଥ ବୁଲି ବିଏଲଓ ଓ ବିଏଲଓ ସୁପରଭାଇଜର ମାନଙ୍କ ସହ ଆଲୋଚନା କରିଥିଲେ।

## ପୂଜକ ସମାଜର ବାସନ୍ଦ ନିଷ୍ପତ୍ତିକୁ ଦୃଢ଼ ବିରୋଧ



**କଣ୍ଟିଲୋ,୧୬।୬/ଏନ୍‌ଏନ୍‌ଏସ୍:** ନିଜ ବାପାଙ୍କ ଶୁଦ୍ଧିକ୍ରିୟା କାର୍ଯ୍ୟକ୍ରମକୁ ନେଇ କାର୍ଯ୍ୟଗ୍ରାହି ଅର୍ଥାତ୍ କର୍ତ୍ତାଙ୍କର ଛୋଟିଆ ଛୋଟିଆ କାର୍ଯ୍ୟକୁ ଆଳ ଦେଖେଇ ପୂର୍ବ ରାଗର ପ୍ରତିଶୋଧ ନେବା ପାଇଁ କଣ୍ଟିଲୋ ପୂଜକ ସମାଜ ତରଫରୁ ସଂପୃକ୍ତ କାର୍ଯ୍ୟ ଗ୍ରାହିଙ୍କ ସହିତ ସ୍ତ୍ରୀ ଓ ପୁଅକୁ ବାସନ୍ଦ କରିଥିବା ନିଷ୍ପତ୍ତିକୁ ଦୃଢ଼ ବିରୋଧ କରିବା ସହିତ ଏହି ରାୟ କଂଗାରୁ କୋର୍ଟ ସଦୃଶ୍ୟ ବୋଲି ଅଭିଯୋଗ କରିଛନ୍ତି। ସୂଚନାରୁ ପ୍ରକାଶ ଯେ, ସ୍ୱର୍ଗୀୟ ବାସୁଦେବ ମିଶ୍ରଙ୍କ ଦେହାନ୍ତ ହେବା ପରେ ତାଙ୍କର ଏକ ମାତ୍ର ପୁଅ ଚିତ୍ତରଞ୍ଜନ ମିଶ୍ର ପ୍ରତ୍ୟେକ ବିଧି ବିଧାନ ଓ ନୀତି ନିୟମ ଅନୁସାରେ ନିଜର ଶକ୍ତି ଅନୁଯାଇ ଶୁଦ୍ଧିକ୍ରିୟା କାର୍ଯ୍ୟ ସମ୍ପନ୍ନ କରିଥିଲେ। କିନ୍ତୁ କୌଣସି କାରଣ ନଥାଇ ନିଜ ଘରୋଇ ସମସ୍ୟା ଓ ବାପପୁଅଙ୍କ ମଧ୍ୟରେ ଘରବାରିର ସୁରକ୍ଷା ପାଇଁ ସୃଷ୍ଟି ହୋଇଥିବା ମନାନ୍ତର, ମତାନ୍ତର ଓ ମନମାଳିନ୍ୟର ସୁଯୋଗ ନେଇ ଗତ ୨୦୧୫ ମସିହାଠାରୁ ପୂଜକ ସମାଜ କର୍ମକର୍ତ୍ତାମାନଙ୍କ ସହାୟତାରେ ଜନୈକ ବ୍ୟକ୍ତି ମୋ ବାପାଙ୍କୁ ଫୁସୁଲା ଫୁସୁଲି କରି ଆମ୍ଭ ବାରିରୁ ଅର୍ଦ୍ଧେକ ଜାଗା ତାଙ୍କ ନାମରେ କରିଥିବାରୁ ଏହାକୁ ବିରୋଧ କରି ଆଇନ୍‌ର ଆଶ୍ରୟ ନେଇ କେସ ଚାଲିଛି ବୋଲି ସେ କହିଛନ୍ତି। କିନ୍ତୁ ଦୀର୍ଘ ୧୦/୧୧ ବର୍ଷ ପରେ ସେହି ପୂର୍ବ ରାଗକୁ ନେଇ ବର୍ତ୍ତମାନର ପୂଜକ ସମାଜ ସଭାପତି ଓ ସମ୍ପାଦକ ଚିତ୍ତରଞ୍ଜନଙ୍କୁ କୌଣସି ପ୍ରାରମ୍ଭିକ ସୂଚନା ନ ଦେଇ ନିଜକୁ ଗୋଟିଏ ମାସ, ମୋ ପୁଅକୁ ଦୁଇ ବର୍ଷ ଓ ମୋ ସ୍ତ୍ରୀକୁ ପାଞ୍ଚ ବର୍ଷ ପାଇଁ ବାସନ୍ଦ କରିଛନ୍ତି। ଯାହାକି କଙ୍ଗାରୁ କୋର୍ଟ ରାୟ ଠାରୁ ବଳି ପଡ଼ିଲା ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିଛନ୍ତି। ମନ୍ଦିର ଯିବା ମନା, ପାଳି କରିବା ମନା, ପରିବାର ଭରଣ ପୋଷଣ ପାଇଁ ଦର୍ଶନୀମାନଙ୍କ ଠାରୁ ସଂଗ୍ରହ ଟଙ୍କାରୁ ଭାଗ ମିଳିବନି, କୋଠ ଟଙ୍କାରୁ ଭାଗ ନେଇ ପାରିବିନି, ତେବେ ପରିବାର କେମିତି ଚଳିବେ ସେ ନେଇ ଶ୍ରୀ ମିଶ୍ର ତହସିଲଦାରଙ୍କୁ ଲିଖିତ ଅବଗତ କରିଛନ୍ତି। ଏ ସମ୍ପର୍କେ ଆମ ପ୍ରତିନିଧି ପୂଜକ ସମାଜ ସମ୍ପାଦକଙ୍କ ମତାମତ ନେବାରେ ସମସ୍ତଙ୍କ ନିଷ୍ପତ୍ତି ଏହା, ମୁଁ କ'ଣ କରିବି ବୋଲି ଉତ୍ତର ମିଳିଥିଲା। ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଖଣ୍ଡପଡ଼ା ତହସିଲଦାରଙ୍କ ମତାମତ ନେବାରେ ଜଣାପଡିଲା ଯେ, ବାସନ୍ଦ ନିଷ୍ପତ୍ତି ଉଠାଇନେବାକୁ ସେ ପୂଜକ ସମାଜକୁ ଚିଠି ଲେଖିଛନ୍ତି। ତେବେ ପ୍ରଶ୍ନ ଉଠୁଛି ଯେ, ନିଜ ବାପାଙ୍କର ଶୁଦ୍ଧିକ୍ରିୟା କାର୍ଯ୍ୟଗ୍ରାହୀ ନିଜ ସକ୍ଷ ଅନୁସାରେ କରୁଥିବା ବେଳେ, ପୂଜକ ସମାଜ କର୍ମକର୍ତ୍ତାମାନଙ୍କର କଙ୍ଗାରୁ କୋର୍ଟର ରାୟଠାରୁ ଆହୁରି ଶକ୍ତ ବାସନ୍ଦ ନିଷ୍ପତ୍ତି କେଉଁ ଆଇନ ବଳରେ କରିଛନ୍ତି ବୋଲି ଶ୍ରୀ ମିଶ୍ର ପ୍ରଶ୍ନ କରିବା ସହିତ 'କୋର୍ଟ ଅଫ୍ ଲ'ର ଆଶ୍ରୟ ନେବେ ବୋଲି ସୂଚନା ଦେଇଛନ୍ତି। ଦ୍ୱିତୀୟତଃ ଶ୍ରୀ ମିଶ୍ରଙ୍କର ପାଳି ସମୟେ ଯଦି କିଛି ଅଘଟଣ ଘଟେ ସେଥିପାଇଁ ଦେବୋତ୍ତର ବିଭାଗ ଓ ପୂଜକ ସମାଜ କର୍ମକର୍ତ୍ତା ନିଶ୍ଚିତ ଭାବେ ଦାୟୀ ରହିବା ସହିତ କୋର୍ଟର ଉତ୍ତରଦାୟୀ ହେବେ ବୋଲି ସେ ସୂଚନା ଦେଇଛନ୍ତି।

## ଶ୍ରୀରାମ ମନ୍ଦିରରେ ରଜ ମହୋତ୍ସବ

**ଅସ୍ତରଙ୍ଗ,୧୬।୬/ଏନ୍‌ଏନ୍‌ଏସ୍:** କାକଟପୁର ବ୍ଲକ ଓଥକା ଗ୍ରାମପଞ୍ଚାୟତର ଶ୍ରୀରାମ ମନ୍ଦିର ପରିସରରେ ତିନିଦିନ ବ୍ୟାପି ରଜ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ସୁରେଶ ଚନ୍ଦ୍ର ସ୍ୱାଇଁ, ମା' ମଙ୍ଗଳା ମନ୍ଦିର ଟ୍ରଷ୍ଟ ବୋର୍ଡର କାର୍ଯ୍ୟ ନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶ, ବ୍ରିଲିଆଣ୍ଟ ଶିକ୍ଷାନୁଷ୍ଠାନର ପରିଚାଳକ ରାକେଶ କୁମାର ଦାସ, ଓଥକା ଗ୍ରାମପଞ୍ଚାୟତ ମହିଳା ମହାସଙ୍ଘର ସଭାନେତ୍ରୀ ରଶ୍ମିରେଖା ସ୍ୱାଇଁ ପ୍ରମୁଖ ଯୋଗଦେଇ ଥିଲେ। ଲୋକେ ଭୁଲି ପାରିନାହାନ୍ତି ସେହି ମହାନ ସଂସ୍କୃତି, ପରମ୍ପରା ଓଡ଼ିଶାର ପାରମ୍ପରିକ ଗଣପର୍ବ ରଜକୁ। ଯିଏ ଯେଉଁଠି ଥାଆନ୍ତୁ ନା କାହିଁକି ରଜପର୍ବ ପାଳନ କରିବାକୁ ସମସ୍ତେ ଫେରିଆସନ୍ତି ଗାଁ ମାଟିକୁ। ଦୋଳି ଖେଳ ସାଙ୍ଗକୁ ରଜପାନ, ପିଠା, ମିଠା, ସୁସ୍ୱାଦୁ ବ୍ୟଞ୍ଜନ ବାଣ୍ଟିବା ଓ ଖାଇବାର ମଜା ନେଇଥିଲେ ପଞ୍ଚାୟତର ଯୁବକ, ଯୁବତୀ ଓ ପିଲାଙ୍କଠାରୁ ଆରମ୍ଭ କରି ବୁଢ଼ା ପର୍ଯ୍ୟନ୍ତ। ଏହି ରଜ ମହୋତ୍ସବକୁ ଓଥକା ଗ୍ରାମର ଯୁବକ ସଂଘ ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଦୀର୍ଘ ୮ବର୍ଷ ଧରି ତିନି ଦିନ ବ୍ୟାପୀ ପାଳନ କରିଆସୁଛନ୍ତି। ମହୋତ୍ସବରେ ଗ୍ରାମର ମହିଳା, ଯୁବତୀ, ଛୋଟ ଛୋଟ ବାଳିକାମାନେ ପୋଡ଼ପିଠା ପୋଡିବା, ରଜପାନ ଭଙ୍ଗା, ମେହେନ୍ଦି, ଝୋଟି ପକା, ହୁଳହୁଳି, ଶଙ୍ଖ ଧ୍ୱନି ରଜ ଦୋଳି ଖେଳ ଓ ରଜ ଗୀତ ଗାଇବାକୁ ନେଇ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ମଞ୍ଚାସୀନ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏମିତିକି ରଜ ଏକ କୃଷିଭିତ୍ତିକ ପର୍ବ ହୋଇଥିବାରୁ ଏହି ପଞ୍ଚାୟତର ଜଣେ ସଫଳ ଚାଷୀଙ୍କୁ ପୁରସ୍କୃତ କରାଯିବା ସହ ପଞ୍ଚାୟତର ଜଣେ ଗରିବ ମେଧାବୀ ଛାତ୍ରଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଏହି ମହୋତ୍ସବରେ ଓଥକା ଯୁବକ ସଙ୍ଘର ସଭାପତି ଦୀପକ କୁମାର ସ୍ୱାଇଁ, ସଂପାଦକ ଇଂ ପ୍ରିୟବ୍ରତ ବିଶ୍ୱାଳଙ୍କ ସମେତ ସମସ୍ତ ସଭ୍ୟମାନେ ଉପସ୍ଥିତ ଥିଲେ। ମହୋତ୍ସବ ପରିସରରେ ପ୍ରତ୍ୟହ ସନ୍ଧ୍ୟାରେ ଲୋକକଳା ମାଧ୍ୟମରେ ପାଲା, ଘୋଡା ନାଚ, ଦାସ କାଠିଆ ଏବଂ ଓଡିଶୀ ନୃତ୍ୟ ପରିବେଶ କରାଯାଇଥିଲା। ତିନିଦିନ ବ୍ୟାପି ଏହି ମହୋତ୍ସବ ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଥିଲା।

## ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ବିଜ୍ଞାନ ବିଭାଗର ବିଜ୍ଞପ୍ତି ପ୍ରକାଶ

# ବିନା ଏଣ୍ଟ୍ରାନ୍ସରେ ନାମଲେଖାଇବେ ଛାତ୍ରଛାତ୍ରୀ




**କୋଣାର୍କ,୧୬।୬/ଏନ୍‌ଏନ୍‌ଏସ୍:** କୋଣାର୍କ ସ୍ଥିତ ପିଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ, ରେ ଶିକ୍ଷାବର୍ଷ ୨୦୨୬-୨୭ ଏକାଦଶ ଶ୍ରେଣୀ (ବିଜ୍ଞାନ ବିଭାଗ)ରେ ନାମଲେଖା ପାଇଁ ଅବଶିଷ୍ଟ ଖାଲି ରହିଥିବା ଆସନ ଗୁଡିକ ପୂରଣ ପାଇଁ ପ୍ରଥମ ଥର ପାଇଁ ଆବେଦନ କରିଥିବା ଛାତ୍ରଛାତ୍ରୀମାନଙ୍କ ମାର୍କକୁ ମୂଲ୍ୟାଙ୍କନ କରାଯାଇ ସେମାନଙ୍କ ନାମ ଲେଖାଯାଇ ପଢିବାକୁ ଅନୁମତି ଦିଆଯିବାକୁ ବ୍ୟବସ୍ଥା କରାଯାଇଛି। କେବଳ ପୁରୀ ଜିଲ୍ଲାର ସମସ୍ତ ଅଭିଭାବକ ଏବଂ ଛାତ୍ରଛାତ୍ରୀମାନେ ଏଥିରେ ଆବେଦନ କରିପାରିବେ। ଏ ନେଇ କୋଣାର୍କ ପିଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ପକ୍ଷରୁ ଛାତ୍ରଛାତ୍ରୀଙ୍କ ଅବଗତି ନିମନ୍ତେ କେତେକ ଖବର କାଗଜ ରେ ବିଜ୍ଞପ୍ତି ପ୍ରକାଶ କରାଯାଇ ସୂଚିତ କରାଯାଇଛି।

ଆସନ୍ତା ଶିକ୍ଷାବର୍ଷ ୨୦୨୬–୨୭ ପାଇଁ କୋଣାର୍କ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ଏକାଦଶ ଶ୍ରେଣୀର ବିଜ୍ଞାନ ବିଭାଗରେ ଉପଲବ୍ଧ ଖାଲି ଆସନଗୁଡ଼ିକରେ ନାମଲେଖା ପାଇଁ ଇଚ୍ଛୁକ ଯୋଗ୍ୟ ଛାତ୍ରଛାତ୍ରୀ ମାନଙ୍କଠାରୁ ଆବେଦନପତ୍ର ଆହ୍ୱାନ କରାଯାଉଛି। ତୁରନ୍ତ ଛାତ୍ରଛାତ୍ରୀମାନେ ପିଏମ୍‌ଶ୍ରୀ ଜବାହର ନବୋଦୟର ୱେବ୍‌ସାଇଟ୍‌ରେ ଅନ୍‌ଲାଇନ୍‌ରେ ଆବେଦନପତ୍ର ଦାଖଲ କରିପାରିବେ। ନଚେତ ଅଫ୍‌ଲାଇନ୍‌ରେ କାର୍ଯ୍ୟାଳୟରୁ ଆବେଦନ ପାଇଁ ଫର୍ମ ନେଇ ଦାଖଲ କରିପାରିବେ। ଆବେଦନର ଶେଷ ତାରିଖ ଚଳିତମାସ ୨୫ତାରିଖ ନିର୍ଦ୍ଧାରିତ କରାଯାଇଛି। ଏ ନେଇ ଅଧିକ ସୂଚନା ପାଇବା ପାଇଁ ଆଗ୍ରହୀ ଅଭିଭାବକ ଏବଂ ଛାତ୍ରଛାତ୍ରୀମାନେ ଜବାହର ନବୋଦୟ ବିଦ୍ୟାଳୟ, କୋଣାର୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବା ପାଇଁ କୋଣାର୍କ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟର ପ୍ରିନ୍ସପାଲ ସୁନିତ ସ୍ୱାଇଁ ପ୍ରକାଶ କରିଛନ୍ତି।

## ଗୁରୁଜଙ୍ଗରେ ଦ୍ୱିତୀୟ ବର୍ଷ ରଜ ଉତ୍ସବ




**ଖୋର୍ଦ୍ଧା,୧୬।୬/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ପୌରପରିଷଦ ଅନ୍ତର୍ଗତ ଗୁରୁଜଙ୍ଗ କ୍ରିକେଟ ଖେଳ ପଡିଆରେ ମା' ମଙ୍ଗଳା କ୍ଲବ ଆନୁକୂଲ୍ୟରେ ଦ୍ୱିତୀୟ ବାର୍ଷିକ ରଜ ଉତ୍ସବ ୨୦୨୬ ମହାସମାରୋହରେ ପାଳିତ ହୋଇଯାଇଛି। ଗତ ୧୪ ତାରିଖରୁ ୧୬ତାରିଖ ପର୍ଯ୍ୟନ୍ତ ଏହି ଉତ୍ସବରେ ବିଭିନ୍ନ ଷ୍ଟଲ, ରଜ ଦୋଳି, ମିଠା ପାନ, ପିଠାପଣା ସହ ବିଭିନ୍ନ ଖେଳ ପ୍ରତିଯୋଗିତା ଆଦି ମୁଖ୍ୟ ଆକର୍ଷଣ ହୋଇଥିବାବେଳେ ସାଂସ୍କୃତିକ ସନ୍ଧ୍ୟା ସ୍ଥାନୀୟ ଗ୍ରାମବାସୀ ଯୁବକଯୁବତୀଙ୍କ ପାଇଁ ଖୁବ ମନୋରଞ୍ଜିତ କରିଥିଲା। ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ପ୍ରଦାନ କରିଥିଲେ ଖୋର୍ଦ୍ଧା ଜିଲ୍ଲା ବିଜୁ ଜନତା ଦଳ ସଭାପତି ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବିଜୁ ଯୁବ ଜନତା ଦଳ ରାଜ୍ୟ ଉପସଭାପତି ତଥା ଆଇନଜୀବୀ ଅବ୍ୟକ୍ତ ହରିହର ଖାଡ଼ଙ୍ଗୀ, ଯୁବ ସମାଜସେବୀ ବିଶ୍ୱଜିତ ରାଉତରାୟ ପ୍ରମୁଖ। ମୁଖ୍ୟ ଆୟୋଜକ ଭାବେ ଇନ୍ଦ୍ରଜିତ ସାହୁ ଓ ମା' ମଙ୍ଗଳା କ୍ଲବର ୫୦ରୁ ଊର୍ଦ୍ଧ୍ୱ ଯୁବକ ଏହି ଉତ୍ସବ ପାଇଁ ସହାୟତା ପ୍ରଦାନ କରିଥିବା ବେଳେ ସବୁ ମହଲରେ ଏପରି ଆୟୋଜନକୁ ପ୍ରଶଂସା କରାଯାଇଛି। ଆଗାମୀ ଦିନରେ ଏହି ଉତ୍ସବକୁ ଉନ୍ନତଧରଣର କରିବା ପାଇଁ ମୁଖ୍ୟଅତିଥି ଶ୍ରୀ ସାହୁ ନିଜର ସହଯୋଗୀତା ସ୍ପଷ୍ଟ କରିଥିଲେ।

### ଜି-୭ ସମ୍ମିଳନୀରେ ...

ବିଧିବଦ୍ଧ ଭାବେ ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ରହିଛି। ରିପୋର୍ଟ ଅନୁସାରେ ଦୁଇ ନେତା ୧୭ ଜୁନ୍ ସନ୍ଧ୍ୟା ୬:୩୦ ରେ ଭାରତ-ଆମେରିକା ଟ୍ରେଡ୍ ଡିଲ୍ (ବାଣିଜ୍ୟ ଚୁକ୍ତି) ଉପରେ ଚର୍ଚ୍ଚା କରିପାରନ୍ତି। ହ୍ୱାଇଟ୍ ହାଉସ୍ ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ ଭାରତ-ଆମେରିକା ମଧ୍ୟରେ ଟାରିଫ୍, ନିବେଶ ଏବଂ ରଣନୈତିକ ସହଭାଗିତା ସହ ଜଡ଼ିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇପାରେ। ଜି-୭ ସମ୍ମିଳନୀ ପାଇଁ ମଙ୍ଗଳବାର ଅପରାହ୍ନରେ ଏଭିଆନ ପହଞ୍ଚିବା ପରେ ମୋଦୀଙ୍କୁ ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ ସ୍ୱାଗତ କରିଥିଲେ। ଜି-୭ ଦେଶଗୁଡ଼ିକର ରାଷ୍ଟ୍ରମୁଖ୍ୟମାନେ ଏକ ଗ୍ରୁପ୍ ଫଟୋ ମଧ୍ୟ ଉଠାଇଥିଲେ। ଏହି ସମୟରେ ମୋଦୀ ଏବଂ ଇଟାଲୀର ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀଙ୍କ ମଧ୍ୟରେ ମଧ୍ୟ ଆଲୋଚନା ହୋଇଥିଲା। ମେଲୋନୀ ମୋଦୀଙ୍କୁ କହିଥିଲେ- 'ପୁଣି ଥରେ ଦେଖାହେଇ ବହୁତ ଭଲ ଲାଗିଲା, ଆମେ ଇନ୍‌ଷ୍ଟାଗ୍ରାମରେ ଫେମସ୍।' ପ୍ରକୃତରେ, ମୋଦୀ ଗତ ମାସରେ ୫ଟି ଦେଶ ଗସ୍ତରେ ଯାଇଥିଲେ। ସେଠାରେ ସେ ରୋମ୍‌ରେ ପ୍ରଧାନମନ୍ତ୍ରୀ ମେଲୋନୀଙ୍କୁ 'ମେଲୋଡି' ଟଫି ଦେଇଥିଲେ, ଯାହାର ଭିଡିଓ ଖୁବ୍ ଭାଇରାଲ୍ ହୋଇଥିଲା। ଜି-୭ ସମ୍ମିଳନୀରେ ଭାଗିଦାରୀ ଦେଶ ଭାବରେ ଭାରତର ଏହା ୧୩ତମ ଉପସ୍ଥିତି। ଏହା ସହିତ ୭ମ ଥର ପାଇଁ ପ୍ରଧାନମନ୍ତ୍ରୀ ଏହି ଗ୍ଲୋବାଲ୍ ଫୋରମ୍‌ରେ ଅଂଶଗ୍ରହଣ କରୁଛନ୍ତି। ସୂଚନାଯୋଗ୍ୟ ଜି-୭ ସମ୍ମିଳନୀରେ ଇରାନ-ଆମେରିକା-ଇସ୍ରାଏଲ୍ ଯୁଦ୍ଧ ଠାରୁ ଆରମ୍ଭ କରି ଅନେକ ଅନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ଚର୍ଚ୍ଚା ହେବାକୁ ଅଛି।

### ମହାନଦୀ ଜଳ ବିବାଦ ...

କମିଯାଉଛି, ଯାହା ଓଡ଼ିଶାର ଚାଷ କାର୍ଯ୍ୟ ଏବଂ ପାନୀୟ ଜଳ ଯୋଗାଣକୁ ପ୍ରଭାବିତ କରୁଛି। ଅପରପକ୍ଷରେ, ଛତିଶଗଡ଼ର କହିବା କଥା ହେଉଛି ସେମାନେ ନିଜ ଅଞ୍ଚଳର ବିକାଶ ଓ ଚାଷୀଙ୍କ ପାଇଁ ନିଜ ଭାଗର ଜଳ ବ୍ୟବହାର କରୁଛନ୍ତି। ଦୁଇ ରାଜ୍ୟ ମଧ୍ୟରେ କୌଣସି ଆନୁଷ୍ଠାନିକ ଜଳ ବଣ୍ଟନ ଚୁକ୍ତିନାମା ନଥିବାରୁ ଏହି ସମସ୍ୟା ଜଟିଳ ହୋଇଛି। ତେବେ ଓଡ଼ିଶା ସରକାର ଏହି ମାମଲାକୁ ଅନୁଧ୍ୟାନ କରିବା ପାଇଁ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ମଧ୍ୟ ଗଠନ କରିଛନ୍ତି।

### ନିଟ୍-ୟୁଜି ପୁନଃ ପରୀକ୍ଷା ...

କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏହି ଅସ୍ଥାୟୀ ପ୍ରତିବନ୍ଧକ ଯୋଗୁଁ ଦେଶର କୋଟି କୋଟି ସାଧାରଣ ବ୍ୟବହାରକାରୀ ଅସୁବିଧାର ସମ୍ମୁଖୀନ ହେବାକୁ ଥିଲେ ମଧ୍ୟ, ଦେଶର ସବୁଠାରୁ ବଡ଼ ପ୍ରବେଶିକା ପରୀକ୍ଷାର ଗରିମା ରକ୍ଷା କରିବା ପାଇଁ ଏଭଳି ପ୍ଲାଟଫର୍ମ-ସ୍ତରୀୟ କାର୍ଯ୍ୟାନୁଷ୍ଠାନ ଅତ୍ୟନ୍ତ ଜରୁରୀ ଥିଲା ବୋଲି 'ଏନ୍‌ଟିଏ' ମଙ୍ଗଳବାର ଦିନ ଏକ ପ୍ରେସ୍ ଇସ୍ତାହାର ଜାରି କରି ଏହି ସୂଚନା ଦେଇଛି। ଏନ୍‌ଟିଏ ଦର୍ଶାଇଛି ଯେ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ, ସୂଚନା ପ୍ରଯୁକ୍ତିବିଦ୍ୟା ଆଇନ, ୨୦୦୦ର ଧାରା ୬୯ (ଏ) ଅନୁଯାୟୀ ଟେଲିଗ୍ରାମ ଉପରେ ଏହି କଟକଣା ଲଗାଇଛି। ଏହି କଟକଣା ୨୨ ଜୁନ୍ ୨୦୨୬ ପର୍ଯ୍ୟନ୍ତ ବଳବତ୍ତର ରହିବ। ୨୧ରେ ପରୀକ୍ଷା ଶେଷ ହେବା ପରେ ମଧ୍ୟ ଟେଲିଗ୍ରାମକୁ ନିଜର ମେସେଜ୍ ଏଡିଟ୍ ଫିଚର ୩୦ ଜୁନ୍ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଗୃହ ମନ୍ତ୍ରଣାଳୟ ଅଧୀନ ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର ଏହି ପ୍ରକାର ଠକେଇ ଓ ଭୁଲ ସୂଚନା ବିରୋଧରେ ସମନ୍ୱିତ କାର୍ଯ୍ୟାନୁଷ୍ଠାନରେ ମୁଖ୍ୟ ଭୂମିକା ଗ୍ରହଣ କରିଛି। ଅନ୍ୟପକ୍ଷେ ଜାତୀୟ ପରୀକ୍ଷା ଏଜେନ୍ସି ସ୍ପଷ୍ଟ କରିଛି ଯେ ନିଟ୍ ପୁନଃପରୀକ୍ଷା ନିର୍ଦ୍ଧାରିତ ତାରିଖରେ ଅନୁଷ୍ଠିତ ହେବ। ଏହାସହିତ ପ୍ରାର୍ଥୀମାନଙ୍କୁ ସାମାଜିକ ଗଣମାଧ୍ୟମରେ ପ୍ରଚାରିତ ଯାଞ୍ଚ ହୋଇ ନ ଥିବା ସୂଚନାକୁ ବିଶ୍ୱାସ ନ କରି କେବଳ ସରକାରୀ ସୂଚନା ଉପରେ ନିର୍ଭର କରିବାକୁ ପରାମର୍ଶ ଦିଆଯାଇଛି। ଏନ୍‌ଟିଏ ଅନୁଯାୟୀ, କିଛି ଲୋକ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ହେବାର ନକଲି/ମିଥ୍ୟା ପ୍ରମାଣ ପ୍ରସ୍ତୁତ କରିବା ପାଇଁ ଟେଲିଗ୍ରାମର ବ୍ୟବହାର କରୁଛନ୍ତି। ଏଭଳି ମାମଲାକୁ ରୋକିବା ଏବଂ ପରୀକ୍ଷାର ସ୍ୱଚ୍ଛତା ବଜାୟ ରଖିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ସୂଚନାଯୋଗ୍ୟ, ଗତ ୧୪ ତାରିଖରେ ନିଟ୍-ୟୁଜି ପୁନଃ ପରୀକ୍ଷା ପାଇଁ ପରୀକ୍ଷାର୍ଥୀଙ୍କ ପାଇଁ ଆଡମିଟ୍ କାର୍ଡ ଜାରି କରାଯାଇସାରିଛି। ୨୧ ଜୁନ୍ (ରବିବାର) ଅପରାହ୍ନ ୨:୦୦ ଘଟିକାରୁ ୫:୧୫ ମିନିଟ୍ ପର୍ଯ୍ୟନ୍ତ (ଅତିରିକ୍ତ ୧୫ମିନିଟ୍‌ର ବର୍ଦ୍ଧିତ ସମୟ ସହ ଅର୍ଥାତ୍ ୩ ଘଣ୍ଟା ୧୫ ମିନିଟ୍) ପରୀକ୍ଷାର୍ଥୀମାନେ ପରୀକ୍ଷା ଦେବେ। ଏଥିପାଇଁ ଏନ୍‌ଟିଏ ପକ୍ଷରୁ ପରୀକ୍ଷାର୍ଥୀଙ୍କ ସୁବିଧା ପାଇଁ ୧୫ ମିନିଟ୍‌ର ବର୍ଦ୍ଧିତ ସମୟ ପ୍ରଦାନ, ୨ ପୃଷ୍ଠା ବଦଳରେ ୪ ପୃଷ୍ଠାର ରଫ୍ ସ୍ଥାନ ଉପଲବ୍ଧ କରାଇବା ଭଳି କେତେକ ପରିବର୍ତ୍ତନ ମଧ୍ୟ କରାଯାଇଛି।

**କାହିଁକି କେବଳ ଟେଲିଗ୍ରାମ୍ ଉପରେ ଲାଗିଲା ରୋକ୍?**

୧. ଟେଲିଗ୍ରାମରେ ଗ୍ରୁପ୍ ତିଆରି କରିବା ସହଜ କିନ୍ତୁ ଏଥିରେ ଗ୍ରୁପ୍ ଆଡମିନ୍ ନିଜ ନମ୍ବର ଲୁଚାଇ ପୋଷ୍ଟ କରିପାରିବେ। ସେଥିପାଇଁ ଗ୍ରୁପ୍ ଆଡମିନ୍‌କୁ ଟ୍ରେସ୍ (ଖୋଜିବା) କରିବା କଷ୍ଟକର ହୋଇଥାଏ।

୨. ଟେଲିଗ୍ରାମର ଗୋଟିଏ ଚ୍ୟାନେଲରେ ୨ ଲକ୍ଷ ଲୋକ ଯୋଡ଼ି ହୋଇପାରିବେ। କୌଣସି ବି ସୂଚନା କିମ୍ବା ଗୁଜବ ବହୁତ ଶୀଘ୍ର ବ୍ୟାପିଯାଏ।

୩. ପୁରୁଣା ମେସେଜ୍ ପରେ ଏଡିଟ୍ (ସଂଶୋଧନ) କରାଯାଇପାରିବ। କିଛି ଲୋକ ପରୀକ୍ଷା ପରେ ମେସେଜ୍ ବଦଳାଇ ଦେଖାଇ ପାରିବେ ଯେ ପ୍ରଶ୍ନପତ୍ର ପୂର୍ବରୁ ହିଁ ପୋଷ୍ଟ କରାଯାଇଥିଲା।

୪. ବଡ଼ ବଡ଼ ଫାଇଲ୍ ଯେପରିକି ପିଡିଏଫ୍, ଫଟୋ, ଭିଡିଓ ଏବଂ ଡକ୍ୟୁମେଣ୍ଟଗୁଡ଼ିକ ସହଜରେ ଶେୟାର ହୋଇପାରିଥାଏ।

## ଗୋଦାବରୀଶ ସାହିତ୍ୟ ସଂସଦ ପକ୍ଷରୁ କବିତା ପାଠ



**ଭୁବନେଶ୍ୱର,୧୬|୬/ଏନ୍ଏନ୍ଏସ୍:** ସର୍ବପ୍ରାଚୀନ ସାହିତ୍ୟ ଅନୁଷ୍ଠାନ 'ଗୋଦାବରୀଶ ସାହିତ୍ୟ ସଂସଦ' ପକ୍ଷରୁ ଏକ ମନୋଜ୍ଞ କବିସନ୍ଧି ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି କବି ତଥା ନାଟ୍ୟକାର ପ୍ରଫେସର୍ ଉପେନ୍ଦ୍ର ପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କବି ଡକ୍ଟର ଫନୀ ମହାନ୍ତି ସମ୍ମାନିତ କବି ଅତିଥି ଭାବେ ଯୋଗଦାନ କରି ନିଜ ଜୀବନର ବୈଚିତ୍ର୍ୟମୟ ଅନୁଭୂତି ବର୍ଣ୍ଣନା କରିବା ସହିତ କେତେକ ସ୍ୱରଚିତ କବିତା ପାଠ କରି ଏକ ସ୍ୱତନ୍ତ୍ର କାବ୍ୟିକ ପରିବେଶ ସୃଷ୍ଟି କରିଥିଲେ । ସଂସଦର ସମ୍ପାଦକ ଡକ୍ଟର ରାମଚନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ । କବି ସନ୍ଧି ପରେ ଶୁଭ୍ରା ନନ୍ଦ ଓ ମିନତି ମିଶ୍ରଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା । ପ୍ରିୟ ରଞ୍ଜନ ସାହୁ, ବିଜୟ ମଲ୍ଲିକ, ସୌଦାମିନୀ ସାମନ୍ତରାୟ, ଲଡୁ କିଶୋର ପଡ଼ିଆରୀ, ଚକ୍ରଧର ଦାସ, ଗଣେଶ ସାମନ୍ତ, ଡଃ. ମିହିର କୁମାର ରାୟ ପ୍ରମୁଖ ଅର୍ଦ୍ଧ ଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ । ଉପସଭାପତି ଖଗେଶ୍ୱର ମହତାବ ଧନ୍ୟବାଦ୍ ଦେଇଥିଲେ ।

# ରାଷ୍ଟ୍ର ନିର୍ମାଣରେ ସୁରେଶ ପ୍ରଭୁଙ୍କ ଅବଦାନ ପ୍ରଶଂସନୀୟ: ରାଜ୍ୟପାଳ




**ଭୁବନେଶ୍ୱର,୧୬|୬/ଏନ୍ଏନ୍ଏସ୍:** ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁରେଶ ପ୍ରଭୁଙ୍କ ଦୂରଦର୍ଶୀ ନେତୃତ୍ୱ ଓ ରାଷ୍ଟ୍ର ନିର୍ମାଣରେ ତାଙ୍କର ଦୀର୍ଘସ୍ଥାୟୀ ଅବଦାନ ପ୍ରଶଂସନୀୟ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି । ମଙ୍ଗଳବାର ଭୁବନେଶ୍ୱରଠାରେ ସୁରେଶ ପ୍ରଭୁଙ୍କ ଉପରେ ପ୍ରକାଶିତ ଏକ କଫି ଟେବୁଲ ବୁକ୍ର ଉନ୍ମୋଚନ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି । ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ କିଛି ନେତା ସେମାନେ ଅଳଙ୍କୃତ କରିଥିବା ପଦବୀ ପାଇଁ ସ୍ମରଣୀୟ ହୋଇ ରହନ୍ତି, ଯେତେବେଳେ ଅଳ୍ପ କିଛି ନେତା ସେମାନେ ପ୍ରତିପାଦନ କରିଥିବା ଚିନ୍ତାଧାରା ଓ ଅନୁସରଣ କରିଥିବା ମୂଲ୍ୟବୋଧ ପାଇଁ ସ୍ମରଣୀୟ ହୋଇ ରୁହନ୍ତି ଏବଂ ଶ୍ରୀ ପ୍ରଭୁ ଏହି ବିରଳ ଶ୍ରେଣୀର ନେତା ଭାବେ ପରିଗଣିତ ବୋଲି ରାଜ୍ୟପାଳ କହିଥିଲେ ।

ଉକ୍ତ ପୁସ୍ତକର ସମ୍ପାଦକ ସବ୍ୟସାଚୀ ଦାଶଙ୍କୁ ଅଭିନନ୍ଦନ ଜଣାଇ ରାଜ୍ୟପାଳ କହିଥିଲେ ଯେ ଏହି ପୁସ୍ତକରେ ଶ୍ରୀ ପ୍ରଭୁଙ୍କର ଚାରି ଦଶନ୍ଧିର ସାର୍ବଜନୀନ ଜୀବନ ଯାତ୍ରା ଏବଂ ବିଭିନ୍ନ କ୍ଷେତ୍ରରେ ନୀତି ନିର୍ଦ୍ଧାରଣ ଓ ଶାସନ କ୍ଷେତ୍ରରେ ଶ୍ରୀ ପ୍ରଭୁଙ୍କର ଅବଦାନକୁ ସୁନ୍ଦର ଭାବେ ଉପସ୍ଥାପନ କରାଯାଇଛି । ଏହା କେବଳ ଫଟୋଗ୍ରାଫ ଓ ସ୍ମୃତିର ସଂଗ୍ରହ ନୁହେଁ ବୋଲି ରାଜ୍ୟପାଳ କହିବା ସହିତ ଏହା ସାର୍ବଜନୀନ ସେବା ଓ ଜାତୀୟ ବିକାଶ ପାଇଁ ସମର୍ପିତ ଏକ ଜୀବନ ପ୍ରତି ସମ୍ମାନ ସ୍ୱରୂପ । ୨୦୦୨ମସିହାରୁ ଶ୍ରୀ ପ୍ରଭୁଙ୍କ ସହ ତାଙ୍କର ଦୀର୍ଘ ସମ୍ପର୍କକୁ ସ୍ମରଣ କରି ରାଜ୍ୟପାଳ କହିଥିଲେ ଯେ, ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଦ୍ୱାରା ଗଠିତ ନଦୀ ସଂଯୋଗ ଟାସ୍କ ଫୋର୍ସର ଅଧ୍ୟକ୍ଷ ଭାବେ ଶ୍ରୀ ପ୍ରଭୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ଦେଶରେ ଜଳ ପରିଚାଳନା ସମସ୍ୟାର ସମାଧାନ ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ଉଚ୍ଚାଭିଳାଷୀ ନଦୀ ସଂଯୋଗ କାର୍ଯ୍ୟକ୍ରମ ପାଇଁ ଏହି ପଦକ୍ଷେପ ମୂଳଦୁଆ ସ୍ଥାପନ କରିଥିଲା ବୋଲି ରାଜ୍ୟପାଳ କହିଥିଲେ । ଶ୍ରୀ ପ୍ରଭୁଙ୍କର ୨୬ ବର୍ଷର ସଂସଦୀୟ ଜୀବନ ଏବଂ ଶକ୍ତି, ରେଳବାଇ, ବାଣିଜ୍ୟ ଓ ଶିଳ୍ପ ଏବଂ ବେସାମରିକ ବିମାନ ଚଳାଚଳ ଭଳି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟଗୁଡ଼ିକର ଦାୟିତ୍ୱ ସଫଳତାର ସହ ପରିଚାଳନା କରିଥିବା କଥା ରାଜ୍ୟପାଳ ଉଲ୍ଲେଖ କରିଥିଲେ । ରେଳମନ୍ତ୍ରୀ ଭାବେ ତାଙ୍କ କାର୍ଯ୍ୟକାଳରେ ଗ୍ରହଣ କରାଯାଇଥିବା ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ସ୍ୱଚ୍ଛତା ବୃଦ୍ଧି, କାର୍ଯ୍ୟଦକ୍ଷତାର ଉନ୍ନତି ଏବଂ ପ୍ରଯୁକ୍ତିର ବ୍ୟାପକ ବ୍ୟବହାର ମାଧ୍ୟମରେ ଯାତ୍ରୀ ସେବାର ମାନ ବୃଦ୍ଧିରେ ସହାୟକ ହୋଇଥିଲା ବୋଲି ରାଜ୍ୟପାଳ କହିଥିଲେ । ଶ୍ରୀ ପ୍ରଭୁଙ୍କର ଶକ୍ତି ନୀତି, ଆନ୍ତର୍ଜାତିକ ବାଣିଜ୍ୟ ଓ ବିଶ୍ୱ କୂଟନୀତି କ୍ଷେତ୍ରରେ ଅବଦାନକୁ ମଧ୍ୟ ରାଜ୍ୟପାଳ ଉଲ୍ଲେଖ କରିଥିଲେ । ଜି-୨୦ ଓ ଜି-୭ ପାଇଁ ଭାରତର କୂଟନୈତିକ ପ୍ରତିନିଧି ଭାବେ ଶ୍ରୀପ୍ରଭୁଙ୍କର ଭୂମିକାକୁ ରାଜ୍ୟପାଳ ବିଶେଷ ଭାବେ ପ୍ରଶଂସା କରିଥିଲେ । ଶ୍ରୀ ପ୍ରଭୁଙ୍କ ଜୀବନ ସତ୍ୟନିଷ୍ଠା, ନବସୃଜନ ଓ ଜାତୀୟ ସ୍ୱାର୍ଥ ପ୍ରତି ଅତୁଟ ପ୍ରତିବଦ୍ଧତାର ଏକ ଉତ୍କୃଷ୍ଟ ଉଦାହରଣ ବୋଲି ରାଜ୍ୟପାଳ କହିଥିଲେ । ଭାରତର ବିକାଶ ଯାତ୍ରାରେ ଉଲ୍ଲେଖନୀୟ ଅବଦାନ ରଖିଥିବା ଜଣେ ନେତାଙ୍କ ସଫଳତା ଓ ମୂଲ୍ୟବୋଧକୁ ଲିପିବଦ୍ଧ କରି ରଖିଥିବା ଏହି କଫି ଟେବୁଲ ବୁକ୍‌ଟି ଭବିଷ୍ୟତ ପିଢ଼ିକୁ ପ୍ରେରଣା ଯୋଗାଇବ ବୋଲି ରାଜ୍ୟପାଳ ଆଶାବ୍ୟକ୍ତ କରିଥିଲେ । ସମାବେଶକୁ ସମ୍ବୋଧିତ କରି ପୂର୍ବତନ ମନ୍ତ୍ରୀ ସୁରେଶ ପ୍ରଭୁ ସମାରୋହରେ ଉପସ୍ଥିତି ପାଇଁ ରାଜ୍ୟପାଳ ଡଃ କମ୍ଭମପାଟିଙ୍କୁ ଧନ୍ୟବାଦ ଜଣାଇଥିଲେ । ରାଜ୍ୟପାଳଙ୍କ ସହ ତାଙ୍କର ଦୀର୍ଘଦିନର ସମ୍ପର୍କକୁ ସ୍ମରଣ କରି ସେ ଓଡ଼ିଶାର ବିକାଶ ଯାତ୍ରାର ପ୍ରଶଂସା କରିଥିଲେ । ରାଜ୍ୟରେ ପ୍ରଚୁର ପ୍ରାକୃତିକ ସମ୍ପଦ ରହିଥିବାରୁ ବିକାଶ ପାଇଁ ଅପାର ସମ୍ଭାବନା ରହିଛି ଶ୍ରୀ ପ୍ରଭୁ କହିଥିଲେ । ପୂର୍ବତନ ରାଜ୍ୟ ସୂଚନା କମିଶନର ଜଗଦାନନ୍ଦ ଏବଂ ଇଣ୍ଡିଆନ୍ ଚେମ୍ବର ଅଫ୍ କମର୍ସ (ଆଇସିସି)ର ଓଡ଼ିଶା ଚାପ୍ଟରର ଅଧ୍ୟକ୍ଷ ରାଜୀବ ସାହୁ ମଧ୍ୟ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ କଫି ଟେବୁଲ୍ ପୁସ୍ତକର ସମ୍ପାଦକ ସବ୍ୟସାଚୀ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

## ଜୟ ମା' ଭବାନୀ ଚାରିଟେବୁଲ୍ ଟ୍ରଷ୍ଟର ରଜ ଉତ୍ସବ

**ଭୁବନେଶ୍ୱର,୧୬|୬/ଏନ୍ଏନ୍ଏସ୍:** ଜୟଦେବ ବିହାରସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ଉତ୍କଳ ରଙ୍ଗମଞ୍ଚଠାରେ ଜୟ ମା' ଭବାନୀ ଚାରିଟେବୁଲ ଟ୍ରଷ୍ଟର ନବମ ବାର୍ଷିକୀ ରଜ ଉତ୍ସବ ପାଳିତ ହୋଇଯାଇଛି । ଶ୍ରୀ ଜଗନ୍ନାଥ




ସଂସ୍କୃତି ପ୍ରଚାର ସଂସ୍ଥାନ ଇଣ୍ଡିଆ ଏବଂ ଜୟ ମା' ଭବାନୀ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସାରସ୍ୱତ ଉତ୍ସବରେ ପ୍ରଥମ ଥର ପାଇଁ ସଂସ୍କୃତି ଭାରତୀ ଖୋର୍ଦ୍ଧା ଦ୍ୱାରା ଶାସ୍ତ୍ରୀୟ ଓ ପରମ୍ପରା ଅନୁଯାୟୀ ପ୍ରସ୍ତୁତ ନୃତ୍ୟ ନାଟିକା 'ରଥେ ଶ୍ରୀଜଗନ୍ନାଥ' ମଞ୍ଚରେ ସଫଳତାର ସହ ପ୍ରଦର୍ଶନ କରାଯାଇଥିଲା । ଡ଼ ନାରାୟଣ ମହାପାତ୍ର, ଉମାନାଥ ମିଶ୍ର, ପ୍ରମୋଦିନୀ ପଣ୍ଡା ଏବଂ ଶାଶ୍ୱତୀ ମିଶ୍ରଙ୍କ ସୁଚାରୁ ସଂଯୋଜନାରେ ଅନୁଷ୍ଠିତ ଏହି ଭବ୍ୟ ସଭାକୁ ପଦ୍ମଶ୍ରୀ ଅଦ୍ୱୈତ ପ୍ରସାଦ ଗଡ଼ନାୟକ ଉଦ୍ଘାଟକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ । ଏଥିରେ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଓ ବିଶିଷ୍ଟ ଅତିଥି ଭାବେ ଭାରତୀୟ ଜନତା ପାର୍ଟିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ ଏବଂ ଅମରେଶ ଜେନା ଯୋଗ ଦେଇଥିବା ବେଳେ ବିଶେଷ ଅତିଥି ଭାବେ ଭାରତୀୟ ଜନତା ପାର୍ଟିର ରାଜ୍ୟ ଯୁବ ସଭାପତି ଅଭିଳାଷ ପଣ୍ଡା ଯୋଗଦେଇ ନିଜର ବହୁମୂଲ୍ୟ ଆଶୀର୍ବଚନ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଅଭିନନ୍ଦନ ଦାସ ସଭାକୁ ଅତ୍ୟନ୍ତ ସୁନ୍ଦର ଭାବେ ପରିଚାଳନା କରିଥିଲେ । ଏହି ରଜ ମହୋତ୍ସବରେ ଓଡ଼ିଆ ପରମ୍ପରାର ପ୍ରତୀକ ରଜ ପିଠା, ରଜ ପାନ, ରଜ ଦୋଳି, ରଜ ଗୀତ, ଓଡ଼ିଆ ଭଜନ ଓ ଲଘୁ ସଙ୍ଗୀତର ଆସର ଜମିଥିଲା । ଜଗନ୍ନାଥ ସଂସ୍କୃତିର ପ୍ରତିଷ୍ଠିତ କଳାକାର ଭାରତୀ, ମୃତ୍ୟୁଞ୍ଜୟ ଏବଂ ତ୍ରିଲୋଚନ ନିଜର ସୁମଧୁର ସଙ୍ଗୀତ ପରିବେଷଣ କରିଥିଲେ । ଏହା ସହିତ ଭୁବନେଶ୍ୱର ଲେଡିଜ୍ ଫୋରମ୍ ଅନୁଷ୍ଠାନର ମହିଳାମାନେ ପାରମ୍ପରିକ ରଜ ଗୀତ ଓ ଦଳଗତ ନୃତ୍ୟ ପରିବେଷଣ କରି ଉପସ୍ଥିତ ଶ୍ରୋତା ଓ ଦର୍ଶକମାନଙ୍କୁ ସମ୍ପୂର୍ଣ୍ଣ ବିମୋହିତ କରିଥିଲେ । ଏହି ଅବସରରେ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଦ୍ୱାରା ପ୍ରାୟୋଜିତ ସଂସ୍କୃତି ଭାରତୀ ଖୋର୍ଦ୍ଧା ଏବଂ ତ୍ରିଶକ୍ତି କଟକର କଳାକାରମାନଙ୍କ ଦ୍ୱାରା 'ରଥେ ଶ୍ରୀଜଗନ୍ନାଥ' ନାଟକ ସହ ଚିତ୍ତାକର୍ଷକ ଭଜନ ନାଚ ଏବଂ ସମ୍ବଲପୁରୀ ନୃତ୍ୟ ଅତ୍ୟନ୍ତ ମନୋରମ ଶୈଳୀରେ ଉପସ୍ଥାପନ କରାଯାଇଥିଲା । ଏହି ମହୋତ୍ସବରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିତ୍ୱମାନଙ୍କୁ ସମ୍ମାନିତ କରାଯାଇଥିଲା । ମହାପ୍ରଭୁଙ୍କ ପୂଜାପଣ୍ଡା ସେବାୟତ ଶ୍ରୀ ରାମନାରାୟଣ ପୂଜାପଣ୍ଡା ସାମନ୍ତଙ୍କୁ ମର୍ଯ୍ୟାଦାଜନକ 'ଉତ୍କଳ ଶ୍ରୀ ସମ୍ମାନ'ରେ ଭୂଷିତ କରାଯାଇଥିବା ବେଳେ ଓଡ଼ିଆ ସଂସ୍କୃତି ଓ ଭାଷାର ସୁରକ୍ଷା ପାଇଁ ନିରନ୍ତର କାର୍ଯ୍ୟ କରୁଥିବା ଶ୍ରୀଯୁକ୍ତ ନିଶିକାନ୍ତ ମିଶ୍ରଙ୍କୁ ସ୍ୱତନ୍ତ୍ର ସମ୍ମାନ ଏବଂ ଡ଼ ବନୋଜ ରାୟଙ୍କୁ 'ଉତ୍କଳ ସେବା ରତ୍ନ ସମ୍ମାନ' ପ୍ରଦାନ କରାଯାଇଥିଲା । ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମରେ ସୁରେଶ ମିଶ୍ର, ତ୍ରିଲୋଚନ ନାୟକ, ରଞ୍ଜନ ସାମଲ, ରାହୁଲ ପଲେଇ, ମନୋରଞ୍ଜନ ପଲେଇ, ଦୁଷ୍ମନ୍ତ ଧୀର, ସୋନୁ ସାହୁ ଏବଂ ଶ୍ରୀନିବାସ ରାଓଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଉତ୍ସବର ଶୋଭା ବଢ଼ାଇଥିଲେ ।

**ଅଦ୍ୱିକା ବାର୍ତ୍ତା**

## କିଶୋର-କିଶୋରୀଙ୍କ ସହ ଉପମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

**ଭୁବନେଶ୍ୱର,୧୬|୬/ଏନ୍ଏନ୍ଏସ୍:** ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଙ୍ଗଳବାର 'ଅଦ୍ୱିକା ବାର୍ତ୍ତା' ମାଧ୍ୟମରେ ରାଜ୍ୟର କିଶୋର-କିଶୋରୀମାନଙ୍କ ସହ ଏକ ଅଭିନବ ରାଜ୍ୟସ୍ତରୀୟ ଆଲୋଚନାରେ ସାମିଲ ହୋଇଛନ୍ତି । ଶାସନ ଏବଂ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ଯୁବପିଢ଼ିଙ୍କ ଅଂଶଗ୍ରହଣକୁ ସୁଦୃଢ଼ କରିବା ପାଇଁ ଏହି ପ୍ଲାଟଫର୍ମ ପ୍ରସ୍ତୁତ କରାଯାଇଛି । ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା କମିଶନ ଏବଂ ୟୁନିସେଫ୍ ର ମିଳିତ ସହଯୋଗରେ 'ଏ ଡେ ଫର ଚିଲଡ୍ରେନ୍' କାର୍ଯ୍ୟକ୍ରମର ଏକ ଅଂଶ ଭାବେ ଏହି ଆଲୋଚନା ଆୟୋଜିତ ହୋଇଥିଲା । ରଜ ପର୍ବ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ 'ଅଦ୍ୱିକା' ଗ୍ରୁପ୍ ସହ ଜଡ଼ିତ କିଶୋର ଓ କିଶୋରୀମାନେ ଏକାଠି ହୋଇଥିଲେ । କିଛି କିଶୋର-କିଶୋରୀ ଭୁବନେଶ୍ୱର ସ୍ଥିତ କନଭେନସନ ସେଣ୍ଟରରେ



ପ୍ରତ୍ୟକ୍ଷ ଭାବେ ଉପସ୍ଥିତ ରହି ଏଥିରେ ଭାଗ ନେଇଥିବା ବେଳେ, ସମସ୍ତ ୩୦ଟି ଜିଲ୍ଲାର ପ୍ରତିନିଧିମାନେ ଜିଲ୍ଲା ଅଧିକାରୀ ଓ ପ୍ରଶାସକମାନଙ୍କ ଉପସ୍ଥିତିରେ ଆଭାସୀ ମାଧ୍ୟମରେ ଏଥିରେ ଯୋଡ଼ି ହୋଇଥିଲେ । ଏହି ଦୁଇ ଘଣ୍ଟିଆ ଆଲୋଚନା ଚକ୍ରରେ କିଶୋର-କିଶୋରୀମାନେ ଶିକ୍ଷା, ସୁରକ୍ଷା, ଲିଙ୍ଗଗତ ସମାନତା, ଶିଶୁ ଅଧିକାର, ନେତୃତ୍ୱ ନେବାର ସୁଯୋଗ, ଦକ୍ଷତା ବିକାଶ, ସ୍ୱାସ୍ଥ୍ୟ ଏବଂ ସେମାନଙ୍କ ଭବିଷ୍ୟତର ଆକାଂକ୍ଷା ସମ୍ପର୍କିତ ବିଭିନ୍ନ ବିଷୟରେ ମନ୍ତ୍ରୀଙ୍କୁ ସିଧା ସଳଖ ପ୍ରଶ୍ନ ପଚାରିବା ସହ ନିଜର ଅନୁଭୂତି ବାଣ୍ଟିଥିଲେ । ଏଥିସହିତ ରାଜ୍ୟରେ ଯୁବପିଢ଼ିଙ୍କ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ ଏବଂ ସେବାଗୁଡ଼ିକୁ ଅଧିକ ମଜବୁତ କରିବା ପାଇଁ ସେମାନେ ନିଜ ନିଜର ମତାମତ ଓ ପରାମର୍ଶ ମଧ୍ୟ ଉପସ୍ଥାପନ କରିଥିଲେ । ଅଂଶଗ୍ରହଣକାରୀମାନଙ୍କୁ ସମ୍ବୋଧିତ କରି ମନ୍ତ୍ରୀ ଶ୍ରୀମତୀ ପରିଡ଼ା କିଶୋର-କିଶୋରୀଙ୍କ ଜୀବନକୁ ପ୍ରଭାବିତ କରୁଥିବା ନିଷ୍ପତ୍ତିଗୁଡ଼ିକରେ ସେମାନଙ୍କର ମୂଲ୍ୟବାନ ମତାମତକୁ ସାମିଲ କରିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ ବୋଲି ଦୋହରାଇଥିଲେ । ସେ ଯୁବପିଢ଼ିଙ୍କୁ ସାମଗ୍ରିକ ବିକାଶ ଏବଂ ନେତୃତ୍ୱ ପ୍ରକ୍ରିୟାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିବା ସହ ଆଗାମୀ ଦିନର ନୀତି ନିର୍ଦ୍ଧାରଣ ଆଲୋଚନାରେ ସେମାନଙ୍କର ସମସ୍ୟା ଓ ସୁପାରିଶଗୁଡ଼ିକୁ ବିଚାରକୁ ନିଆଯିବ ବୋଲି ଆଶ୍ୱାସନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା କମିଶନର ଅଧ୍ୟକ୍ଷା ବବିତା ପାତ୍ର, ୟୁନିସେଫ୍ ଓଡ଼ିଶାର ଚିଫ୍ ଅଫ୍ ଫିଲ୍ଡ ଅଫିସ୍ ପ୍ରଶାନ୍ତ ଦାଶ,ଓଡ଼ିଶା ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ସୋଭନା ମହାନ୍ତି ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

**ପିଜିଟି ଶିକ୍ଷକଙ୍କ ଦ୍ୱିତୀୟ ପର୍ଯ୍ୟାୟ ଦିଗ୍‌ଦର୍ଶନ କର୍ମଶାଳା**

## ପ୍ରଶିକ୍ଷଣ ନେବେ ୧୨୦ ଜଣ ପିଜିଟି

**ଭୁବନେଶ୍ୱର,୧୬|୬/ଏନ୍ଏନ୍ଏସ୍:** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅନ୍ତର୍ଗତ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧିନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ନିମନ୍ତେ ଦିଗଦର୍ଶନ କର୍ମଶାଳାର ଆୟୋଜନ କରାଯାଇଛି । ଶିରିପୁରସ୍ଥିତ ଇମେଜ୍‌ଠାରେ ପ୍ରାୟ ୧୨୦ ଜଣ ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ନେଇ ଦିଗଦର୍ଶନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଉଦଘାଟନୀ ଅଧିବେଶନରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ସ୍ମିତା ରାଉତ, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ନିୟତୀ ପଟ୍ଟନାୟକ, ଯୁଗ୍ମ ନିର୍ଦ୍ଦେଶକ ସସ୍ମିତା ମାଲି, ଯୁଗ୍ମ ନିର୍ଦ୍ଦେଶକ ସ୍ନିଗ୍ଧା ମିଶ୍ର, ଉପନିର୍ଦ୍ଦେଶକ ସି.ଏଚ୍. ବିଜୟଲକ୍ଷ୍ମୀ ପ୍ରମୁଖ ଉପସ୍ଥିତ ଥିଲେ ।

ଏହି ଅବସରରେ ଓଏଭି ନିର୍ଦ୍ଦେଶକ ଶ୍ରୀମତୀ ରାଉତ ପିଜିଟି ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଶିକ୍ଷକର ପ୍ରମୁଖ ଭୂମିକା ସମ୍ପର୍କରେ ଆଲୋଚନା କରିବା ସହ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣାର ଉତ୍ସ ହେବା ନିମନ୍ତେ ଉପଦେଶ ଦେଇଛନ୍ତି । ସମାଜ ଓ ଦେଶ ପାଇଁ ଉତ୍ତମ ନାଗରିକର ଗଠନର ଭାର ଶିକ୍ଷକଙ୍କ ଉପରେ ନ୍ୟସ୍ତ ଥାଏ ତେବେ ଛାତ୍ରଛାତ୍ରୀଙ୍କୁ ଉଚିତ୍ ଦିଗଦର୍ଶନ ଦେବା ଶିକ୍ଷକମାନଙ୍କ କର୍ତ୍ତବ୍ୟ ବୋଲି ସେ ମତ ପ୍ରକାଶ କରିଛନ୍ତି । ଉଚ୍ଚ ମାଧ୍ୟମିକ ଶିକ୍ଷା ହେଉଛି ଛାତ୍ରଛାତ୍ରୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶକ ଶ୍ରୀମତୀ ପଟ୍ଟନାୟକ । ଶିକ୍ଷା ଦେବା ନିମନ୍ତେ ନିଜେ ଶିକ୍ଷା ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ସେ କହିବା ସହ ଏଥିପାଇଁ ଦିଗଦର୍ଶନ କର୍ମଶାଳା ସହାୟକ ହେବ ବୋଲି ସେ କହିଛନ୍ତି । ଏଥିସହ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ମାଲି ସ୍ୱାଗତ ଅଭିଭାଷଣ ରଖି କର୍ମଶାଳାର ବିସ୍ତୃତି ବିବରଣୀ ପ୍ରଦାନ କରିଥିଲେ । ଉପନିର୍ଦ୍ଦେଶକ ବିଜୟଲକ୍ଷ୍ମୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଯୁଗ୍ମନିର୍ଦ୍ଦେଶକ ସ୍ନିଗ୍ଧା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନାଯୋଗ୍ୟ, ପିଜିଟି ଶିକ୍ଷକଶିକ୍ଷୟିତ୍ରୀଙ୍କୁ ନେଇ ଆୟୋଜିତ ଦିଗଦର୍ଶନ କର୍ମଶାଳା ଦୁଇଟି ପର୍ଯ୍ୟାୟରେ ଆୟୋଜନ କରାଯିବ । ଦ୍ୱିତୀୟ ପର୍ଯ୍ୟାୟ କର୍ମଶାଳା ଜୁନ୍ ୧୬ ତାରିଖରୁ ଜୁନ୍ ୨୦ ତାରିଖ ଯାଏଁ ଅନୁଷ୍ଠିତ ହେବ । ଦ୍ୱିତୀୟ ପର୍ଯ୍ୟାୟରେ ଓଡ଼ିଆ, ଇଂରାଜୀ ଓ ଶିକ୍ଷା (ଏଜୁକେସନ୍) ବିଷୟବସ୍ତୁର ୧୨୦ ଜଣ ପିଜିଟି ଯୋଗ ଦେଇଛନ୍ତି । ଏହି କର୍ମଶାଳାରେ ଜାତୀୟ ଶିକ୍ଷା ନୀତି ୨୦୨୦ ର ବିଭିନ୍ନ ଦିଗ, ଆଇସିଟିର ବ୍ୟବହାର, ଓଡିଶା ଏଜୁକେସନ୍ ରୁଲ୍, ସାମ୍ସ ଓ ଶିକ୍ଷାଜ୍ୟୋତି ପୋର୍ଟାଲର ବ୍ୟବହାର, ପୋଶ୍ ଆକ୍ଟ, ଛାତ୍ରବୃତ୍ତି, ପ୍ରଶାସନିକ ଭୂମିକା, ପରୀକ୍ଷା ଏବଂ ମୂଲ୍ୟାଙ୍କନ ଯୋଜନା, କ୍ୟାରିଅର ମାର୍ଗଦର୍ଶନ ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯିବ ।

**ବିଶ୍ୱ ରକ୍ତଦାତା ଦିବସ**

## ୧୦୫୭ ୟୁନିଟ୍ ରକ୍ତ ସଂଗ୍ରହ

**ଭୁବନେଶ୍ୱର,୧୬|୬/ଏନ୍ଏନ୍ଏସ୍:** ବିଶ୍ୱ ରକ୍ତଦାତା ଦିବସ ଅବସରରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ସମଗ୍ର ଓଡ଼ିଶାର ବିଭିନ୍ନ ସ୍ଥାନରେ ଏକ ବ୍ୟାପକ ରକ୍ତଦାନ ଅଭିଯାନ




ସଫଳତାର ସହ ଆୟୋଜିତ ହୋଇଯାଇଛି । ଗତ ଜୁନ୍ ୯ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଭିନ୍ନ ଭିନ୍ନ ଅଞ୍ଚଳରେ ମୋଟ ୨୪ଟି ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା । ଏହି ସମସ୍ତ ଶିବିରରୁ ସମ୍ପୃକ୍ତ ରକ୍ତ ବ୍ୟାଙ୍କଗୁଡ଼ିକ ଦ୍ୱାରା ସର୍ବମୋଟ ୧୦୫୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି । ସଂଗଠନର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ଏବଂ ମାନବୀୟ ସେବା ଅଭିଯାନର ଏକ ପ୍ରମୁଖ ଅଂଶ ଭାବେ ଏହି ସମସ୍ତ ଶିବିରଗୁଡ଼ିକୁ ପରିଚାଳନା କରାଯାଇଥିଲା । ଏହି ମହତ କାର୍ଯ୍ୟକ୍ରମରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କର୍ମଚାରୀମାନେ ସ୍ୱତଃସ୍ଫୂର୍ତ୍ତ ଭାବେ ଆଗେଇ ଆସି ରକ୍ତଦାନ କରିଥିଲେ । ବିଶେଷକରି ଚଳିତ ଗ୍ରୀଷ୍ମ ଋତୁ ସମୟରେ ବିଭିନ୍ନ ରକ୍ତ ବ୍ୟାଙ୍କରେ ଦେଖାଦେଉଥିବା ରକ୍ତର ଅଭାବଜନିତ ସମସ୍ୟାକୁ ଦୂର କରିବା ଏବଂ ମୁମୂର୍ଷୁ ରୋଗୀଙ୍କ ସ୍ୱତନ୍ତ୍ର ଜୀବନ ରକ୍ଷା କରିବା ଉଦ୍ଦେଶ୍ୟରେ ଏହି ମାନବିକ ପ୍ରୟାସ କରାଯାଇଛି । ଷ୍ଟେଟ୍ ବ୍ୟାଙ୍କର କର୍ମଚାରୀ ଓ ଅଧିକାରୀଙ୍କ ଏଭଳି ଜନକଲ୍ୟାଣକାରୀ କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ବେଶ୍ ପ୍ରଶଂସା କରାଯାଇଛି ।

**ମୌସୁମୀ ଋତୁ ପୂର୍ବରୁ ପୂର୍ବତଟ ରେଳପଥର ବଡ଼ ପ୍ରସ୍ତୁତି**

## ପାହାଡ଼ କଟା ଅଞ୍ଚଳ ଓ ସୁଡ଼ଙ୍ଗଗୁଡ଼ିକର ସୁଦୃଢ଼ୀକରଣ କାର୍ଯ୍ୟ ତ୍ୱରାନ୍ୱିତ

**ଭୁବନେଶ୍ୱର,୧୬|୬/ଏନ୍ଏନ୍ଏସ୍:** ଆସନ୍ତା ମୌସୁମୀ ଋତୁରେ ଟ୍ରେନ୍ ଚଳାଚଳକୁ ଅଧିକ ନିରାପଦ, ସୁଗମ ଓ ନିର୍ଭରଯୋଗ୍ୟ କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ କୋଟ୍ଟ ।ଭାଲାସା-କିରଣ୍ଡୁଲ, କୋରାପୁଟ-ରାୟଗଡ଼ା ଏବଂ ରାୟଗଡ଼ା-ବିଜୟନଗରମ୍ ରେଳପଥର ସମ୍ବେଦନଶୀଳ ପାହାଡ଼ କଟା ଅଞ୍ଚଳ ଓ ସୁଡ଼ଙ୍ଗଗୁଡ଼ିକରେ ସୁରକ୍ଷା ତଥା ସୁଦୃଢ଼ୀକରଣ କାର୍ଯ୍ୟକୁ ବ୍ୟାପକ ଭାବେ ତ୍ୱରାନ୍ୱିତ କରାଯାଇଛି । ପଥର ଖସିବା, ମୃତ୍ତିକା କ୍ଷୟ ଏବଂ ପ୍ରତିକୂଳ ପାଣିପାଗ ପରିସ୍ଥିତିର ଆଶଙ୍କା ଥିବା ସମ୍ବେଦନଶୀଳ ଘାଟି ଅଞ୍ଚଳରେ ଭିତ୍ତିଭୂମି ସୁରକ୍ଷା ଏବଂ ପରିଚାଳନାଗତ ବିଶ୍ୱସନୀୟତା ବୃଦ୍ଧି କରିବା ପାଇଁ ପ୍ରାଥମିକତା ଭିତ୍ତିରେ କାର୍ଯ୍ୟ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ଆଧୁନିକ ଢାଲ ସ୍ଥିରୀକରଣ ବ୍ୟବସ୍ଥା ଯେପରିକି ପଥର ଖସିବା ପ୍ରତିରୋଧକ ପ୍ରାଚୀର, ପଥର ବୋଲ୍ଟିଂ, ତାର ଜାଲି ନେଟିଂ, ଜିଓମ୍ୟାଟ୍ ବିଛାଇବା ଏବଂ ସୁଡ଼ଙ୍ଗ ସୁଦୃଢ଼ୀକରଣ ଭଳି ପ୍ରତିଷେଧକ ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରାଯାଉଛି । କେକେ -୧ ସେକ୍ସନରେ ଏପର୍ଯ୍ୟନ୍ତ ସର୍ବମୋଟ ୯୧୦ ମିଟରର ପଥର ଖସିବା ପ୍ରତିରୋଧକ ପ୍ରାଚୀର କାର୍ଯ୍ୟ ସମ୍ପୂର୍ଣ୍ଣ



ହୋଇଥିବା ବେଳେ ୨୯,୭୭୬ ବର୍ଗ ମିଟରର ତାର ଜାଲି ନେଟିଂ ଏବଂ ୨୨,୧୯୭ ମିଟରର ପଥର ବୋଲ୍ଟିଂ କାର୍ଯ୍ୟ ଶେଷ ହୋଇଛି । ଏହି ସେକ୍ସନର କ୍ଷେତ୍ରସ୍ତରରେ ସ୍ଥିରୀକରଣ ପାଇଁ ୩୪୬ଟି ଗାତ ଖନନ ଏବଂ ୪୦ଟି ଗାତର ଗ୍ରାଉଟିଂ କରାଯିବା ସହ ଅତିରିକ୍ତ ସୁରକ୍ଷା ପାଇଁ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ୩୦୦ ବର୍ଗ ମିଟରର ରୋମ୍ବୋଇଡାଲ୍ ଜାଲି ଏବଂ ୭୩୦ ବର୍ଗ ମିଟରର ମୋନୋ ଓରିଏଣ୍ଟେଡ୍ ଜାଲି ବିଛାଯାଇ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରାଯାଇଛି ।

ସେହିପରି କେକେ-୨ ସେକ୍ସନରେ ଧାର୍ଯ୍ୟ କରାଯାଇଥିବା ସମ୍ପୂର୍ଣ୍ଣ ୧୨୦ ମିଟରର ପଥର ଖସିବା ପ୍ରତିରୋଧକ ପ୍ରାଚୀର ସହ ୪,୨୦୦ ବର୍ଗ ମିଟରର ତାର ଜାଲି ନେଟିଂ କାର୍ଯ୍ୟ ସଫଳତାର ସହ ଶେଷ କରାଯାଇ ସମ୍ବେଦନଶୀଳ ପାହାଡ଼ କଟିଂ ଗୁଡ଼ିକୁ ସୁଦୃଢ଼ କରାଯାଇଛି । ଅପରପକ୍ଷରେ, କୋରାପୁଟ-ରାୟଗଡ଼ା ସେକ୍ସନରେ ମଧ୍ୟ ସୁରକ୍ଷା କାର୍ଯ୍ୟ ସୁରୁଖୁରୁରେ ଆଗେଇ ଚାଲିଛି, ଯେଉଁଠାରେ ସମ୍ପୂର୍ଣ୍ଣ ୩୦୦ ମିଟରର ପଥର ଖସିବା ପ୍ରତିରୋଧକ ପ୍ରାଚୀର, ୧,୬୦୦ ମିଟରର ପଥର ବୋଲ୍ଟିଂ ଏବଂ ୧୦,୦୦୦ ବର୍ଗ ମିଟରର ତାର ଜାଲି ନେଟିଂ କାର୍ଯ୍ୟ ଶେଷ ହୋଇ ଶତପ୍ରତିଶତ ସଫଳତା ମିଳିଛି । ଏହି ସମସ୍ତ ପ୍ରତିଷେଧକ ବ୍ୟବସ୍ଥା ଦ୍ୱାରା ଢିଲା ପଥର ଖସିବାର ବିପଦ ହ୍ରାସ ପାଇବା ସହ ଚ୍ୟାଲେଞ୍ଜପୂର୍ଣ୍ଣ ଘାଟି ଅଞ୍ଚଳ ଦେଇ ବିନା ବାଧାରେ ଟ୍ରେନ୍ ଚଳାଚଳ ସୁନିଶ୍ଚିତ ହୋଇପାରିବ । ଏହା ବ୍ୟତୀତ ରାୟଗଡ଼ା-ବିଜୟନଗରମ୍ ସେକ୍ସନର ଲାଞ୍ଜିଗଡ଼ ରୋଡ୍ ଏବଂ ରାୟଗଡ଼ା ମଧ୍ୟରେ ଥିବା ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ କାର୍ଯ୍ୟ ଜାରି ରହିଛି ଏବଂ ଏହାକୁ ଆସନ୍ତା ୩୦ ଜୁନ୍ ୨୦୨୬ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି । କୋରାପୁଟ-ରାୟଗଡ଼ା ସେକ୍ସନ ଅଧୀନରେ ଥିବା ସୁଡ଼ଙ୍ଗ ଗୁଡ଼ିକର ସୁରକ୍ଷା ବୃଦ୍ଧି ପାଇଁ ତିନୋଟି ସୁଡ଼ଙ୍ଗର ସୁଦୃଢ଼ୀକରଣ ଟେଣ୍ଡର ପ୍ରଦାନ ପ୍ରକ୍ରିୟା ଶେଷ ହୋଇଛି ଏବଂ ଟ୍ରାଫିକ୍ ତଥା ପାୱାର୍ ବ୍ଲକ୍ ଆବଶ୍ୟକତା ଚୂଡ଼ାନ୍ତ ହେବା ପରେ ଡିଭିଜନ୍ ଏହି କାର୍ଯ୍ୟ ଆରମ୍ଭ କରିବା ପାଇଁ ଆବଶ୍ୟକୀୟ ପ୍ରସ୍ତୁତି କରୁଛି । କେବଳ ସାମୟିକ ନୁହେଁ, ବରଂ ସ୍ଥାୟୀ ଦୀର୍ଘକାଳୀନ ପ୍ରତିକାର ବ୍ୟବସ୍ଥା ଚିହ୍ନଟ କରିବା ଏବଂ ସୁରକ୍ଷାକୁ ଆହୁରି ମଜଭୁତ କରିବା ପାଇଁ କେକେ ଏବଂ କେଆର ସେକ୍ସନର ଅନ୍ୟାନ୍ୟ ସମ୍ବେଦନଶୀଳ ପାହାଡ଼ କଟା ଅଞ୍ଚଳଗୁଡ଼ିକରେ ଭୂତାତ୍ତ୍ୱିକ ସର୍ଭେ ମଧ୍ୟ ଆରମ୍ଭ ହୋଇସାରିଛି । ପୂର୍ବତଟ ରେଳପଥ ଏହାର ଗୁରୁତ୍ୱପୂର୍ଣ୍ଣ ଘାଟ ସେକ୍ସନ ଗୁଡ଼ିକରେ ଯାତ୍ରୀବାହୀ ଏବଂ ମାଲବାହୀ ଉଭୟ ଟ୍ରେନ୍ ସେବା ପାଇଁ ନିରବଚ୍ଛିନ୍ନ ଯାତ୍ରା ସୁନିଶ୍ଚିତ କରିବାକୁ ଭିତ୍ତିଭୂମି ଆଧୁନିକୀକରଣ ଓ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତିକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ଜାରି ରଖିଛି ।

## ଏମ୍‌ସିଏଲ୍‌ରେ ସ୍ୱଚ୍ଛତା ପକ୍ଷ-୨୦୨୬ର ଶୁଭାରମ୍ଭ





**ଭୁବନେଶ୍ୱର,ସମ୍ବଲପୁର,୧୬|୬/ ଏନ୍ଏନ୍ଏସ୍:** ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମସିଏଲ୍) ନିଜର ମୁଖ୍ୟାଳୟ ଏବଂ ସମସ୍ତ କାର୍ଯ୍ୟକ୍ଷେତ୍ରରେ 'ସ୍ୱଚ୍ଛତା ପକ୍ଷ-୨୦୨୬'ର ଶୁଭାରମ୍ଭ କରିଛି । ଜୁନ୍ ୩୦, ୨୦୨୬ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପକ୍ଷପାଳନ ମାଧ୍ୟମରେ ଏମସିଏଲ୍, ସ୍ୱଚ୍ଛତା, ପରିବେଶର ସୁରକ୍ଷା ଏବଂ ଜନଭାଗିଦାରୀ ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନର୍ବାର ଦୃଢ଼ୀଭୂତ କରିବ ।

ଅଧ୍ୟକ୍ଷ-ତଥା-ପ୍ରବନ୍ଧ ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ, ନିର୍ଦ୍ଦେଶକ ଗଣ ଏବଂ ମୁଖ୍ୟ ସତର୍କତା ଅଧିକାରୀ (ସିଭିଓ)ଙ୍କ ଉପସ୍ଥିତିରେ କମ୍ପାନୀ ମୁଖ୍ୟାଳୟରେ ଏହି ଅଭିଯାନର ଆନୁଷ୍ଠାନିକ ଶୁଭାରମ୍ଭ କରିବା ସହ କର୍ମଚାରୀମାନଙ୍କୁ ସ୍ୱଚ୍ଛତା ଶପଥ ପାଠ କରାଇଥିଲେ । ଏହି ଅବସରରେ ଏକ 'ସ୍ୱଚ୍ଛତା ରଥ'କୁ ମଧ୍ୟ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା, ଯାହା ଏମସିଏଲ୍‌ର ଆଖପାଖ ଅଞ୍ଚଳରେ ସ୍ୱଚ୍ଛତା, ସଫେଇ, ସୁସ୍ଥ ଜୀବନଶୈଳୀ ଏବଂ ଦାୟିତ୍ୱବାନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ସ୍ଥାନୀୟ ସମୁଦାୟକୁ ସଚେତନ କରିବ । ଏହି ଅବସରରେ ଶ୍ରୀ କାଓଲେ ଏମସିଏଲ୍‌ର ପ୍ରମୁଖ ସି.ଏସ୍.ଆର୍ ପ୍ରକଳ୍ପ' ସମଗ୍ର ସାମୁଦାୟିକ ବିକାଶ କାର୍ଯ୍ୟକ୍ରମ (ସିସିଡିପି–ଉତ୍‌ଥାନ)ର ପ୍ରଦର୍ଶନୀ ମଡେଲର ଉନ୍ମୋଚନ କରିଥିଲେ । ଏହି ମଡେଲରେ ଏମ୍‌ସିଏଲ୍ ଦ୍ୱାରା ନିଜର କାର୍ଯ୍ୟକାରୀ ଜିଲ୍ଲାଗୁଡ଼ିକରେ ପରିଚାଳିତ ବିଭିନ୍ନ ସ୍ଥାୟୀ ଜୀବିକା ଭିତ୍ତିକ ପଦକ୍ଷେପ, ଯେପରିକି କୃଷି ଓ ଉଦ୍ୟାନ କୃଷି, ପଶୁପାଳନ, ଗୋପାଳନ ଓ ପଶୁଧନ ବିକାଶ, କୃତ୍ରିମ ଗର୍ଭାଧାନ, ଜଳ ସମ୍ପଦ ବିକାଶ ଏବଂ ଅନ୍ୟାନ୍ୟ ସାମୁଦାୟିକ ବିକାଶ କାର୍ଯ୍ୟକ୍ରମଗୁଡ଼ିକୁ ପ୍ରଦର୍ଶିତ କରାଯାଇଛି । ଭାରତ ସରକାରଙ୍କ ଜଳ ଶକ୍ତି ମନ୍ତ୍ରଣାଳୟର ତତ୍ତ୍ୱାବଧାନରେ ଆୟୋଜିତ ଏହି ଅଭିଯାନ ଅନ୍ତର୍ଗତରେ, ପନ୍ଦର ଦିନ ବ୍ୟାପୀ କମ୍ପାନୀ ମୁଖ୍ୟାଳୟ ଏବଂ ସମସ୍ତ କାର୍ଯ୍ୟକ୍ଷେତ୍ରରେ ବିଭିନ୍ନ ଜନ-ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଏଥିରେ ପଥପ୍ରାନ୍ତ ନାଟକ (ନୁକ୍କଡ ନାଟକ), ସାର୍ବଜନୀନ ସ୍ଥାନଗୁଡ଼ିକରେ ସ୍ୱଚ୍ଛତା ଅଭିଯାନ, ବିଭିନ୍ନ ପ୍ରତିଯୋଗିତା, ସ୍ୱଚ୍ଛତା କର୍ମୀମାନଙ୍କୁ ସମ୍ମାନିତ କରିବା ଏବଂ 'ଏକ ଗଛ ମା' ନାଁରେ' ପଦକ୍ଷେପ ଅଧୀନରେ ବୃକ୍ଷରୋପଣ ଭଳି କାର୍ଯ୍ୟକ୍ରମ ସାମିଲ ରହିଛି ।

## ଆଜିର ଇତିହାସ

- ୧୮୫୮-ଝାନ୍ସି ରାଣୀ ଲକ୍ଷ୍ମୀବାଈ ଏହି ଦିନ ସହିଦ ହୋଇଥିଲେ।
- ୧୮୬୨-ଭାରତର ପ୍ରଥମ ଭାଇସ୍‌ରାୟ ଓ କୁଶଳ ରାଜନୀତିଜ୍ଞ ଲର୍ଡ କ୍ୟାନିଂଙ୍କର ନିଧନ ହୋଇଥିଲା।
- ୧୯୧୭-ମହାତ୍ମା ଗାନ୍ଧୀ ସାବରମତୀ ଆଶ୍ରମର ହୃଦୟ କୁଞ୍ଜରେ ନିଜର ନିବାସ ତିଆରି କରିଥିଲେ।
- ୧୯୭୩-ଭାରତର ସର୍ବଶ୍ରେଷ୍ଠ ଟେନିସ୍ ଖେଳାଳି ଲିଆଣ୍ଡର୍ ପେସ୍‌ଙ୍କ ଆଜି ଜନ୍ମଦିନ।
- ୨୦୧୨-ସାୟନା ନେହୱାଲ୍ ତୃତୀୟ ଥର ଇଣ୍ଡୋନେସିଆ ଓପନ୍ ଚାମ୍ପିଅନ୍ ହୋଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** - ଅବସର ଓ ସତର୍କତାର ସଂକେତ ମିଳୁଛି। ଶୀଘ୍ରତା ପାଇଁ କାମ ବିଗିଡ଼ିପାରେ। ବ୍ୟବସାୟରେ ପୁରୁଣା ସମ୍ପର୍କରୁ ଲାଭ ପାଇବେ। ଆର୍ଥିକ ମାମଲାରେ ସନ୍ତୁଳନ ବଜାୟ ରଖିବେ।

**ବୃଷ** - ବ୍ୟାପାରରେ ଖୁବ୍ ଭଲ ଲାଭ ପାଇବେ। କୌଣସି ଉପଲବ୍ଧି ଆତ୍ମବିଶ୍ୱାସ ବୃଦ୍ଧି କରିବ। ନୂଆ ସୋର୍ସ ତିଆରି ହୋଇପାରେ। ଚାକିରି କରୁଥିବା ଲୋକଙ୍କ ପାଇଁ ସ୍ଥାନ ପରିବର୍ତ୍ତନ ବା ନୂଆ ଦାୟିତ୍ୱ ମିଳିପାରେ।

**ମିଥୁନ** - ଆଜି ପ୍ରତିଷ୍ଠା ଓ ମାନ-ସମ୍ମାନ ବୃଦ୍ଧି ହେବ। ବ୍ୟାପାରରେ ଲାଭର ସ୍ଥିତି ରହିଛି। ବିଦ୍ୟାର୍ଥୀଙ୍କୁ ଖୁବ୍ ଭଲ ପରିଣାମ ମିଳିବ। ସନ୍ତାନର ପ୍ରଗତିରେ ଖୁସି ମିଳିବ। ଉପଲବ୍ଧି ଉତ୍ସାହ ବୃଦ୍ଧି କରେଇବ।

**କର୍କଟ** - କାରବାରରେ ଲାଭର ସଂକେତ ରହିଛି। ପୁରୁଣା ମିତ୍ରଙ୍କ ସହିତ ସାକ୍ଷାତ ଲାଭ ଦେଇପାରେ। ଗମ୍ଭୀରତାର ସହିତ କାମ କରିବେ। ଧାର୍ମିକ କାର୍ଯ୍ୟରେ ରୁଚି ବଢ଼ିବ। ଭାଗ୍ୟର ସହଯୋଗ ପାଇବେ।

**ସିଂହ** - ପଦୋନ୍ନତି ଓ ପ୍ରଶଂସାର ଯୋଗ ରହିଛି। କାର୍ଯ୍ୟସ୍ଥଳରେ ମହତ୍ତ୍ୱ ପାଇବେ। କାହାରି କଥା ମନକୁ ପ୍ରଭାବିତ କରିପାରେ। ଦିନର ଶେଷ ଆଡ଼କୁ ସକାରାତ୍ମକ ରହିବେ। ନିଜ ବୁଦ୍ଧିରେ ନିର୍ଣ୍ଣୟ ନିଅନ୍ତୁ।

**କନ୍ୟା** - ଆଜି ବଡ଼ ନିଷ୍ପତ୍ତି ନେଇପାରନ୍ତି। ଭାଗୀଦାରୀ କାମ ଲାଭଦାୟକ ରହିବ। ସନ୍ତାନ ପକ୍ଷରୁ ଅପେକ୍ଷା ଅନୁସାରେ ପରିଣାମ ପାଇବେ। ସବୁ ଦିଗରୁ ଚିନ୍ତା କରି ନିର୍ଣ୍ଣୟ ନିଅନ୍ତୁ।

**ତୁଳା** - ଆପଣଙ୍କ ପରିଶ୍ରମ ଓ ଅନୁଭବ ଲୋକମାନଙ୍କୁ ପ୍ରଭାବିତ କରିବ। ବରିଷ୍ଠ ଅଧିକାରୀ କାମରେ ଖୁସି ହେବେ। ଊର୍ଜା ସ୍ତର ଖୁବ୍ ଭଲ ରହିବ। ସ୍ୱାସ୍ଥ୍ୟକୁ ଅଣଦେଖା ନକଲେ ଭଲ।

**ବିଛା** - ଲାଭର ଅବସର ପାଇବେ। ବ୍ୟାପାରରେ ରଣନୀତି ବଦଳେଇବାର ଆବଶ୍ୟକତା ରହିଛି। ସମୟ ସହିତ ମାନସିକ ଶାନ୍ତି ପାଇବେ। ପରିବାରରେ ବିବାଦର ସ୍ଥିତି ରହିବ। ସନ୍ତୁଳନ ବଜାୟ ରଖିବା ଜରୁରୀ।

**ଧନୁ** - କାମକୁ ଟାଳିଲେ କ୍ଷତି ସହିବେ। ବିଦ୍ୟାର୍ଥୀ ଓ ଜ୍ଞାନ ସହିତ ଜଡ଼ିତ କାର୍ଯ୍ୟରେ ପ୍ରଗତି ହେବ। ପରିବାର ସହିତ ଖୁବ୍ ଭଲ ସମୟ ବିତେଇବେ। ବାଣୀରେ ନିୟନ୍ତ୍ରଣ ରହିବା ଜରୁରୀ।

**ମକର** - ବ୍ୟାପାର ପାଇଁ ଯାତ୍ରା ଲାଭଦାୟକ ହୋଇପାରେ। ବଡ଼ ନିବେଶ ନକଲେ ଭଲ। ଦୀର୍ଘ ଦିନର ଅବଧିର ଯୋଜନା କରି ଆଗକୁ ବଢ଼ିବେ। ଆର୍ଥିକ ଯୋଜନାରେ ପରିଣାମ ସୁଖଦ ରହିବ।

**କୁମ୍ଭ** - କାର୍ଯ୍ୟକ୍ଷେତ୍ରରେ ନୂଆ ପ୍ରାରମ୍ଭ ପାଇଁ ପ୍ରେରଣା ମିଳିପାରେ। ଆପଣଙ୍କର ବ୍ୟବହାର ଲୋକମାନଙ୍କୁ ପ୍ରଭାବିତ କରିବ। କୌଣସି ପ୍ରିୟଜନ ଆସିଲେ ଖୁସିର ପରିବେଶ ରହିବ। ସମ୍ପର୍କରେ ମଧୁରତା ରହିବ।

**ମୀନ** - ଆଜି ସକାରାତ୍ମକ ଅବସର ମିଳିପାରେ। ଖର୍ଚ୍ଚ ଉପରେ ନିୟନ୍ତ୍ରଣ ଜରୁରୀ। ବଜେଟ୍ ତିଆରି କରି ଚାଲିଲେ ଲାଭ ପାଇବେ। ପରିବାର ପ୍ରତି ଦାୟିତ୍ୱ ଓ ସମର୍ପଣର ପ୍ରଶଂସା ମିଳିବ। ବିଦେଶରୁ ଭଲ ଖବର ପାଇବେ।

## ଶ୍ରୀମଦ୍ ଭଗବଦ୍‌ଗୀତା



**ସର୍ବଭୂତେଷୁ ଯେନୈକଂ ଭାବମବ୍ୟୟମୀକ୍ଷତେ।**
**ଅବିଭକ୍ତଂ ବିଭକ୍ତେଷୁ ତଜ୍‌ଜ୍ଞାନଂ ବିଦ୍ଧି ସାତ୍ତ୍ୱିକମ୍।(୧୮/୨୦)**

ଯେଉଁ ଜ୍ଞାନ ଦ୍ୱାରା ମନୁଷ୍ୟ ଭିନ୍ନ ଭିନ୍ନ ଭୂତସମୂହରେ ବିଭକ୍ତ ଭାବରେ ପ୍ରତୀୟମାନ ଏକ ଅବ୍ୟୟ ବସ୍ତୁ ପରମାତ୍ମାଙ୍କୁ ଉପଲବ୍ଧି କରେ ତାହା ହିଁ ସାତ୍ତ୍ୱିକ ଜ୍ଞାନ। ବାସ୍ତବରେ କହିବାକୁ ଗଲେ ଏ ଜଗତରେ ସ୍ଥୁଳ, ସୂକ୍ଷ୍ମ, ବ୍ୟଷ୍ଟି, ସମଷ୍ଟି ଭେଦରେ ଭୂତସମୂହ ଭିନ୍ନ ଭିନ୍ନ ନାମ ରୂପ ଧାରଣ କରି ରହିଛନ୍ତି, ତେଣୁ ଏହି ବିଭିନ୍ନତା ଭିତରେ ଏକତ୍ୱ ଦର୍ଶନ ହେଉଛି ପ୍ରକୃତ ଜ୍ଞାନ।

# ବସୁମତୀ ସ୍ନାନ



ଓଡ଼ିଶାର ଗଣପର୍ବ-ରଜ। ସଜବାଜ ଦିନ ଠାରୁ ସାଧାରଣତଃ ପ୍ରସ୍ତୁତି ଆରମ୍ଭ ହେଉଥିବା ଏହି ପର୍ବର ଶେଷ ହୁଏ ବସୁମତୀ ସ୍ନାନ ସହିତ। ରଜ ତିନିଦିନ ଧରି ରଜବତୀ ଥିବା ଧରିତ୍ରୀମାତା ଏ ସମୟରେ ବିଶ୍ରାମ କରନ୍ତି। ରଜ ଦିନଗୁଡ଼ିକରେ କୌଣସି କୃଷି କାର୍ଯ୍ୟ କରାଯାଏ ନାହିଁ। ପଞ୍ଚମ ଦିନ ରଜରେ ସୂର୍ଯ୍ୟୋଦୟ ସହିତ ବସୁମତୀ ସ୍ନାନ କରାଯାଏ। ସ୍ନାନ ବିଧି ମୁତାବକ ପାଳନ କରାଯାଏ ବସୁମତୀ ସ୍ନାନ ଯାହାକୁ ମହାଲକ୍ଷ୍ମୀ ସ୍ନାନ ବୋଲି ମଧ୍ୟ କୁହାଯାଏ। ମହିଳାମାନେ ମୁଣ୍ଡଧୋଇ ଗାଧେଇବା ପରେ ବସୁମତୀ ସ୍ନାନ କରେଇବା ସହିତ ମହାଲକ୍ଷ୍ମୀଙ୍କୁ ପୂଜା ଆରାଧନା କରିଥାନ୍ତି।

ପୂଜାବିଧି- ପ୍ରଥମେ ପୂଜା ସ୍ଥାନକୁ ଲିପାପୋଛା କରାଯାଏ। ସେଠାରେ ମଣ୍ଡଳ ବା ଚିତା ପକାଇ କଳସ ସ୍ଥାପନ କରାଯାଏ। ଚିତା ଉପରେ ପିଢ଼ା ରଖି ତା' ଉପରେ ନାଲି କପଡ଼ା ପକାଇ ଗୁଆ ରଖି ଚନ୍ଦନ ଓ ସିନ୍ଦୂର ରଖାଯାଏ। ଏହା ଉପରେ ଶିଳପୁଆ ଆଣି ପିଢ଼ା ପାଖରେ ରଖି ସେଥିରେ ଚନ୍ଦନ, ସିନ୍ଦୂର ଲଗାଯାଏ। ଗୁଆ ପାଖରେ ରଖାଯାଏ ସିନ୍ଦୂର ଡ଼ବା ଓ କଜଳପାତି। ଦୁବ ଓ ଫୁଲ ଦ୍ୱାରା ଶିଳପୁଆକୁ ସଜାଯାଏ। ବସୁମତୀ ସ୍ନାନ ଦିନ ଆମ୍ବ, ପଣସ, କଦଳୀ, ମୁଗ ଆଦି ଭୋଗ ଲଗାଇ ଶେଷରେ ମହାଲକ୍ଷ୍ମୀଙ୍କ ନାମରେ ଆଳତି, ବନ୍ଦାପନା କରାଯାଏ। ବସୁମତୀ ସ୍ନାନର ପୂଜାର୍ଚ୍ଚନା ଚଉରାମୂଳେ ନଚେତ ଦାଣ୍ଡ ଅଗଣାରେ କରାଯାଏ।

# ଟ୍ରିପ୍ସ: ଏକ ଜୀବନ୍ତ ସଂଗ୍ରହାଳୟ

ଦିଲ୍ଲୀ କେବଳ ଏକ ସଂଗ୍ରହାଳୟ ନୁହେଁ, ଏହା ଏକ ଜୀବନ୍ତ ସଂଗ୍ରହାଳୟ ଯାହା ନିଜ ଭିତରେ ଶହ ଶହ ବର୍ଷ ହେଲାଣି ଇତିହାସକୁ ସାଇତି କରି ରଖିଛି। ସେଠିକାର ଅଟ୍ଟାଳିକା ଓ କିଲ୍ଲାଗୁଡ଼ିକ ନିଜ ଭିତରେ ଭରି ରଖିଛନ୍ତି ଅନେକ କାହାଣୀ। ଯଦି ଇତିହାସରେ ଆଗ୍ରହ ରଖିଛନ୍ତି ତେବେ କେବଳ ପ୍ରତିଦିନର ଜୀବନରୁ ଏକ ଶାନ୍ତିପୂର୍ଣ୍ଣ ବ୍ରେକ୍ ନେଇ ଦିଲ୍ଲୀର କିଛି ଐତିହ୍ୟ ସ୍ଥଳ ବିଷୟରେ ଜାଣିବା ଉଚିତ ଯେଉଁଗୁଡ଼ିକର ପ୍ରତି ଇଟା ଓ ପଥରରେ ଲୁଚି ରହିଛି ଐତିହାସିକ କାହାଣୀ।



**ହୁମାୟୁଁଙ୍କ ମକବରା-**ଶାନ୍ତ ଇତିହାସ ଓ ଫଟୋଗ୍ରାଫିର ସୌଖୀନ ବ୍ୟକ୍ତିମାନଙ୍କର ଏହା ହେଉଛି ପ୍ରଥମ ପସନ୍ଦ। ଚାରବାଗ୍ ଶୈଳୀ ଓ ଲାଲ୍ ବଲୁଆ ପଥର ଦ୍ୱାରା ନିର୍ମିତ ଏହି ସ୍ଥଳକୁ ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳର ମାନ୍ୟତା ଦେଇଛି। ଆଗ୍ରାର ତାଜ୍‌ମହଲର ଡିଜାଇନ୍ ମଧ୍ୟ ଏହା ଦ୍ୱାରା ପ୍ରେରିତ। ସେଠାରେ ଥିବା ନର୍ସରୀରୁ ପିକ୍‌ନିକ୍‌ର ଆନନ୍ଦ ଉଠେଇ ପାରିବେ।



**ଲୋଧି ଗାର୍ଡେନ୍-**ଦିଲ୍ଲୀବାଲାଙ୍କର ସବୁଠାରୁ ପସନ୍ଦଯୋଗ୍ୟ ସ୍ଥାନ ମଧ୍ୟରୁ ଲୋଧି ଗାର୍ଡେନ୍ ଅନ୍ୟତମ। ସେଠାରେ ମହମ୍ମଦ ଶାହା, ସିକନ୍ଦର ଲୋଧୀ ଓ ଶୀଶ ଗମ୍ବୁଜ ଦେଖିବାକୁ ମିଳିବ ଯାହା ଇଣ୍ଡୋ-ଇସ୍ଲାମିକ୍ ବାସ୍ତୁକଳାର ଅନୋଖା ନମୁନା। ଏହି ସ୍ଥାନଟି ଐତିହାସିକ ହେବା ସହିତ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଘେରି ରହିଛି। ଶାନ୍ତିରେ ବସି ସେଠାରେ ଫଟୋଗ୍ରାଫି କରିପାରିବେ।



**କୁତୁବ୍ ମୀନାର୍-**ଦକ୍ଷିଣ ଦିଲ୍ଲୀର ମହରୌଲୀରେ ସ୍ଥିତ କୁତୁବ୍ ମୀନାର ଇଟାରେ ନିର୍ମିତ ଦୁନିଆର ସବୁଠାରୁ ଉଚ୍ଚ ମୀନାର୍। ମୀନାର୍ ସହିତ ବହୁତ କିଛି ସେଠାରେ ଅଛି ଯେପରିକି ଲୌହ ସ୍ତମ୍ଭ। ଆଶ୍ଚର୍ଯ୍ୟର ଘଟଣା ଏହି ସ୍ତମ୍ଭରେ ଆଜି ପର୍ଯ୍ୟନ୍ତ ଜଙ୍କ ଲାଗିନାହିଁ।



**ପୁରାନା କିଲ୍ଲା-**ଦିଲ୍ଲୀର ସବୁଠାରୁ ପୁରୁଣା ଅଟ୍ଟାଳିକା ମଧ୍ୟରୁ ଏହା ଅନ୍ୟତମ। ପାଣ୍ଡବମାନଙ୍କର ରାଜଧାନୀ ଇନ୍ଦ୍ରପ୍ରସ୍ଥ ସ୍ଥାନରେ ଏହାର ନିର୍ମାଣ କରାଯାଇଛି। କିଲ୍ଲାର ବିଶାଳ କାନ୍ଥ, କିଲ୍ଲା-ଏ-କୁହ୍‌ନା ମସଜିଦ୍ ଓ ଶେରଶାହା ସୁରୀଙ୍କ ଦ୍ୱାରା ନିର୍ମିତ ଲାଇବ୍ରେରୀ ଶେର ମଣ୍ଡଳ, ପୁରୁଣା କିଲ୍ଲାର ବିଶେଷତା। କିଲ୍ଲା ପାଖରେ ଥିବା ଏକ ହ୍ରଦରେ ପର୍ଯ୍ୟଟକମାନେ ବୋଟିଂ କରିପାରିବେ। ସନ୍ଧ୍ୟାବେଳେ ସେଠାରେ ଲାଇଟ୍ ଓ ସାଉଣ୍ଡ୍ ଶୋ' ଦେଖିବାକୁ ମିଳେ।

# ଉତ୍କଳମଣି ଗୋପବନ୍ଧୁ ଦାସ



ଦୀନ ଦରିଦ୍ରଙ୍କ ପାଇଁ ଯାହାଙ୍କ ହୃଦୟ କାନ୍ଦି ଉଠୁଥିଲା ସେ ହେଲେ ଉତ୍କଳମଣି ଗୋପବନ୍ଧୁ ଦାସ। ଉତ୍କଳରତ୍ନ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ୯ ଅକ୍ଟୋବର, ୧୮୭୭ରେ ପୁରୀ ଜିଲ୍ଲାର ସାକ୍ଷୀଗୋପାଳ ନିକଟ ସୁଆଣ୍ଡୋ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ସେ ଥିଲେ ନିଃସ୍ୱାର୍ଥ ସେବାର ମୂର୍ତ୍ତିମନ୍ତ ବିଗ୍ରହ। ଚାଟଶାଳୀ ଓ ପ୍ରାଥମିକ ଶିକ୍ଷା ସହିତ ପ୍ରତିଦିନ ଭାଗବତ ପଢ଼ାରେ ସେ ନିଜର ମୂଲ୍ୟବାନ ସମୟକୁ ବିତାଉଥିଲେ। ସମାଜ ପାଇଁ ଓ ଓଡ଼ିଆ ଜାତିର ଉନ୍ନତି ପାଇଁ ତାଙ୍କର ଅବଦାନ ଥିଲା ଅତୁଳନୀୟ। ତାଙ୍କର ବ୍ୟକ୍ତିଗତ ଜୀବନରେ ଥିଲା ଅନେକ ସମସ୍ୟା। କିନ୍ତୁ ଏସବୁ ସତ୍ତ୍ୱେ ସେ ରେଭେନ୍ସା କଲେଜରେ ପଢ଼ିବା ବେଳେ ଅବକାଶ ଚିନ୍ତା, ଗୋ-ମାହାତ୍ମ୍ୟ, ନଚିକେତା ଉପାଖ୍ୟାନ, କାରାକବିତା, ଧର୍ମପଦ ଏବଂ ବନ୍ଦୀର ଆତ୍ମକଥା ଭଳି କବିତା ରଚନା କରିଥିଲେ। ପୁରୀରେ ହଇଜା ରୋଗରେ ପୀଡ଼ିତ ଲୋକମାନଙ୍କର ସେବା ପାଇଁ ପୁରୀ ସେବା ସମିତି ପ୍ରତିଷ୍ଠା କରି ସଂଗଠନର ସାଙ୍ଗସାଥିମାନଙ୍କ ସହ ସେ ରୋଗୀସେବା, ପରିବେଶ ପରିଚ୍ଛନ୍ନ ଓ ଶବସଂସ୍କାର ଆଦି କାମ କରିଥିଲେ। କୁଶଭଦ୍ରା ନଦୀବନ୍ଧ ଭାଙ୍ଗିଯାଇ ପ୍ରବଳ ବେଗରେ ସୁଅ ଛୁଟୁଥିବା ସମୟରେ ଗୋପବନ୍ଧୁଙ୍କ ଏକମାତ୍ର ପୁଅ ଜ୍ୱରରେ ଆକ୍ରାନ୍ତ ହୋଇ ଅସହ୍ୟ ଯନ୍ତ୍ରଣା ଭୋଗୁଥିଲା। କିନ୍ତୁ ଅସୁସ୍ଥ ପୁଅକୁ ଛାଡ଼ି ସେ ବନ୍ୟା ପ୍ରପୀଡ଼ିତ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଯାଇଥିଲେ। ଲୋକଙ୍କୁ ତ ସେ ସାହାଯ୍ୟ କରିଥିଲେ କିନ୍ତୁ ଘରକୁ ଫେରିବା ବେଳକୁ ପୁଅକୁ ଆଉ ପାଇଲେ ନାହିଁ। ଜଣେ ସମାଜସେବୀ ବ୍ୟତୀତ ସେ ଥିଲେ ଆଧୁନିକ ଯୁଗର ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ। ସେମାନେ ମିଶି ସାକ୍ଷୀଗୋପାଳର ବକୁଳ ଓ ଛୁରିଆନା କୁଞ୍ଜ ତଳେ ୧୯୦୯ରେ କୁମାର ପୂର୍ଣ୍ଣିମା ତିଥିରେ ପ୍ରତିଷ୍ଠା କରିଥିଲେ ସତ୍ୟବାଦୀ ବନ ବିଦ୍ୟାଳୟ। ଏହାପରେ ୧୯୧୯ରେ ସେ ଆରମ୍ଭ କରିଥିଲେ ସାପ୍ତାହିକ 'ସମାଜ' ଖବରକାଗଜ। ପରେ ୧୯୩୦ରୁ ଏହା ଦୈନିକ ଖବରକାଗଜ ଭାବରେ ପ୍ରକାଶିତ ହୋଇଥିଲା। ଏହି ବହୁମୁଖୀ ପ୍ରତିଭା, ଆଧୁନିକ ଓଡ଼ିଶାର ନିର୍ମାତା ୧୯୨୮ ମସିହା ଆଜିର ଦିନରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

# 'ବେନାମ୍'ରେ ବଡ଼ ଧରଣର ଟ୍ୱିଷ୍ଟ



ଏ ସମୟରେ ବୀର୍ ପାହାରିୟା ନିଜର ଆଗାମୀ ଫିଲ୍ମ 'ବେନାମ୍'କୁ ନେଇ ଖୁବ୍ ଚର୍ଚ୍ଚା ସାଉଁଟୁଛନ୍ତି। ଗତ ବର୍ଷର ଫିଲ୍ମ 'ସ୍କାଇ ଫୋର୍ସ' ଜରିଆରେ ବଲିଉଡ୍‌ରେ ପାଦ ପକାଇଥିଲେ ବୀର୍ ଓ ବକ୍ସ ଅଫିସ୍‌ରେ ଫିଲ୍ମଟି ଠିକ୍‌ଠାକ୍ ଆୟ ମଧ୍ୟ କରିଥିଲା। ଫିଲ୍ମରେ ବୀର୍‌ଙ୍କ ଅଭିନୟକୁ ଖୁବ୍ ପସନ୍ଦ କରିଥିଲେ ଦର୍ଶକମାନେ। କିନ୍ତୁ ଏହାପରେ ବୀର୍ କୌଣସି ଫିଲ୍ମରେ ନଜର ଆସିନାହାନ୍ତି। ତେବେ ବର୍ତ୍ତମାନର ଫିଲ୍ମ 'ବେନାମ୍' ଜରିଆରେ ପୁଣି ଥରେ ବଡ଼ ପରଦାକୁ ଫେରୁଥିବା ବୀର୍‌ଙ୍କ ଏହି ଫିଲ୍ମ ପାଇଁ ନିର୍ଦ୍ଦେଶକଙ୍କୁ ନେଇ କିଛି ସମସ୍ୟା ରହିଥିଲା ଯାହାର ସମାଧାନ ହୋଇସାରିଲାଣି। ସିଦ୍ଧାନ୍ତ ସଚଦେବ ଫିଲ୍ମଟିର ନିର୍ଦ୍ଦେଶନା ଭାର ଉଠାଇଥିବା ବେଳେ ମହେଶ ଭଟ୍ଟ ଏହି ପ୍ରୋଜେକ୍ଟଟିକୁ ପ୍ରେଜେଣ୍ଟ କରୁଛନ୍ତି। ବିଗତ କିଛି ଦିନ ହେଲା ଅଭିନେତ୍ରୀ ତାରା ସୁତାରିଆଙ୍କ ସହିତ ନିଜର ବ୍ରେକ୍‌ଅପ୍‌କୁ ନେଇ ଚର୍ଚ୍ଚାରେ ରହିଥିଲେ ବୀର୍। କିନ୍ତୁ ଏବେ ପେସାଗତ ଜୀବନକୁ ନେଇ କିଛି ଧମାକା କରିବାକୁ ସେ ପ୍ରସ୍ତୁତ ହେଉଛନ୍ତି। ଏହି ଫିଲ୍ମରେ 'ଫୁକ୍‌ରେ' ଅଭିନେତା ବରୁଣ ଶର୍ମା ଭିଲେନ ଭୂମିକାରେ ଅଭିନୟ କରିବେ। ଫିଲ୍ମଗୁଡ଼ିକରେ କମେଡ଼ି ଜରିଆରେ ଦର୍ଶକମାନଙ୍କର ମନୋରଞ୍ଜନ କରେଇବାରେ ବେଶ୍ ପ୍ରସିଦ୍ଧି ହାସଲ କରିଛନ୍ତି ବରୁଣ ଶର୍ମା। କିନ୍ତୁ 'ବେନାମ୍' ଫିଲ୍ମରେ ଏକ ଡାର୍କ ଓ ଗମ୍ଭୀର ଚରିତ୍ରରେ ସେ ନଜର ଆସିବେ। ତେବେ ୱର୍କଫ୍ରଣ୍ଟ କଥା କହିଲେ ବୀର୍ ପାହାରିୟା ଫିଲ୍ମ 'ସ୍କାଇ ଫୋର୍ସ' ପରେ ଅନ୍ୟ ଏକ ଫିଲ୍ମର କାମ ପୂରା କରିସାରିଲେଣି ଯେଉଁଟିକୁ ଗୌରବ ବର୍ମା ପ୍ରଡ୍ୟୁସ୍ କରୁଛନ୍ତି। ଫିଲ୍ମଟି 'ପ୍ରେମ୍‌ଲୁ' ଫିଲ୍ମର ରିମେକ୍। ତେବେ ଫିଲ୍ମ 'ବେନାମ୍' ବୀର୍‌ଙ୍କ କ୍ୟାରିୟର୍‌ରେ ନୂଆ ମୋଡ଼ ଆଣିପାରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ଫ୍ରଷ୍ଟ୍‌ବାଇଟ୍

ମାଉଣ୍ଟ୍ ଏଭେରେଷ୍ଟ୍‌ରେ ଛଅ ଦିନ ପର୍ଯ୍ୟନ୍ତ ଫସି ରହିବା ପରେ ଜଣେ ନେପାଳୀ ଗାଇଡ୍‌ଙ୍କୁ ଜୀବିତ ରକ୍ଷା କରାଯାଇଛି। ୫୭ ବର୍ଷୀୟ ଅନୁଭବୀ ଗାଇଡ୍ ଦାୱା ଶେର୍‌ପା ଏ ବର୍ଷ ମେ' ମାସର ଶେଷ ଆଡ଼କୁ ଏଭେରେଷ୍ଟ୍‌ରେ ଚଢ଼ିବା ପରେ ଫେରିବା ବେଳକୁ ନିଜ ଦଳ ଠାରୁ ଅଲଗା ହୋଇଯାଇଥିଲେ। ଅକ୍ସିଜେନ୍ ଶେଷ ହେବା କାରଣରୁ ତାଙ୍କୁ ପଛରେ ରହିବାକୁ ପଡ଼ିଥିଲା ବୋଲି ସେ କହିଛନ୍ତି। ତାଙ୍କ ସନ୍ଧାନ ନମିଳିବାରୁ ତାଙ୍କୁ ମୃତ ବୋଲି ପରିବାରର ଲୋକମାନେ ମାନି ନେଇଥିଲେ। ଦାୱା ଶେର୍‌ପା ଦୀର୍ଘ ସମୟ ପର୍ଯ୍ୟନ୍ତ ମାଇନସ୍ ଜିରୋ ଡିଗ୍ରୀ ସେଲସିୟସ୍ ତାପମାତ୍ରାରେ ସମୟ କାଟିଥିଲେ ଯେଉଁ କାରଣରୁ ତାଙ୍କର ଆଙ୍ଗୁଳି ଆଦିର ସ୍କିନ୍ ବରଫରେ ଲାଗିଯାଇଥିଲା। ଏହି ସ୍ଥିତିକୁ ଫ୍ରଷ୍ଟ୍‌ବାଇଟ୍ ବୋଲି କୁହାଯାଏ। ଏହା ସହିତ ତାଙ୍କର ହାଡ଼ ଭାଙ୍ଗିଯାଇଥିଲା ଓ ଶରୀରରେ ପାଣିର ଅଭାବ ମଧ୍ୟ ଦେଖିବାକୁ ମିଳିଥିଲା। ଫ୍ରଷ୍ଟ୍‌ବାଇଟ୍ ସ୍ଥିତିରେ ସେ ରହିଥିଲେ ଛଅ ଦିନ ପର୍ଯ୍ୟନ୍ତ। ଏହାପରେ ବରଫ ଚଟାଣରେ ସେ ତଳ ଆଡ଼କୁ ଖସି ଆସିବା ପରେ ୫୦-୧୦୦ ମିଟର ତଳେ ସେ ତାଙ୍କ ଦଳର ଜଣେ ସଦସ୍ୟଙ୍କୁ ଦେଖିବାକୁ ପାଇଥିଲେ। ଅକ୍ସିଜେନ୍ ଶେଷ ହେବା କାରଣରୁ ସେ ଚାଲିପାରୁ ନଥିଲେ। ପ୍ରଥମ ଦୁଇ ଦିନ ପର୍ଯ୍ୟନ୍ତ ସେ କିଛି ଖାଇ ନଥିଲେ। ଏହାପରେ ସେ ବରଫ ଚୋବେଇବା ଆରମ୍ଭ କଲେ। ଏଥିପାଇଁ ତାଙ୍କ ଦାନ୍ତରେ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ପରେ ସେ ହିମସ୍ଖଳନର ଶିକାର ହେଲେ ଓ ଫାଟ ଭିତରେ ବରଫ ଭରିବାକୁ ଲାଗିଲା। କିଛି ବାଟ ପରେ ତାଙ୍କୁ ଏକ ରଶି ମିଳିଥିଲା ଓ ସେ ରଶି ସାହାଯ୍ୟରେ ତଳକୁ ଓହ୍ଲେଇବାକୁ ଲାଗିଲେ।



**ଫ୍ରଷ୍ଟ୍‌ବାଇଟ୍-**ଅତ୍ୟଧିକ ଥଣ୍ଡା ବା ବର୍ଫିଲା ତାପମାତ୍ରା ସମ୍ପର୍କରେ ଆସିବା ଦ୍ୱାରା ସ୍କିନ୍ ଓ ତା' ତଳର ଊତକଗୁଡ଼ିକରେ ହେଉଥିବା ଏହା ହେଉଛି ଏକ ଗମ୍ଭୀର ସ୍ଥିତି। ଏହା ସାଧାରଣତଃ ନାକ, କାନ, ଗାଲ ଓ ଆଙ୍ଗୁଳିଗୁଡ଼ିକୁ ପ୍ରଭାବିତ କରେ।

**ଲକ୍ଷଣ-**ସ୍କିନ୍‌ର ରଙ୍ଗ ଧଳା, ଲାଲ୍, ନୀଳ ବା ହଳଦିଆ ପଡ଼ିଯିବା। ପ୍ରଭାବିତ ଭାଗ ଥଣ୍ଡା ହୋଇ ଶକ୍ତ ଅନୁଭବ ହେବା। ଗମ୍ଭୀର ମାମଲାରେ ସ୍କିନ୍ ଉପରେ ଛାଲା ପଡ଼ିଯିବା।

**ଉପଚାର-**ଫ୍ରଷ୍ଟ୍‌ବାଇଟ୍ ସ୍ଥିତିରେ ଗରମ ସ୍ଥାନକୁ ଯିବା ସହିତ ନିଜକୁ ଥଣ୍ଡା ପବନରୁ ରକ୍ଷା କରିପାରିବେ। ଉଷୁମ ପାଣିରେ ୨୦-୨୫ ମିନିଟ୍ ପର୍ଯ୍ୟନ୍ତ ବୁଡ଼ି ରହିବା ଉଚିତ। ପ୍ରଭାବିତ କ୍ଷେତ୍ରକୁ ରଗଡ଼ିବା ଉଚିତ ନୁହେଁ କିମ୍ବା ସେ ସ୍ଥାନରେ ବରଫ ଘଷନ୍ତୁ ନାହିଁ।

# ପୃଥିବୀର ଛୋଟ ଦ୍ୱୀପ

ଆମେରିକାର ନ୍ୟୁୟର୍କ ରାଜ୍ୟରେ ସ୍ଥିତ ଆଲେକ୍‌ଜାଣ୍ଡ୍ରିଆର ସମୁଦ୍ରକୂଳରେ ଅବସ୍ଥିତ ଜଷ୍ଟ ରୁମ୍ ଏନଫ୍ ନାମକ ଏକ ଅନୋଖା ଦ୍ୱୀପ। ସେଣ୍ଟ୍ ଲରେନ୍ସ ନଦୀରେ ଅବସ୍ଥିତ ଏହି ଦ୍ୱୀପଟି ଏତେ ଛୋଟ ଯେ ଆକାଶମାର୍ଗରୁ ଦେଖିଲେ ଯାଇ ଏହା ଏକ ଦ୍ୱୀପ ବୋଲି ଜଣାପଡ଼େ। ଗିନିଜ ବୁକ୍ ଅଫ୍ ୱର୍ଲଡ୍ ରେକର୍ଡସ୍ ଅନୁସାରେ ଜଷ୍ଟ ରୁମ୍ ଏନଫ୍ ବର୍ତ୍ତମାନ ଦୁନିଆର ସବୁଠାରୁ ଛୋଟ ରହିବାଯୋଗ୍ୟ ଦ୍ୱୀପ। ସେଠାରେ ରହିଛି କେବଳ ଏକ ଘର ଓ ଗୋଟିଏ ଗଛ। ମାତ୍ର ୩୧୦ ବର୍ଗ ମିଟରର ଏହି ଦ୍ୱୀପଟିକୁ ଦେଖିଲେ ଅବିଶ୍ୱସନୀୟ ପରି ମନେହୁଏ। ଅନ୍ତଃରାଷ୍ଟ୍ରୀୟ ବୁଝାମଣା ଅନୁସାରେ ଥାଉଜେଣ୍ଡ୍ ଆଇସ୍‌ଲ୍ୟାଣ୍ଡ୍ସ ଦ୍ୱୀପସମୂହରେ କୌଣସି ବିଶାଳ ଜଳନିକାସ ଉପରେ ଉଠି ରହିଥିବା କୌଣସି ଭୂଭାଗକୁ ଦ୍ୱୀପ ବୋଲି କୁହାଯିବ। ସେହି ସ୍ଥାନଟି ବର୍ଷସାରା ପାଣିରେ ବୁଡ଼ି ରହୁଥିବା ସହିତ ସେଠାରେ ଅତି କମ୍‌ରେ ଗୋଟିଏ ଗଛ ରହିଥିବା ଉଚିତ। ୧୯୫୦ରେ ସିଜ୍‌ଲ୍ୟାଣ୍ଡ ନାମକ ଏକ ଧନୀ ପରିବାର ଏହି ଦ୍ୱୀପକୁ ଏକ ଅବକାଶ ସ୍ଥଳରେ ପରିବର୍ତ୍ତିତ କରିବା ଉଦ୍ଦେଶ୍ୟରେ କିଣିଥିଲେ। ସେଠାରେ ଉପଲବ୍ଧ ପୂରା ଜମିରେ ସେ ଘର ତିଆରି କରି ଗଛ ଲଗେଇଥିଲେ ଓ ଏହାର ନାମ ରଖିଥିଲେ ହବ୍। ପରେ ଏହି ଦ୍ୱୀପର ନାମ ପରିବର୍ତ୍ତନ କରି ସେ ରଖିଲେ ଜଷ୍ଟ ରୁମ୍ ଏନଫ୍। ପରିବାରର ଉଦ୍ଦେଶ୍ୟ ଥିଲା ଏକ ସ୍ଥାନର ଅନ୍ୱେଷଣ ଯେଉଁଠାରେ ଜଣେ ଆରାମ କରିପାରିବ, ଘର ତିଆରି କରିପାରିବ, ଗଛ ଲଗେଇହେବ ଓ ଶାନ୍ତିରେ, ଆନନ୍ଦରେ ରହିପାରିବ। କିନ୍ତୁ ଏହି ଦ୍ୱୀପଟି ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଏକ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ହୋଇଯିବ ବୋଲି ସେ କେବେ କଳ୍ପନା କରିନଥିଲେ।



ଏଫ୍‌ଆଇଏଚ୍ ନେସନ୍ସ କପ୍ ହକି

# ଜାପାନକୁ ହରାଇ ସେମିରେ ଭାରତ



**ଅକ୍‌ଲାଣ୍ଡ,୧୬।୬/ଏଜେନ୍ସି:** ଭାରତୀୟ ମହିଳା ହକି ଟିମ୍ ଏଫ୍‌ଆଇଏଚ୍ ନେସନ୍ସ କପ୍‌ରେ ଜାପାନକୁ ୨-୧ ଗୋଲ୍‌ରେ ହରାଇ ସେମିଫାଇନାଲ୍‌ରେ ସ୍ଥାନ ହାସଲ କରିଛି। ମଙ୍ଗଳବାର ଏଠାରେ ଅନୁଷ୍ଠିତ ମ୍ୟାଚ୍‌ରେ କ୍ୟାପ୍ଟେନ୍ ସଲିମା ଟେଟେ ଏବଂ ଲାଲରେମସିୟାମୀ ଭାରତ ପାଇଁ ଗୋଲ୍ କରିଥିଲେ। ମ୍ୟାଚ୍‌ର ପ୍ରଥମ ଦୁଇଟି କ୍ୱାର୍ଟର୍ ଗୋଲ୍‌ଶୂନ୍ୟ ଭାବେ ଶେଷ ହୋଇଥିଲା। ତୃତୀୟ କ୍ୱାର୍ଟରରେ ୩୩ତମ ମିନିଟ୍‌ରେ ସଲିମା ଟେଟେ ଗୋଲ୍ ଦେଇ ଭାରତକୁ ଆଗୁଆ କରିଥିଲେ। ଜାପାନ ଦୁଇ ମିନିଟ୍ ପରେ ହିରାମିସ୍ତୁଙ୍କ ଗୋଲ୍ ବଳରେ ସ୍କୋର୍ ୧-୧ କରିଥିଲା। ୪୯ତମ ମିନିଟ୍‌ରେ ଲାଲରେମସିୟାମୀ ଗୋଲ୍ ଦେଇ ଭାରତକୁ ୨-୧ରେ ଆଗୁଆ କରିଥିଲେ। ଏହାପରେ ଜାପାନ ବରାବରି ପାଇଁ ଲଗାତାର ଚାପ ସୃଷ୍ଟି କରିଥିଲେ ମଧ୍ୟ ଭାରତୀୟ ଖେଳାଳି ଅଗ୍ରଣୀ ବଜାୟ ରଖିଥିଲେ। ଏହା ଟୁର୍ଣ୍ଣାମେଣ୍ଟରେ ଭାରତର ତୃତୀୟ ବିଜୟ। ଏହି ବିଜୟ ସହିତ ଟିମ୍‌ର ୬ ପଏଣ୍ଟ ହୋଇଛି ଏବଂ ଭାରତ ସେମିଫାଇନାଲ୍‌ରେ ସ୍ଥାନ ପକ୍କା କରିଛି। ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ବର୍ଷ ହେବାକୁ ଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ପାଇଁ କ୍ୱାଲିଫାଇଙ୍ଗ୍ ପ୍ରତିଯୋଗିତା ମଧ୍ୟ।

# ଇତିହାସ ରଚିଲା ଇରାନ୍-ନ୍ୟୁଜିଲାଣ୍ଡ ରୋମାଞ୍ଚକର ଡ୍ର’ ମ୍ୟାଚ୍



**ନ୍ୟୁୟର୍କ,୧୬।୬/ଏଜେନ୍ସି:** ଫିଫା ବିଶ୍ୱକପ୍ ୨୦୨୬ରେ ମଙ୍ଗଳବାର ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇଛି। ଲସ୍ ଏଞ୍ଜେଲ୍ସ ଷ୍ଟାଡିୟମ୍‌ରେ ଇରାନ୍ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିବା ଗ୍ରୁପ୍-ଜି’ ମ୍ୟାଚ୍ ୨-୨ ଗୋଲ୍‌ରେ ଡ୍ର’ ହୋଇଛି। ଏହି ଫଳାଫଳ ସହିତ ବିଶ୍ୱକପ୍‌ରେ ୬୮ ବର୍ଷ ପୁରୁଣା ଏକ ବିରଳ ରେକର୍ଡ ଭଙ୍ଗ ହୋଇଛି। ୧୯୫୮ ପରେ ପ୍ରଥମ ଥର ଗୋଟିଏ ଦିନରେ ଖେଳାଯାଇଥିବା ସମସ୍ତ ମ୍ୟାଚ୍ ଡ୍ର’ରେ ଶେଷ ହେବା ଏହା ପ୍ରଥମ ଘଟଣା।

ଦିନର ଆରମ୍ଭ ସ୍ପେନ୍ ଓ କେପ୍ ଭର୍ଡେ ମଧ୍ୟରେ ଗୋଲ୍‌ଶୂନ୍ୟ ଡ୍ର’ରେ ହୋଇଥିଲା। ଏହାପରେ ବେଲ୍‌ଜିୟମ୍ ଏବଂ ମିଶର୍ ମ୍ୟାଚ୍ ୧-୧ରେ ବରାବର ହୋଇଥିଲା। ଉରୁଗୁଏ ଓ ସାଉଦୀ ଆରବ ମଧ୍ୟ ନିଜର ମଧ୍ୟରେ ୧-୧ ପଏଣ୍ଟ ବାଣ୍ଟିଥିଲେ। ଶେଷରେ ଇରାନ୍ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ୨-୨ ଗୋଲ୍‌ର ରୋମାଞ୍ଚକର ମ୍ୟାଚ୍ ଖେଳାଯାଇଥିଲା ଏବଂ ଏହା ସହିତ ଚାରି ମ୍ୟାଚ୍‌ରେ ଚାରି ଡ୍ର’ର ଦୁର୍ଲ୍ଲଭ ରେକର୍ଡ ହୋଇଥିଲା।

ଅନ୍ତିମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଚମତ୍କାର ଆରମ୍ଭ କରିଥିଲା। ଟିମ୍‌କୁ ସପ୍ତମ ମିନିଟ୍‌ରେ ଅଗ୍ରଣୀ ମିଳିଥିଲା। କ୍ୟାପ୍ଟେନ୍ କ୍ରିସ୍ ଉଡ୍‌ଙ୍କ ଉନ୍ନତ ପାସ୍‌ରେ ଏଲିଜାହ ଜଷ୍ଟ ଗୋଲ୍ ଦେଇଥିଲେ। ଏହାପରେ ଟିମ୍‌ର ଆତ୍ମବିଶ୍ୱାସ ବୃଦ୍ଧି ପାଇଥିଲା ଏବଂ ନ୍ୟୁଜିଲାଣ୍ଡ ଖେଳାଳି ଲଗାତାର ଇରାନ୍ ଡିଫେନ୍ସ ଉପରେ ଚାପ ସୃଷ୍ଟି କରିଥିଲେ। ଗୋଲ୍ ଖାଇବା ପରେ ଲଗାତାର ଆକ୍ରମଣ ଜାରି ରଖିଥିବା ଇରାନ୍‌କୁ ୩୨ତମ ମିନିଟ୍‌ରେ ସଫଳତା ମିଳିଥିଲା। ରାମିନ୍ ରେଜାଇୟାନ୍ ନିକଟକୁ ଗୋଲ୍ ଦେଇ ସ୍କୋର୍ ୧-୧ କରିଥିଲେ। ଦ୍ୱିତୀୟାର୍ଦ୍ଧ ଆରମ୍ଭ ପରେ ନ୍ୟୁଜିଲାଣ୍ଡ ପୁଣିଥରେ ଆଗୁଆ ହୋଇଥିଲା। ୫୪ତମ ମିନିଟ୍‌ରେ ଏଲିଜାହ ଜଷ୍ଟ ନିଜର ଦ୍ୱିତୀୟ ଗୋଲ୍ ଦେଇଥିଲେ। କ୍ୟାପ୍ଟେନ୍ ଉଡ୍ ପୁଣିଥରେ ଆସିଷ୍ଟ କରିଥିବା ବେଳେ ଜଷ୍ଟ ଚମତ୍କାର ଫିନିସିଂ ସହିତ ଟିମ୍‌କୁ ୨-୧ରେ ଆଗୁଆ କରିଥିଲେ। ମାତ୍ର ଇରାନ୍ ହାର ମାନିନଥିଲା ଏବଂ ୬୪ତମ ମିନିଟ୍‌ରେ ମହମ୍ମଦ ମୋହେବ୍ଵି ସଠିକ୍ ହେଡର୍ ଜରିଆରେ ସ୍କୋର୍ ୨-୨ କରିଥିଲେ। ଏହାପରେ ଦୁଇ ଟିମ୍ ବିଜୟ ପାଇଁ ଉଦ୍ୟମ ଚଳାଇଥିଲେ ମଧ୍ୟ କେହି ବି ନିର୍ଣ୍ଣାୟକ ଗୋଲ୍ କରିପାରିନଥିଲେ। ଫଳରେ ନ୍ୟୁଜିଲାଣ୍ଡ ଫିଫା ବିଶ୍ୱକପ୍ ଇତିହାସରେ ପ୍ରଥମ ବିଜୟ ହାସଲ କରିବାରୁ ବଞ୍ଚିତ ହୋଇଛି।

## ସାଉଦୀ ଆରବ-ଉରୁଗୁଏ ୧-୧



ଗ୍ରୁପ୍-ଏଚ୍’ର ଅନ୍ୟ ଏକ ମ୍ୟାଚ୍‌ରେ ସାଉଦୀ ଆରବକୁ ଅବ୍‌ଦୁଲେଲାହ ଅଲ୍-ଅମରୀ ୪୧ତମ ମିନିଟ୍‌ରେ ଅଗ୍ରଣୀ କରିଥିଲେ। ହସନ୍ ଅଲ୍ ତମ୍ବାକ୍ତିଙ୍କ ହେଡର୍‌କୁ ମୁସ୍‌ଲେରା ସମ୍ପୂର୍ଣ୍ଣ ଭାବେ ରୋକିନପାରିବାରୁ ରିବାଉଣ୍ଡରେ ଅମରୀ ବଲ୍‌କୁ ଗୋଲ୍‌ପୋଷ୍ଟକୁ ପଠାଇ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ଉରୁଗୁଏ ସ୍ଥିତି ବରାବର କରିବାକୁ ଲଗାତାର ଉଦ୍ୟମ ଚଳାଇଥିଲେ ମଧ୍ୟ ସଫଳ ହୋଇନଥିଲା। ଶେଷରେ ୮୦ତମ ମିନିଟ୍‌ରେ ବିନାସ୍‌ଙ୍କ ହେଡର୍‌କୁ ସାଉଦୀ ଗୋଲ୍‌କିପର୍ ନିୟନ୍ତ୍ରିତ କରିପାରି ନଥିଲେ ଏବଂ ରିବାଉଣ୍ଡରେ ମ୍ୟାକ୍ସି ଅରାଉଜୋ ବଲ୍‌କୁ ଗୋଲ୍‌ପୋଷ୍ଟରେ ପହଞ୍ଚାଇ ସ୍କୋର୍ ୧-୧ କରିଥିଲେ।

## ବେଲ୍‌ଜିୟମ୍-ଇଜିପ୍ଟ ମ୍ୟାଚ୍ ୧-୧ରେ ଡ୍ର’



ମଙ୍ଗଳବାର ଗ୍ରୁପ୍-ଜି’ର ଅନ୍ୟ ଏକ ମ୍ୟାଚ୍‌ରେ ଶକ୍ତିଶାଳୀ ବେଲ୍‌ଜିୟମ୍‌ର ସାମ୍ନା ଇଜିପ୍ଟ ସହିତ ହୋଇଥିଲା। ମ୍ୟାଚ୍‌ରେ ବେଲ୍‌ଜିୟମ୍‌କୁ ଇଜିପ୍ଟ କଡ଼ା ଟକ୍କର୍ ଦେବା ସହିତ ବିଶ୍ୱକପ୍ ଇତିହାସରେ ଏକ ବଡ଼ କାରନାମା କରିଛି। ଇଜିପ୍ଟ ପକ୍ଷରୁ ୨୦ତମ ମିନିଟ୍‌ରେ ଇମାମ ଅଶୌର ଗୋଲ୍ ସ୍କୋର୍ କରିଥିଲେ। ଏହା ସହିତ ଇଜିପ୍ଟ ଫିଫା ବିଶ୍ୱକପ୍‌ରେ ପ୍ରଥମ ଥର ପାଇଁ ପ୍ରଥମାର୍ଦ୍ଧରେ ଆଗୁଆ ରହିଥିଲା। ତେବେ ଦ୍ୱିତୀୟାର୍ଦ୍ଧରେ ବେଲ୍‌ଜିୟମ୍‌ର ଅନୁଭବୀ ଷ୍ଟ୍ରାଇକର୍ ରୋମେଲୁ ଲୁକାକୁ ପଡ଼ିଆକୁ ଓହ୍ଲାଇବା ପରେ ତାଙ୍କ ଆଗରେ ଇଜିପ୍ଟ ଖେଳାଳି ତ୍ରୁଟି କରିବସିଥିଲେ। ଲୁକାକୁ ପଡ଼ିଆକୁ ଆସିବାର ୨୨ ସେକେଣ୍ଡରେ ତାଙ୍କ ଚାପରେ ଇଜିପ୍ଟର ମହମ୍ମଦ ହନୀ ଏକ ଆତ୍ମଘାତୀ ଗୋଲ୍ କରିବସିଥିଲେ। ଏହା ଦ୍ୱାରା ସ୍ଥିତି ୧-୧ ହୋଇଥିଲା ଏବଂ ଇଜିପ୍ଟର ଜିତିବା ସ୍ୱପ୍ନ ଭାଙ୍ଗିଯାଇଥିଲା। ଏହାପରେ ଦୁଇ ଟିମ୍ ଶେଷ ପର୍ଯ୍ୟନ୍ତ ଆଉ କୌଣସି ଗୋଲ୍ କରିପାରିନଥିଲେ। ଡ୍ର’ ସହିତ ଇଜିପ୍ଟ ୧୯୯୦ ପରେ ପ୍ରଥମ ଥର ବିଶ୍ୱକପ୍‌ରେ ପଏଣ୍ଟ ଅର୍ଜନ କରିଥିଲା। ଏହା ପୂର୍ବରୁ ୧୯୯୦ ଜୁନ୍ ୧୭ରେ ଆୟର୍ଲାଣ୍ଡ ବିପକ୍ଷରେ ଇଜିପ୍ଟ ଡ୍ର’ ଖେଳିଥିଲା।

## ସ୍ପେନ୍‌କୁ ରୋକିଲା କେପ୍ ଭର୍ଡେ



**ଆଟଲାଣ୍ଟା,୧୬।୬/ଏଜେନ୍ସି:** ଆଟଲାଣ୍ଟ ଷ୍ଟାଡିୟମ୍‌ରେ ମଙ୍ଗଳବାର ଖେଳାଯାଇଥିବା ଗ୍ରୁପ୍-ଏଚ୍’ର ପ୍ରଥମ ମ୍ୟାଚ୍‌ରେ ୨୦୧୦ ବିଶ୍ୱ ଚାମ୍ପିଅନ୍ ସ୍ପେନ୍‌କୁ ଡେବ୍ୟୁ କରିଥିବା କେପ୍ ଭର୍ଡେ ଗୋଲ୍‌ଶୂନ୍ୟ ଡ୍ର’ରେ ରୋକିଛି। ମ୍ୟାଚ୍‌ରେ ସ୍ପେନ୍‌ର ଦବ୍‌ଦବା ରହିଥିଲେ ମଧ୍ୟ ପୂର୍ବତନ ଚାମ୍ପିଅନ୍ କେପ୍ ଭର୍ଡେର ୪୦ ବର୍ଷୀୟ ଗୋଲ୍‌କିପର୍ ଭୋଜିନ୍ୟା ଏବଂ ଶକ୍ତିଶାଳୀ ଡିଫେନ୍ସକୁ ଭେଦ କରିପାରିନଥିଲା। ପ୍ରଥମରୁ ବଲ୍ ନିଜ ନିୟନ୍ତ୍ରଣରେ ରଖିଥିବା ସ୍ପେନ୍ ପକ୍ଷରୁ ୩୯ତମ ମିନିଟ୍‌ରେ ଫେରାନ୍ ଟୋରେସ୍ ଗୋଲ୍ କରିବାକୁ ବହୁ ନିକଟତର ହୋଇଥିଲେ ମଧ୍ୟ ତାଙ୍କ ଶଟ୍ କ୍ରସ୍‌ବାରରେ ବାଜିଥିଲା। ରିବାଉଣ୍ଡରେ ମିକେଲ୍ ଓୟାରଜାବାଲ୍‌ଙ୍କ ହେଡର୍‌କୁ ଭୋଜିନ୍ୟା ଚମତ୍କାର ଭାବେ ସେଭ୍ କରିଥିଲେ। ଏହାପରେ ପ୍ରଥମାର୍ଦ୍ଧ ଶେଷରେ ସେ ଟୋରେସ୍ ଏବଂ ଆୟମେରିକ୍ ଲୋପାର୍ଟେଙ୍କ ଉଦ୍ୟମକୁ ମଧ୍ୟ ବିଫଳ କରିଥିଲେ। ୭୧ତମ ମିନିଟ୍‌ରେ ସ୍ପେନ୍ ଷ୍ଟାର୍ ୱିଙ୍ଗର୍ ଲାମିନ ୟାମାଲ୍ ପଡ଼ିଆକୁ ଓହ୍ଲାଇଥିଲେ ଏବଂ ସେ ଆସିବା ପରେ ସ୍ପେନ୍ ଆକ୍ରମଣ ତୀବ୍ର ହୋଇଥିଲା। କିନ୍ତୁ କେପ୍ ଭର୍ଡେ ଡିଫେନ୍ସ କୌଣସି ସୁଯୋଗ ଦେଇନଥିଲା। ୭୩ତମ ମିନିଟ୍‌ରେ ମିକେଲ ମେରିନୋଙ୍କ ଶଟ୍‌କୁ ଭୋଜିନ୍ୟା ସେଭ୍ କରିଥିବା ବେଳେ ୮୮ତମ ମିନିଟ୍‌ରେ ଓୟାରଜାବାଲ୍‌ଙ୍କ ଏକ ନିଶ୍ଚିତ ଗୋଲ୍‌କୁ ଡିଫେଣ୍ଡର୍ ପିକୋ ଲୋପ୍ସ ଲାଇନ୍ ଆଗରେ ବ୍ଲକ୍ କରିଦେଇଥିଲେ। ମ୍ୟାଚ୍‌ର ଇନ୍‌ଜୁରୀ ଟାଇମ୍‌ରେ କେପ୍ ଭର୍ଡେ ଇତିହାସ ରଚିବାର ସୁଯୋଗ ସୃଷ୍ଟି କରିଥିଲା। ୯୦ତମ ମିନିଟ୍‌ରେ ଡାଇନୀର ବୋର୍ଗେସ୍‌ଙ୍କୁ କର୍ଣ୍ଣର୍‌ରେ ହେଡର୍ ସୁଯୋଗ ମିଳିଥିଲେ ମଧ୍ୟ ସ୍ପେନ୍ ଗୋଲ୍‌କିପର୍ ଉନାଇ ସିମୋନ୍ ଚମତ୍କାର ସେଭ୍ କରିଥିଲେ।

## ଏସିଆଡ୍‌ରେ ଭାରତର ନେତୃତ୍ୱ ନେବେ ନାଗଲ୍ ଓ ୟାମଲାପଲ୍ଲୀ



**ନୂଆଦିଲ୍ଲୀ,୧୬।୬/ଏଜେନ୍ସି:** ଏସିଆନ୍ ଗେମ୍ସ ପାଇଁ ଭାରତୀୟ ଟେନିସ୍ ଟିମ୍ ଘୋଷିତ ହୋଇଛି। ଭାରତୀୟ ଟେନିସ୍ ମହାସଂଘ କହିଛି, ପୁରୁଷ ବର୍ଗରେ ସୁମିତ ନାଗଲ୍ ଏବଂ ମହିଳା ବର୍ଗରେ ସହଜ ୟମଲାପଲ୍ଲୀ ଭାରତୀୟ ଟିମ୍‌ର ନେତୃତ୍ୱ କରିବେ। ଏସିଆଡ୍ ଜାପାନର ଆଇଚି-ନାଗୋୟାରେ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ପୁରୁଷ ଟିମ୍‌ରେ ନାଗଲ୍‌ଙ୍କ ସମେତ ମାନସ ଧାମନେ ଏବଂ ଦକ୍ଷିଣେଶ୍ୱର ସୁରେଶଙ୍କୁ ସିଙ୍ଗଲ୍ସ ପାଇଁ ମନୋନୀତ କରାଯାଇଥିବା ବେଳେ ୟୁକି ଭାମ୍ବ୍ରୀ, ଏନ୍. ଶ୍ରୀରାମ ବାଲାଜୀ ଏବଂ ଅନିରୁଦ୍ଧ ଚନ୍ଦ୍ରଶେଖର ଡବଲ୍ସ ପାଇଁ ସାମିଲ ହୋଇଛନ୍ତି। ମହିଳା ବର୍ଗର ସିଙ୍ଗଲ୍ସ ପାଇଁ ସହଜ ୟମଲାପଲ୍ଲୀ, ବୈଷ୍ଣବୀ ଅଡ଼କର ଏବଂ ବୈଦେହୀ ଚୌଧୁରୀ ସିଙ୍ଗଲ୍ସରେ ଭାଗନେବେ। ସେହିପରି ଋତୁଜା ଭୋସ୍‌ଲେ, ପ୍ରାର୍ଥନା ଥୋମ୍ବାରେ ଏବଂ ଅଙ୍କିତା ରାଇନା ଡବଲ୍ସରେ ଭାରତର ପ୍ରତିନିଧିତ୍ୱ କରିବେ।

## ଇଣ୍ଡିଆ-ଏ’ ଟିମ୍‌ରେ ଅଶୋକ ଶର୍ମା

ଆହତ ୟୁଦ୍ଧବୀର ସିଂହ ବାହାର



**ନୂଆଦିଲ୍ଲୀ,୧୬।୬/ଏଜେନ୍ସି:** ଶ୍ରୀଲଙ୍କାରେ ଚାଲିଥିବା ତ୍ରିକୋଣୀ ସିରିଜ୍ ପାଇଁ ଫାଷ୍ଟ ବୋଲର୍ ଅଶୋକ ଶର୍ମାଙ୍କୁ ଇଣ୍ଡିଆ-ଏ ଟିମ୍‌ରେ ସାମିଲ କରାଯାଇଛି। ସେ ଟିମ୍‌ରେ ଆହତ ୟୁଦ୍ଧବୀର ସିଂହଙ୍କ ସ୍ଥାନ ନେବେ। ବିସିସିଆଇ ମଙ୍ଗଳବାର କହିଛି, ମେଡିକାଲ୍ ଟିମ୍ ଯାଞ୍ଚ ପରେ ୟୁଦ୍ଧବୀରଙ୍କୁ ବିଶ୍ରାମ ଏବଂ ରିହାବ୍ ପାଇଁ ପରାମର୍ଶ ଦେଇଛି। ଏହାପରେ ତାଙ୍କୁ ସ୍ୱଦେଶ ଫେରିବାକୁ ପଡ଼ିଛି। ୟୁଦ୍ଧବୀରଙ୍କ ସ୍ଥାନରେ ଅଶୋକ ଶର୍ମା ବୋଲିଂ ଦାୟିତ୍ୱ ସମ୍ଭାଳିବେ। ଇଣ୍ଡିଆ-ଏ ବୁଧବାର ଆଫଗାନିସ୍ତାନ-ଏ’କୁ ଭେଟିବେ। ପୂର୍ବ ମ୍ୟାଚ୍‌ରେ ଟିମ୍ ଶ୍ରୀଲଙ୍କା-ଏ’ ଠାରୁ ସୁପର୍ ଓଭର୍‌ରେ ପରାଜିତ ହୋଇଥିଲା।

## ଫିଫା ବିଶ୍ୱକପ୍‌ରେ ଚମକିଲେ ଭାରତୀୟ ବଂଶୋଦ୍ଭବ ସରପ୍ରୀତ୍



**ଲସ୍ ଏଞ୍ଜେଲ୍ସ,୧୬।୬/ଏଜେନ୍ସି:** ନ୍ୟୁଜିଲାଣ୍ଡର ଆଟାକିଂ ମିଡ୍‌ଫିଲ୍ଡର୍ ସରପ୍ରୀତ୍ ସିଂହ ଇତିହାସ ରଚିଛନ୍ତି। କୌଣସି ଟିମ୍ ପକ୍ଷରୁ ଫିଫା ବିଶ୍ୱକପ୍‌ରେ ମ୍ୟାଚ୍ ଆରମ୍ଭ କରିବାରେ ସେ ପ୍ରଥମ ଭାରତୀୟ ବଂଶୋଦ୍ଭବ ଖେଳାଳି ହୋଇଛନ୍ତି। ମଙ୍ଗଳବାର ଏଠାରେ ଇରାନ୍ ବିପକ୍ଷ ମ୍ୟାଚ୍‌ରେ ୨୭ ବର୍ଷୀୟ ସରପ୍ରୀତ୍ ଏହି ଉପଲବ୍ଧି ହାସଲ କରିଛନ୍ତି। ସେ ପ୍ରାୟତଃ ପୂରା ମ୍ୟାଚ୍ ଖେଳିଥିଲେ ଏବଂ ୯୦ତମ ମିନିଟ୍‌ରେ ତାଙ୍କୁ ବଦଳା ଯାଇଥିଲା। ତାଙ୍କ ମାତା-ପିତା ପଞ୍ଜାବୀ ହୋଇଥିବା ବେଳେ ଭାରତୀୟ ସଂସ୍କୃତି ସହିତ ତାଙ୍କର ଗଭୀର ସମ୍ବନ୍ଧ ରହିଛି। ସରପ୍ରୀତ୍ ନ୍ୟୁଜିଲାଣ୍ଡ ଫୁଟ୍‌ବଲ୍ ଟିମ୍‌କୁ ୨୦୨୦ ପରେ ପ୍ରଥମ ଥର ବିଶ୍ୱକପ୍‌ରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ତୁଲାଇଥିଲେ। ସେ ଜର୍ମାନ୍ କ୍ଲବ୍ ଏଫ୍‌ସି ବାୟର୍ନ ମ୍ୟୁନିକ୍ ପାଇଁ ମଧ୍ୟ ଖେଳିସାରିଛି। ସରପ୍ରୀତ୍ ବହୁ ଥର କହିଛନ୍ତି କି ସେ ହୃଦୟରେ ଭାରତୀୟ ଏବଂ ପଞ୍ଜାବୀ ସଂସ୍କୃତିକୁ ନିଜ ଜୀବନରେ ବଜାୟ ରଖିଛନ୍ତି। କ୍ରିକେଟ୍‌ରେ ସେ ବିରାଟ କୋହଲି ଏବଂ ସଚିନ୍ ତେନ୍ଦୁଲକରଙ୍କ ଜଣେ ବଡ଼ ପ୍ରଶଂସକ। ନମ୍ବର-୧୦ ଜର୍ସି ପିନ୍ଧି ଖେଳିଥିବା ସରପ୍ରୀତ୍ ମିଡ୍‌ଫିଲ୍ଡରରେ ପ୍ରମୁଖ ଭୂମିକା ତୁଲାଇଥିଲେ। ଇରାନ୍ ବିପକ୍ଷରେ ସେ ତିନିଟି ଶଟ୍ ମାରିଥିଲେ। ଏହା ମଧ୍ୟରୁ ୬୧ତମ ମିନିଟ୍‌ରେ ତାଙ୍କର ଏକ ପ୍ରୟାସ ମଧ୍ୟ ସାମିଲ ଥିଲା, ଯାହାକୁ ଗୋଲ୍‌କିପର୍ ରୋକି ଦେଇଥିଲେ। ୨୦୧୯ରେ ସେ ଇତିହାସ ରଚିବା ସହିତ ଜର୍ମାନୀର ବାୟର୍ନ ମ୍ୟୁନିକ୍ କ୍ଲବ୍ ପାଇଁ ବୁନ୍ଦେସ୍‌ଲିଗାରେ ଖେଳିବାରେ ପ୍ରଥମ ଭାରତୀୟ ବଂଶୋଦ୍ଭବ ଖେଳାଳି ହେବାର ଗୌରବ ଅର୍ଜନ କରିଛନ୍ତି। ଏହାପରେ ସେ ପର୍ତ୍ତୁଗାଲ୍ ଏବଂ ସର୍ବିୟାରେ ମଧ୍ୟ କ୍ଲବ୍ ଫୁଟ୍‌ବଲ୍ ଖେଳିଛନ୍ତି।

## ପରାଜୟ ପରେ କୋଚ୍‌ଙ୍କୁ ହଟାଇଲା ଟ୍ୟୁନିସିଆ



**ନୂଆଦିଲ୍ଲୀ,୧୬।୬/ଏଜେନ୍ସି:** ଚଳିତ ଫିଫା ବିଶ୍ୱକପ୍‌ରେ ସ୍ୱିଡେନ୍‌ଠାରୁ ୧-୫ରେ ପରାଜିତ ହେବା ପରେ ଟ୍ୟୁନିସିଆ ମୁଖ୍ୟ କୋଚ୍ ସାବରୀ ଲାମୁଶୀଙ୍କୁ ହଟାଇ ଦେଇଛି। ଲାମୁଶୀ ଏହି ବିଶ୍ୱକପ୍‌ରେ ପଦ ହରାଇବାରେ ପ୍ରଥମ କୋଚ୍ ହୋଇଛନ୍ତି। ରିପୋର୍ଟ ଅନୁସାରେ ଲାମୁଶୀଙ୍କ ବିଦାୟର କାରଣ କେବଳ ପରାଜୟ ନଥିଲା। ଟିମ୍ ଭିତରେ ଅସନ୍ତୋଷ ଏବଂ ଡ୍ରେସିଂ ରୁମ୍‌ରେ ଉତ୍ତେଜନା ମଧ୍ୟ ଏହାର କାରଣ ଥିଲା। ଲାମୁଶୀ ଗତ ଜାନୁଆରୀରେ ଟ୍ୟୁନିସିଆର କୋଚ୍ ନିଯୁକ୍ତ ହୋଇଥିଲେ ଏବଂ ତାଙ୍କ ଦିଗ୍‌ଦର୍ଶନରେ ଟ୍ୟୁନିସିଆ ମାତ୍ର ୫ ମ୍ୟାଚ୍ ଖେଳିଛି। ଟ୍ୟୁନିସିଆ ପ୍ରଥମ ଥର ନକ୍‌ଆଉଟ୍‌ରେ ପହଞ୍ଚିବା ଆଶା ଉଜ୍ଜୀବିତ ରଖିବା ଆଶାରେ ଅଭିଜ୍ଞ ଫ୍ରେଞ୍ଚ କୋଚ୍ ହାର୍ଭେ ରେନାର୍ଡଙ୍କୁ ଟୁର୍ଣ୍ଣାମେଣ୍ଟର ବାକି ମ୍ୟାଚ୍ ପାଇଁ ତାଙ୍କ ସ୍ଥାନରେ ନିଯୁକ୍ତ କରାଯିବାର ସମ୍ଭାବନା ରହିଛି। ଟ୍ୟୁନିସିଆ ଏବେ ଗ୍ରୁପ୍ ପର୍ଯ୍ୟାୟରେ ଜାପାନ ଏବଂ ନେଦରଲାଣ୍ଡସ ପରି ଶକ୍ତିଶାଳୀ ଟିମ୍‌କୁ ସାମ୍ନା କରିବ। ଟିମ୍ ଜୁନ୍ ୨୧ରେ ଜାପାନ ଏବଂ ଜୁନ୍ ୨୬ରେ ନେଦରଲାଣ୍ଡସକୁ ଭେଟିବ।

## ଫେସ୍‌ବୁକ୍ ପେଜ୍ ବିରୋଧରେ ଗାଙ୍ଗୁଲିଙ୍କ ଏଫ୍‌ଆଇଆର୍

**କୋଲ୍‌କାତା,୧୬।୬/ଏଜେନ୍ସି:** ପୂର୍ବତନ ଭାରତୀୟ କ୍ରିକେଟ୍ ଟିମ୍ କ୍ୟାପ୍ଟେନ୍ ଏବଂ ବେଙ୍ଗଲ କ୍ରିକେଟ୍ ସଂଘ (ସିଏବି) ସଭାପତି ସୌରଭ ଗାଙ୍ଗୁଲି କୋଲ୍‌କାତା ପୁଲିସ୍ ନିକଟରେ ‘ସୌରଭ ଗାଙ୍ଗୁଲି ଫ୍ୟାନ୍ସ’ ନାମକ ଫେସ୍‌ବୁକ୍ ପେଜ୍ ବିରୋଧରେ ମାମଲା ରୁଜୁ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ପେଜ୍‌ରେ ଏକରି ପୋଷ୍ଟ ଶେୟାର୍ କରାଯାଉଛି, ଯାହା ତାଙ୍କ ଛବିକୁ କ୍ଷତି ପହଞ୍ଚାଉଛି। ଏ ସମ୍ବନ୍ଧରେ ସେ ଠାକୁରପୁକୁର ଥାନାରେ ଏଫ୍‌ଆଇଆର୍ ରୁଜୁ ହୋଇଛି। ଗାଙ୍ଗୁଲି ନିଜର ଅଭିଯୋଗରେ ସୋର୍ଟ୍ସୱିକି ମିଡିଆ ପ୍ଲାଟ୍‌ଫର୍ମର ମଧ୍ୟ ଉଲ୍ଲେଖ କରିଛନ୍ତି। ଗାଙ୍ଗୁଲି ଅଭିଯୋଗ କରିଛନ୍ତି ଯେ ଏହି ଫେସ୍‌ବୁକ୍ ପେଜ୍‌ରେ ଲଗାତାର ଏପରି ପୋଷ୍ଟ କରାଯାଉଛି, ଯାହାର ଉଦ୍ଦେଶ୍ୟ ତାଙ୍କ ପ୍ରତିଷ୍ଠାକୁ କ୍ଷତି ପହଞ୍ଚାଇବା ଏବଂ ଲୋକଙ୍କ ମଧ୍ୟରେ ତାଙ୍କର ନକାରାତ୍ମକ ଛବି ସୃଷ୍ଟି କରିବା। ପେଜ୍‌କୁ ସଞ୍ଚାଳନ କରୁଥିବା ବ୍ୟକ୍ତି କିମ୍ବା ସମୂହ ବିରୋଧରେ ଅଭିଯୋଗ ରୁଜୁକରି ଆଇନ ଅନୁସାରେ ଆବଶ୍ୟକ କାର୍ଯ୍ୟାନୁଷ୍ଠା ଗ୍ରହଣ ପାଇଁ ସେ ପୁଲିସକୁ ଅନୁରୋଧ କରିଛନ୍ତି।

## ସ୍ପାନିଶ୍ ଫୁଟ୍‌ବଲର୍ ରାଫା ମିର୍‌ଙ୍କୁ ସାଢ଼େ ୮ ବର୍ଷ ଜେଲ୍



**ନୂଆଦିଲ୍ଲୀ,୧୬।୬/ଏଜେନ୍ସି:** ଦୁଇଜଣ ମହିଳାଙ୍କୁ ଯୌନ ଉତ୍ପୀଡ଼ନ ମାମଲାରେ ସ୍ପେନ୍ ଫୁଟ୍‌ବଲର୍ ରାଫା ମିର୍‌ଙ୍କୁ ସାଢ଼େ ଆଠବର୍ଷର ଜେଲ୍ ଦଣ୍ଡାଦେଶ ହୋଇଛି। ସ୍ପେନ୍‌ର ଭାଲେନ୍‌ସିଆ ଅଞ୍ଚଳର ଏକ କୋର୍ଟ ସୋମବାର ତାଙ୍କୁ ଦୋଷୀ ସାବ୍ୟସ୍ତ କରିଛି। ମାମଲାରେ ସାମିଲ ଅନ୍ୟ ଜଣେ ଫୁଟ୍‌ବଲର୍‌ଙ୍କୁ ମଧ୍ୟ ଅଢ଼େଇ ବର୍ଷ ଜେଲ୍ ଦଣ୍ଡାଦେଶ ମିଳିଛି। କୋର୍ଟ ଅନୁସାରେ ୨୦୨୪ରେ ଭାଲେନ୍ସିଆସ୍ଥିତ ରାଫା ମିର୍‌ଙ୍କ ଘରେ ଦୁଇଜଣ ମହିଳାଙ୍କ ସହିତ ଯୌନ ଉତ୍ପୀଡ଼ନ ଘଟଣା ହୋଇଥିଲା। ସେ ସମୟରେ ମିର୍ ଭାଲେନ୍ସିଆ କ୍ଲବ୍ ପକ୍ଷରୁ ଖେଳୁଥିଲେ। କୋର୍ଟ ମିର୍‌ଙ୍କୁ ଯୌନ ଉତ୍ପୀଡ଼ନ ପାଇଁ ସାତବର୍ଷ ଏବଂ ଶାରୀରିକ କ୍ଷତି ପହଞ୍ଚାଇବା ପାଇଁ ୧୮ ମାସର ଅତିରିକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ମାମଲାରେ ସାମିଲ ଅନ୍ୟ ଖେଳାଳି ପାବ୍ଲୋ ଜେଜେଙ୍କୁ ଯୌନ ଉତ୍ପୀଡ଼ନ ଏବଂ ମାଡ଼ପିଟ ଅଭିଯୋଗରେ ଅଢ଼େଇ ମାସର ଜେଲ୍ ଦଣ୍ଡାଦେଶ ହୋଇଛି। ମିର୍ ଶୁଣାଣି ବେଳେ ଅଭିଯୋଗକୁ ଅସ୍ୱୀକାର କରିବା ସହିତ ଦୁଇ ମହିଳାଙ୍କ ସହମତିରେ ସମ୍ବନ୍ଧ ସ୍ଥାପନ କରିଥିବା କହିଥିଲେ ମଧ୍ୟ କୋର୍ଟ ତାଙ୍କୁ ଦୋଷୀ ମାନିଥିଲା। ୨୮ ବର୍ଷୀୟ ମିର୍ ଗତ ସିଜନ୍‌ରେ ଲା ଲିଗା କ୍ଲବ୍ ଏଲ୍‌ଚେ ପାଇଁ ସେଭିଲାରୁ ଲୋନ୍‌ରେ ଆସି ଖେଳୁଥିଲେ। ତାଙ୍କ ଚୁକ୍ତି ଚଳିତ ମାସ ଶେଷରେ ସମାପ୍ତ ହେଉଛି।

ଦେଶ ବିଦେଶ

# ଇରାନ୍‌କୁ ୨୮ ଲକ୍ଷ କୋଟି ଦେବା ମିଛ: ଟ୍ରମ୍ପ୍

**ୱାଶିଂଟନ୍,ତେହରାନ, ତେଲ୍ ଆଭିଭ୍,୧୬।୬/ଏଜେନ୍ସି:** ଇରାନ୍ ଓ ଆମେରିକା ମଧ୍ୟରେ ଚୂଡ଼ାନ୍ତ ଶାନ୍ତି ଚୁକ୍ତି ସ୍ୱାକ୍ଷର ହେବା ପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏକ ବଡ଼ ବୟାନ ଦେଇଛନ୍ତି। ଇରାନ୍‌କୁ ୨୮ ଲକ୍ଷ କୋଟି ଟଙ୍କା ଦେବା ମିଛ କଥା ବୋଲି ଟ୍ରମ୍ପ୍ କହିଛନ୍ତି।

ମଙ୍ଗଳବାର ଟ୍ରୁଥ୍ ସୋସିଆଲ୍ ମିଡିଆରେ ଟ୍ରମ୍ପ୍ ଲେଖିଛନ୍ତି, ଏହା ବିରୋଧୀ ପାର୍ଟି ଡେମୋକ୍ରାଟ୍ସ ପକ୍ଷରୁ ପ୍ରଚାର କରାଯାଉଥିବା ମିଥ୍ୟା ଖବର। ଅସଲରେ ନ୍ୟୁୟର୍କ ଟାଇମ୍ସର ଏକ ରିପୋର୍ଟରେ ଦାବି କରାଯାଇଥିଲା ଯେ ବୁଝାମଣା ସ୍ୱାକ୍ଷରିତ ହେବା ପରେ ଆମେରିକା ଆର୍ଥିକ ସହାୟତା ଭାବେ ଇରାନ୍‌କୁ ୨୮ ଲକ୍ଷ କୋଟି ଟଙ୍କାର ପ୍ୟାକେଜ୍ ଦେବ। କିନ୍ତୁ ସେ ସ୍ପଷ୍ଟ କରିଛନ୍ତି ଯେ ବୁଝାମଣାର ସମସ୍ତ ସର୍ତ୍ତ ପାଳନ କଲେ ହିଁ ଇରାନକୁ ପ୍ରତିବନ୍ଧରୁ ଆଶ୍ୱସ୍ତି ମିଳିବ। ଏବେ ଆମେରିକା କୌଣସି ପ୍ରକାର ତତ୍କାଳ ଆର୍ଥିକ ସହାୟତାକୁ ଅସ୍ୱୀକାର କରିଛି।

ଅନ୍ୟପକ୍ଷରେ ଟ୍ରମ୍ପ୍ ଫ୍ରାନ୍ସରେ କତାର୍‌ର ଅମୀର ଶେଖ୍ ତମିମ୍ ବିନ୍ ହମଦ ଅଲ୍-ଥାନିଙ୍କୁ ସାକ୍ଷାତ କରି କହିଛନ୍ତି ଯେ ଆମେରିକା ଏବେ ଇରାନ୍‌ରେ କୌଣସି ଅର୍ଥ ନିବେଶ କରୁନାହିଁ। ସେ କହିଛନ୍ତି, ଆମେ ଇରାନରେ ଏବେ କୌଣସି ଅର୍ଥ ନିବେଶ କରୁନାହୁଁ। କିନ୍ତୁ ଭବିଷ୍ୟତରେ କେବେ ବି ସେଠାକୁ ଯାଇ ନିବେଶ କରିବାର ଅଧିକାର ଆମର ରହିଛି। ଏହା ସହିତ ଟ୍ରମ୍ପ୍ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ଲେବାନନ୍ ପ୍ରସଙ୍ଗରେ ଅଧିକ ଦାୟିତ୍ୱବାନ ହେବାକୁ ପରାମର୍ଶ ଦେଇଛନ୍ତି। ଟ୍ରମ୍ପ୍ କହିଛନ୍ତି, ‘ମୋ ବିନା ଇସ୍ରାଏଲ୍ ନଥାନ୍ତା। ମୁଁ ଇସ୍ରାଏଲ୍ ପାଇଁ ଯେତିକି କରିଛି, କୌଣସି ଅନ୍ୟ ଆମେରିକୀୟ ରାଷ୍ଟ୍ରପତି ସେତେ କରିନାହାନ୍ତି।’

## ଆମେରିକୀୟ ବି-୫୨ ବମ୍ବର୍ କ୍ରାଶ୍, ୮ ମୃତ



**କାଲିଫର୍ଣ୍ଣିଆ,୧୬।୬/ଏଜେନ୍ସି:** ଆମେରିକାର କାଲିଫର୍ଣ୍ଣିଆସ୍ଥିତ ଆଡ୍‌ୱାର୍ଡ୍ସ ବାୟୁସେନା ବେସ୍‌ରେ ସୋମବାର ସକାଳେ ଏକ ବି-୫୨ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ଏଥିରେ ଥିବା ୮ ଜଣଙ୍କର ମୃତ୍ୟୁ ଘଟିଛି। ଆମେରିକା ବାୟୁସେନା ଅନୁସାରେ ବିମାନ ନିୟମିତ ପରୀକ୍ଷଣ ଉଡ଼ାଣ କରୁଥିଲା। ସକାଳ ପ୍ରାୟ ୧୧.୨୦ ସମୟରେ ଟେକ୍ ଅଫ୍‌ର ତୁରନ୍ତ ପରେ ବିମାନ ତଳକୁ ଖସିପଡ଼ି ଜଳିଯାଇଥିଲା। ମୃତକଙ୍କ ମଧ୍ୟରେ ବାୟୁସେନାର ଯବାନ ଏବଂ ବିମାନ ପରୀକ୍ଷଣ ସହ ଜଡ଼ିତ ବିଶେଷଜ୍ଞ ସାମିଲ ଥିଲେ। ତେବେ ଦୁର୍ଘଟଣାର କାରଣ ସ୍ପଷ୍ଟ ହୋଇନାହିଁ। ବିମାନର କଣ୍ଟ୍ରୋଲ୍ ସିଷ୍ଟମ୍, ଇଞ୍ଜିନ୍ କିମ୍ବା ଟେଷ୍ଟିଂ କରାଯାଉଥିବା କୌଣସି ଉପକରଣରେ ଖରାପ ଯୋଗୁଁ ଏହି ଦୁର୍ଘଟଣା ହୋଇଥିବା ଅନୁମାନ କରାଯାଉଛି। ବିମାନରେ ଅସ୍ତ୍ରଶସ୍ତ୍ର ଥିଲା କି ନାହିଁ ସେ ସମ୍ପର୍କରେ ଅଧିକାରୀମାନେ କିଛି କହିନାହାନ୍ତି। ଦୁର୍ଘଟଣା ପରେ ଏୟାରଫିଲ୍ଡକୁ ବନ୍ଦ କରିଦିଆଯାଇଥିବା ବେଳେ ଆସିବାକୁ ଥିବା ଅନ୍ୟ ବିମାନଗୁଡ଼ିକ ଅନ୍ୟ ଏୟାର୍ ବେସ୍‌କୁ ପଠାଯାଉଛି।

# ନିର୍ବାଚନ ପରାଜୟ ପରେ ହାଇକୋର୍ଟ ଗଲେ ମମତା



**କୋଲ୍‌କାତା,୧୬।୬/ଏଜେନ୍ସି:** ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଭବାନୀପୁର ବିଧାନସଭା ଆସନର ନିର୍ବାଚନ ଫଳାଫଳକୁ କୋଲ୍‌କାତା ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ନିର୍ବାଚନ ଫଳାଫଳ ବୈଧତାର ଯାଞ୍ଚ ପାଇଁ ସେ ହାଇକୋର୍ଟଙ୍କ ନିକଟରେ ଦାବି କରିଛନ୍ତି। ମମତା ମଙ୍ଗଳବାର ସ୍ୱୟଂ ଆବେଦନ ଦାଖଲ କରିବା ପାଇଁ ହାଇକୋର୍ଟରେ ପହଞ୍ଚିଥିଲେ। ସେ ଆବେଦନରେ ଦର୍ଶାଇଛନ୍ତି ଯେ ନିର୍ବାଚନ ଠିକ୍ ଭାବେ ହୋଇନାହିଁ। ସେ ଅଭିଯୋଗ କରିଛନ୍ତି ଯେ ଭୋଟ୍ ଗଣତିର ୧୨ ରାଉଣ୍ଡ ପରେ ନିର୍ବାଚନ ଏଜେଣ୍ଟ ଏବଂ ମୋତେ ଧକ୍କା ମରାଯିବା ସହିତ ଗଣନା କେନ୍ଦ୍ରରୁ ବାହାର କରାଯାଇଥିଲା।

ଭବାନୀପୁର ଆସନରେ ମମତାଙ୍କୁ ବିଜେପି ପ୍ରାର୍ଥୀ ତଥା ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ୧୫,୧୦୫ ଭୋଟ୍‌ରେ ହରାଇଥିଲେ। ଏହି ଆସନରୁ ମମତା ତିନିଥର ବିଧାୟକ ରହିସାରିଛନ୍ତି। ନିର୍ବାଚନ ଅବସରରେ ଭୋଟ୍ ଗଣତିରେ ଗଡ଼ବଡ଼ି ଏବଂ ତାଙ୍କୁ ମାରପିଟ କରାଯାଇଥିବା ଅଭିଯୋଗ ଆଣିଥିଲେ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra